R.N.I. REGN. No. 65000/96 POSTAL REGN. No. OR/BN-32/12-14

ଅଷ୍ଟବିଂଶ ବର୍ଷ
ସଂଖ୍ୟା : ୧୫୫
ତିଥି : ଅମାବାସ୍ୟା
୦୯ ମାର୍ଚ୍ଚ ୨୦୨୪, ଶନିବାର
ସମ୍ବଲପୁର
ପୃଷ୍ଠା-୧୨, ମୂଲ୍ୟ- ଟ.୫.୦୦

समय SAMAYA
ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXVI, No. 155
09 March 2024, Saturday
Sambalpur
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur Jeypore

DSPL-808

ODISHA
INDIA'S BEST KEPT SECRET.

ଓଡ଼ିଶା ସରକାର

ଆମ ଓଡ଼ିଶା
ନବୀନ ଓଡ଼ିଶା

ନିଯୁକ୍ତି ପର୍ବ

ଆମ ଯୁବଶକ୍ତି ପାଇଁ ନୂଆ ସୁଯୋଗ

୧୨୯୪

ନୂଆ ନିଯୁକ୍ତି

୭୨୫
ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ

୨୮୦
ଅର୍ଥ ବିଭାଗ

୧୨୯
ଗ୍ରାମ୍ୟ ଉନ୍ନୟନ ବିଭାଗ

୧୬୦ ଜଣ କୃତୀ କ୍ରୀଡ଼ାବିତ୍

ଇସ୍ପାତ ଏବଂ ଖଣି ବିଭାଗ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ, ଉଚ୍ଚଶିକ୍ଷା ବିଭାଗ, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ, ଗୃହ ବିଭାଗ

ମୁଖ୍ୟ ଅତିଥି
ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ
ମାନ୍ୟବର ମୁଖ୍ୟମନ୍ତ୍ରୀ, ଓଡ଼ିଶା

୦୯ ମାର୍ଚ୍ଚ ୨୦୨୪ । ପୂର୍ବାହ୍ନ ୧୧ଟା ୪୫ମିନିଟ
କନ୍‌ଭେନ୍‌ସନ୍ ସେଣ୍ଟର, ଲୋକସେବା ଭବନ, ଭୁବନେଶ୍ୱର
ଏବଂ
ରବୀନ୍ଦ୍ର ମଣ୍ଡପ, ଭୁବନେଶ୍ୱରରେ
ଆଭାସୀ ମାଧ୍ୟମରେ ଯୋଗଦାନ

OIPR: 27068/13/0063/2324

ଓଡ଼ିଶା ସରକାର

ମୋବାଇଲ୍ ଚିହ୍ନିବ କାନ ରୋଗ

ବର୍ତ୍ତମାନ ଏଆଇର ବ୍ୟବହାର ବିଭିନ୍ନ ସ୍ଥାନରେ ହେବାରେ ଲାଗିଛି । ଏହାକୁ ବ୍ୟବହାର କରି ବିଭିନ୍ନ କାମ କରିବାରେ ବୈଜ୍ଞାନିକମାନେ ସମର୍ଥ ହେଉଛନ୍ତି । ଆମେରିକାରେ ଏଆଇ କୁ ବ୍ୟବହାର କରି ସହଜରେ କାନର ସଂକ୍ରମଣକୁ ଜାଣି ହେଉଛି । ଏହି ଏଆଇକୁ ବୈଜ୍ଞାନିକମାନେ ଫୋନ୍ ସହାୟତାରେ ବ୍ୟବହାର କରୁଛନ୍ତି । ବିଶେଷଭାବେ ଏହାକୁ ପିଲାଙ୍କ କ୍ଷେତ୍ରରେ ବ୍ୟବହାର କରାଯାଉଛି । ଅନେକ ପିଲାଙ୍କ ପାଖରେ ଏଓଏମ୍ ସଂକ୍ରମଣ ହେଉଥିବାର ଦେଖିବାକୁ ମିଳିଥାଏ, ଯାହାକୁ ଚିହ୍ନଟ କରିବା କଷ୍ଟକର ହୋଇଥାଏ । ଏହି ଏଆଇର ଟୁଲ୍‌କୁ ବ୍ୟବହାର କରି ସ୍ମାର୍ଟଫୋନ୍ ଜରିଆରେ ରୋଗୀଙ୍କ କାନରେ ହୋଇଥିବା ସଂକ୍ରମଣକୁ ଦେଖିବା ସହିତ ଏଥିରେ ହୋଇଥିବା ପରିବର୍ତ୍ତନ ସମ୍ପର୍କରେ ଜାଣିହେବ । ସେହିଭଳି ଏହି ଟୁଲ୍ ସହାୟତାରେ ହେଉଥିବା ଚିହ୍ନଟ ପ୍ରକ୍ରିୟା ଡାକ୍ତରଙ୍କ ଦ୍ୱାରା ହେଉଥିବା ପ୍ରକ୍ରିୟା ଭଳି ସଠିକ୍ ବୋଲି ନିର୍ମାଣକାରୀ ବୈଜ୍ଞାନିକମାନେ ଦାବି କରିଛନ୍ତି । ତେବେ ଏହାର ବ୍ୟବହାର ପ୍ରାଥମିକ ସ୍ୱାସ୍ଥ୍ୟ ବ୍ୟବସ୍ଥାରେ ଏକ ଯୁଗାନ୍ତକାରୀ ପଦକ୍ଷେପ ହେବ ବୋଲି ବୈଜ୍ଞାନିକମାନେ ଆଶା ବ୍ୟକ୍ତ କରିଛନ୍ତି ।

ଷ୍ଟିଫ୍ ପର୍ସନ ସିଣ୍ଡ୍ରୋମ୍

ଏହା ଏକ ବିରଳ ନ୍ୟୁରୋଲୋଜିକାଲ ସମସ୍ୟା ଯାହା ଆମର ସ୍କାଇନାଲ୍ କର୍ଡ ଓ ବ୍ରେନ୍ ଉପରେ ପ୍ରଭାବ ପକାଇଥାଏ । ରିପୋର୍ଟ ଅନୁସାରେ ଗୋଟିଏ ମିଲିଅନ୍ ଲୋକରେ ଏହା ଜଣଙ୍କୁ ହୋଇଥାଏ । ସେହିଭଳି ଏହା ମହିଳାଙ୍କ କ୍ଷେତ୍ରରେ ଅଧିକ ଦେଖିବାକୁ ମିଳିଥାଏ । ବର୍ତ୍ତମାନ ପର୍ଯ୍ୟନ୍ତ ଏହାର ସେଭଳି କିଛି ଚିକିତ୍ସା ବାହାରି ନାହିଁ ତଥା ଗବେଷଣା ଜାରି ରହିଛି । ଏହି ରୋଗକୁ ଚିହ୍ନିବା ବହୁତ କଷ୍ଟ ହୋଇଥାଏ, ତେଣୁ ଏହାର ଲକ୍ଷଣକୁ ସବୁବେଳେ ଧ୍ୟାନ ଦେବାକୁ ହୋଇଥାଏ । ଏହାର ଅନେକ ଲକ୍ଷଣ ଯେପରି ଷ୍ଟିଫ୍ ମସଲ୍ସ, ହାତ ଓ ଗୋଡ ଅନେକ ସମୟରେ ଷ୍ଟିଫ୍ ହୋଇଯିବା, ଡିପ୍ରେସନ, ଶବ୍ଦ ପ୍ରତି ସେନ୍ସିଟିଭ୍‌ନେସ୍ ଆଦି ଦେଖିବାକୁ ମିଳିଥାଏ । ଏହି ରୋଗରେ ପୀଡିତ ରୋଗୀ ଚାଲିବା ଏଭଳି କି ଗୋଟିଏ ସ୍ଥାନରୁ ଆଉ ଏକ ସ୍ଥାନକୁ ଯିବା ପାଇଁ ମଧ୍ୟ ଅକ୍ଷମ ହୋଇଥାଆନ୍ତି । ଏହାର ଲକ୍ଷଣ ଧୀରେ ଧୀରେ ଅଧିକ ହୋଇଥାଏ । ଏହି ସମସ୍ୟା ରୋଗୀକୁ ଶାରୀରିକ ସ୍ତରରେ ଅନେକ ଯନ୍ତ୍ରଣା ଦେଇଥାଏ । ଏହା ଥଣ୍ଡା ପାଗରେ ବେଶି ବଢିଥାଏ ବୋଲି ଡାକ୍ତରମାନେ ମତ ଦେଇଛନ୍ତି । ଅତ୍ୟଧୀକ ତୀବ୍ର ଶବ୍ଦ ମଧ୍ୟ ଏହି ସମୟରେ ରୋଗୀଙ୍କୁ କଷ୍ଟ ଦେଇଥାଏ ।

ଇତିହାସ

୧୮୨୨– ଚାର୍ଲ୍ସ ଏଗ୍ ଗ୍ରାହମ୍ ପ୍ରଥମ ଥର ପାଇଁ ନକଲି ଦାନ୍ତର ପେଟେଣ୍ଟ କରାଇଲେ ।

୧୮୬୦– ଜାପାନ ପ୍ରଥମ ଥର ପାଇଁ ଆମେରିକାରେ ନିଜର ରାଷ୍ଟ୍ରଦୂତ ନିଯୁକ୍ତ କଲା ।

୧୮୬୧– ପ୍ରଥମ ଥର ପାଇଁ ୫୦, ୧୦୦ ଓ ୧୦୦୦ ଡଲାରର କରେନ୍ସିକୁ ସାମିଲ କରାଗଲା ।

୧୯୧୬– ପର୍ତ୍ତୁଗାଲ୍ ବିରୋଧରେ ଜର୍ମାନୀ ଯୁଦ୍ଧ ଘୋଷଣା କଲା ।

୧୯୫୧– ଲୋକପ୍ରିୟ ତବଲାବାଦକ ଉସ୍ତାଦ ଜାକିର ହୁସେନଙ୍କ ଜନ୍ମ ।

୧୯୬୮– ପ୍ରସିଦ୍ଧ ଭାରତୀୟ ସାହିତ୍ୟିକ, କବି, ଲେଖକ, ବ୍ୟଙ୍ଗକାର ଓ ପତ୍ରକାର ହରିଶଙ୍କର ଶର୍ମାଙ୍କ ପରଲୋକ ।

୧୯୯୪– ପ୍ରସିଦ୍ଧ ଭାରତୀୟ ଅଭିନେତ୍ରୀ ଦେବିକା ରାଣୀଙ୍କ ଦେହାନ୍ତ ।

୨୦୦୮– ତତ୍କାଳୀନ ଗୋଆର ରାଜ୍ୟପାଳ ଏସ୍.ସି. ଜମିର ମହାରାଷ୍ଟ୍ର ରାଜ୍ୟପାଳ ପଦବୀରେ ଅତିରିକ୍ତ ଦାୟିତ୍ୱ ଗ୍ରହଣ କଲେ ।

ସୋସିଆଲ କୋଟ୍ସ

ମୁକେଶ ଅମ୍ବାନୀ ଓ ନୀତା ଅମ୍ବାନୀ ମୋର ବହୁତ ଖାସ ବନ୍ଧୁ । କେବଳ ମୁଁ ତାଙ୍କ ଫ୍ୟାମିଲି ଫଙ୍କସନରେ ନାଚିଛି ତାହା ନୁହେଁ, ସେମାନେ ମଧ୍ୟ ମୋର ଫଙ୍କସନ୍‌ରେ ନାଚନ୍ତି ।

ଆମିର ଖାନ୍, ଅଭିନେତା

ମୈଦାନ ଫିଲ୍ମରେ ମୋ ଚରିତ୍ର ଖୁବ ଭିନ୍ନ ହୋଇଛି, ଅନେକ ବର୍ଷ ପରେ ମୁଁ ଏଭଳି ଚରିତ୍ରରେ ଅଭିନୟ କରିଛି । ଏହି ଚରିତ୍ରର ଅନେକ ସ୍ତର ରହିଛି, ଯାହାକୁ ଦର୍ଶକ ପସନ୍ଦ କରିବେ ବୋଲି ଆଶା କରୁଛି ।

ଅଜୟ ଦେବଗନ୍, ଅଭିନେତା

ସଲମାନ ଓ କ୍ୟାଟ୍ରିନାଙ୍କର ବ୍ରେକ୍‌ଅପ୍ ପରେ ଉଭୟଙ୍କୁ ଏକଥା ଟାଇଗର୍‌ରେ କାଷ୍ଟ କରାଯାଇଥିଲା । ନିକଟରେ ବ୍ରେକ୍‌ଅପ୍ ହୋଇଥିବାରୁ ଉଭୟ ସେଟ୍‌ରେ ଅନକମ୍ଫର୍ଟ ଥିଲା ଭଳି ଲାଗିଥିଲା ।

କବିର ଖାନ୍, ନିର୍ଦ୍ଦେଶକ

ପ୍ରତିଥର ଅଲଗା ଲୁକ୍

ବର୍ତ୍ତମାନ ସମୟରେ ଅନେକ ଲୋକ ସେମାନଙ୍କର ଗର୍ଜିଅସ୍ ଫଟୋ ତଥା ଭିଡିଓ ବଳରେ ସୋସିଆଲ୍ ମିଡିଆରେ ନିଜର ଯାଦୁ ଦେଖାଇବାରେ ଲାଗିପଡ଼ିଛନ୍ତି । ଏହାରି ସାହାଯ୍ୟରେ ସେମାନେ ଏତେମାତ୍ରାରେ ଲୋକପ୍ରିୟତା ଅର୍ଜନ କରୁଛନ୍ତି ଯେ ସେମାନଙ୍କୁ ସୋସିଆଲ୍ ମିଡିଆ ଷ୍ଟାର୍ ରୂପେ ଗଣାଯାଉଛି । ସେହିପରି ବର୍ତ୍ତମାନ ଏହି ଉପଲବ୍ଧି ଗୋଟିଏ କୁକୁରକୁ ମିଳିଛି । କୁକୁରଟି ନିଜର କ୍ୟୁଟ୍‌ନେସ୍ କାରଣରୁ ସୋସିଆଲ୍ ମିଡିଆରେ ଏତେମାତ୍ରାରେ ଲୋକପ୍ରିୟ ହୋଇଛି ଯେ ଶହ ଶହ ଲୋକ ଏବେ ଏହି କୁକୁର ମୋହରେ ପଡ଼ିଯାଇଛନ୍ତି । ଏହାର ଲାଇଫ୍‌ଷ୍ଟାଇଲ୍ ଦେଖିଲେ ଯେକେହି ବି ଆଶ୍ଚର୍ଯ୍ୟ ଚକିତ ହୋଇଯିବେ । ଏହି କୁକୁର ଦେଶବିଦେଶ ବୁଲିବା ସହ ମାଲିକାଣୀଙ୍କ ସହିତ ଲଗ୍‌ଜୁରୀ ଫାଇଭ୍‌ଷ୍ଟାର୍ ହୋଟେଲରେ ରୁହେ । କାନାଡାର ଟୋରାଣ୍ଟୋରେ ରହୁଥିବା ବାଓ ନାମକ ଚିନ୍‌ହୁଆହୁଆ ବ୍ରିଡ୍‌ର ଏହି କୁକୁରର ବୟସ ହେଉଛି ମାତ୍ର ୩ ବର୍ଷ । ଏହାରି ନିକଟରେ ୨ ଲକ୍ଷରୁ ଅଧିକ ଟଙ୍କାର ନିଜର ପୋଷାକ ଓ ଜୋତା ରହିଛି । ଇନ୍‌ଷ୍ଟାଗ୍ରାମ୍‌ରେ ବାଓର ୧.୬୬ ଲକ୍ଷ ଫଲୋଅର୍ସ ରହିଥିବାବେଳେ ଏହାର ଷ୍ଟାଇଲ୍ ଓ ଫ୍ୟାଶନ୍ ସେନ୍ସକୁ ୟୁଜର୍ସ ଖୁବ୍ ପସନ୍ଦ କରନ୍ତି । ବାଓର ମାଲିକାଣୀଙ୍କ ନଁଆ ହେଉଛି ଜା ଥି ଏନ୍‌ଗକ୍ ଟ୍ରାନ୍, ଯିଏକି ବାଓକୁ କରୋନା କାଳରେ ପୋଷ୍ୟ ରୂପେ ଗ୍ରହଣ କରିଥିଲେ । ସେ ବାଓକୁ ନିଜ ସନ୍ତାନ ଭଳି ସ୍ନେହ କରନ୍ତି । ବର୍ତ୍ତମାନ ସୁଦ୍ଧା ବାଓ ଫ୍ରାନ୍ସ, ମେକ୍ସିକୋ, ଜର୍ମାନୀ ଭଳି ଅନେକ ଦେଶକୁ ଭ୍ରମଣରେ ଯାଇଥିବାବେଳେ ତା ନିକଟରେ ୭୫ଟି ଡ୍ରେସ୍ ରହିଛି । ତେବେ ଏ ସମସ୍ତ ଡ୍ରେସ୍‌କୁ ତା ମାଲିକାଣୀ ଟ୍ରାନ୍ ନିଜ ସହିତ ଟୁଇନ୍ କରି ପିନ୍ଧାଇଥାଆନ୍ତି ।



କମ୍‌ବ୍ୟାକ୍ ଦେଇଛି ଖୁସି

ଟେଲି ଦୁନିଆର ଜଣେ ପରିଚିତ ଚେହେରା ହେଲେ ଦୀପିକା ସିଂ । ହେଲେ ବିଗତ କିଛିଦିନ ହେବ ଦୀପିକାଙ୍କୁ ଆଉ ଟେଲି ପରଦାରେ ଦେଖିବାକୁ ମିଳୁନଥିଲା, ଯାହା ତାଙ୍କ ଫ୍ୟାନ୍‌ଙ୍କୁ ନିରାଶ କରୁଥିଲା । ତେବେ ବର୍ତ୍ତମାନ ପୁଣି ଫ୍ୟାନମାନେ ଦୀପିକାଙ୍କୁ ସ୍କ୍ରିନ୍‌ରେ ଦେଖିବାକୁ ପାଉଛନ୍ତି । ବର୍ତ୍ତମାନ ତାଙ୍କୁ କଲର୍ସ ଚ୍ୟାନେଲ୍‌ର ଧାରାବାହିକ 'ମଙ୍ଗଲ ଲକ୍ଷ୍ମୀ'ରେ ଦେଖିବାକୁ ମିଳୁଛି । ତେବେ ଏହି ଚରିତ୍ରଟି ତାଙ୍କର ପୂର୍ବ ଚରିତ୍ର ଠାରୁ ଭିନ୍ନ ରହିଛି । ତେବେ ଏହି ବ୍ରେକ୍‌କୁ ଦୀପିକା ଖୁବ ଭଲଭାବେ ଏଞ୍ଜୟ କରିବା ସହିତ ନିଜର ପ୍ୟାସନ୍‌କୁ ପୂରା କରିବାରେ ଲଗାଇଛନ୍ତି । ତେବେ ବ୍ରେକ୍ ସମୟରେ ମଧ୍ୟ ତାଙ୍କୁ କିଛି ଭଲ ଅଫର୍ ମିଳିଥିଲା, ହେଲେ ନିଜ ଚଏସ୍ ହିସାବରେ ସେ ଏହାକୁ ସବୁ ମନା କରିଥିଲେ । ନିଜ ରିଅଲ ଲାଇଫ୍‌ରେ ସବୁ ଠିକ୍ ହେବାପରେ ସେ ରିଲ୍ ଦୁନିଆକୁ ଫେରିଥିବା ପ୍ରକାଶ କରିଛନ୍ତି । ସେହିଭଳି ତାଙ୍କ କମ୍‌ବ୍ୟାକ୍ ଫ୍ୟାନଙ୍କୁ ମଧ୍ୟ ବେଶ୍ ଖୁସି ଦେଇଛି, ଯାହା ସୋସିଆଲ ମିଡିଆରୁ ଜଣା ପଡିଛି ।

ହେଲ୍‌ଦି ବ୍ଲାକ୍‌ଫୁଡ୍

ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ମତରେ ଖାଦ୍ୟପଦାର୍ଥ ଯେତେ ପୁଷ୍ଟିକର ହେବ ଆମ ଶରୀର ମଧ୍ୟ ସେତିକି ସୁସ୍ଥ ସବଳ ହେବ । ତେଣୁ ଖାଇବାଥାଳିରେ ସର୍ବଦା ରଙ୍ଗବେରଙ୍ଗର ପନିପରିବା ଓ ଫଳ ସାମିଲ କରିବା ଖୁବ୍ ଲାଭଦାୟକ ହୋଇଥାଏ । ସେହିପରି କେତେକ କଳାରଙ୍ଗର ଫଳ ମଧ୍ୟ ସୁସ୍ଥ ସ୍ୱାସ୍ଥ୍ୟ ପାଇଁ ଫଳପ୍ରଦ ସାବ୍ୟସ୍ତ ହୋଇଥାଏ । କଳା ଖାଦ୍ୟପଦାର୍ଥରେ ସାଧାରଣତଃ ଫାଇବର ଓ ପ୍ରୋଟିନ୍‌ର ମାତ୍ରା ଅଧିକ ଥାଏ । ତେଣୁ ଏହାକୁ ଖାଇବା ଦ୍ୱାରା ମନୁଷ୍ୟଙ୍କ ଶରୀର ସନ୍ତୁଳିତ ସ୍ତରରେ ରହିଥାଏ । କଳାରଙ୍ଗର ଖାଦ୍ୟ ମଧ୍ୟରେ ସର୍ବପ୍ରଥମେ ଆସି ବ୍ଲାକ୍‌ବେରୀ । ଏଥିରେ ଭରପୂର ମାତ୍ରାରେ ଆନ୍ଥୋସାୟନିନ୍ ଓ ଭିଟାମିନ୍ ସି ରହିଛି, ଯାହା ଶରୀରକୁ ବିଭିନ୍ନ ପ୍ରକାରର ରୋଗରୁ ବଞ୍ଚିତ କରିଥାଏ । କମନ୍ ଫିଗ୍ ବା କଲଞ୍ଜିରରେ ଅନ୍ୟ କୌଣସି ଫଳ ତୁଳନାରେ ଅଧିକ ଆଣ୍ଟିଅକ୍ସିଡାଣ୍ଟ୍ ଥାଏ । ଏଥିରେ ପ୍ରଚୁର ପରିମାଣର କ୍ୟାଲସିୟମ୍, ପୋଟାସିୟମ୍ ଓ ମାଙ୍ଗାନିଜ୍ ମଧ୍ୟ ରହିଛି । ସେହିପରି କୋଳଥ ମଧ୍ୟ ସ୍ୱାସ୍ଥ୍ୟ ପାଇଁ ବେଶ୍ ଉପକାରୀ । ଏଥିରେ ଖୁବ୍ କମ୍ ପରିମାଣର କ୍ୟାଲୋରୀ ରହିଥିବାବେଳେ ଏହାକୁ ଖାଇବା ଦ୍ୱାରା ଶରୀରକୁ ଉପଯୁକ୍ତ ଫୋଲେଟ୍, କ୍ୟାଲସିୟମ୍, ଆଇରନ୍ ଓ ପୋଟାସିୟମ୍ ଆଦି ମିଳିଥାଏ । କଳାରାଶିରେ ମଧ୍ୟ ଭରପୂର ମାତ୍ରାରେ ଓମେଗା ୬ ରହିଛି । ଏଥିରୁ ଫାଇବର, ଆଇରନ୍, କ୍ୟାଲସିୟମ୍ ଓ ମାଗ୍ନେସିୟମ ମଧ୍ୟ ମିଳିଥାଏ ।

ହାଃ ହାଃ

ପତ୍ନୀ– କହିଲ ଦେଖି ମୁଁ ମୂର୍ଖ ନା ତୁମେ ମୂର୍ଖ ?

ପତି– ତୁମେ ହେଲ ସବୁଠାରୁ ଅଧିକ ବୁଦ୍ଧିର ଅଧିକାରିଣୀ । ତେଣୁ ତୁମେ କେବେ ହେଲେ ବି କଣ ଜଣେ ମୂର୍ଖ ବ୍ୟକ୍ତିକୁ ବିବାହ କରିଥିବ ।

ପତ୍ନୀ ନିଜକୁ ବୁଦ୍ଧିମାନ ଶୁଣି ଖୁବ ଖୁସି ..

ସୁଖାସନ

ଏହି ଆସନଟିକୁ କରିବା ପାଇଁ ସର୍ବପ୍ରଥମେ ଯୋଗମ୍ୟାଟ୍ ଉପରେ ଦଣ୍ଡାସନ ପୋଜ୍‌ରେ ବସିଯାଆନ୍ତୁ । ଧ୍ୟାନ ରଖନ୍ତୁ ଏହି ସମୟରେ ଯେମିତି ଆପଣଙ୍କର ମେରୁଦଣ୍ଡ ଓ ମୁଣ୍ଡ ସିଧା ରହିଥିବ । ଏହି ଆସନଟିକୁ ଇଜି ପୋଜ୍ ବୋଲି ମଧ୍ୟ କୁହାଯାଏ । ଏହି ପୋଜ୍‌ରେ ହାତ ଦୁଇଟିକୁ ଆଣ୍ଠୁ ଉପରେ ରଖି ଫଟୋ ଭଳି ହସ୍ତମୁଦ୍ରା କରନ୍ତୁ ।

ଉପକାର

- ଏକାଗ୍ରତା ବୃଦ୍ଧି କରିବ ।
- ଅବସାଦ ଓ ଆଙ୍ଗ୍‌ଜାଇଟି କମାଇବାରେ ସକ୍ଷମ ହେବ ।
- ପିଠି ମାଂସପେଶୀକୁ ଶକ୍ତ କରିବ ।
- ରକ୍ତ ସଞ୍ଚାଳନକୁ ଉନ୍ନତ କରିବ ।
- ଓଜନକୁ ନିୟନ୍ତ୍ରଣାଧୀନ ରଖିବ ।

R.N.I. REGN. No. 65000/96 POSTAL REGN. No. OR/BN-32/12-14

ଅଷ୍ଟବିଂଶ ବର୍ଷ
ସଂଖ୍ୟା : ୧୫୫
ତିଥି : ଅମାବାସ୍ୟା
୦୯ ମାର୍ଚ୍ଚ ୨୦୨୪, ଶନିବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

समय SAMAYA

ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Bhubaneswar | Balasore | Angul | Berhampur | Sambalpur | Jeypore

Vol. - XXVI, No. 155
09 March 2024, Saturday
Bhubaneswar
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

ଶିବମୟ ପରିବେଶ

ଭୁବନେଶ୍ୱର, ୮।୩ (ସଚ୍ଚୁ) : ଆଜି ପବିତ୍ର ଚାଗର ଅମାବାସ୍ୟା । ରାଜ୍ୟରେ ଥିବା ଶୈବ ପୀଠଗୁଡିକ ବେଶ୍ ଉତ୍ସବମୁଖର । ଲକ୍ଷାଧିକ ଶ୍ରଦ୍ଧାଳୁ ମନ୍ଦିର ପରିସରରେ ଉପସ୍ଥିତ ରହି ଚାଗର ଜାଳୁଛନ୍ତି । ସେମାନଙ୍କ ମାନସିକ ପୂରଣ ଲାଗି ଉଚ୍ଚାଗର ହୋଇଛନ୍ତି । 'ଓଁ ନମୋଃ ଶିବାୟ', ଜୟ ଶିବଶମ୍ଭୁ ନାରାରେ ଶୈବ ପୀଠ କମ୍ପୁଛି । ରାଜ୍ୟର ପ୍ରମୁଖ ଶୈବପୀଠ ଗୁଡିକ ଏବେ ଲୋକାରଣ୍ୟ ହୋଇଛି । ଭୁବନେଶ୍ୱରର ପ୍ରସିଦ୍ଧ ଶୈବପୀଠ ମହାପ୍ରଭୁ ଶ୍ରୀଲିଙ୍ଗରାଜ ମନ୍ଦିର ପରିସର ବେଶ୍ ଜନଗହଳି । ମନ୍ଦିର ପରିସରରେ ଲକ୍ଷାଧିକ ଭକ୍ତ ଉଚ୍ଚାଗର ରହି ଦୀପାଳି ଜାଳୁଛନ୍ତି । ରାତି ସାଢେ ୧୦.୧୫ରେ ମହାଦୀପ ଉଠିଛି । ଉପବାସରେ ରହିଛନ୍ତି ଭକ୍ତଗଣ । ଲକ୍ଷ ଲକ୍ଷ ଶ୍ରଦ୍ଧାଳୁ ମହାଦୀପ ଦର୍ଶନ କରିଛନ୍ତି ।

ଲିଙ୍ଗରାଜ ମନ୍ଦିରରେ ଆଜି ସକାଳୁ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ଭିଡ ପରିଲକ୍ଷିତ ହୋଇଥିଲା । କେହି କେହି ଦୀପାଳି ଜାଳୁଥିଲା ବେଳେ ଆଉ

ଜାଗର ଜାଳିଲେ ଲକ୍ଷାଧିକ ଶ୍ରଦ୍ଧାଳୁ
ଲିଙ୍ଗରାଜଙ୍କ ମହାଦୀପ ୧୦.୧୫ରେ ଉଠିଲା

କେତେକ ମହାପ୍ରଭୁ ଲିଙ୍ଗରାଜଙ୍କର ଦର୍ଶନ କରି ଫେରୁଥିଲେ । ଭୁବନେଶ୍ୱରର କେବଳ ଲିଙ୍ଗରାଜ ପୀଠ ନୁହେଁ ସହର ଭିତରେ ଥିବା ଅନେକ ଶିବମନ୍ଦିରରେ ଆଜି ଭିଡ ପରିଲକ୍ଷିତ ହୋଇଥିଲା । ଧାଡିରେ ଠିଆ ହୋଇ ଭକ୍ତମାନେ ମହାପ୍ରଭୁଙ୍କ ଦର୍ଶନ କରିଥିଲେ । ଶାନ୍ତିଶୃଙ୍ଖଳାର ସହ ଦର୍ଶନ ପାଇଁ ବିଭିନ୍ନ ଶୈବପୀଠରେ ବ୍ୟାପକ ପ୍ରସ୍ତୁତି କରାଯାଇଛି । ଆଜିର ଦିନରେ ଉପବାସ ରହିବା ସହ ଶୈବାଳୟରେ ଦୀପ ଜାଳିଲେ ମନୋସ୍କାମନା ପୂରଣ ହୁଏ ବୋଲି ପ୍ରଥା ରହିଛି । ସକାଳୁ ଲିଙ୍ଗରାଜଙ୍କର ନୀତିକାନ୍ତି ଠିକ୍ ସମୟରେ କରାଯାଇଛି । ଜଟକର ଧବଳେଶ୍ୱର, ପୁରୀର ଲୋକନାଥ ପୀଠରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା ହୋଇଛି । ଧବଳେଶ୍ୱରଙ୍କ ପୀଠ ମଧ୍ୟ ଆଜି ବେଶ୍ ଚଳଚଞ୍ଚଳ ଦେଖିବାକୁ ମିଳିଛି । ଶ୍ରଦ୍ଧାଳୁମାନଙ୍କର ପ୍ରବଳ ଭିଡ ରହିଛି । ପବିତ୍ର ଚାଗରରେ ପ୍ରସିଦ୍ଧ ମାଣ୍ଡୁ ଓ ଭୋଗ ଏଠାରେ ଲାଗୁ ହୋଇଛି । କେତକୀ ଫୁଲରେ ସଜ୍ଜିତ ହୋଇ ଭକ୍ତଙ୍କୁ ବାବା ଧବଳେଶ୍ୱର ଦର୍ଶନ ଦେଇଛନ୍ତି । ଅପରାହ୍ଣରେ ୪ପ୍ରହର ପୂଜା କରାଯାଇ ତୃତୀୟ ପ୍ରହର ପୂଜାରେ ମାଣ୍ଡୁଅ ଭୋଗ ଲାଗୁ ହୋଇଛି । ଭଦ୍ରକର ଆଖଣ୍ଡଳମଣି ପୀଠରେ ଭକ୍ତ ଲକ୍ଷାଧିକ ଭକ୍ତଙ୍କର ସମାଗମ ହୋଇଛି । ଆଖଣ୍ଡଳମଣିଙ୍କର (୯ ପୃଷ୍ଠାରେ)

ଲଟକିଲା ମେଣ୍ଟ ନିଷ୍ପତ୍ତି!

ମେଣ୍ଟ ନେଇ ଆଲୋଚନା ହୋଇନି : ମନମୋହନ

ଭୁବନେଶ୍ୱର, ୮।୩ (ସଚ୍ଚୁ) : ସାଧାରଣ ନିର୍ବାଚନ ଓ ରାଜ୍ୟ ବିଧାନସଭା ନିର୍ବାଚନ ପୂର୍ବରୁ ରାଜନୈତିକ ଦୃଶ୍ୟପଟ ବଦଳିବା ନେଇ ଯେଉଁ ଚର୍ଚ୍ଚା ହେଉଛି, ତାହା ସତ କି ମିଛ ତାହାକୁ ନେଇ ଏବେ ଦ୍ୱନ୍ଦ୍ୱ ଦେଖାଦେଇଛି । ବିଜେଡି ନେତୃବୃନ୍ଦ ଏ ସମ୍ପର୍କରେ ନିରବତା ଅବଲମ୍ବନ କରୁଥିବା ବେଳେ ଦିଲ୍ଲୀରୁ ଫେରି ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ ମେଣ୍ଟ ସମ୍ପର୍କରେ କୌଣସି ଆଲୋଚନା ହୋଇନାହିଁ ବୋଲି ସଫେଇ ଦେଇଛନ୍ତି । ମନମୋହନଙ୍କ ବକ୍ତବ୍ୟ ରାଜନୈତିକ ମହଲରେ ଗ୍ରହଣୀୟ ହେଉନାହିଁ । ନିଆଁ ନଥିଲେ ଧୂଆଁ ବାହାରେ ନାହିଁ । ଯଦି କିଛି ନଥିଲା ତା'ହେଲେ ଚର୍ଚ୍ଚା କାହିଁକି ହେଲା । ହଠାତ୍ ରାଜ୍ୟ ବିଜେପି ନେତାଙ୍କୁ ଦିଲ୍ଲୀ ଡକାଗଲା ତାହାର ଉତ୍ତର ରାଜ୍ୟ ବିଜେପି ନେତାଙ୍କ ପାଖରେ ନାହିଁ । ତେବେ ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ଖୁବ୍‌ଶୀଘ୍ର ନୂଆଦିଲ୍ଲୀରେ ଏନ୍‌ଡିଏ ବୈଠକ ହେବ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହେବାକୁ ଥିବା ଏହି ବୈଠକରେ ଏନ୍‌ଡିଏର ପୁରୁଣା ସହଯୋଗୀମାନଙ୍କୁ ସାମିଲ କରିବା ଲାଗି କସରତ ଆରମ୍ଭ ହୋଇଛି । ଏଥିରେ ଚନ୍ଦ୍ରବାବୁ ନାଇଡୁଙ୍କ ନେତୃତ୍ୱାଧୀନ ଟିଡିପି, ପଞ୍ଜାବର ଅକାଳୀ ଦଳ ଓ ଓଡ଼ିଶାର ବିଜେଡିକୁ ସାମିଲ କରିବା ପାଇଁ ପ୍ରୟାସ ଚାଲିଛି । ଟିଡିପି ଏନ୍‌ଡିଏରେ ସାମିଲ ହେବ ବୋଲି ଘୋଷଣା କରିସାରିଛି । ଏହି ତିନି ଦଳ ପୂର୍ବରୁ ଏନ୍‌ଡିଏରେ ଥିଲେ । ଆଗକୁ ହେବାକୁ ଥିବା ଏନ୍‌ଡିଏ ବୈଠକରେ ଏହି ତିନି ଦଳ ସାମିଲ ହେବାର ଯଥେଷ୍ଟ ସମ୍ଭାବନା ଅଛି ବୋଲି ଜାତୀୟସ୍ତର ଠାରୁ ଆରମ୍ଭ କରି ରାଜ୍ୟ ରାଜନୀତି ମହଲରେ ଆଲୋଚନା ହେଉଛି ।

ହଠାତ୍ ଦିଲ୍ଲୀ ବିଜେପି ନେତାମାନେ (୯ ପୃଷ୍ଠାରେ)

ରାଜ୍ୟସଭାକୁ ସୁଧା ମୂର୍ତ୍ତି ମନୋନୀତ

ନୂଆଦିଲ୍ଲୀ, ୮।୩ : ବିଶିଷ୍ଟ ଲେଖିକା ତଥା ସମାଜସେବୀ ସୁଧା ମୂର୍ତ୍ତି ରାଜ୍ୟସଭାକୁ ମନୋନୀତ ହୋଇଛନ୍ତି । ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ତାଙ୍କୁ ମନୋନୀତ କରିଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏ ସମ୍ପର୍କରେ ପ୍ରତିକ୍ରିୟା ରଖି କହିଛନ୍ତି ଯେ, ଆନ୍ତର୍ଜାତୀୟ ମହିଳା ଦିବସରେ ଏହା ହେଉଛି ନାରୀଶକ୍ତି ପାଇଁ ଏକ ବଡ ନିଷ୍ପତ୍ତି । ସେ ଉଲ୍ଲେଖ କରିଛନ୍ତି ଯେ, ରାଷ୍ଟ୍ରପତି ସୁଧାଜୀଙ୍କୁ ରାଜ୍ୟସଭା ଲାଗି ମନୋନୀତ କରିଥିବାରୁ ସେ ବେଶ୍ ଆନନ୍ଦିତ । ସମାଜସେବା, ଶିକ୍ଷା, ସାମାଜିକ କାର୍ଯ୍ୟରେ ତାଙ୍କର ଅବଦାନ ଅତୁଳନୀୟ । ସେ (୯ ପୃଷ୍ଠାରେ)

DSPL-813

ଆମ ଓଡ଼ିଶା ନବୀନ ଓଡ଼ିଶା

ଲୋକଙ୍କ 'ବାସଗୃହ' ସ୍ୱପ୍ନ
ଆମେ କରୁଛୁ ପୂରଣ ।

ଆବାସ
ODISHA URBAN HOUSING MISSION

ସହରାଞ୍ଚଳ ଆବାସ ଯୋଜନା ଅନ୍ତର୍ଭୁକ୍ତ
ନୀଳମାଧବ ନିବାସ
(ସୁଲଭ ବାସଗୃହ ପ୍ରକଳ୍ପ)

ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ
ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କ
ଦ୍ୱାରା ଶୁଭ ଉଦ୍‌ଘାଟନ

୯ ମାର୍ଚ୍ଚ ୨୦୨୪ | ଶନିବାର
ଭୁବନେଶ୍ୱର

ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ | ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ, ଓଡ଼ିଶା ସରକାର

OIPR: 13033/13/0722/2324

ଆଧ୍ୟାତ୍ମିକ ପରିବେଶ ମଧ୍ୟରେ ଶ୍ରୀ ଲିଙ୍ଗରାଜ ମନ୍ଦିରରେ ମହାଶିବରାତ୍ରି ଉତ୍ସବ ପାଳନ

'ସମୟ' କାର୍ଯ୍ୟାଳୟ ପରିସରରେ ମହାଶିରାତ୍ରି ପାଳନ

ଶ୍ରୀ ଲିଙ୍ଗରାଜ ମନ୍ଦିରରେ ମହାଶିବରାତ୍ରି ଉପଲକ୍ଷେ ଶ୍ରଦ୍ଧାଳୁମାନେ ପୂଜାର୍ଚ୍ଚନା କରୁଛନ୍ତି

ସବୁ ଶୈବ ପୀଠରେ ଶୁଭିଲା ଓଁକାରାୟ ନମୋ ନମଃ ଶବ୍ଦ

ଖୋର୍ଦ୍ଧା (ସବ୍ୟୁ): ପବିତ୍ର ମହାଶିବରାତ୍ରି ତଥା ଜାଗର ଅବସରରେ ଜିଲ୍ଲାବ୍ୟାପି ଶୈବ୍ୟପୀଠ ଗୁଡ଼ିକ ଦେଖାଯାଇଛି ଚଳଚଞ୍ଚଳ । ଝିଲିମିଲି ଆଲୋକମାଳାରେ ଶୈବ୍ୟପୀଠ ଗୁଡ଼ିକ ଝଲସୁଥିବାବେଳେ ସନ୍ଧ୍ୟାରେ ହଜାର ହଜାର ଶ୍ରଦ୍ଧାଳୁଙ୍କ ଓଁ କାରାୟ ନମୋନମଃ ଶବ୍ଦରେ ଶୈବ୍ୟପୀଠ ଗୁଡ଼ିକ କମ୍ପମାନ ହେଉଥିବା ଦେଖାଯାଇଛି । ଗୁରୁଜଙ୍ଗ ସ୍ଥିତ ଧବଳେଶ୍ୱର ପୀଠରେ ପାଖା ପାଖି ୮ହଜାର ରୁ ଉର୍ଦ୍ଧ୍ୱ ଶ୍ରଦ୍ଧାଳୁଙ୍କ ସମାଗମ ଜାଗର ଅବସରରେ ହୋଇଥିବାବେଳେ ବାଘମାରୀ ଅଟ୍ରୀ ସ୍ଥିତ ବାବା ହଟକେଶ୍ୱର, ବେଗୁନିଆ ଗୋଡ଼ାଲୋକନାଥ, ଖୋର୍ଦ୍ଧା ପଲ୍ଲାସ୍ଥିତ ଲୋକଣ୍ଡେଶ୍ୱର, ଜରିପୁଟସ୍ଥିତ ବାଲୁଙ୍କେଶ୍ୱର, ଲୋକନାଥ, ସ୍ୱପ୍ନେଶ୍ୱର, ସିଦ୍ଧେଶ୍ୱର, ଟି.ଏଲ.ସି ସ୍ଥିତ ତାରକେଶ୍ୱର, ଶ୍ରୀରାମ ନଗର ଦକ୍ଷେଶ୍ୱର, ନିରାକାରପୁର ନୀଳକଣ୍ଠେଶ୍ୱର ଦେବ, ରାମ ମନ୍ଦିରସ୍ଥିତ ଚନ୍ଦ୍ରଶେଖର ଦେବ, ପାଣ୍ଡବପାଟଣା ନୀଳକଣ୍ଠେଶ୍ୱର ଦେବ, ଡ଼ିଆ କପିଳେଶ୍ୱର ଦେବ, ଲେଣ୍ଡୁ ସିଦ୍ଧେଶ୍ୱର ଦେବ, ସିକୋର ଚନ୍ଦ୍ରଶେଖର ଦେବ ପ୍ରମୁଖ ଶୈବ୍ୟ ପୀଠରେ ବହୁ ସଂଖ୍ୟାରେ ଶ୍ରର୍ଦ୍ଧାଳୁମାନେ ଶିବଙ୍କ ଆରାଧନା କରିଛନ୍ତି ।

ପ୍ରଭାତରେ ମନ୍ଦିର ପହଡ଼ ଖୋଲିବା ପରେ ରୀତିନୀତି ଅନୁଯାୟୀ ମଙ୍ଗଳ ଆଳତି, ଅବକାଶ ନୀତି, ମହାସ୍ନାନ, ସୂର୍ଯ୍ୟପୂଜା ଏବଂ ପ୍ରଭୁଙ୍କ ସାହାଣମେଲା ଦର୍ଶନ ବ୍ୟବସ୍ଥା ମନ୍ଦିର ତରଫରୁ କରାଯାଇଥିଲା। ଶ୍ରଦ୍ଧାଳୁଙ୍କ ଭିଡ଼ ନିୟନ୍ତ୍ରଣ ଏବଂ ଶୃଙ୍ଖଳିତ ଦର୍ଶନ ନିମନ୍ତେ ମନ୍ଦିର ଟ୍ରଷ୍ଟି ଏବଂ ପୁଲିସ ତରଫରୁ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି । ପୀଠ ଗୁଡ଼ିକରେ ମହାଦେବଙ୍କ ଶ୍ରୀଜୀଉବେଶ, ମାର୍ଜଣା, ହରିହରଭେଟ, ବଡ଼ସିଂହାର ନୀତିକାନ୍ତି ସମ୍ପୂର୍ଣ୍ଣ ହୋଇଥିବାବେଳେ ସନ୍ଧ୍ୟା ସାଢେ ୬ଟାରେ ଦୀପ ପ୍ରଜ୍ଜଳନ କରାଯାଇଥିବା ଦେଖାଯାଇଛି।

ପ୍ରତ୍ୟେକ ମନ୍ଦିର ବେଢାରେ ହଜାର ହଜାର ସଂଖ୍ୟକ ମାନସିକ ଧାରୀ ନିର୍ଜଳ ଉପବାସରେ ଉଜାଗରରେ ରହି ଦୀପ ଜାଳି ଧ୍ୟାନରେ ପ୍ରଭୁଙ୍କ ଆରାଧନା କରିଛନ୍ତି । ସେହିପରି ମହାଦୀପ ଉଠିବା ଦେଖିଲେ କୋଟି ଜନ୍ମର ପାପ କ୍ଷୟ ହୋଇଥାଏ ବୋଲି ବିଶ୍ୱାସ ଥିବାରୁ ହଜାର ହଜାର ମାନସିକ ଧାରୀ ଶ୍ରର୍ଦ୍ଧାଳୁ ମହାଦୀପ ଉଠିବା ଯାଏଁ ଉତ୍କଣ୍ଠାର ସହିତ ଅପେକ୍ଷା କରିଥିବା ଦୃର୍ଶ୍ୟ ଦେଖିବାକୁ ମିଳିଥିଲା । ଶ୍ରୀ ଧବଳେଶ୍ୱରଙ୍କ ପୀଠରେ ରାତି ୩ଟା ରୁ ଦ୍ୱାରଫିଟା, ମଙ୍ଗଳ ଆଳତୀ ପରେ ଭୋର ୪ଟା ରୁ ଦର୍ଶନ ଆରମ୍ଭ ହୋଇଛି । ଦର୍ଶନ ରାତ୍ର ପ୍ରାୟ ସାଢେ ୮ଟା ପର୍ଯ୍ୟନ୍ତ ଚାଲିଥିଲା । ରାତି ପ୍ରାୟ ୧୧ଟା ବେଳକୁ ହଟକେଶ୍ୱରଙ୍କ ପୀଠରେ ମହାଦୀପ ଉଠିଛି ।

ବେଦାନ୍ତର ବାଲକୋ ମେଡିକାଲ ସେଣ୍ଟରକୁ
କ୍ୟାନସର ଚିକିତ୍ସା ପାଇଁ ଗ୍ରାଣ୍ଡ ଚ୍ୟାଲେଞ୍ଜ ପୁରସ୍କାର

ଭୁବନେଶ୍ୱର (ସବ୍ୟୁ): ବେଦାନ୍ତର ବାଲକୋ ମେଡିକାଲ ସେଂଟର ଭାରତର ଅଙ୍କୋଲୋଜି ପ୍ରତିଷ୍ଠାନ ଭାବରେ ଏକ ଅଗ୍ରଣୀ ସଂସ୍ଥା। ଏହା ଏକ ସମ୍ମାନଜନକ କ୍ୟାନସର ଗ୍ରାଣ୍ଡ ଚ୍ୟାଲେଞ୍ଜ ପୁରସ୍କାର ପାଇଥିବା ଟିମର ପ୍ରଥମ ଭାରତୀୟ ସହ ଅନୁସନ୍ଧାନକାରୀ ଭାବେ କାର୍ଯ୍ୟ କରୁଛି। ବାଲକୋ ମେଡିକାଲ ଓ ବିଶ୍ୱର ଅନ୍ୟାନ୍ୟ ସମ୍ମାନଜନକ ଅନୁଷ୍ଠାନର କ୍ଲିନିକାଲ, ଆଡଭୋକେଟ ଓ ବୈଜ୍ଞାନିକ ମାନଙ୍କୁ ନେଇ ଏହା କ୍ୟାନସର ଉପରେ ରହିଥିବା ଆହ୍ୱାନର ମୁକାବିଲା କରିବ । ବେଦାନ୍ତ ମେଡିକାଲ ରିସର୍ଚ୍ଚ ଫାଉଣ୍ଡେସନର ଅଧ୍ୟକ୍ଷ ଶ୍ରୀମତି ଜ୍ୟୋତି ଅଗ୍ରୱାଲ କୃତଜ୍ଞତା ଜଣାଇ କହିଛନ୍ତି ଯେ ଏହି ସମ୍ମାନଜନକ ପୁରସ୍କାର ପାଇଁ ମନୋନୀତ ହୋଇଥିବାରୁ ଆମେ ଗର୍ବିତ । ବିଗତ ଛଅ ବର୍ଷ ମଧ୍ୟରେ ଆମର ବରିଷ୍ଠ କର୍ମଚାରୀ ଓ ହୀତାଧିକାରୀ ନିରନ୍ତର ବୈଜ୍ଞାନିକ ଜ୍ଞାନ କୌଶଳର ସୁବିଧା ପାଇବାକୁ ନିଶ୍ଚିତ କରିବା ଲାଗି ନିରନ୍ତର ପରିଶ୍ରମ କରୁଛନ୍ତି । ଆମ ଉପରେ ରୋଗୀମାନେ ସଂପୂର୍ଣ୍ଣ ଭରସା କରୁଛନ୍ତି । କ୍ୟାନସର ପ୍ରତିରୋଧ ଦିଗରେ ଯଥା ସମ୍ଭବ ପ୍ରୟାସ ଜାରୀ ରଖିବାକୁ ଆମେ ପ୍ରତିଶ୍ରୁତିବଦ୍ଧ ରହିଛୁ। କେନ୍ଦ୍ରୀୟ ଭାରତର ଅତ୍ୟାଧୁନିକ ଅଙ୍କୋଲୋଜି ସୁବିଧା ଥିବା ବେଦାନ୍ତର ବାଲକୋ ମେଡିକାଲ ସେଂଟର ବହୁମୁଖୀ ଚିକିତ୍ସା ସହୟତା ଯୋଗାଇ ପ୍ରମୁଖ ଭୂମିକା ଗ୍ରହଣ କରିଛି। ଉନ୍ନତ ବିକିରଣ ଚକିତ୍ସା, ବ୍ରାଚିଥେରାପି, ନ୍ୟୁକ୍ଲିୟର ମେଡିସିନ, ସର୍ଜରୀ, କେମୋଥେରାପି ଆଦି ପାଇଁ ଏହି ସେଣ୍ଟରର ସୁନାମ ରହିଛି। ଭାରତର ଗୁରୁତ୍ୱପୂର୍ଣ୍ଣ ସ୍ୱାସ୍ଥ୍ୟସେବା ଓ ସମାଧାନ ପାଇଁ ଏହି ସେଂଟର ପ୍ରତିବଦ୍ଧ ରହିଛି।

କାନାରା ବ୍ୟାଙ୍କ ପକ୍ଷରୁ କାନାରା ବଜାର ଆୟୋଜିତ

ଭୁବନେଶ୍ୱର (ସବ୍ୟୁ): ବିଶ୍ୱ ମହିଳା ଦିବସ ଅବସରରେ ମହିଳା ସଶକ୍ତିକରଣକୁ ସମର୍ଥନ କରିବା ତଥା ମହିଳାମାନଙ୍କ ମଧ୍ୟରେ ଔଦ୍ୟୋଗିକତାକୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ କାନାରା ବ୍ୟାଙ୍କର ଭୁବନେଶ୍ୱର ମଣ୍ଡଳ କାର୍ଯ୍ୟାଳୟ ଠାରେ କାନାରା ବଜାର ଆୟୋଜିତ ହୋଇଯାଇଛି। ମହିଳା ଔଦ୍ୟୋଗିକତା ବିକାଶ କେନ୍ଦ୍ର ଅନ୍ତର୍ଗତ ବ୍ୟାଙ୍କର ପଦକ୍ଷେପ ସ୍ୱରୂପ ବ୍ୟାଙ୍କର ଭୁବନେଶ୍ୱର ଅଞ୍ଚଳ କାର୍ଯ୍ୟାଳୟର ମହାପ୍ରବନ୍ଧକ ତଥା ଅଞ୍ଚଳ ମୁଖ୍ୟ ଜଗଦୀଶ ଚନ୍ଦର ଆନୁଷ୍ଠାନିକ ଭାବେ ଏହି ବଜାରକୁ ଉଦ୍‌ଘାଟନ କରିଥିଲେ। କାନାରା ବ୍ୟାଙ୍କ ଦ୍ୱାରା ଆର୍ଥିକ ସହାୟତା ପ୍ରାପ୍ତ ରାଜ୍ୟର ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀ ଏଥିରେ ଉପସ୍ଥିତ ରହି ନିଜ ନିଜର ହାତ ତିଆରି ସାମଗ୍ରୀଗୁଡ଼ିକର ପ୍ରଦର୍ଶନ ଓ ବିକ୍ରି କରିଥିଲେ। ଆର୍ଥିକ ସହାୟତା ପ୍ରଦାନ ଓ ସାମଗ୍ରୀଗୁଡ଼ିକର ବିକ୍ରୟ ପାଇଁ ପ୍ଲାଟଫର୍ମ ଯୋଗାଇ ଦେଇଥିବାରୁ ସ୍ୱୟଂ ସହାୟକ ଗୋଷ୍ଠୀ କାନାରା ବ୍ୟାଙ୍କକୁ ଧନ୍ୟବାଦ ଜଣାଇଥିଲେ। ଏହି ବଜାର ସମ୍ପର୍କରେ ବ୍ୟାଙ୍କ କର୍ମଚାରୀ ଏବଂ ସ୍ଥାନୀୟ ଲୋକମାନଙ୍କଠାରୁ ଉତ୍ତମ ପ୍ରତିକ୍ରିୟା ମିଳିଥିଲା।

୧୦କେଜି ୫୦୦ ଅଫିମ ଜବତ
୨ ଆନ୍ତଃରାଜ୍ୟ ମାଫିଆ ଗିରଫ

ଭୁବନେଶ୍ୱର, (ସବ୍ୟୁ) : କ୍ରାଇମବ୍ରାଞ୍ଚ ଏସ୍‌ଟିଏଫ୍ ୧୦କିଲୋ ୫୦୮ଗ୍ରାମ ଅଫିମ ଜବତ କରିବା ସହ ଦୁଇଜଣ ଆନ୍ତଃରାଜ୍ୟ ନିଶା ମାଫିଆଙ୍କୁ ଗିରଫ କରିଛି । ଗିରଫ ଦୁଇଜଣ ହେଲେ ବିଟୁସିଂହ ମୁଣ୍ଡା (୪୬) ଓ ରୋହିତ ମୁଣ୍ଡା (୪୯) । ଉଭୟଙ୍କ ଘର ଝାଡ଼ଖଣ୍ଡ ହୋଇଥିବାବେଳେ ବେଳେ ସେମାନେ ରାଜସ୍ଥାନରୁ ଅଫିମ ଆଣି ରାଉରକେଲା ପାନପୋଷ ନିକଟରେ ଅଫିମ ବିକ୍ରି କରିବା ପାଇଁ ଗ୍ରାହକଙ୍କୁ ଅପେକ୍ଷା କରିଥିବାବେଳେ ଏସ୍‌ଟିଏଫ୍ ଟିମ ତାଙ୍କୁ କାବୁ କରିଥିଲା । ଗିରଫ ଦୁଇ ଅଭିଯୁକ୍ତ ସୁନ୍ଦରଗଡ଼, ରାଉରକେଲା, ଝାଡ଼ଖଣ୍ଡରେ ଅଫିମ କାରବାର କରନ୍ତି । ଔଷଧ ତିଆରି ପାଇଁ ଅଫିମ ରାଜସ୍ଥାନ, ମଧ୍ୟପ୍ରଦେଶ ଓ ଉତ୍ତରପ୍ରଦେଶରେ ଚାଷ ହୁଏ । ଗିରଫ ଦୁଇ ଅଭିଯୁକ୍ତ ରାଜସ୍ଥାନରୁ ଅଫିମ ଆଣି ଓଡ଼ିଶାର ବିଭିନ୍ନ ସ୍ଥାନରେ ବିକ୍ରି କରନ୍ତି । କ୍ରାଇମବ୍ରାଞ୍ଚ ଏସ୍‌ଟିଏଫ୍ କହିବା ଅନୁଯାୟୀ ପ୍ରଥମ ଥର ଏତେ ପରିମାଣର ଅଫିମ ଜବତ ହୋଇଛି । ଅଫିମ ଜବତ ହେବାପରେ ଗିରଫ ଦୁଇ ନିଶାମାଫିଆଙ୍କୁ କୋର୍ଟ ଚାଲାଣ କରାଯାଇଥିଲା । ଜାମିନ ନାମଞ୍ଜୁର ହୋଇଯିବାରୁ ତାଙ୍କୁ ଜେଲ ହାଜତ ପଠାଇ ଦିଆଯାଇଛି ।

ଜିଲ୍ଲାସ୍ତରୀୟ ମହିଳା ଆରୋଗ୍ୟ ସମିତି ସମ୍ମିଳନୀ କୁ ଉଦ୍‌ଘାଟନ କଲେ ମେୟର

କଟକ , (ସବ୍ୟୁ):ଗତ କାଲି ବିଜୁ ପଟ୍ଟନାୟକ ଛକ ସ୍ଥିତ ସାରଳା ଭବନ ଠାରେ ମାନ୍ୟବର କଟକ ମେୟର ସୁବାସ ସିଂ ଜିଲ୍ଲା ସ୍ତରୀୟ ମହିଳା ଆରୋଗ୍ୟ ସମିତି ସମିଳନୀ ୨୦୨୪ କୁ ଉଦ୍ଘାଟନ କରିଥିଲେ । ଏଲିନା ମହାପାତ୍ର ଏହି କାର୍ଯ୍ୟକ୍ରମ କୁ ପରିଚାଳନା କରିଥିଲେ । ଏହି ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହେବା ସହିତ ସ୍ୱାସ୍ଥ୍ୟ , ପୃଷ୍ଟି ଓ ପରିମଳ କ୍ଷେତ୍ରରେ କାର୍ଯ୍ୟ କରୁଥିବା ମହିଳା ଆରୋଗ୍ୟ ସମିତିର ସଦସ୍ୟ ଏବଂ ଆଶା କର୍ମୀ ମାନଙ୍କୁ ପୁରସ୍କୃତ କରାଯାଇଥିଲା । ଏଥିସହିତ ସ୍ୱାସ୍ଥ୍ୟ କ୍ଷେତ୍ର ରେ ଭଲ କାମ କରିଥିବା ଡାକ୍ତର , ସ୍ୱାସ୍ଥ୍ୟ କର୍ମଚାରୀ ଓ ଅନ୍ୟମାନଙ୍କୁ ମଧ୍ୟ ପୁରସ୍କୃତ କରାଯାଇଥିଲା । ମହିଳା ଆରୋଗ୍ୟ ସମିତିର ସଦସ୍ୟ ଏବଂ ଆଶାକର୍ମୀ ମାନଙ୍କ ଦ୍ୱାରା ସଚେନତା ମୂଳକ ଏକ ନାଟକ ମଧ ପରିବେଷଣ କରାଯାଇଥିଲା । ଏହି ଅବସରରେ ମାନ୍ୟବର ମେୟର ଶ୍ରୀ ସିଂ ଙ୍କ ସହିତ ସି.ଏମ.ସି କମିଶନର ବିଜୟ କୁମାର ଦାସ , ଡେପୁଟି ମେୟର ଦମୟନ୍ତୀ ମାଝୀ, ସ୍ୱାସ୍ଥ୍ୟ ଷ୍ଟାଣ୍ଡିଙ୍ଗ କମିଟି ଅଧକ୍ଷା ଦୀପ୍ତି ମୟୀ ମୁଲିଆ , ଅତିରିକ୍ତ ନିର୍ଦ୍ଦେଶକ ସହରୀ ସ୍ୱାସ୍ଥ୍ୟ ବିଭାଗ ଡା. ପୁଷ୍ପଲତା ମହାନ୍ତି , ଡା. କାନ୍ତି ନାୟକ ,ଡା. ସତ୍ୟବ୍ରତ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ ।

ଫିକି ଫ୍ଲୋ ପକ୍ଷରୁ ଚତୁର୍ଥ ମହିଳା ପୁରସ୍କାର-୨୦୨୪

ଭୁବନେଶ୍ୱର (ସବ୍ୟୁ): ଫିକି ଫ୍ଲୋ ଓଡିଶା ଚତୁର୍ଥ ମହିଳା ପୁରସ୍କାର ୨୦୨୩-୨୦୨୪ ଫ୍ଲୋ ଭୁବନେଶ୍ୱର ଚ୍ୟାପ୍ଟର୍ ଦ୍ୱାରା ସଫଳତାର ସହ ଆୟୋଜିତ ହୋଇଛି। ଏହି ସମ୍ମାନଜନକ ଇଭେଣ୍ଟ ଷ୍ଟାର୍ଟ-ଅପ୍ସ, ଏମ୍ ଏସ୍ ଏମ୍ ଇ, ସାମାଜିକ ପ୍ରଭାବ, କ୍ରୀଡା, ପରିବେଶ, ମିଡିଆ ଏବଂ ଏଣ୍ଟର୍‌ଟେନ୍‌ମେଣ୍ଟ୍ , ରାଜନୀତି ଏବଂ ସିଏସ୍‌ଆର୍ ଭଳି ସେକ୍ଟରଗୁଡିକରେ ସେମାନଙ୍କ ଉଲେଖ୍ୟନୀୟ ଅବଦାନକୁ ସମ୍ମାନିତ କରି ସେମାନଙ୍କର ମହତ୍ୱପୂର୍ଣ୍ଣ ପ୍ରଭାବକୁ ଦର୍ଶାଇଥିଲେ ।



ମହିଳାମାନଙ୍କ ବିଭିନ୍ନ ବିଭାଗରେ ସଫଳତାକୁ ପ୍ରତିପଳିତ କରି ଏହି ପୁରସ୍କାର ଆୟୋଜିତ କରାଯାଇଥିଲା। ଷ୍ଟାର୍ଟଅପ୍ ଠାରୁ ଆରମ୍ଭ କରି ସାମାଜିକ ପ୍ରଭାବ ଏବଂ କ୍ରୀଡା ଠାରୁ ରାଜନୀତି ପର୍ଯ୍ୟନ୍ତ ଏହି କାର୍ଯ୍ୟକ୍ରମ ସମ୍ମାନିତ ମହିଳାଙ୍କ ଆଦାର୍ଶ ଉଦ୍ୟମକୁ ସମ୍ମାନିତ କରିବା ପାଇଁ ପ୍ରଗତି ଏବଂ ନୂତନତ୍ୱ ପାଇଁ ପଥ ପରିଷ୍କାର କରିଥିଲେ । ଏହି କାର୍ଯ୍ୟକ୍ରମରେ ଉନ୍ନୟନ କମିସନର ତଥା ରାଜ୍ୟ ଜଳ ସମ୍ପଦ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ମୁଖ୍ୟ ଅତିଥି ଏବଂ ସମ୍ମାନିତ ଅତିଥି ଭାବରେ ଶ୍ରମ ଏବଂ ଇଏସ୍‌ଆଇ ବିଭାଗର କମିଶନର ତଥା ସଚିବ ଆଇଏଏସ୍ ଆର୍‌ଏସ୍ ଗୋପାଳନ୍ ଯୋଗ ଦେଇଥିଲେ ।

ରାଜ୍ୟ ଜଳ ସମ୍ପଦ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ କହିଥିଲେ ଓଡିଶାର ମହିଳା ସଶକ୍ତିକରଣର ଅଗ୍ରଗତି ଦେଖିବାରେ ଏହା ପ୍ରେରଣା ଦାୟକ ଅଟେ । ସେ ଉଦ୍ୟୋଗୀ , ରାଜାନେତା, ଗୃହ ନିର୍ମାଣକାରୀ କିମ୍ବା ବୃତ୍ତିଗତ ହେଉ ପ୍ରତ୍ୟେକ ମହିଳା ସ୍ୱତନ୍ତ୍ର ଭାବରେ ନିଜ ନିଜ କ୍ଷେତ୍ରରେ ବିଶେଷ ଅବଦାନ କରନ୍ତି । ମହିଳାମାନଙ୍କୁ ସମର୍ଥନ କରୁଥିବାରୁ ଫିକି ଫ୍ଲୋ କୁ ଅଶେଷ ଧନ୍ୟବାଦ ଏବଂ ସମସ୍ତ ପୁରସ୍କୃତ ମହିଳାମାନଙ୍କୁ ଧନ୍ୟବାଦ ଜଣାଇଥିଲେ । ଶ୍ରମ ଏବଂ ଇଏସ୍‌ଆଇ ବିଭାଗର କମିଶନର ତଥା ସଚିବ ଆର୍‌ଏସ୍ ଗୋପାଳନ୍ କହିଛନ୍ତି, ' ମହିଳା ସଶକ୍ତିକରଣ ମହତ୍ତ୍ୱକୁ ଆଲୋକିତ କରିବା ଗୁରୁତ୍ୱପୂର୍ଣ୍ଣ। ଶିକ୍ଷିତ ଏବଂ ଆତ୍ମବିଶ୍ୱାସୀ ମହିଳାମାନେ ସାମାଜିକ ପ୍ରଗତି ପାଇଁ ଜରୁରୀ।

ଏହି ଅବସରରେ ନିଜର ଖୁସି ବ୍ୟକ୍ତ କରି ଫ୍ଲୋ ଭୁବନେଶ୍ୱର ର ଚେୟାରମ୍ୟାନ୍ ପୁନମ୍ ମହାପାତ୍ର କହିଛନ୍ତି, 'ଫ୍ଲୋ ଓଡ଼ିଶା ମହିଳା ପୁରସ୍କାରରେ ଉଦ୍ୟୋଗୀଙ୍କ ଉଲ୍ଲେଖନୀୟ ସଫଳତାକୁ ପାଳନ କରିବାବେଳେ, ଆମେ ସେମାନଙ୍କ ଅଭିନବତା ଏବଂ ଭବିଷ୍ୟତକୁ ଗଠନ କରୁଥିବା ନେତୃତ୍ୱକୁ ସ୍ୱୀକାର କରୁଛୁ । ଫ୍ଲୋ ଭୁବନେଶ୍ୱର ବିଭିନ୍ନ ପଦକ୍ଷେପ ମାଧ୍ୟମରେ ସାମଗ୍ରିକ ବିକାଶକୁ ପ୍ରୋତ୍ସାହିତ କରିବାରେ ଲାଗିଛି ।

ବିଏମଡବ୍ଲୁ ମୋଟରାଡ ସଫାରୀର
୨୦୨୪ ସଂସ୍କରଣର ଶୁଭାରମ୍ଭ

ଭୁବନେଶ୍ୱର (ସବ୍ୟୁ) : ବିଏମଡବ୍ଲୁ ମୋଟରାଡ ପକ୍ଷରୁ ଭାରତରେ ଏହାର ବହୁ ପ୍ରତୀକ୍ଷିତ ରାଇଡିଙ୍ଗ ଏକ୍ସପିରିଏନ୍ସ ବିଏମଡବ୍ଲୁ ମୋଟରାଡ ସଫାରୀର ଉନ୍ମୋଚନ କରାଯାଇଛି । ବିଏମଡବ୍ଲୁ ମୋଟରସାଇକେଲ ମାଲିକମାନଙ୍କ ପାଇଁ ସ୍ୱତନ୍ତ୍ର ରୂପେ ପରିକଳ୍ପିତ, ବିଏମଡବ୍ଲୁ ମୋଟରାଡ ସଫାରୀ ସମଗ୍ର ବିଶ୍ୱରେ ଅଲଟିମେଟ ରାଇଡିଙ୍ଗ ଏକ୍ସପିରିଏନ୍ସ ପ୍ରଦାନ କରୁଛି । ଏହା ସମ୍ପର୍କରେ ଶ୍ରୀ ବିକ୍ରମ ପାୱାହ, ଅଧ୍ୟକ୍ଷ, ବିଏମଡବ୍ଲୁ ଗ୍ରୁପ ଇଣ୍ଡିଆ କହିଛନ୍ତି ବିଏମଡବ୍ଲୁ ମୋଟରାଡ ଅନୁଭୂତିଗୁଡ଼ିକର ଏକ ବିସ୍ତୃତ ଦୁନିଆର ଉନ୍ମୋଚନ କରୁଛି, ଯାହାକୁ ପ୍ରତ୍ୟେକ ଚାଳକଙ୍କ ଆବଶ୍ୟକତା ଅନୁଯାୟୀ ପ୍ରସ୍ତୁତ କରାଯାଇଛି । ବିଏମଡବ୍ଲୁ ମୋଟରାଡ ସଫାରୀର ଉଦ୍ଦେଶ୍ୟ ହେଉଛି ଅଭିନବ ଦୁଃସାହସିକ କାର୍ଯ୍ୟଗୁଡ଼ିକୁ ଉନ୍ମୋଚନ କରିବା, ଯାହାଦ୍ୱାରା ଗାଡ଼ି ମାଲିକମାନେ ସେମାନଙ୍କର ମୋଟରାଡ ମୋଟରସାଇକେଲର ଦକ୍ଷତାକୁ ସମ୍ପୂର୍ଣ୍ଣ ରୂପେ ବ୍ୟବହାର କରିପାରିବେ ।'

ଡାଲମିଆ ସିମେଣ୍ଟ ପକ୍ଷରୁ ଆନ୍ତର୍ଜାତିକ ମହିଳା ଦିବସ ପାଳିତ

ଭୁବନେଶ୍ୱର (ସବ୍ୟୁ): ଭାରତର ଅଗ୍ରଣୀ ସିମେଣ୍ଟ ଉତ୍ପାଦନକାରୀ କମ୍ପାନୀ ଡାଲମିଆ ସିମେଣ୍ଟ (ଭାରତ) ଲିମିଟେଡ (ଡିସିବିଏଲ) ଆନ୍ତର୍ଜାତିକ ମହିଳା ଦିବସ ପାଳନ ଅବସରରେ ଓଡ଼ିଶାର ରାଜଗାଙ୍ଗପୁରସ୍ଥିତ କାରଖାନାରେ ସ୍ୱତନ୍ତ୍ର ଗୁରୁତ୍ୱ ରଖୁଥିବା ଏକାଧିକ କାର୍ଯ୍ୟକ୍ରମ ଆୟୋଜନ କରିଥିଲା, ଯେଉଁଥିରେ ମହିଳାମାନଙ୍କ ସଶକ୍ତିକରଣ ଏବଂ ସେମାନଙ୍କ ଉତ୍ଥାନ ଦିଗରେ ଉତ୍ସର୍ଗୀକୃତ ପ୍ରୟାସସମୂହ ପ୍ରଦର୍ଶନ କରାଯାଇଥିଲା । ତାହାସହିତ ଏହାର ବ୍ୟବସାୟ ପରିଚାଳନା ସ୍ଥଳ ଚତୁରପାର୍ଶ୍ୱରେ ବାସ କରୁଥିବା ଜନସାଧାରଣଙ୍କ ମଧ୍ୟରେ ସମାବେଶୀଭାବ, ବିବିଧତା ଏବଂ ଲିଙ୍ଗଗତ ସମାନତାକୁ ପ୍ରୋତ୍ସାହିତ କରିବା ଦିଗରେ ଡିସିବିଏଲ୍‌ର ପ୍ରତିବଦ୍ଧତା ଉପରେ ମଧ୍ୟ ଗୁରୁତ୍ୱ ଦିଆଯାଇଥିଲା । କାର୍ଯ୍ୟକ୍ରମର ଦୁଇ ମୁଖ୍ୟ ବିଷୟ ମଧ୍ୟରେ ଲାଞ୍ଜିବେର୍ଣ୍ଣାରେ ଏକ ହକି କୋଚିଂ ସେଣ୍ଟର ଘୋଷଣା ଅନ୍ତର୍ଭୁକ୍ତ । ଏଥିସହିତ ଲାଞ୍ଜିବେର୍ଣ୍ଣାରେ ଦୀକ୍ଷା (ଡାଲମିଆ ଇନ୍‌ଷ୍ଟିଚ୍ୟୁଟ ଅଫ ନଲେଜ ଆଣ୍ଡ ସ୍କିଲ୍ ହାର୍ନେସିଂ) ସେଣ୍ଟରରେ ଜେନେରାଲ ଡ୍ୟୁଟି ଆସିଷ୍ଟାଣ୍ଟ ଏବଂ ସିଲେଇ ମେସିନ ଅପରେଟର ଭାବରେ ସଫଳତାର ସହିତ ତାଲିମ କାର୍ଯ୍ୟକ୍ରମ



ସମ୍ପୂର୍ଣ୍ଣ କରିଥିବା ୫୦ ଜଣ ଶିକ୍ଷାନବୀଶଙ୍କୁ ଅଫର ଲେଟର ପ୍ରଦାନ କରି ଡିସିବିଏଲ୍ କୁଶଳତା ବିକାଶ ନିମନ୍ତେ ନିଜର ପ୍ରତିବଦ୍ଧତାକୁ ପୁନଃସୁଦୃଢ କରିଥିଲା । ୨୦ ଜଣ ସିଲେଇ ମେସିନ ଅପରେଟର ଟ୍ରେନି ତାମିଲନାଡୁର ତିରୁପୁରସ୍ଥିତ କେପିଆର୍ ମିଲ୍ ଲିମିଟେଡରେ ଯୋଗଦେବାକୁ ଥିବାବେଳେ ୩୦ ଜଣ ଜେନେରାଲ ଡ୍ୟୁଟି ଆସିଷ୍ଟାଣ୍ଟ ଟ୍ରେନି ଲା ମ୍ୟାକ୍ଲିନ୍ ଇଣ୍ଡିଆ ଲିମିଟେଡ ଅଧୀନରେ ଏସିଆନ୍ ଇନଷ୍ଟିଚ୍ୟୁଟ ଅଫ ଗ୍ୟାଷ୍ଟ୍ରୋଏଣ୍ଟେରୋଲୋଜି ହସ୍ପିଟାଲ ହାଇଦ୍ରାବାଦରେ ଯୋଗଦେବେ । ସମ୍ବର୍ଦ୍ଧିତ ହୋଇଥିବା ସମସ୍ତ ଶିକ୍ଷାନବୀଶ ମହିଳା ଅଟନ୍ତି । କାର୍ଯ୍ୟକ୍ରମରେ ପ୍ରାକ୍ତନ ଭାରତୀୟ ମହିଳା ଫିଲ୍ଡ ହକି ଖେଳାଳି ତଥା ଅଲିମ୍ପିଆନ୍ ସୁଶ୍ରୀ ନମିତା ଟପ୍ପୋ ଏବଂ ତାଙ୍କ ସହିତ ସୁଶ୍ରୀ ଅଜ୍ଜିନା କୁଜୁର ମୁଖ୍ୟ ଅତିଥି ଭାବରେ ଯୋଗଦେଇ ସେମାନଙ୍କର ବହୁମୂଲ୍ୟ ଅନ୍ତର୍ଦୃଷ୍ଟି ପ୍ରଦାନ କରିଥିଲେ । ଏଥିସହିତ କାର୍ଯ୍ୟକ୍ରମରେ ଅନ୍ୟ ବିଶିଷ୍ଟ ଅତିଥିମାନଙ୍କ ମଧ୍ୟରେ ଗଣେଶ ଡବ୍ଲ୍ୟୁ ଜିରକୁଣ୍ଡୱାର ସିନିୟର ଏକ୍ଜିକ୍ୟୁଟିଭ ଡାଇରେକ୍ଟର ତଥା ନ୍ୟାସନାଲ ମାନୁଫାକ୍ଚରିଂ ହେଡ୍ ଡିସିବିଏଲ୍, ଚେତନ ଶ୍ରୀବାସ୍ତବ ଏକ୍ଜିକ୍ୟୁଟିଭ ଡାଇରେକ୍ଟର ଡିସିବିଏଲ୍, ଡଃ. ନିଳାଦ୍ରୀ ଭୂଷଣ ପାଢୀ ଏଇଡି ଡିସିବିଏଲ୍- ହେଡ୍ ଏଚଆର୍ ରାଜଗାଙ୍ଗପୁର, ଶ୍ରୀ ଓମ୍ପ୍ରକାଶ ଖେଜ୍ଜାର, ହେଡ୍- ଲାଞ୍ଜିବେର୍ଣ୍ଣା ମାଇନ୍ସ , ଶ୍ରୀମତୀ ପୁଷ୍ପା କେରକେଟ୍ଟା ସରପଞ୍ଚ କଟଙ୍ଗ ଗ୍ରାମ ପଞ୍ଚାୟତ, ସୁଶ୍ରୀ ଶିକ୍ଷା ଏକ୍କା ସମିତି ସଭ୍ୟ କୁକୁଡ଼ାମୁଣ୍ଡା ଏବଂ ଶ୍ରୀମତୀ ଶୁନୀତି ଧନୱାର ସମିତି ସଭ୍ୟ କଟଙ୍ଗ ଉପସ୍ଥିତ ଥିଲେ । ଏହି ଦିବସରେ ଏକାଧିକ ସାମାଜିକ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା ଯାହା ସେମାନଙ୍କ ନିଜ ସମୁଦାୟ ମଧ୍ୟରେ ଏକ ସକାରାତ୍ମକ ପରିବର୍ତ୍ତନକୁ ଆଗେଇନେବ। କ୍ଷେତ୍ରରେ ମହିଳାମାନଙ୍କର ଅଗ୍ରଣୀ ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲା ।

R.N.I. REGN. No. 65000/96 POSTAL REGN. No. OR/BN-32/12-14

ଅଷ୍ଟବିଂଶ ବର୍ଷ
ସଂଖ୍ୟା : ୧୫୫
ତିଥି : ଅମାବାସ୍ୟା
୦୯ ମାର୍ଚ୍ଚ ୨୦୨୪, ଶନିବାର
ଭୁବନେଶ୍ୱର
ପୃଷ୍ଠା-୧୨, ମୂଲ୍ୟ- ଟ.୫.୦୦

समय SAMAYA

ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXVI, No. 155
09 March 2024, Saturday
Bhubaneswar
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur | Jeypore

କଂଗ୍ରେସର ପ୍ରଥମ ୩୯ ଜଣିଆ ପ୍ରାର୍ଥୀ ତାଲିକା

ୱାୟନାଡ୍‌ରୁ ଲଢ଼ିବେ ରାହୁଲ

ନୂଆଦିଲ୍ଲୀ , ୮।୩ : ଆଗାମୀ ଲୋକସଭା ନିର୍ବାଚନ ଲାଗି କଂଗ୍ରେସର ପ୍ରଥମ ତାଲିକା ପ୍ରକାଶ ପାଇଛି । ୩୯ ଜଣିଆ ଏହି ତାଲିକାରେ ଓଡ଼ିଶାରୁ କାହା ନାମ ସ୍ଥାନିତ ହୋଇନାହିଁ । ରାହୁଲ ଗାନ୍ଧି କେରଳର ୱେୟନାଡ୍‌ରୁ ନିର୍ବାଚନ ଲଢିବେ ବୋଲି ଘୋଷଣା କରାଯାଇଥିଲା । ବେଳେ ଛତିଶଗଡର ପୂର୍ବତନ ମୁଖ୍ୟମନ୍ତ୍ରୀ ଭୂପେଶ ବଘେଲ ରାଜନନ୍ଦଗାଓଁରୁ ଏବଂ ଶଶୀ ଥରୁର ତିରୁଅନନ୍ତପୁରମ୍‌ରୁ ନିର୍ବାଚନ ଲଢିବେ ।

କଂଗ୍ରେସର ସାଧାରଣ ସମ୍ପାଦକ କେସି ବେଣୁଗୋପାଳ ଆଲା ପୂଜାରୁ ନିର୍ବାଚନ ଲଢିବା ପାଇଁ ସ୍ଥିର କରାଯାଇଥିଲା ବେଳେ ଡିକେ ସୁରେଶ ବେଙ୍ଗାଲୁରୁ ଗ୍ରାମୀଣ, କେ.ସୁଧାକର କନ୍ନରରୁ ନିର୍ବାଚନ ଲଢିବେ । ୩୯ ପ୍ରାର୍ଥୀଙ୍କ ମଧ୍ୟରୁ ୧୫ଜଣ ସାଧାରଣବର୍ଗରୁ ହୋଇଥିଲା ବେଳେ ୨୪ଜଣ ଅନୁସୂଚୀତ ଜାତି, ଜନଜାତି ଓ ସଂଖ୍ୟାଲଘୁରୁ ଅଛନ୍ତି । କଂଗ୍ରେସ ନେତୃତ୍ୱ ପକ୍ଷରୁ ପ୍ରାର୍ଥୀ ଚୟନ ବେଳେ ଜାତିଗତ ସମୀକରଣକୁ ବେଶ୍ ଗୁରୁତ୍ୱ ଦିଆଯାଇଛି । କେନ୍ଦ୍ରୀୟ ନିର୍ବାଚନ କମିଟିର ପ୍ରଥମ ବୈଠକ ଆଜି ସଭାପତି ମଲ୍ଲିକାର୍ଜୁନ ଖଡଗେଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା । ତେବେ ରାହୁଲ ଗାନ୍ଧିଙ୍କର ଦ୍ୱିତୀୟ ଆସନ ଆମେଥିରେ ଲଢିବା ନେଇ କଳ୍ପନାଜଳ୍ପନା ଲାଗି ରହିଛି । ପରବର୍ତ୍ତୀ ବୈଠକରେ ଅନ୍ୟ ରାଜ୍ୟ ସମ୍ପର୍କରେ ନିଷ୍ପତ୍ତି ନିଆଯିବ । କିଛି ସପ୍ତାହ ହେଲା ରାହୁଲ ଗାନ୍ଧି ଏବେ ଭାରତ ଯୋଡ ନ୍ୟାୟ ଯାତ୍ରାରେ ଆକ୍ରମଣାତ୍ମକ ଭଙ୍ଗୀରେ ନିର୍ବାଚନ ପ୍ରଚାର କରୁଛନ୍ତି । ୧୭ ତାରିଖରେ ଏହି ଯାତ୍ରା ସରିବ । ମୁମ୍ବାଇରେ ବଡ ସମାବେଶ ହେବ ଓ ଇଣ୍ଡିଆ ମେଣ୍ଟର ସବୁ ନେତାଙ୍କୁ ସେଠାକୁ ନିମନ୍ତ୍ରଣ କରାଯାଇଛି । କଂଗ୍ରେସ ପକ୍ଷରୁ ଏମ୍.ଏସ୍.ପି ଆଇନ, ଜାତିଗତ ଜନଗଣନା, ସାମାଜିକ ସୁରକ୍ଷା ଆଦି ପ୍ରତିଶ୍ରୁତି ଦିଆଯାଉଛି । ଏହାଛଡା ଯୁବକମାନଙ୍କ ଲାଗି ୫ ପ୍ରତିଶ୍ରୁତି ରହିଛି ।

ଏଲ୍‌ପିଜି ୧୦୦ ଟଙ୍କା କମିଲା

ନୂଆଦିଲ୍ଲୀ, ୮।୩ : ଆନ୍ତର୍ଜାତୀୟ ମହିଳା ଦିବସ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରନ୍ଧନ ଗ୍ୟାସ୍ ବା ଏଲ୍‌ପିଜି ମୂଲ୍ୟରେ ୧୦୦ଟଙ୍କା ହ୍ରାସ କରିଛନ୍ତି । ପ୍ରଧାନମନ୍ତ୍ରୀ ସୋସିଆଲ୍ ମିଡିଆରେ ଏହି ଘୋଷଣା କରିଛନ୍ତି । ସେ ଉଲ୍ଲେଖ କରିଛନ୍ତି ଯେ, ଆଜି ହେଉଛି ମହିଳା ଦିବସ । ଆମ ସରକାର ଏଲ୍‌ପିଜି ସିଲିଣ୍ଡର ମୂଲ୍ୟକୁ ୧୦୦ ଟଙ୍କା ହ୍ରାସ କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି । ବିଶେଷ କରି ଏହା ଦେଶର ଲକ୍ଷାଧିକ ପରିବାରଙ୍କ ଉପରେ ଆର୍ଥିକ ବୋଝ କମାଇବ ଏବଂ ନାରୀଶକ୍ତି ଲାଗି ଏହା ଲାଭଦାୟକ ହେବ । ମହିଳାମାନଙ୍କୁ ସଶକ୍ତ କରିବା ପାଇଁ ଆମର ପ୍ରତିବଦ୍ଧତା ରହିଛି ଓ ସେମାନଙ୍କୁ ସହଜ ଜୀବନଧାରଣ ଲାଗି ପଦକ୍ଷେପ ନିଆଯାଉଛି । ୧୪.୨କେଜି ଏଲ୍‌ପିଜି ସିଲିଣ୍ଡର ଏବେ ଦିଲ୍ଲୀରେ ୯୦୦ ଟଙ୍କାରେ ମିଳୁଛି । ଇତିମଧ୍ୟରେ ଉଜ୍ଜ୍ୱଳା ଯୋଜନାରେ ଦିଆଯାଉଥିବା ସିଲିଣ୍ଡରରେ ୩୦୦ ଟଙ୍କା ରିହାତି ମିଳୁଛି । ଏହାକୁ ମଧ୍ୟ ବର୍ଷକ ଲାଗି ବୃଦ୍ଧି କରାଯାଇଛି ।

ଆଇଟି ଟ୍ରିବ୍ୟୁନାଲରେ କଂଗ୍ରେସ ଆବେଦନ ଖାରଜ

ନୂଆଦିଲ୍ଲୀ, ୮।୩ : ଲୋକସଭା ନିର୍ବାଚନର କିଛିମାସ ପୂର୍ବରୁ କଂଗ୍ରେସକୁ ଧକ୍କା ଲାଗିଛି । ଆୟକର ଆପିଲେଟ୍ ଟ୍ରିବ୍ୟୁନାଲ ଦଳ ପକ୍ଷରୁ ସେମାନଙ୍କ ବ୍ୟାଙ୍କ ଆକାଉଣ୍ଟକୁ ବନ୍ଦ କରିବା ନେଇ ଯେଉଁ ନିଷ୍ପତ୍ତି ନିଆଯାଇଥିଲା ତା'ବିରୋଧରେ ଦାଏର ମାମଲାକୁ ଖାରଜ କରିଛନ୍ତି । ଆଇଟି ପକ୍ଷରୁ କଂଗ୍ରେସର ଜମାଖାତାକୁ ବନ୍ଦ କରି ଦିଆଯାଇଥିଲା । ବିଭିନ୍ନ ସୂତ୍ରରୁ ଦଳ ଆଣିଥିବା ଚାନ୍ଦା ଲାଗି ୨୧୦ କୋଟି ଟଙ୍କାର ଆୟକର ଦେବା ଲାଗି ଦାବି କରାଯାଇଛି । କଂଗ୍ରେସ ଆଇନ ସେଲ୍‌ର ମୁଖ୍ୟ (୯ ପୃଷ୍ଠାରେ)

ପୂର୍ବ ବିବାଦକୁ ନେଇ ଗୋଷ୍ଠୀ ସଂଘର୍ଷ, ୧୦ ଆହତ

ବାଲୁଗାଁ, ୮।୩ (ସବ୍ୟୁ) : ବାଲୁଗାଁ ଥାନା ଅଧିନ ଧୂଆଁଳ ଏବଂ କୋତରୀ ଗ୍ରାମ ମଧ୍ୟରେ ଅବସ୍ଥାପିତ ଶ୍ରୀଶ୍ରୀ ଧବଳେଶ୍ୱର ଦେବଙ୍କ ପୀଠରେ ପବିତ୍ର ମହାଶିବରାତ୍ରି ଅବସରରେ ପୂର୍ବ ବିବାଦକୁ କେନ୍ଦ୍ର କରି ଗୋଷ୍ଠୀ ସଂଘର୍ଷ ଘଟିଯାଇଛି । ଏହି ଘଟଣାରେ ଉଭୟ ଧୂଆଁଳ ଏବଂ କୋତରୀ ଗ୍ରାମର ୧୦ଜଣ ଆହତ ହୋଇଛନ୍ତି । ସେମାନଙ୍କ ମଧ୍ୟରୁ ଦୁଇ ଜଣଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ ଅଧିକ ଚିକିତ୍ସା ପାଇଁ ବ୍ରହ୍ମପୁର ସ୍ଥାନାନ୍ତର କରାଯାଇଥିବା ଜଣାଯାଇଛି । ଅନ୍ୟପକ୍ଷରେ ପରିସ୍ଥିତି ଉତ୍ତେଜନାପୂର୍ଣ୍ଣ ଥିବାରୁ ଘଟଣାସ୍ଥଳରେ ବ୍ୟାପକ ପୁଲିସ୍ ମୁତୟନ କରାଯାଇଛି । ଘଟଣାକୁ ନଜରରେ ରଖି ଜାଗର ଦୀପ ଜାଳିବା ପାଇଁ ମନ୍ଦିର ପରିସରରେ ଶ୍ରଦ୍ଧାଳୁଙ୍କୁ ବାରଣ କରାଯାଇଛି । ପରମ୍ପରା ଅନୁଯାୟୀ କେବଳ ଠାକୁରଙ୍କ ପୂଜା ନୀତିକାନ୍ତି ସଂପର୍ଣ୍ଣ ନିମନ୍ତେ ପୁଲିସ୍ ପ୍ରଶାସନ ପକ୍ଷରୁ ମନ୍ଦିର ପରିଚାଳନା କମିଟିକୁ ନିର୍ଦ୍ଦେଶ ଦିଆଯାଇଛି । ଖବର ନେବାରେ ଜଣାଯାଇଛି ଯେ, କେଉଁ ଆବାହନ କାଳରୁ ଧବଳେଶ୍ୱର ଦେବଙ୍କ ମନ୍ଦିର ପ୍ରତିଷ୍ଠା ହୋଇ ପୂଜା ପାଇଆସୁଛନ୍ତି । ତେବେ ଗତ କିଛି ବର୍ଷ ହେଲା ମନ୍ଦିରର (୯ ପୃଷ୍ଠାରେ)

ଶିଳାନ୍ୟାସ ଫଳକ ଭାଙ୍ଗିଲେ ଗ୍ରାମବାସୀ

ରାୟଗଡା,(ସବ୍ୟୁ): ଶ୍ମଶାନ ସ୍ଥାନରେ ତେନ୍ତୁଳି ପ୍ରକ୍ରିୟା କରଣ ୟୁନିଟର ଶିଳାନ୍ୟାସ କଲେ ମନ୍ତ୍ରୀ ଜଗନ୍ନାଥ ସାରକା । ଗ୍ରାମବାସୀ ଶିଳାନ୍ୟାସ ଫଳକ ଭାଙ୍ଗିବା ସହ ରାସ୍ତା ଅବରୋଧ କଲେ କୋଟାପେଟା ଗ୍ରାମବାସୀ। ଆମ ଶ୍ମଶାନକୁ ମଧ୍ୟ ଛାଡ଼ିଲେନି ମନ୍ତ୍ରୀ। କାହିଁ କେତେ ବର୍ଷ ହେଲା ଏହି ସ୍ଥାନକୁ ଶ୍ମଶାନ ଭାବେ କୋଟପେଟା ଗ୍ରାମର ରେଲି ସାହି ବାସିନ୍ଦା ବ୍ୟବହାର କରୁଥିବା ବେଳେ ଆଦିବାସୀ କଲ୍ୟାଣ ତଥା ଆଇନ୍ ମନ୍ତ୍ରୀ ଜଗନାଥ ସାରକା । ଗୁରୁବାର ଭାକୁରଗୁଡ଼ା ଉଦ୍ୟାନ ବିଭାଗ ନର୍ସରୀ ନିକଟରେ ଏକ ତେନ୍ତୁଳି ପ୍ରକ୍ରିୟା କରଣ ପାଇଁ ୨୪.୯୧ କୋଟି ଟଙ୍କା ବ୍ୟୟରେ ଏକ ପ୍ରକଳ୍ପର ଶିଳାନ୍ୟାସ କରିଥିଲେ। ଉକ୍ତ ସ୍ଥାନରେ କୋଟାପେଟା ଗ୍ରାମବାସୀ ସେମାନେ ବର୍ଷ ବର୍ଷ ପୂର୍ବରୁ ନିଜର ସମାଧି ସ୍ଥଳ ଭାବେ ବ୍ୟବହାର କରୁଛନ୍ତି। ତେବେ ସେ ସ୍ଥାନରେ କିଭଳି ମନ୍ତ୍ରୀ ଏହି ପ୍ରକଳ୍ପର ଶିଳାନ୍ୟାସ କଲେ ବୋଲି ପ୍ରଶ୍ନ କରିବା ସହ ଶହ ଶହ ସଂଖ୍ୟାରେ ଗ୍ରାମବାସୀ ଉକ୍ତ ସ୍ଥାନରେ ପହଞ୍ଚି ମନ୍ତ୍ରୀଙ୍କ ଦ୍ୱାରା ଉନ୍ମୋଚନ କରାଯାଇଥିବା ଶିଳା ପ୍ରସ୍ତରକୁ ଭାଙ୍ଗିଦେବା ସହ ଏହାର ଶୀଘ୍ର ସମାଧାନ କରିବାକୁ ଦାବି କରିଥିଲେ । ନଚେତ ଆଗାମୀ ସଧାରଣ ନିର୍ବାଚନରେ ଭୋଟ ବର୍ଜନ କରିବା ସହ ସମସ୍ତ ଗ୍ରାମବାସୀ ରାସ୍ତାରୋକ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି ।

ପଶ୍ଚିମ ଓଡ଼ିଶାର ଶୈବପୀଠରେ ବ୍ୟାପକ ଜନଗହଳି

ସମ୍ବଲପୁର,(ସବ୍ୟୁ):ପବିତ୍ର ମହାଶିବରାତ୍ରୀ ଅବସରରେ ପଶ୍ଚିମ ଓଡ଼ିଶାର ଶୈବପୀଠଗୁଡ଼ିକ ଚଳଚଞ୍ଚଳ ହୋଇ ଉଠିଛି। ଆଜି ଭୋରରୁ ଶିବାଳୟ ଗୁଡିକରେ ଭକ୍ତମାନଙ୍କ ସମାଗମ ପରିଲକ୍ଷିତ ହୋଇଥିଲା । ମଧ୍ୟରାତ୍ରରେ ଜାଗର ଉଠିବା ପର୍ଯ୍ୟନ୍ତ ବ୍ୟାପକ ଜନଗହଳି ଦେଖିବାକୁ ମିଳିଥିଲା । ଶିବରାତ୍ରୀ ପାଇଁ ବିଭିନ୍ନ ସ୍ଥାନରେ ଭଜନ ଓ କୀର୍ତ୍ତନ କାର୍ଯ୍ୟକ୍ରମମାନ ମଧ୍ୟ ଅନୁଷ୍ଠିତ ହୋଇଥିଲା । ଏଥିପାଇଁ ମନ୍ଦିର ଗୁଡିକୁ ପୂର୍ବରୁ ନୂଆରଙ୍ଗରେ ରଞ୍ଜିତ କରାଯାଇଥିଲା । ରଙ୍ଗବେରଙ୍ଗ ଫୁଲ , ତୋରଣ ଓ ରଙ୍ଗୀନ ଆଲୋକମାଳା ସଜ୍ଜିତ କରାଯାଇଛି। ଶିବ ପଞ୍ଚାକ୍ଷରୀ ମନ୍ତ୍ରରେ ପୂଜାର୍ଚ୍ଚନା ଯୋଗୁଁ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଥିଲା ।

ପଶ୍ଚିମଓଡିଶାରେ ଶୈବ, ଶାକ୍ତ ଓ ବୈଷ୍ଣବ ଧର୍ମର ସମନ୍ୱୟ କେଉଁ କାଳରୁ ରହିଆସିଛି। ବିଭିନ୍ନ ଗ୍ରାମରେ ଏହି ତିନି ସମ୍ପ୍ରଦାୟର ଆରାଧନା ପୀଠରେ ବର୍ଷତମାମ ଯାନିଯାତ୍ରା ଲାଗି ରହିଥାଏ। ଅବିଭକ୍ତ ସମ୍ବଲପୁର ଜିଲ୍ଲାର ବିଭିନ୍ନ ସ୍ଥାନରେ ଶହ ଶହ ବର୍ଷ ଆଗରୁ ରାଜାରାଜୁଡ଼ା ସମୟରେ ଅଷ୍ଟଶମ୍ଭୁ ପୀଠ ବିକଶିତ ହୋଇଥିଲା । ସମ୍ବଲପୁର ଜିଲ୍ଲାର ହୁମା ଓ ମାନେଶ୍ୱର, ବରଗଡ଼ ଜିଲ୍ଲାର ଗାଇସମା, ଅମ୍ବାଭୋନା, ସରଣ୍ଡା, ସୋର୍ଣ୍ଣା, ଦେଓଗାଁ ଏବଂ ନିଲଜୀ ଠାରେ ରହିଛି। ଅମ୍ବାଭୋନାର ଶମ୍ଭୁ କେଦାରନାଥ ନାମରେ ପୂଜା ପାଆନ୍ତି। ନିଲଜୀରେ ନୀଳକଣ୍ଠେଶ୍ୱର, ଦେଓଗାଁରେ ବୈଦ୍ୟନାଥ, ସରଣ୍ଡାରେ ବିଶ୍ୱେଶ୍ୱର, ଗାଇସମାରେ ବାଲୁଙ୍କେଶ୍ୱର, ସୋର୍ଣ୍ଣାରେ ସ୍ୱପ୍ନେଶ୍ୱର, ମାନେଶ୍ୱରରେ ମାନ୍ଧାତା ଏବଂ ହୁମାରେ ବିମଳେଶ୍ୱର ବାବା ପୂଜିତ ହୁଅନ୍ତି। ପ୍ରାୟ ୧୫୪୯ ମସିହାରୁ ଚୌହାନମାନଙ୍କ ଶାସନ କାଳରେ ଏହି ମନ୍ଦିରଗୁଡ଼ିକ ନିର୍ମିତ ହୋଇଥିଲା । ସେହିପରି ସମ୍ବଲପୁରର ବାଲିବନ୍ଧାର ସୋମନାଥ, ବୁଢ଼ାରଜାର କୋଶଳେଶ୍ୱର, ଯୁଯୁମୁରାର କଙ୍କେଶ୍ୱର, ବଡ଼ରମାର ମୁକ୍ତେଶ୍ୱର, ବୁର୍ଲାର ଈଶାନେଶ୍ୱର, ମନ୍ଦଲିଆର ଗୁଡ଼େଶ୍ୱର, ମୁଦିପଡ଼ାର ଜାଗେଶ୍ୱର, ଫାଟକର ମହାକାଳେଶ୍ୱର, ଭତରାର ସ୍ୱପ୍ନେଶ୍ୱର, ଧନକଉଡ଼ାର ଚନ୍ଦ୍ରଶେଖର, ପଡ଼ିଆବାହାଲର ନୀଳକଣ୍ଠେଶ୍ୱର, ଝାଡୁଆପଡ଼ାର ଲୋକନାଥ,ନନ୍ଦପଡ଼ାର ବମ୍ବରାଡ଼ ବାଲୁଙ୍କେଶ୍ୱର, ଗେଇଟୀରୋଡ଼ର ଭୁବନେଶ୍ୱର, ବଡ଼ବଜାରର ଶୀତଳେଶ୍ୱର, ମ୍ୟୁନିସିପାଲଟି ଛକର ଗୁପ୍ତେଶ୍ୱର, ଜିଲ୍ଲାସ୍କୁଲ ଛକର ବିଶ୍ୱନାଥ, ପୋଲିସ ଲାଇନର ବିଶ୍ୱେଶ୍ୱର ପ୍ରଭୃତି ଶୈବପୀଠଗୁଡ଼ିକ ମଧ୍ୟ ମହାଶିବରାତ୍ରି ପାଇଁ ଚଳଚଞ୍ଚଳ ହୋଇଉଠିଛି। ଏହାକୁ ଦୃଷ୍ଟିରେ ରଖି ଧାଡି ଦର୍ଶନ ବ୍ୟବସ୍ଥା କରାଯାଇଛି । ଏଥିସହ ବ୍ୟାପକ ପୋଲିସ ମୁତୟନ କରାଯାଇଛି ।

ତେଲିଙ୍ଗିରୀ କେନାଲ ସମ୍ପ୍ରସାରଣ ଦାବି କଲେ ଗ୍ରାମବାସୀ

କୋରାପୁଟ,(ସବ୍ୟୁ): କୋରାପୁଟ ଜିଲ୍ଲାର ବୋରିଗୁମ୍ମା ବ୍ଲକ ଅନ୍ତର୍ଗତ ମୁଞ୍ଜା, କୁମୁଲି ଓ କାଠରଗଡା ପଞ୍ଚାୟତ ବାସୀ ମାନେ ତେଲିଙ୍ଗିରୀ କେନାଲ ସଂପ୍ରସାରଣ କରିବାକୁ ଦାବି କରିଛନ୍ତି । ଜିଲ୍ଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଛନ୍ତି। ଅତିରିକ୍ତ ଜିଲ୍ଲାପାଳ ସୋମନାଥ ପ୍ରଧାନ ଦାବିପତ୍ର ଗ୍ରହଣ କରିଥିଲେ। କୁମୁଲି ଓ କାଠରଗଡା ପଞ୍ଚାୟତର କିଛି ଗ୍ରାମ ଏବଂ ମୁଞ୍ଜା ପଞ୍ଚାୟତର ସମସ୍ତ ଗ୍ରାମ ଜଳସେଚନ ସୁବିଧାରୁ ବଂଚିତ ହେଉଥିବା ସୁରେନ୍ଦ୍ର କୁମାର ତ୍ରିପାଠୀ କହିଛନ୍ତି । ଯଦି ଜଳସେଚନ ସୁବିଧା କରା ନ ଯାଏ ତେବେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବାକୁ ବାଧ ହେବୁ ବୋଲି ସେ କହିଛନ୍ତି। ଏହି ଅଞ୍ଚଳର ଅଧିକାଂଶ ବାସିନ୍ଦା କେବଳ ଚାଷ ଉପରେ ନିର୍ଭରଶୀଳ । ଅନେକ ଥର ବର୍ଷା ଜଳର ଅଭାବ ହେତୁ ମରୁଡ଼ି ପରିସ୍ଥିତି ଏବଂ ଆର୍ଥିକ ସଙ୍କଟର ସମ୍ମୁଖୀନ ହେଉଛୁ ଯାହା ଆମର ଆର୍ଥିକ ସ୍ଥିତିକୁ ଦୁର୍ବଳ କରିଦେଉଛି ବୋଲି ବୋରିଗୁମ୍ମା ବ୍ଲକ ଜିଲ୍ଲା ପରିଷଦ ଜୋନ ତିନି ସଦସ୍ୟ ପିଂକୁ ଶତପଥି କହିଛନ୍ତି। ଏପରିକି ହାତ ଓ କୃଷି ଋଣ ପରିଶୋଧ କରିବାରେ ଗ୍ରାମବାସୀ ମାନେ ଅସମର୍ଥ ହୋଇ ପଡୁଛନ୍ତି। ତେଲିଙ୍ଗିରୀ ଜଳସେଚନ ପ୍ରକଳ୍ପ ନିର୍ମାଣ ପ୍ରକ୍ରିୟା ସମୟରେ, ଜଳସେଚନ ଉଦ୍ଦେଶ୍ୟରେ ଆମ ଜମିକୁ କେନାଲ ଜଳ ଯୋଗାଇବାକୁ ଅଧିକାରୀମାନେ ଆମକୁ ଆଶ୍ୱାସନା ଦେଇଥିଲେ। କିନ୍ତୁ ତେଲିଙ୍ଗିରୀ ଜଳସେଚନ ପ୍ରକଳ୍ପରୁ ଜଳସେଚନ ହେବାକୁ ଥିବା ଗ୍ରାମ ତାଲିକାରୁ ଆମ ଗାଁକୁ ବାଦ ଦିଆଯାଇଥିବା ଶ୍ରୀ ଶତପଥି ଅଭିଯୋଗ କରିଛନ୍ତି। ପ୍ରକଳ୍ପର ଉପର ପାର୍ଶ୍ୱରେ ଅବସ୍ଥିତ ଆମ ଜମିରେ ଜଳସେଚନ କେନାଲର ସମ୍ପ୍ରସାରଣ ପାଇଁ ଆମେ ଜଳସେଚନ ପ୍ରକଳ୍ପର ଅଧିକାରୀଙ୍କ ନିକଟକୁ ମଧ ଯାଇଛୁ କିନ୍ତୁ ଆମର ଦାବି ଶୁଣାଯାଇ ନାହିଁ ବୋଲି ସେ କହିଛନ୍ତି। ତେଣୁ ଜଳସେଚନ ନିମନ୍ତେ କେନାଲ ସଂପ୍ରସାରଣ କରିବାକୁ ଦାବି କରାଯାଇଛି। ଯଦି କେନାଲ ସଂପ୍ରସାରଣ କରା ନ ଯାଏ ତେବେ ଗ୍ରାମବାସୀ ଆନ୍ଦୋଳନ କରିବାକୁ ବାଧ୍ୟ ହେବେ ବୋଲି ସେ କହିଛନ୍ତି। କୃଷକ ମାନଙ୍କ ବିକାଶ ପାଇଁ ରାଜ୍ୟ ସରକାର ସଦା ସର୍ବଦା କାର୍ଯ୍ୟ କରୁଛନ୍ତି । ଜଳସେଚନ ସୁବିଧା ନିମନ୍ତେ ଉକ୍ତ ଗ୍ରାମଗୁଡିକରେ କେନାଲ ସମ୍ପ୍ରସାରଣ କରିବାକୁ ତେଲିଙ୍ଗିରୀ ଜଳସେଚନ ମୁଖ୍ୟ ଯନ୍ତ୍ରୀଙ୍କୁ କୁହାଯିବ ବୋଲି ଅତିରିକ୍ତ ଜିଲ୍ଲାପାଳ ତଥା ଭାରପ୍ରାପ୍ତ ଜିଲ୍ଲାପାଳ ସୋମନାଥ ପ୍ରଧାନ କହିଛନ୍ତି।

ସ୍ୱର୍ଗତ ରମେଶ ଚନ୍ଦ୍ର ଗୁରୁଙ୍କ ଦୁଇ ଲକ୍ଷ ଟଙ୍କା ଦାନ

ବରଗଡ଼,(ସବ୍ୟୁ): ବିଶିଷ୍ଟ କମ୍ୟୁନିଷ୍ଟ ନେତା ସ୍ୱର୍ଗତ ରମେଶ ଚନ୍ଦ୍ର ଗୁରୁଙ୍କ ସମ୍ପୂର୍ଣ୍ଣ ଜମା ପୁଞ୍ଜି ଦୁଇ ଲକ୍ଷ ଟଙ୍କାକୁ ତାଙ୍କ ଭଣଜା କିଶୋର ପଣ୍ଡା ଦାନ କରିଛନ୍ତି। ଆନ୍ତର୍ଜାତୀୟ ମହିଳା ଦିବସ ଅବସରରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଜଣେ ଛାତ୍ରୀ ରୋଶନୀ ରାଉତଙ୍କୁ ଏହି ଅର୍ଥ ପ୍ରଦାନ କରାଯାଇଛି । ବିଶିଷ୍ଟ ସଂଗ୍ରାମୀ ଜନସାଥୀ ଲେଙ୍ଗୁ ମିଶ୍ରଙ୍କ ପତ୍ନୀ ଯଶୋଦା ମିଶ୍ର ଚେକ୍ ପ୍ରଦାନ କରିଥିବା ବେଳେ ସମାଜସେବୀ ଗୀତା ମିଶ୍ର ଉପଢୌକନ ଦେଇ ଏବଂ ବରଗଡ ମହିଳା ସମିତିର ସଭାନେତ୍ରୀ ରାଧାରାଣୀ ମିଶ୍ର ପୁଷ୍ପଗୁଚ୍ଛ ଦେଇ ଶୁଭେଚ୍ଛା ଜଣାଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ସିପିଆଇ ବରଗଡ଼ ଜିଲ୍ଲା ସମ୍ପାଦକ ନିରଞ୍ଜନ ପାଣିଗ୍ରାହୀ, ବରଗଡ଼ ମହିଳା ସମିତି ର ମମତା ମିଶ୍ର, ସନ୍ଧ୍ୟାରାଣୀ ମିଶ୍ର, ବରିଷ୍ଠ ସାମ୍ବାଦିକ ପ୍ରସନ୍ନ କୁମାର ମିଶ୍ର, ବିଜୟ କୁମାର ମିଶ୍ର, ସନ୍ତୋଷ ରାଉତ, ସରୋଜ ପୁଝାରୀ, ନନ୍ଦ କୁମାର ମିଶ୍ର ପ୍ରମୁଖ ଯୋଗଦେଇଥିଲେ । ସମାଜରେ ଝିଅ ମାନଙ୍କୁ ଉଚ୍ଚ ଶିକ୍ଷାରୁ ବଞ୍ଚିତ ହେବାକୁ ନଦେବା ପାଇଁ ଏହା ଏକ ଅନନ୍ୟ ପ୍ରେରଣାଦାୟୀ ଉଦାହରଣ ହୋଇ ରହିବ ବୋଲି ସମସ୍ତେ ମତପ୍ରକାଶ କରିଥିଲେ ।

ପେକ୍ସ କର୍ମଚାରୀଙ୍କ ୩ ଦଫା ଦାବି ନେଇ ଆନ୍ଦୋଳନ

ବଲାଙ୍ଗିର,(ସବ୍ୟୁ): ଗତ ୧ ତାରିଖରୁ ଅଲ ଓଡିଶା ପେକ୍ସ ଏବଂ ଲେମସ୍ କର୍ମଚାରୀ ଫେଡେରେସନ ବଲାଙ୍ଗିର ଶାଖା ପକ୍ଷରୁ କାର୍ଯ୍ୟବନ୍ଦ ଆନ୍ଦୋଳନ ଚଲାଇଛନ୍ତି। ଏହି ଆନ୍ଦୋଳନ ୩ ଦଫାଦାବୀକୁ ନେଇ ହେଉଛି। ୨୭୦୮ ପେକ୍ସର କର୍ମଚାରୀଙ୍କୁ କ୍ୟାଡରଭୁକ୍ତ କରାଯାଉ। ସପ୍ତମ ବେତନ ଲାଗୁ କରାଯାଉ, ସପ୍ତମ ବେତନ ହିସାବରେ ଡି.ଏ. ୨୩୦% କୁ ବୃଦ୍ଧି କରାଯାଉ ଆଦି ଦାବି ରହିଛି । ବଲାଙ୍ଗିର ଡିଆରସିଏସ୍ କାର୍ଯ୍ୟାଳୟ ଚାଲିଥିବା ଏହି ଆନ୍ଦୋଳନରେ ବଲାଙ୍ଗିର ଶାଖାର ସଭାପତି ପ୍ରଦୀପ ଗୁରୁ ଉପସ୍ଥିତ ରହି ଦାବି ପୁରଣ ନ ହେବା ପର୍ଯ୍ୟନ୍ତ ଅନିର୍ଦ୍ଦିଷ୍ଟ ଦିନ ଯାଏ ଆନ୍ଦୋଳନ ଚାଲିବ ବୋଲି କହିଛନ୍ତି। ସମ୍ପାଦକ ମୋହନ ସାହୁ, ସୁଦର୍ଶନ ଭୋଇ ମଞ୍ଚାସୀନ ହୋଇ ନିଜର ବକ୍ତବ୍ୟ ରଖିଥିଲେ। ଆନ୍ଦୋଳନରେ ଅବିଭକ୍ତ ବଲାଙ୍ଗିରର ସମସ୍ତ ପେକ୍ସ କର୍ମଚାରୀ ମାନେ ଉପସ୍ଥିତ ଥିଲେ। ରାଜ୍ୟସାରା ଚାଲିଥିବା ଏହି ଆନ୍ଦୋଳନ ୨୭୦୮ ପେକ୍ସର କର୍ମଚାରୀ ମାନେ ବିଭିନ୍ନ ସ୍ଥାନରେ ଆନ୍ଦୋଳନରତ ଅଛନ୍ତି।

ଶୈବପୀଠରେ ଭକ୍ତଙ୍କ ଜାଗର

ଗୁଣୁପୁର, (ସ ବ୍ୟୁ)-ପବିତ୍ର ଶିବରାତ୍ରୀ ପାଳନ ପାଇଁ ଚଳଚଞ୍ଚଳ ହୋଇ ପଡ଼ିଛି ଗୁଣୁପୁର ସହରଛ ଏହି ଅବସରରେ ବିଭିନ୍ନ ଶୈବପୀଠରେ ଆଲୋକ ମାଳାରେ ସଜ୍ଜିତ କରାଯାଇଛି ଏବଂ ପୂଜାର୍ଚ୍ଚନା ଓ ପ୍ରସାଦ ସେବନର ଆୟୋଜନ କରାଯାଇଛି ଛ ବିଭିନ୍ନ ଶୈବପୀଠରେ ମନ୍ଦିର ପରିଚାଳନା କମିଟି ଓ ସ୍ଥାନୀୟ ପ୍ରଶାସନ ମିଳିତ ସହଯୋଗରେ ଶାନ୍ତି ଶୃଙ୍ଖଳାର ସହ ଶ୍ରଦ୍ଧାଳୁମାନେ ମହାଦେବଙ୍କ ପୂଜାର୍ଚ୍ଚନା ଓ ଦର୍ଶନକରି ପାରିଛନ୍ତି ଛ ବିଭିନ୍ନ ଶୈବପୀଠରେ ଜାଗର ଯାତ୍ରା ନିମନ୍ତେ ସାଂସ୍କୃତିକ ଓ ଭଜନ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛିଛ ଗୁଣୁପୁର ସହରରେ ଥିବା ଶେଫାଳି ପାହାଡ଼ ଉପରେ ଥିବା ଶୈବ ପୀଠ, ବାଘୁଆ ଦେଉଳ ଶିବ ମନ୍ଦିର, ଶିବାନନ୍ଦ ମନ୍ଦିର ଭିତରେ ଥିବା ଶିବ ମନ୍ଦିର, ଦକ୍ଷୀଣ କାଳି ମନ୍ଦିର ପରିସରରେ ଥିବା ଶିବ ଲିଙ୍ଗ, ବିକ୍ରମପୁର୍ ଠାରେ ଥିବା ଦ୍ୱାଦଶ ଜ୍ୟୋତ୍ରିଲିଙ୍ଗ ଦର୍ଶନ ପାଇଁ ଦିନ ତମାମ ଭକ୍ତମାନଙ୍କ ଭିଡ ଦେଖିବାକୁ ମିଳିଛି।

ଶିବ ଜୟନ୍ତୀ ମହୋତ୍ସବ ପାଳିତ

ସମ୍ବଲପୁର,(ସବ୍ୟୁ): ସମ୍ବଲପୁର ଦାନୀବନ୍ଧ ସ୍ଥିତ ଶିବ ଦର୍ଶନ ଭବନ ଠାରେ ପ୍ରଜାପିତା ବ୍ରହ୍ମାକୁମାରୀ ପକ୍ଷରୁ ୮୮ତମ ଶିବ ଜୟନ୍ତୀ ମହୋତ୍ସବ ପାଳିତ ହୋଇଯାଇଛି । ବ୍ରହ୍ମାକୁମାରୀ ସମ୍ବଲପୁର ନିର୍ଦ୍ଦେଶିକା ରାଜଯୋଗିନୀ ପାର୍ବତୀ ଯୋଗ ଦେଇ ଏହି ମହୋତ୍ସବର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ । ଉତ୍ତରାଞ୍ଚଳ ପୋଲିସ ଆଇଜି ହିମାଂଶୁ ଲାଲ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଆଚରଣକୁ ଶୁଦ୍ଧ କରିବା ଆବଶ୍ୟକ । ଭଗବାନଙ୍କ ଠାରେ ବିଶ୍ୱାସ କରି ପ୍ରତିଟି କର୍ମ କରିବା ବାଞ୍ଛନୀୟ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର କୁଳପତି ଏନ୍. ନାଗାରାଜୁ ଓ ସମ୍ବଲପୁର ରେଳ ମଣ୍ଡଳର ଏଡିଆରଏମ୍ ଆନନ୍ଦ ସିଂ ଯୋଗ ଦେଇ ଏହି ଦିବସର ମାହାତ୍ମ ସମ୍ପର୍କରେ କହିଥିଲେ । ବ୍ରହ୍ମାକୁମାରୀ ଆରତୀ ମଞ୍ଚ ପରିଚାଳନା କରିଥିଲେ । ବ୍ରହ୍ମାକୁମାରୀ ଦୀପା ଏହି ଅବସରରେ ଯୋଗାଭ୍ୟାସ କରାଇଥିଲେ । ଏଥିରେ କୁମାରୀ ଫାଲଗୁନୀ ଓ ହିମାଙ୍ଗୀ ଏବଂ ବିଘ୍ନେଶ ନୃତ୍ୟ ପରିବେଷଣ କରିଥିଲେ ।

ମୁରିବାହାଲ : ବ୍ଲକ୍‌ର ବିଭିନ୍ନ ବିଦ୍ୟାଳୟରେ ମୋ ସ୍କୁଲ ଉତ୍ସବ

ମୁରିବାହାଲ,(ସବ୍ୟୁ): ବଲାଙ୍ଗିର ଜିଲ୍ଲା ମୁରିବାହାଲ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟରେ ବିଦ୍ୟାଳୟସ୍ତରୀୟ ମୋ ସ୍କୁଲ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ସୁନୀଲ କୁମାର ପାତ୍ରଙ୍କ ତତ୍ତ୍ୱାବଧାନରେ ତଥା ସ୍କୁଲ ଆଲୁମନି କମିଟି ସଭାପତି ତଥା ଡିଗ୍ରୀ କଲେଜର ଓଡ଼ିଆ ଅଧ୍ୟାପକ ଘନଶ୍ୟାମ ଖମାରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ମୁରିବାହାଲ ବ୍ଲକ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ହୀରା ସିଂ ମାଝୀ ମୁଖ୍ୟ ଅତିଥି ରୂପେ ଯୋଗଦେଇଥିଲେ। ପୁରାତନ ଛାତ୍ର ଅଗସ୍ତି ବଘାର, ଆଇନଜିବୀ ସୁଦାମ ଚରଣ ବଘାର,ବରିଷ୍ଠ ସାମ୍ବାଦିକ ଦୁର୍ଗାନନ୍ଦ ମହାକୁର, ବରିଷ୍ଠ ସହକାରୀ ଶିକ୍ଷୟିତ୍ରୀ ରଶ୍ମିଲତା ପାତ୍ର ସମ୍ମାନିତ ଅତିଥି ରୂପେ ଯୋଗଦେଇ ମୋ ସ୍କୁଲ ଉତ୍ସବ ପାଳନ ଓ କିପରି ଏହି କାର୍ଯ୍ୟକ୍ରମରେ ଅଧିକରୁ ଅଧିକ ସଂଖ୍ୟକ ପୁରାତନ ଛାତ୍ରଛାତ୍ରୀ ଯୋଗଦେବେ ସେ ସମ୍ପର୍କରେ ଆଲୋକପାତ କରିଥିଲେ। ପରେ ସମସ୍ତ ପୁରାତନ ଛାତ୍ରଙ୍କୁ ମୁଖ୍ୟମନ୍ତ୍ରୀଙ୍କ ପ୍ରଶଂସା ପତ୍ର ବଣ୍ଟନ କରାଯାଇଥିଲା। ସହକାରୀ ଶିକ୍ଷକ ହେମନ୍ତ ନାଗ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଏଥିରେ ବହୁ ପୁରାତନ ଛାତ୍ର, ହାଇସ୍କୁଲର ସମସ୍ତ ଶିକ୍ଷକ,ଶିକ୍ଷୟିତ୍ରୀ,କର୍ମଚାରି ଓ ଛାତ୍ରଛାତ୍ରୀମାନେ ଯୋଗ ଦେଇଥିଲେ। ସେହିପରି ସିରୋଲ ଉନ୍ନୀତ ଉଚ୍ଚ ବିଦ୍ୟାଳୟଠାରେ ମୋ ସ୍କୁଲ ଉତ୍ସବ ପାଳିତ ହୋଇଯାଇଛି। ମୋ ସ୍କୁଲ ଅଭିଯାନ କାର୍ଯ୍ୟକ୍ରମର ସଭାପତି ରୂପଧର ବରଗ୍ଡାଙ୍କ ସଭାପତିତ୍ୱରେ ତଥା ଶିକ୍ଷକ ଲିଲୁ ମୋହନ ପଧାନଙ୍କ ସଂଯୋଜନାରେ ଅନୁଷ୍ଠିତ ବୈଠକରେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି କୈଳାସ ଭୋଇ, ବରିଷ୍ଠ ସଦସ୍ୟ ବିଦ୍ୟାଧର ବରଗ୍ଡା, ପ୍ରଧାନଶିକ୍ଷକ ବିଜୟ କୁମାର ରଣା, ଶିକ୍ଷକ ଜଗଦୀଶ ସୁନା, ରୋହିତ ନାଗ, ଶୁଭ୍ରାଂଶୁ ତାଣ୍ଡି,ଶିକ୍ଷୟିତ୍ରୀ ଆନନ୍ଦିନୀ ଥନାପତି ପ୍ରମୁଖ ମଞ୍ଚାସିନ ଥିଲେ।ଏଥିରେ ପୂର୍ବତନ ଛାତ୍ରଛାତ୍ରୀମାନେ ବିଦ୍ୟାଳୟର ଉନ୍ନତି ଦିଗରେ ଅନେକ ପଦକ୍ଷେପ ନେବାକୁ ମତାମତ ରଖିଥିଲେ। ପ୍ରଧାନଶିକ୍ଷକ ଶ୍ରୀ ରଣା ମୋ ସ୍କୁଲ ଅଭିଯାନ କାର୍ଯ୍ୟକ୍ରମର ସଫଳ ରୂପାୟନ ବିଷୟରେ ଆଲୋକପାତ କରାଥିଲେ। ପରେ ପରେ ମୁଖ୍ୟମନ୍ତ୍ରୀଙ୍କ ଧନ୍ୟବାଦ ଜ୍ଞାପନ ପତ୍ର ବଣ୍ଟନ କରାଯାଇଥିଲା। ଶେଷରେ ଶିକ୍ଷକ ଶ୍ୟାମ ସୁନ୍ଦର ପ୍ରଧାନ ଧନ୍ୟବାଦ ଜ୍ଞାପନ କରିଥିଲେ। ଏହି କାର୍ଯ୍ୟକ୍ରମ ଆୟୋଜନରେ ଶିକ୍ଷକ ମୋହନ ପ୍ରଧାନୀ, ମୋତିରାମ ମାଝୀ, ସୁଶାନ୍ତ ନାଏକଙ୍କ ସହ ଅନ୍ୟ ଶିକ୍ଷକ,ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀ ପ୍ରମୁଖ ସହଯୋଗ କରିଥିଲେ। ସେହିଭଳି ଗୁରୁବାର ମୁରିବାହାଲ ବ୍ଲକ ଅଞ୍ଚଳରେ ଥିବା ସମସ୍ତ ପ୍ରାଥମିକ, ଉଚ୍ଚ ପ୍ରାଥମିକ ଓ ଉଚ୍ଚ ବିଦ୍ୟାଳୟଗୁଡିକରେ ମୋ ସ୍କୁଲ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମଗୁଡ଼ିକରେ ସମସ୍ତ ପୁରାତନ ଛାତ୍ରଛାତ୍ରୀ, ଶିକ୍ଷକ, ଶିକ୍ଷୟିତ୍ରୀ, ସିଆରସିସି, ଏବିଇଓ ଓ ବିଇଓ ପ୍ରମୁଖ ଯୋଗ ଦେଇଥିବା ଜଣାପଡ଼ିଛି ।

ପିକ୍‌ଅପ୍ ଭ୍ୟାନ ଓଲଟି ୩ ମୃତ, ୧୫ ଗୁରୁତର

ରାଉରକେଲା,(ସବ୍ୟୁ): ପିକ ଅପ୍ ଭ୍ୟାନ ଓଲଟି ୩ ମୃତ, ୧୫ ବରଯାତ୍ରୀ ଗୁରୁତର। ଗୁରୁତରଙ୍କୁ ରାଉରକେଲା ସରକାରୀ ଡାକ୍ତରଖାନାକୁ ପଠାଯାଇଛି। ସୂଚନା ଅନୁଯାୟୀ, ଝାରଖଣ୍ଡରୁ ବରଯାତ୍ରୀ ଦଳ ଲାଠିକଟା ଥାନାର ଅଟାଘାଟ ଅଞ୍ଚଳକୁ ଆସୁଥିଲେ। ଭାରସାମ୍ୟ ହରାଇ ଗାଡ଼ିଟି ମୁଣ୍ଡାଜୋର ନିକଟରେ ଓଲଟି ପଡ଼ିଥିଲା। ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରୁଛି। କିଛି ଗୁରୁତର ବରଯାତ୍ରୀଙ୍କୁ ଜେପି ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି।

ଦେବଗିରି ଶୈବପୀଠ ପାହାଡ଼ରୁ ଖସି ଯୁବକଙ୍କ ମୃତ୍ୟୁ

ରାୟଗଡା,(ସବ୍ୟୁ): ମହାଶିବରାତ୍ରିରେ ରାୟଗଡ଼ା ଜିଲ୍ଲାର ପ୍ରସିଦ୍ଧ ଦେବଗିରି ଶୈବ ପୀଠରେ ଦର୍ଶନ କରିବାକୁ ଯାଉଥିବା ଜଣେ ଯୁବକଙ୍କ ପାହାଡ଼ରୁ ଖସି ମୃତ୍ୟୁ ଘଟିଥିବା ଜଣାପଡିଛି । କାଶୀପୁର ବ୍ଲକ ଅଡ଼ାଯୋର ପଞ୍ଚାୟତ ଯୋଡ଼ାମ୍ବ ଗ୍ରାମରୁ ସକାଳୁ ପରିବାରର ୪ ଜଣ ଦୁଇଟି ବାଇକରେ ଦେବଗିରୀ ଶୈବପୀଠକୁ ଦର୍ଶନ ନିମନ୍ତେ ଆସିଥିଲେ । ସେହି ପାହାଡ ଚଢିବା ସମୟରେ ଅସାବଧାନତା ଯୋଗୁଁ ଶ୍ରୀକାନ୍ତ ଗୌଡଙ୍କ ଗୋଡ଼ ଖସିଯିବା ଫଳରେ ପାହାଡ ତଳକୁ ଖସି ପଡ଼ିଥିଲେ । ଫଳରେ ତାଙ୍କୁ କଲ୍ୟାଣ ସିଂହପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଅଣାଯାଇଥିଲା ସେଠାରେ ଡାକ୍ତର ତାଙ୍କୁ ମୃତ୍ୟୁ ଘୋଷଣା କରିଥିଲେ ।

ଡ଼ାକ୍ତରଖାନା ପରିସରରେ ରୋଗୀଙ୍କୁ ଖାଦ୍ୟ ବଣ୍ଟନ

ବଲାଙ୍ଗିର,(ସବ୍ୟୁ): ପବିତ୍ର ଶିବରାତ୍ରି ଉପଲକ୍ଷେ ୮୪ ଘର ଅଘରିଆ ସମାଜ ବଲାଙ୍ଗିର ଟ୍ରଷ୍ଟ ପକ୍ଷରୁ ଭୀମଭୋଇ ହସ୍ପିଟାଲ ପରିସରରେ ରୋଗୀ ଓ ତାଙ୍କ ସମ୍ପର୍କୀୟଙ୍କୁ ଖାଦ୍ୟ ବଣ୍ଟନ କରାଯାଇଥିଲା । ୧ହଜାରରୁ ଉର୍ଦ୍ଧ୍ୱ ବ୍ୟକ୍ତି ଏହାର ସୁଯୋଗ ନେଇଥିଲେ। ମଲମଣ୍ଡା ଗ୍ରାମ୍ୟ କମିଟି ଯୁବାବର୍ଗ ଓ କର୍ମକର୍ତ୍ତାଙ୍କ ପୂର୍ଣ୍ଣ ସହଯୋଗରେ ଖାଦ୍ୟ ପ୍ରସ୍ତୁତି ଓ ବଣ୍ଟନ କାର୍ଯ୍ୟକ୍ରମ ସମ୍ପନ୍ନ ହୋଇଥିଲା । ସଭାପତି ଶୁଭ୍ରାଂଶୁ ଶେଖର ପଟେଲଙ୍କ ନେତୃତ୍ୱରେ ମଣ୍ଡଳ ସଭାପତି ଓ କର୍ମକର୍ତ୍ତା, ଗୁଡ଼ି ସଭାପତି ଓ କର୍ମକର୍ତ୍ତା, ପୁସ୍ତକ କମିଟି, ଯୁବାମଞ୍ଚ, କୃଷକ ମଞ୍ଚ, ନିର୍ମାଣ କମିଟି ଓ ଉପଦେଷ୍ଟା ମଣ୍ଡଳୀ ସହ ବିଭିନ୍ନ ଅଞ୍ଚଳର ଗ୍ରାମ୍ୟ କମିଟିର ଯୁବ ସମାଜ ସମେତ ବିବେକା ନନ୍ଦ ପଟେଲ, ଯଦୁନାଥ ପଟେଲ, ଚିତ୍ତ ରଞ୍ଜନ ପଟେଲ ଅନ୍ତ ପଟେଲ ଓ ଆଶୁତୋଷ ପଟେଲ ବଣ୍ଟନ କାର୍ଯ୍ୟକ୍ରମ ରେ ଯୋଗଦେଇ କାର୍ଯ୍ୟକ୍ରମକୁ ସଫଳ କରିଥିଲେ ।

ମହାଶିବରାତ୍ରୀ ପାଇଁ ଚଳଚଞ୍ଚଳ କୋରାପୁଟ ଜିଲ୍ଲାର ଶୈବପୀଠ

କୋରାପୁଟ,(ସବ୍ୟୁ): ଜାଗର ପାଇଁ ଚଳଚଞ୍ଚଳ ହୋଇଉଠିଛି ଶୈବପୀଠ ।ଫୁଲ ଓ ଆଲୋକ ମାଳାରେ ସଜେଇ ହୋଇଛି ସହରର ବିଭିନ୍ନ ଶିବ ମନ୍ଦିର । ରଙ୍ଗିନୀ ଆଲୋକ ମାଳାରେ ଝଲସୁଛି ଶୈବପୀଠ । ମହାଶିବରାତ୍ରୀ ପାଇଁ ଆଜି କୋରାପୁଟ ସହର ଉତ୍ସବମୁଖର ହୋଇଉଠିଛି। ଗାଁରୁ ସହର ସବୁଠି ଆନନ୍ଦ, ଉତ୍ସାହ ସହ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା । ସକାଳୁ ବିଳମ୍ବିତ ରାତି ପର୍ଯ୍ୟନ୍ତ ବିଭିନ୍ନ ଶୈବପୀଠରେ ଶ୍ରଦ୍ଧାଳୁ ପୂଜାର୍ଚ୍ଚନା କରିବା ସହ ଜାଗର ଜାଳିଛନ୍ତି। ଭକ୍ତମାନେ ପରିବାର ତଥା ସଂସାରର ମଙ୍ଗଳକାମନା କରିଛନ୍ତି। ଶିବରାତ୍ରୀ ପାଇଁ ଆଜି ଭୋରରୁ ବିଭିନ୍ନ ଶିବ ମନ୍ଦିରରେ ପ୍ରବଳ ଗହଳି ଆରମ୍ଭ ହୋଇଯାଇଥିଲା। କୋରାପୁଟର ଜଗନ୍ନାଥ ମନ୍ଦିର ପରିସରରେ ଥିବା ଶବରେଶ୍ୱର, ଓଏମପି କଲୋନି, କଳାନିକେତନ ଛକସ୍ଥିତ ଆଖଣ୍ଡଳମଣି ମନ୍ଦିର, ରଥଶର୍ମା କଲୋନୀ, ରାଉଳ ଶିବ ମନ୍ଦିର, ମୃତ୍ତିକା ସମ୍ବ୍ରକ୍ଷଣ କଲୋନୀ, ପୂଜାରୀପୁଟ ରାମ ମନ୍ଦିର, ରେଳବାଇ ଶିବ ମନ୍ଦିର ଆଦି ମନ୍ଦିରରେ ଭକ୍ତ ମାନେ ଧାଡ଼ିରେ ଯାଇ ଦର୍ଶନ କରୁଥିଲେ । ଲୋକମାନେ ସେମାନଙ୍କ ପରିବାର ସହ ମନ୍ଦିରକୁ ଯାଇ ପୂଜାର୍ଚ୍ଚନା କରିଥିଲେ। କୋରାପୁଟ ଶାବର ଶ୍ରୀକ୍ଷେତ୍ର ପରିସରରେ ଶ୍ରୀ ଶବରେଶ୍ୱର ମନ୍ଦିରରେ ଶ୍ରଦ୍ଧାଳୁମାନେ ଧାଡ଼ି ବାନ୍ଧି ଦର୍ଶନ କରିଥିଲେ ଛଭକ୍ତିମୟ ପରିବେଶ ମଧ୍ୟରେ ଚାଲିଛି ପୁଜାର୍ଚ୍ଚନା । ଅବିଭକ୍ତ କୋରାପୁଟ ଜିଲ୍ଲାରୁ ଏଠାରେ ଭକ୍ତଙ୍କ ସୁଅ ଛୁଟିଛି । ରାତି ୧ଘଣ୍ଟା ୩୦ ମିନିଟ୍ ରୁ ୨ଘଣ୍ଟା ୩୦ ମିନିଟ ମଧ୍ୟରେ ଉଠିବ ପ୍ରଭୁଙ୍କ ମହାଦୀପ। ମଦନମୋହନ ଲକ୍ଷ୍ମୀ ସରସ୍ୱତୀଙ୍କ ସହ ହରିହର ଭେଟ କରାଯିବ । ହରିହର ଭେଟ ନୀତି ପାଇଁ ସହରର ସମସ୍ତ ଶୈବ ମନ୍ଦିରରେ ଶାବର ଶ୍ରୀକ୍ଷେତ୍ର ଜଗନ୍ନାଥ ମନ୍ଦିରର ସନ୍ଧ୍ୟା ଆଳତି ଯିବା ନେଇ ମନ୍ଦିର କମିଟି ସୂଚନା ମିଳିଛି । ଶାବର ଶ୍ରୀକ୍ଷେତ୍ର ମନ୍ଦିରରେ ଜାଗର ଉପଲକ୍ଷେ ମନ୍ଦିରରେ ବ୍ୟାପକ ବ୍ୟବସ୍ଥା କରାଯାଇଛି। ଶାବର ଶ୍ରୀକ୍ଷେତ୍ର ଜିଲ୍ଲାର ପ୍ରମୁଖ ତୀର୍ଥ କ୍ଷେତ୍ର ହୋଇଥିବା ଯୋଗୁଁ ପ୍ରଶାସନ ପକ୍ଷରୁ ମଧ କଡା ବ୍ୟବସ୍ଥା କରାଯାଇଛି। ସେହିପରି ମହାଦେଇପୁଟ ନିକଟସ୍ଥ ଏକଡେଲି ଓ ପୋଡାଗଡ ନିକଟସ୍ଥ ଆମଲି ଆମ୍ବଗୁଡାରେ ଥିବା ଶିବ ମନ୍ଦିରରରେ ଶିବରାତ୍ରି ପାଇଁ ବ୍ୟାପକ ଆୟୋଜନ ହୋଇଥିଲା। ବିଭିନ୍ନ ସ୍ଥାନରୁ ହଜାର ହଜାର ଲୋକ ଏହି ମନ୍ଦିରକୁ ଯାଇ ପ୍ରଭୂଙ୍କ ଆରାଧନା କରିଥିଲେ। ବିଳମ୍ବିତ ରାତିରେ ମହାଦୀପ ଉଠିବା ପର୍ଯ୍ୟନ୍ତ ଭକ୍ତମାନେ ଉଜାଗର ରହି ଦୀପ ଜାଳିଥିଲେ।

ଓଡ଼ିଶା ଜଳ ସମ୍ମାନ ୟୁଥ୍ ଫର୍ ୱାଟର୍ ପୁରସ୍କାର ପାଇଁ ମନୋନୟନ ଆହ୍ୱାନ

ସମ୍ବଲପୁର,(ସବ୍ୟୁ): ମାର୍ଚ୍ଚ ୨୧-୨୨ ତାରିଖରେ ଚତୁର୍ଥ ଓଡ଼ିଶା ନଦୀ ସମ୍ମିଳନୀ ଅବସରରେ ଓଡ଼ିଶା ଜଳ ଯୋଦ୍ଧା ସମ୍ମାନ ଓ ଆଜିର ଭଗୀରଥ ସମ୍ମାନ ଅନୁଗୁଳ ଠାରେ ପ୍ରଦାନ କରାଯିବ। ଏହି ସମ୍ମିଳନୀ ଅବସରରେ ସମଗ୍ର ଦେଶରେ ଯୁବବର୍ଗଙ୍କ ଦ୍ୱାରା ଜଳ ସଂରକ୍ଷଣ ଓ ଜଳବାୟୁ ପରିବର୍ତ୍ତନର ମୁକାବିଲା କ୍ଷେତ୍ରରେ ପ୍ରଭାବଶାଳୀ କାର୍ଯ୍ୟ ପାଇଁ ପ୍ରଥମ ୟୁଥ୍ ଫର୍ ୱାଟର୍ 'ଜଳ ଓ ପରିବେଶ ପ୍ରଭାବ' ପୁରସ୍କାର ମଧ ପ୍ରଦାନ କରାଯିବ। ଏହି ସମ୍ମିଳନୀରେ ଗ୍ରୀନ ପିକନିକ୍ ଆୱାର୍ଡ଼ ମଧ୍ୟ ପ୍ରଦାନ କରାଯିବ। ଚତୁର୍ଥ ଓଡ଼ିଶା ନଦୀ ସମ୍ମିଳନୀରେ ଯୁବଗୋଷ୍ଠୀ ମଧ୍ୟରେ ନଦୀ ସମୂହର ସଂରକ୍ଷଣ ପାଇଁ ଶିକ୍ଷା: ଜଳବାୟୁ ପରିବର୍ତ୍ତନର ସାମାଜିକ-ଅର୍ଥନୈତିକ, ପାରିବେଶିକ ଓ ସାଂସ୍କୃତିକ ମୁକାବିଲା ପ୍ରସଙ୍ଗ ଉପରେ ଆଲୋଚନା କରିବା ପାଇଁ ଦେଶର ବିଭିନ୍ନ ପ୍ରାନ୍ତରୁ ୧୦୦ରୁ ଅଧିକ ପ୍ରତିନିଧି ଯୋଗଦେବେ।

ଓଡ଼ିଶାରେ ଜଳ ଓ ଜଳବାୟୁ ଅଭିଯାନ କ୍ଷେତ୍ରରେ ଗତ ତିନି ଦଶନ୍ଧିରୁ ଅଧିକ ସମୟ ଧରି ସଶକ୍ତ ସ୍ୱର ପାଲଟିଥିବା ଜଳ ଜୀବନ ଅଭିଯାନ ଓଡ଼ିଶା ,ଓଡ଼ିଶା ଜଳ ସମ୍ମାନର ଚତୁର୍ଥ ସଂସ୍କରଣ ପାଇଁ ବ୍ୟକ୍ତି ଓ ଗୋଷ୍ଠୀ ତରଫରୁ ମନୋନୟନ ଆହ୍ୱାନ କରୁଛି। ରାଜ୍ୟର ଏଭଳି ଏକମାତ୍ର ସମ୍ମାନ, ଓଡ଼ିଶା ଜଳ ସମ୍ମାନର ଉଦ୍ଦେଶ୍ୟ ହେଉଛି ଜଳ,ନଦୀ, ପରିବେଶ ସୁରକ୍ଷା ତଥା ପୂର୍ବାବସ୍ଥା ଫେରାଇ ଆଣିବା ଲାଗି ସଂରକ୍ଷଣ, ସଚେତନତା, ଶିକ୍ଷା, ଦାବି ଓ ତୃଣମୂଳ ସ୍ତରରେ ଉତ୍ସର୍ଗୀକୃତ ବ୍ୟକ୍ତି ବା ଅନୁଷ୍ଠାନର ଅବଦାନକୁ ସ୍ୱୀକୃତି ଜଣାଇବା। ବ୍ୟକ୍ତିଗତ ଅବଦାନ ପାଇଁ ଓଡ଼ିଶା ଜଳ ଯୋଦ୍ଧା ସମ୍ମାନ ପ୍ରଦାନ କରାଯାଉଥିବା ବେଳେ ଗୋଷ୍ଠୀ, ଅନୁଷ୍ଠାନର ଉଲ୍ଲେଖନୀୟ ପ୍ରୟାସ ପାଇଁ ଆଜିର ଭଗୀରଥ ସମ୍ମାନ ପ୍ରଦାନ କରାଯାଏ ବୋଲି ଓଡ଼ିଶାର ଜଳପୁରୁଷ ଭାବରେ ସୁପରିଚିତ ତଥା ଜଳ ଜୀବନ ଅଭିଯାନର ଆବାହକ ରଞ୍ଜନ ପଣ୍ଡା ସୂଚନା ଦେଇଛନ୍ତି। ଓଡ଼ିଶା ଜଳ ଯୋଦ୍ଧା ସମ୍ମାନ ପାଇଁ ଜଳ, ଜଳ-ଜଙ୍ଗଲ-ଜୈବ ବିବିଧତା ମଧ୍ୟରେ ସଂପର୍କ ବୃଦ୍ଧି ଭଳି ପ୍ରସଙ୍ଗରେ ସଚେତନତା ବୃଦ୍ଧି ଦିଗରେ ସକାରାତ୍ମକ କାର୍ଯ୍ୟ କରିଥିବା କିମ୍ବା ସେମାନଙ୍କ ଆଲେଖ୍ୟ ବ୍ୟକ୍ତିଗତ କାର୍ଯ୍ୟ କିମ୍ବା ଅନ୍ୟ ମାଧ୍ୟମରେ ଉଲ୍ଲେଖନୀୟ କାର୍ଯ୍ୟ ଜରିଆରେ ନୀତିଗତ ନିଷ୍ପତ୍ତିକୁ ପ୍ରଭାବିତ କରିଥିବା କିମ୍ବା ଏଭଳି ପ୍ରସଙ୍ଗରେ ଗୋଷ୍ଠୀଭିତିକ ପ୍ରୟାସକୁ ଉତ୍ସାହିତ କରିଥିବା ବ୍ୟକ୍ତିଙ୍କଠାରୁ ଆବେଦନ ଆହ୍ୱାନ କରାଯାଇଥିବା ସଂପର୍କରେ ଚଳିତବର୍ଷ ଅନୁଗୁଳରେ ଓଡ଼ିଶା ନଦୀ ସମ୍ମିଳନୀର ଆୟୋଜକ ଫାଉଣ୍ଡେସନ୍ ଫର୍ ଇକୋଲୋଜିକାଲ୍ ସିକ୍ୟୁରିଟି ର କର୍ମକର୍ତ୍ତା ସ୍ୱପ୍ନାଶ୍ରୀ ଷଡ଼ଙ୍ଗୀ କହିଛନ୍ତି।

ଆଜିର ଭଗୀରଥ ସମ୍ମାନ ପାଇଁ ଜଳ ସମ୍ବଳର ସଂରକ୍ଷଣ, ସ୍ଥାନୀୟ ଅଂଚଳରେ ଜଳର ଉପଲବ୍ଧତା ବଢ଼ାଇଥିବା ପ୍ରାକୃତିକ ଜଙ୍ଗଲର ସୁରକ୍ଷା କିମ୍ବା ଜଳ ସଂରକ୍ଷଣପରିଚାଳନା କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ଜରିଆରେ ଜଳ ଉପରେ ନିଜ ଅଧିକାର ସାବ୍ୟସ୍ତ କରିବାରେ ଜନସାଧାରଣଙ୍କ ସଶକ୍ତିକରଣ କରାଇଥିବା କିମ୍ବା ସେମାନଙ୍କ ଜୀବନକୁ ପ୍ରଭାବିତ କଲା ଭଳି କାର୍ଯ୍ୟ କରିଥିବା ଗୋଷ୍ଠୀ ସମୂହ ଅନୁଷ୍ଠାନଠାରୁ ଆବେଦନ ଆହ୍ୱାନ କରାଯାଉଛି। ନଦୀ ସମ୍ମିଳନୀ ଆୟୋଜନ କମିଟି ଅଧକ୍ଷା ବିଶାଖା ଭଞ୍ଜଙ୍କ ମତରେ ଏହି ସମ୍ମାନ କେବଳ ଜଳ,ପରିବେଶ ସୁରକ୍ଷା ଦିଗରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ କଠିନ ପରିଶ୍ରମ କରୁଥିବା ବ୍ୟକ୍ତି ବା ଗୋଷ୍ଠୀଙ୍କ ପାଇଁ ଏକ ସ୍ୱୀକୃତି ନୁହେଁ , ବରଂ ଯେତେବେଳେ ଜଳ ଏକ ବିରଳ ସମ୍ବଳରେ ପରିଣତ ହେଲାଣି ସେତେବେଳେ ଏଭଳି କାର୍ଯ୍ୟର ଜରୁରୀ ଆବଶ୍ୟକତା ରହିଛି ବୋଲି ସଚେତନତା ବୃଦ୍ଧି କରିବା ଏହାର ଅନ୍ୟତମ ଲକ୍ଷ୍ୟ।

ଚିତ୍ରକଳା ପ୍ରଦର୍ଶନୀ ଫାଇନାଲ ଟଚ୍ ଉଦ୍‌ଯାପିତ

ସମ୍ବଲପୁର,(ସବ୍ୟୁ): ସ୍ଥାନୀୟ ଗୌରୀଶଙ୍କର ସାହାଣୀ ପାର୍କ ସ୍ଥିତ ଓଡିଶା ଲଳିତ କଳା ଏକାଡେମୀର ଆଞ୍ଚଳିକ ଆର୍ଟ ଗ୍ୟାଲେରୀ ଠାରେ ଚିତ୍ରକଳା ପ୍ରଦର୍ଶନୀ ଫାଇନାଲ ଟଚ୍ ଉଦ୍‌ଯାପିତ ହୋଇଯାଇଛି । ଉଦ୍‌ଯାପନୀ ଉତ୍ସବରେ ଗଙ୍ଗାଧର ମେହେର କଲେଜର ଅବସରପ୍ରାପ୍ତ ପ୍ରଫେସର ଦିଲ୍ଲୀପ ପଣ୍ଡା ମୁଖ୍ୟ ଅତିଥି ଓ ବରିଷ୍ଠ ଚିତ୍ରଶିଳ୍ପୀ ଭୋଳାନାଥ ନାୟକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଏହି ଅବସରରେ କଳା କଳ୍ପନା ପକ୍ଷରୁ ୧୫ଜଣ ଚିତ୍ରଶିଳ୍ପୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଏଥିରେ ଶୀତଳ ମହାପାତ୍ର, ଅଶୋକ ଦାଶ, ସଞ୍ଜୟ ସାହୁ, ସୁଧାଂଶୁ ନାୟକ, ବିଦ୍ୟାପତି ପ୍ରଧାନ, ଡ.ଦୀନବନ୍ଧୁ ସାହୁ, ପବିତ୍ର ମୋହନ ଶତପଥି, କେଓ୍ୱଲ ତିର୍କୀ, କୁଶ ଭୂୟାଁ, ନରେଶ ନାୟକ, ସଚ୍ଚିନ୍ଦ୍ର ପ୍ରଧାନ, ଅଶୋକ ପଟ୍ଟନାୟକ , ଦୀପକ ବିଶ୍ୱାଳ, ପ୍ରେମଚାନ୍ଦ ରାଉତ, ରମାକାନ୍ତ ତ୍ରିପାଠୀଙ୍କ ଚିତ୍ରକଳା ପ୍ରଦର୍ଶିତ ହୋଇଥିଲା ।

ଗୋପପୁରରେ ନନ୍ଦୋତ୍ସବ, ମଥୁରାରେ କଂସଙ୍କ ଗୁପ୍ତ ମନ୍ତ୍ରଣା ମଞ୍ଚସ୍ଥ

ସମ୍ବଲପୁର,(ସବ୍ୟୁ): ସମ୍ବଲପୁରୀ ଧନୁଯାତ୍ରା ମହୋତ୍ସବର ତୃତୀୟ ଦିବସରେ ଗୋପପୁର(ଚାଉଁରପୁର) ଠାରେ ନନ୍ଦୋତ୍ସବ ଦୃଶ୍ୟ ଅଭିନିତ ହୋଇଯାଇଛି । ସେହିପରି ମଥୁରା ନଗରୀ(ଟାଉନ ହଲ) ପୁତନାର ମୃତ୍ୟୁ ସମାଚାର ପାଇବା ପରେ ମହାରାଜ କଂସ ନିଜ ମନ୍ତ୍ରୀଙ୍କ ସହ ଗୁପ୍ତ ମନ୍ତ୍ରଣା କରିଥିଲେ । ଆଜି ଅପରାହ୍ନରେ କଂସ ପାରିଷଦଙ୍କ ସହ ଲକ୍ଷ୍ମୀଟକିଜ, ଛର୍ଚ୍ଚ ଛକ, ହସ୍ପିଟାଲ ରୋଡ, ମୁଦିପଡା ଛକ, ଗେଇଟି ରୋଟ ଦେଇ ଦରବାରରେ ପହଞ୍ଚିଥିଲେ । ଏଠାରେ ରାଜ ଅତିଥି ସଭା, ରଙ୍ଗସଭା ସହ ସାଂସ୍କୃତିକ କାର୍ଯ୍ୟକ୍ରମ ପରେ କଂସ ଦରବାରରେ ଗୁପ୍ତ ମନ୍ତ୍ରଣା ଆଦି ମଞ୍ଚସ୍ଥ ହୋଇଥିଲା । ଗତକାଲି ଜନ୍ମୋତ୍ସବ ପରେ ଶ୍ରୀକୃଷ୍ଣ, ବଳାରାମଙ୍କ ସହ ଏକ ସୁସଜ୍ଜିତ ରଥରେ ଗୋପପୁର ପରିକ୍ରମା କରିଥିଲେ । ଏହା ଗାଁର ଆବାଳବୃଦ୍ଧବନିତାଙ୍କ ମଧ୍ୟରେ ଭାବାବିହ୍ୱଳ ପରିବେଶ ସୃଷ୍ଟି କରିଥିଲା । ଏଥିସହ ପୁତନା ବଧ ଦୃଶ୍ୟ ପରିବେଷିତ ହୋଇଥିଲା । ମଥୁରା ନଗରୀରେ ଶ୍ରୀକୃଷ୍ଣଙ୍କ ଜନ୍ମ ପରେ ବସୁଦେବଙ୍କ ସହ ଗୋପପୁର ଯାତ୍ରା କରିଥିଲେ । ମଥୁରା ନଗରୀର ରାଜ ଦରବାରରେ ବିଜୁଳି କନ୍ୟାଙ୍କ ଆର୍ବିଭାବ ଓ କଂସଙ୍କୁ ଆକାଶବାଣୀ ଦୃଶ୍ୟ ଅଭିନିତ ହୋଇଥିଲା । ଗୋପପୁରରେ ପିଙ୍କି ପଣ୍ଡା ଏବଂ ପୁଷ୍ପା ବନଛୋର ନିଜ ସାଥିଙ୍କ ସହ ସଂକୀର୍ତ୍ତନ ପରିବେଷଣ କରିଥିଲେ ।ଏହି ସମୟରେ ଗୋପପୁରରେ ଡ. ମିଲନ କୁମାର ମିଶ୍ର ରାମାୟଣ ପାରାୟଣ ପାଠ କରିଥିଲେ ।

ବଲାଙ୍ଗିର ଜିଲ୍ଲା ଖ୍ରୀଷ୍ଟିଆନ ସଂଖ୍ୟାଲଘୁ ଫୋରମ୍‌ର ଶାନ୍ତି ଶୋଭାଯାତ୍ରା

ବଲାଙ୍ଗିର,(ସବ୍ୟୁ): ବଲାଙ୍ଗିର ଜିଲ୍ଲା ଖ୍ରୀଷ୍ଟିଆନ ସଂଖ୍ୟାଲଘୁ ଫୋରମ୍ ସଂଖ୍ୟାଲଘୁ ସମ୍ପ୍ରଦାୟର ସାମ୍ବିଧାନିକ ଅଧିକାର ଦାବିରେ ଜିଲ୍ଲାର ବିଭିନ୍ନ ପ୍ରାନ୍ତରରୁ ଆସିଥିବା ସହସ୍ରାଧିକ ଜନ ପ୍ରତିନିଧି ଶାନ୍ତି ଶୋଭା ଯାତ୍ରା କରିଥିଲେ। ଏହି ଶୋଭାଯାତ୍ରା ସକାଳ ପ୍ରାୟ ୧୧ ଘଣ୍ଟା ସମୟରେ ମିଶନ ଖେଳ ପଡିଆରୁ ବାହାରି ବଲାଙ୍ଗିର ସହର ପରିକ୍ରମା କରିଥିଲେ। ପୁଣି ଶେଷରେ ବଲାଙ୍ଗୀର ଜିଲ୍ଲାପାଳଙ୍କ ଅଫିସ ସମ୍ମୁଖରେ ସଭା କରିଥିଲେ। ଏହି ସଭାରେ ଅଜିତ ପାଲ୍, ଶ୍ରି ଚୁହାନ, ଜ୍ୟୋତିରାଜ ନାଗ,ରୁପେଷ ନାଗ, ଆ. ଡ.ସୁଶାନ୍ତ କୁମାର ଓ ପୁଣ୍ୟ ପ୍ରସନ୍ନ ଖ୍ରୀଷ୍ଟଦାସ ଭାରତରେ ସରକାରଙ୍କ ଦ୍ୱାରା ଖ୍ରୀଷ୍ଟିଆନ୍ ମାନେ ଉପେକ୍ଷିତ ହେଉଥିବା ଓ ଗୁରୁସଂଖ୍ୟା ଦ୍ୱାରା ବିଭିନ୍ନ ରାଜ୍ୟରେ ଅନ୍ୟାୟ ଓ ଅତ୍ୟାଚାରର ଶିକାର ହେଉଥିବା ବିଷୟରେ ବକ୍ତବ୍ୟ ରଖିଥିଲେ। ଭାରତୀୟ ସମ୍ବିଧାନରେ ସଂଖ୍ୟାଲଘୁ ସମ୍ପ୍ରଦାୟ ନିମନ୍ତେ ଅନେକ ଅଧିକାର ଓ ସୁବିଧା ରହିଥିଲେ ମଧ ବାସ୍ତବରେ ସଂଖ୍ୟାଲଘୁ ଖ୍ରୀଷ୍ଟିଆନ ମାନେ ଉପେକ୍ଷିତ ହେଉଛନ୍ତି । ସମ୍ପ୍ରଦାୟର ଆର୍ଥିକ, ଶିକ୍ଷାଗତ ଉନ୍ନତି ହୋଇପାରୁନଥିବା ପ୍ରକାଶ କରିଥିଲେ। ମଣିପୁର, ଛତିଶଗଡ଼, ଉତ୍ତର ପ୍ରଦେଶ, ମହାରାଷ୍ଟ୍ର, ଓ ଅନ୍ୟାନ୍ୟ ରାଜ୍ୟରେ ଖ୍ରୀଷ୍ଟିଆନ ମାନଙ୍କ ପ୍ରତି ହେଉଥିବା ତାଡନା ଓ ଅତ୍ୟାଚାର ର ଦୃଢ଼ ନିନ୍ଦା କରିଥିଲେ। ସଭା ପରେ ପ୍ରଧାନ ମନ୍ତ୍ରୀ, ରାଷ୍ଟ୍ରପତି, ସଂଖ୍ୟାଲଘୁ ମନ୍ତ୍ରାଳୟ, ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ଜିଲ୍ଲାପାଳଙ୍କୁ ପ୍ରଦାନ କରିଥିଲେ। ଦାବି ମାନଙ୍କ ମଧରେ ସଂଖ୍ୟାଲଘୁ ଖ୍ରୀଷ୍ଟିଆନ ସଂପ୍ରଦାୟ ନିମନ୍ତେ ବିଶ୍ୱାସ ମତ ସ୍ୱୀକାର, ପାଳନ ଓ ପ୍ରଚାରକୁ ସୁନିଶ୍ଚିତ କରିବା ବିଭିନ୍ନ ରାଜ୍ୟରେ ଅତ୍ୟାଚାରିତ ହେଉଥିବା ଖ୍ରୀଷ୍ଟିଆନ ମାନଙ୍କୁ ନ୍ୟାୟ ପ୍ରଦାନ କରିବା, ଶିକ୍ଷା ଏବଂ ଜୀବିକା ନିମନ୍ତେ ବୃତ୍ତି ଓ ସଂରକ୍ଷଣ ଦ୍ୱାରା ଯଥେଷ୍ଟ ସୁଯୋଗ ଦେବା,ରଙ୍ଗନାଥ କମିଶନ ଙ୍କ ରିପୋର୍ଟକୁ କାର୍ଯ୍ୟକାରୀ କରିବା, ସଂଖ୍ୟାଲଘୁ ଅଫିସ ଉଚ୍ଚକ୍ଷଅଧୀନରେ ଜିଲ୍ଲାରେ ସ୍ଥାପନ କରିବା, ଜନତା, ପ୍ରଶାସନ ଓ ଦେଶର ନିୟମ ଦ୍ୱାରା ସଂଖ୍ୟାଲଘୁ ଖ୍ରୀଷ୍ଟିଆନ ମାନଙ୍କୁ ସମାନ ଓ ନିରପେକ୍ଷ ଭାବେ ବ୍ୟବହାର କରିବାକୁ ନିଶ୍ଚିତ କରିବା । ଶାନ୍ତି ଶୋଭାଯାତ୍ରାକୁ ସଂପାଦକ କୁଳଦୀପ ବାଗ ଓ ଉପସଭାପତି ଆ. ଡ଼. ସୁଶାନ୍ତ କୁମାର ପରିଚାଳନା କରିଥିଲେ।

ମିଟର ଟ୍ୟାମ୍ପରିଂ ନେଇ ଟିପିଡବ୍ଲୁଓଡିଏଲ ଏନଫୋର୍ସମେଣ୍ଟ ଦଳ ପକ୍ଷରୁ ଚଢାଉ

ବଲାଙ୍ଗିର/ନୂଆପଡ଼ା,(ସବ୍ୟୁ): ବିଗତ କିଛି ଦିନ ମଧରେ ପଶ୍ଚିମ ଓଡ଼ିଶାର ବିଭିନ୍ନ ସ୍ଥାନରେ ବିଦ୍ୟୁତ୍ ଚୋରୀ ରୋକିବା ପାଇଁ ବିତରକ କମ୍ପାନୀ ଟିପିଡବ୍ଲୁଓଡିଏଲ୍ ତରଫରୁ ବିଭିନ୍ନ କାର୍ଯ୍ୟପନ୍ଥା ଗ୍ରହଣ କରାଯାଇଛି । କମ୍ପାନୀର ଏନଫୋର୍ସମେଣ୍ଟ ବିଭାଗ ତରଫରୁ ଗ୍ରାହକମାନଙ୍କର ଘର, ବ୍ୟବସାୟିକ ପ୍ରତିଷ୍ଠାନ, ଛୋଟ-ବଡ଼ କାରଖାନାମାନଙ୍କରେ ଆକସ୍ମିକ ଭାବେ ଅନୁସନ୍ଧାନ କରାଯାଉଛି । ଏନଫୋର୍ସମେଣ୍ଟ ଦଳ ବଲାଙ୍ଗିର ଜିଲ୍ଲା ପାଟନାଗଡ଼ ସବ-ଡିଭିଜନ ସ୍ଥିତ ଏକ ବରଫ କଳକୁ ଗତ ୪ ମାର୍ଚ୍ଚ ୨୦୨୪ ରିଖ ଦିନ ଆକସ୍ମିକ ଅନୁଧାନ କରିଥଲା । ଜଣା ପଡିଥିଲା ଯେ, ଉକ୍ତ ବରଫ କଳ ପରିସରରେ ଅସାଧୁ ଉପାୟରେ ବିଦ୍ୟୁତ ତାର, ଚେଞ୍ଜଓଭର ସୁଇଚ୍ ଲଗାଯାଇ ବିଭିନ୍ନ ଯନ୍ତ୍ରପାତିକୁ ପରିଚାଳନା କରାଯାଉଛି । ଅନୁଧାନ କରି ଏନଫୋର୍ସମେଣ୍ଟ ଦଳ ବିଦ୍ୟୁତ ଆଇନ ୨୦୦୩ ଧାର-୧୩୫ ଅନୁଯାଇ ୭୫ କିଲୋୱାଟର ବିଦ୍ୟୁତ୍ ଚୋରୀ ନେଇ ଉକ୍ତ ଗ୍ରାହକଙ୍କୁ ନୋଟିସ୍ ଜାରି କରିଥିଲା । ସେହିପରି ନୂଆପଡ଼ା ଜିଲ୍ଲା ଅନ୍ତର୍ଗତ ଖରିଆର ସବଡିଭିଜନରେ ମଧ ଏନଫୋର୍ସମେଣ୍ଟ ଦଳ ତରଫରୁ ଏକ ଚାଉଳ ମିଲରେ ଆକସ୍ମିକ ଚଢାଉ କରାଯାଇ ୧୦୦ କିଲୋୱାଟ୍ ପର୍ଯ୍ୟନ୍ତ ବିଦ୍ୟୁତ୍ ଚୋରୀର ଆକଳନ କରାଯାଇଛି । ଏନଫୋର୍ସମେଣ୍ଟ ଦଳ ଦ୍ୱାରା ଚଢାଉ କରାଯିବା ଫଳରେ ଏଯାବତ୍ ୨୪୦୦ ଜଣ ଗ୍ରାହକଙ୍କ ଘରେ ମିଟର ଟ୍ୟାମ୍ପରିଂ ଘଟଣା ସାମ୍ନାକୁ ଆସିଛି।

ହରିଶଙ୍କରରେ ଶ୍ରଦ୍ଧାଳୁଙ୍କ ଭିଡ

ଖପ୍ରାଖୋଲ,(ସବ୍ୟୁ): ବଲାଙ୍ଗିର ଜିଲ୍ଲା ଖପ୍ରାଖୋଲ ବ୍ଲକର ପ୍ରମୁଖ ପୁଣ୍ୟ କ୍ଷେତ୍ର ହରିଶଙ୍କର ଠାରେ ମହାଶିବରାତ୍ରି ଅବସରରେ ଶ୍ରଦ୍ଧାଳୁଙ୍କ ପ୍ରବଳ ସମାଗମ ଶୁକ୍ରବାର ଦେଖିବାକୁ ମିଳିଥିଲା। ଏହି ଅବସରରେ ରେ ସକାଳୁ ଶ୍ରଦ୍ଧାଳୁ ମାନେ ପାପନାଶିନୀ ଝରଣାରେ ସ୍ନାନ କରି ଲମ୍ବା ଧାଡ଼ିରେ ରହି ଠାକୁରଙ୍କ ଦର୍ଶନ କରିଥିଲେ। ମଧରାତ୍ରୀରେ ମହାଦୀପ ଉଠିଥିବା ବେଳେ ଶଙ୍କୁଡ଼ି ଭୋଗ ଲାଗି ହୋଇଥିବା ପୂଜକ ନରସିଂହ ପୁଝାରୀ ପ୍ରକାଶ କରିଛନ୍ତି। ରାତିସାରା ଶ୍ରଦ୍ଧାଳୁ ମାନେ ସଙ୍କୀର୍ତ୍ତନ ସହ ଉଜାଗର ରହିଥିଲେ।

ଶିବ ଧ୍ୱନିରେ ପ୍ରକମ୍ପିତ ହେଲା ଶୈବପୀଠ

କୋକସରା,(ସବ୍ୟୁ):ଦେଶର କୋଣ ଅନୁକୋଣରେ ଥିବା ଶୈବପୀଠରେ ଭାବ ଓ ଭକ୍ତିମୟ ପରିବେଶ ମଧରେ ଶ୍ରଦ୍ଧାଳୁ ମାନେ ଦେବ ଦେବ ମହାଦେବଙ୍କୁ ମହାଶିବରାତ୍ର ଅବସରରେ ପୂଜାର୍ଚ୍ଚନା କରିଛନ୍ତି। ଅନୁରୂପ ଭାବେ କୋକସରା ବ୍ଲକର ବିଭିନ୍ନ ଶୈବପୀଠରେ ସକାଳୁ ଭକ୍ତ ପ୍ରବଳ ଜନସମାଗମ ଦେଖିବାକୁ ମିଳିଛି। ବ୍ଲକ ର ଝାରବନ୍ଧ ଠାରେ ଥିବା ସର୍ବ ପୁରାତନ ଶୈବପୀଠ ବାବା ମହା କାଳେଶ୍ୱର ମନ୍ଦିରରେ ଶିରେତ ଉତ୍ସ ପାଇଁ ପ୍ରବଳ ଶ୍ରଦ୍ଧାଳୁଙ୍କ ଭିଡ଼ ପରିଲକ୍ଷିତ ହୋଇଥିବା ବେଳେ ମନ୍ଦିର କମିଟି ପକ୍ଷରୁ ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ ପାଇଁ ବ୍ୟାପକ ବ୍ୟବସ୍ଥା ହୋଇଥିବା ନେଇ ମନ୍ଦିର ଟ୍ରଷ୍ଟ ଅଧକ୍ଷ ଆଦିତ୍ୟ ନାରାୟଣ ପଣ୍ଡା ସୂଚନା ଦେଇଛନ୍ତି। ସେହିପରି ବ୍ଲକର କୋକସରା କାଳେଶ୍ୱର ମନ୍ଦିର, କୁମୁଡାମୁଣ୍ଡା ଧବଳେଶ୍ୱର ଶୈବପୀଠ କୁସୁମଖୁଣ୍ଟି ନିଳକଣ୍ଠେଶ୍ୱର ମନ୍ଦିର, ରେଙ୍ଗାଳପାଲି ଶୈବପୀଠ, ମୋଟେର ଶୈବପୀଠ,ଲଡୁଗାଁ ଶୈବପୀଠ,ଶିଉନି ଶୈବପୀଠ, ଡୋକାରିଚଞ୍ଚରା ଝାଡେଶ୍ୱର ଶୈବପୀଠ,ଝରିଆଗୁଡ଼ା ଶୈବପୀଠ,ମୁନୁଗାପଦର କାଳେଶ୍ୱର ଶୈବପୀଠ, ମୋଟେରର ଚମ୍ପେଶ୍ୱର ମହାଦେବ ଓ ଅନ୍ୟ ଶୈବପୀଠରେ ସକାଳରୁ ଭକ୍ତଙ୍କ ଭିଡ଼ ଲାଗି ରହିଥିଲା। ତେବେ ମାନସିକ ଧାରୀ ପୁରୁଷ, ମହିଳା ଶ୍ରଦ୍ଧାଳୁ ମାନେ ଜାଗର ଦୀପ ଜାଳି ମନ୍ଦିର ବେଢ଼ାରେ ଉପବାସ ରଖି ମହାଦୀପ ମନ୍ଦିରକୁ ଉଠିବା ପରେ ଉପବାସ ଭାଙ୍ଗି ପ୍ରସାଦ ସେବନ କରିଥିଲେ।

ହରଭଙ୍ଗାରେ ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ

ହରଭଙ୍ଗା,(ସବ୍ୟୁ): ଭାରତ ସରକାରଙ୍କ କ୍ରୀଡ଼ା ଓ ଯୁବ ମନ୍ତ୍ରଣାଳୟ ଅଧୀନସ୍ଥ ନେହେରୁ ଯୁବ କେନ୍ଦ୍ର ବୌଦ୍ଧ ପକ୍ଷରୁ ବୀରନରସିଂହପୁର ସ୍ଥିତ ସାଧୁଚରଣ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଛାତ୍ରୀମାନଙ୍କୁ ନେଇ ବ୍ଲକସ୍ତରୀୟ ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ ହୋଇଯାଇଛି । କାର୍ଯ୍ୟକ୍ରରେ ମୁଖ୍ୟ ଅତିଥି ଭାବେ ବିଦ୍ୟାଳୟ ଅଧକ୍ଷ ଓମ ପ୍ରକାଶ ପ୍ରଧାନ, ସମ୍ମାନୀତ ଅତିଥି ଭାବେ ନେହରୁ ଯୁବ କେନ୍ଦ୍ର କର୍ମକର୍ତ୍ତା ସୁଧିର ଦୀପ, ମୁଖ୍ୟକ୍ତା ଭାବରେ ବରିଷ୍ଠ ଶିକ୍ଷୟତ୍ରୀ ରାଜଲକ୍ଷ୍ମୀ ପ୍ରଧାନ ଯୋଗଦେଇ ଛାତ୍ରୀ ମାନଙ୍କୁ ଉଦବୋଧନ ଦେବା ସହ ଦିବସର ଆବଶ୍ୟକତା, ନାରୀଜୀବନର ସଂଘର୍ଷ କାହାଣୀ, ନାରୀ ସ୍ୱାଧୀନତା ଓ ନାରୀ ସଶକ୍ତିକରଣ ଉପରେ ଦୃଷ୍ଟି ଆକର୍ଷଣ କରିଥିଲେ । କାର୍ଯ୍ୟକ୍ରମ ଅବସରରେ ଛାତ୍ରୀ ମାନଙ୍କୁ ନେଇ 'ୱିମେନ ହିଟ ତୋ ଇଣ୍ଡିଆ ଫିଟ'ନାମକ ଗଣ ଦୌଡ଼ ପ୍ରତିଯୋଗିତା କରାଯାଇଥିଲା । କାର୍ଯ୍ୟକ୍ରମର କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା । ଅଧାପିକା ପ୍ରେମଲତା ମଲ୍ଲିକ,ରିତାରାଣୀ ସାମଲ,ସୁଶ୍ରୀ ଯାସ୍ମିନ ପ୍ରଧାନ,ସ୍ୱାଗତିକା ମହାକୁଡ଼,ପଦ୍ମିନୀ ସାହୁ ପ୍ରମୁଖ ମଞ୍ଚାସିନ ଥିଲେ । କାର୍ଯ୍ୟକ୍ରମକୁ କନିଷ୍ଠ ରେଡ଼କ୍ରସ କାଉନସେଲର ନବକିଶୋର ଦୀପ ପରିଚାଳନା କରିଥିବା ବେଳେ ସୁକନ୍ୟା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । ଜାତୀୟ ଯୁବ ସ୍ୱେଚ୍ଛାସେବୀ ବାମନ ବେହେରା ସହଯୋଗ କରିଥିଲେ ।

ଶାଗୁଆନ କାଠ ବୋଝେଇ ଗାଡ଼ି ଜବତ

ଖପ୍ରାଖୋଲ,(ସବ୍ୟୁ): ବଲାଙ୍ଗିର ଜିଲ୍ଲା ହରିଶଙ୍କର ବନ ବିଭାଗ ତରଫରୁ ଗୁରୁବାର ସଂଧାରେ ଚଢାଉ କରି ବେଆଇନ୍ ଶାଗୁଆନ କାଠ ବୋଝେଇ ଗାଡି ଜବତ କରିଥିବା ବେଳେ ଗାଡି ଡ୍ରାଇଭରକୁ ଗିରଫ କରିଥିବା ବନବିଭାଗ ସୂଚନା ଦେଇଛି। ସୂଚନା ଅନୁସାରେ ବେଆଇନ୍ କାଠ ଚାଲାଣ ହେଉଥିବା ଖବର ପାଇ ହରିଶଙ୍କର ବନାଞ୍ଚଳ ଅଧିକାରୀ ଅରବିନ୍ଦ ନାଏକଙ୍କ ନେତୃତ୍ୱରେ ଧଣ୍ଡାମୁଣ୍ଡା କଟାପାଲି ରାସ୍ତାରେ ଚଢ଼ାଉ କରି ଏକ ବୋଲେରୋ ପିକ ଅପ୍ ଗାଡି (ସିଜି ୦୬ଜି ଇ ୦୮୦୧) ସହ ୧୪ଟି ଶାଗୁଆନ କାଠ ଗଣ୍ଡି ଜବତ କରିଥିବା ବେଳେ ଯାହାର ଆନୁମାନିକ ମୂଲ୍ୟ ୧ଲକ୍ଷ ହେବ ବୋଲି ବନ ବିଭାଗ ସୂଚନା ଦେଇଛି। ବେଆଇନ୍ ଚାଲାଣ ଅଭିଯୋଗରେ ଗାଡି ଡ୍ରାଇଭର ଦେଓଗାଁ ଥାନା ପିପଲପଦର୍ ଗାଁ ର ମନୋହର ନନ୍ଦ (୩୧) କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସୂଚନା ଅନୁସାରେ କାଠ ବୁଡିବାହାଲ ଗାଁ ରୁ ଚାଲାଣ ହେଉଥିବା ବନାଞ୍ଚଳ ଅଧିକାରୀ କହିଛନ୍ତି। ଏନେଇ ହରିଶଙ୍କର ରେଞ୍ଜ କେସ ନମ୍ବର ୩୨୧/୨୩-୨ ୪ରେ ଏକ ମାମଲା ରୁଜୁ କରି ଅଧିକ ତଦନ୍ତ ଚାଲିଥିବା ଜଣାଯାଇଛି। ଚଢ଼ାଉରେ ବନପାଳ ସୁଧୀର କୁମାର ଜେନା, ରଞ୍ଜିତ କୁମ୍ଭାର, ବନରକ୍ଷୀ ରାଜେନ୍ଦ୍ର ଧରୁଆ,ଭକ୍ତ ଗଡତ୍ୟା ସମେତ ବନ ବିଭାଗ କର୍ମଚାରୀ ଉପସ୍ଥିତ ଥିଲେ।

ଗଞ୍ଜେଇ ଭର୍ତ୍ତି ବୋଲେରୋ ଜବତ

ଖପ୍ରାଖୋଲ/ବଲାଙ୍ଗିର,(ସବ୍ୟୁ): ମାଫିଆମାନେ ବୋଲେରୋରେ ଗଞ୍ଜେଇ ନେଇ ଚମ୍ପଟ ମାରୁଥିଲେ। ପୋଲିସ ପିଛା କରିବାରୁ ଭାରସାମ୍ୟ ହରାଇ ଦୋକାନରେ ପିଟିହେଲା ବୋଲେରୋ। ବଲାଙ୍ଗିର ଜିଲ୍ଲା ଲାଠୋର ଥାନା ଅନ୍ତର୍ଗତ ଚଚରାଭଟା ଗାଁ ନିକଟରେ ଏହି ଦୁର୍ଘଟଣା ଘଟିଛି। ପୋଲିସ ଗାଡ଼ିରୁ ୧ କ୍ୱିଣ୍ଟାଲରୁ ଅଧିକ ଗଞ୍ଜେଇ ଜବତ କରିଛି। ଗଞ୍ଜେଇ ଭର୍ତ୍ତି ବୋଲେରୋଟି ଖପ୍ରାଖୋଲରୁ ରେଙ୍ଗାଲି ରାସ୍ତା ଦେଇ ଯାଉଥିବା ପୁଲିସ କୌଣସି ସୂତ୍ରରୁ ଖବର ପାଇଥିଲା। ଭୋରରୁ ରେଙ୍ଗାଲି ରାସ୍ତାରେ ପୋଲିସ ପୂର୍ବ ଯୋଜନା ମୁତାବକ ଛକି ରହିଥିଲା। ଗଞ୍ଜେଇ ଭର୍ତ୍ତି ପିକ୍‌ଅପ୍ ଭ୍ୟାନଟି ରେଙ୍ଗାଲି ରାସ୍ତା ଦେଇ ଯିବାବେଳେ ପୁଲିସ ଗାଡ଼ିକୁ ପିଛା କରିଥିଲା। ଗଞ୍ଜେଇ ମାଫିଆମାନେ ପୁଲିସକୁ ଦେଖି ଖସି ପଳାଇଯିବାକୁ ଉଦ୍ୟମ କରିଥିଲେ। ଗାଡ଼ିକୁ ଦ୍ରୁତ ଗତିରେ ଚଳାଇ ଖସି ଯିବାକୁ ଉଦ୍ୟମ କରିଥିଲେ। ଶେଷରେ ବୋଲେରୋଟି ଭାରସାମ୍ୟ ହରାଇ ଦୋକାନରେ ପିଟି ହୋଇଯାଇଥିଲା। ବୋଲେରୋରେ ଥିବା ଗଞ୍ଜେଇ ମାଫିଆମାନେ ଘଟଣାସ୍ଥଳରୁ ଚମ୍ପଟ ମାରିଥିବା ବେଳେ ଡ୍ରାଇଭର ଗୁରୁତର ଆହତ ହୋଇଥିଲେ। ତାଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ପୁଲିସ ଗାଡ଼ିରୁ ୧ କ୍ୱିଣ୍ଟାଲରୁ ଅଧିକ ଗଞ୍ଜେଇ ଜବତ କରିଛି। ଯାହାର ମୂଲ୍ୟ ଲକ୍ଷାଧିକ ଟଙ୍କା ବୋଲି ଅନୁମାନ କରାଯାଉଛି।

ମୋ ସ୍କୁଲ ଅଭିଯାନ ସମ୍ପର୍କିତ ଉତ୍ସବ

ଘଣ୍ଟାପଡା,(ସବ୍ୟୁ):କନ୍ଧମାଳ ବ୍ଲକ ଉମା ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ଠାରେ ମୋସ୍କୁଲ ଅଭିଯାନ ଅନୁଷ୍ଠିତ ହୋଇଯାଇଛି । ପ୍ରଧାନ ଶିକ୍ଷକ କଷ୍ଟେଶ୍ୱର ଭୋଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସ୍ଥାନୀୟ ସରପଞ୍ଚ ଦୌଲଥ ପାଣ୍ଡେ ମୁଖ୍ୟଅତିଥି ଭାବେ ଯୋଗଦେଇ ସମସ୍ତଙ୍କ ସମନ୍ୱୟ ରହିଲେ ଶିକ୍ଷାର ମାନ ସଫଳ ହେବ ବୋଲି କହିଥିଲେ । ଆଲୁମିନି କମିଟି ସଭ୍ୟ କରୁଣାକର ସେଠି ସମ୍ମାନିତ ଅତିଥି ଭାବେ ଯୋଗଦେଇ ବିଦ୍ୟାଳୟର ରୂପାନ୍ତରିତ ବିଷୟରେ କହିଥିଲେ । ବରିଷ୍ଠ ଶିକ୍ଷକ କୃଷ୍ଣଚନ୍ଦ୍ର ପ୍ରଧାନ ଉଚ୍ଚାକାଂକ୍ଷୀ ପାଠ୍ୟକ୍ରମ ବିଷୟରେ ଉପସ୍ଥାପନ କରିଥିଲେ । ଏହି ଅବସରରେ ସଭ୍ୟ ମାନଙ୍କୁ ମୁଖ୍ୟମନ୍ତ୍ରୀ ଧନ୍ୟବାଦ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା । ଶେଷରେ ଶିକ୍ଷୟିତ୍ରୀ ଅଙ୍କିତା ମଲିକ ଧନ୍ୟବାଦ ଦେଇଥିଲେ । ସହକାରୀ ବାସୁଦେବ କୁମ୍ଭାର, ଅଜିତ କୁମାର ବିଶି, ଶିକ୍ଷୟିତ୍ରୀ ଶୁଭସ୍ମିତା ପାତ୍ର କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । କାର୍ଯ୍ୟକ୍ରମରେ ମୋ ସ୍କୁଲ ଅଭିଯାନ କମିଟି ସଦସ୍ୟ, ଆଲୁମିନି କମିଟି ସଦସ୍ୟ, ଅଭିଭାବକ, ଅଭିଭାବିକା, ଶିକ୍ଷକ, ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ ।

ଆନ୍ତର୍ଜାତୀୟ ମହିଳା ଦିବସ ପାଳିତ

ଭବାନୀପାଟଣା,(ସବ୍ୟୁ): ଜିଲ୍ଲା ସମାଜ କଲ୍ୟାଣ କାର୍ଯ୍ୟାଳୟ ପକ୍ଷରୁ ଚଳିତ ବର୍ଷର ଆନ୍ତର୍ଜାତୀୟ ମହିଳା ଦିବସ - ୨୦୨୪ ଗୁରୁବାର ଭବାନୀପାଟଣା ବ୍ଲକ ସଭାଗୃହରେ ପାଳିତ ହୋଇଯାଇଛି । ଜିଲ୍ଲାପାଳ ପି. ଅନ୍ୱେଷା ରେଡ୍ଡୀ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ମଧୁଛନ୍ଦା ସାହୁ, ଜିଲ୍ଲା ପରିଷଦ ଅଧ୍ୟକ୍ଷ ପୁଷ୍ପେନ୍ଦ୍ର ସିଂ ଦେଓ, ମ୍ୟୁନିସିପାଲିଟି ଅଧକ୍ଷା ସଞ୍ଜୁକ୍ତା ବେହେରା, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ମୁଜିବୁନ ନିଶା, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜଣ ସ୍ୱାସ୍ଥ୍ୟ ଅଧିକାରୀ ଡ. ନିହାର ରଞ୍ଜନ ପଣ୍ଡା, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋଜକୁମାର ବେହେରା, ଜିଲ୍ଲା ଶିଶୁ ମଙ୍ଗଳ ସମିତି ସଭାପତି ରୂପେଶ କୁମାର ହୋତା, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଶୈଳେନ୍ଦ୍ର ମହାପାତ୍ର, ଅବସର ପ୍ରାପ୍ତ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଶ୍ରୀମତୀ ଯଜ୍ଞସେନୀ ବେହେରା, ଓ ଶ୍ରୀମତୀ ସଙ୍ଘମିତ୍ରା ମହାପାତ୍ର ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ବିରେନ୍ଦ୍ର କୁମାର କୋହୋର, ଜିଲ୍ଲା କିଶୋର ନ୍ୟାୟ ପରିଷଦ ସଭ୍ୟା ସୁଶ୍ରୀ ସ୍ୱର୍ଣ୍ଣଲତା ମହାନ୍ତି ଓ ଭବାନୀ ପଟ୍ଟନାୟକ, ଅତିରିକ୍ତ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଦୁଲାଳ ସେନାପତି ମଞ୍ଚାସୀନ ଅତିଥି ଭାବେ ଯୋଗଦେଇଥିଲେ । ଅଂଶଗ୍ରହଣ କାରି ମଧ୍ୟରେ ଜିଲ୍ଲାର ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀ, ଆଇ. ସି. ଡି. ଏସ. ର ମହିଳା ପରିଦର୍ଶୀକା, ଜିଲ୍ଲା ସମାଜ କଲ୍ୟାଣ କାର୍ଯ୍ୟାଳୟର କର୍ମକର୍ତ୍ତା, ଅଙ୍ଗନୱାଡି କର୍ମୀ, ଅଙ୍ଗନୱାଡି ସହାୟିକା, ପୋଷଣ କାର୍ଯ୍ୟକ୍ରମ ଅଧୀନରେ କାର୍ଯ୍ୟରତ ସମସ୍ତ ବ୍ଲକ ସଂଯୋଜକ, କିଶୋରୀ ବାଳିକା, କଳାହାଣ୍ଡି ସରକାରୀ ଇଂଜିନିୟରିଂ କଲେଜର ଛାତ୍ର ଛାତ୍ରୀ, ୱାନ ଷ୍ଟପ ସେଣ୍ଟରର କର୍ମଚାରୀ ମାନେ ଯୋଗ ଦେଇଥିଲେ । ସର୍ବ ଶ୍ରେଷ୍ଠ ପ୍ରଦର୍ଶନ ପୂର୍ବକ ୨ଜଣ ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀ, ୨ ଜଣ ମଣ୍ଡଳ ପରିଦର୍ଶିକା, ୪ ଜଣ ଅଙ୍ଗନୱାଡି କର୍ମୀ ଓ ୩ ଜଣ ଅଙ୍ଗନୱାଡି ସହାୟିକାଙ୍କୁ ସମ୍ମାନିତ କରଯାଇଥିଲା । ୩ ଜଣ ଅଙ୍ଗନୱାଡ଼ି କର୍ମୀ ଓ ୩ ଜଣ ମଣ୍ଡଳ ପରିଦର୍ଶିକା ସମସ୍ତଙ୍କୁ ଟ.୪୦୦୦,୦୦ଙ୍କ ଆର୍ଥିକ ପୁରସ୍କାର ପ୍ରଦାନ କରିବା ସହିତ ପ୍ରମାଣପତ୍ର ଦେଇ ସମ୍ମାନିତ କରଯାଇଥିଲା । କେସିଙ୍ଗା ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀ ସୁଷମା ମିଶ୍ର ମଞ୍ଚ ଓ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଜିଲ୍ଲା କାର୍ଯ୍ୟକ୍ରମ ପରିଚାଳକ ବିଶ୍ୱନାଥ ଦାଶ ଚୟନ ପ୍ରକ୍ରିୟା ଗୁଡ଼ିକୁ ଉପସ୍ଥାପନ ପୂର୍ବକ ପୁରସ୍କାର ବିତରଣ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । କଳାହାଣ୍ଡି ସରକାରୀ ଇଂଜିନିୟରିଂ କଲେଜର ଛାତ୍ରଛାତ୍ରୀ ମାନେ ମହିଳା ସଶକ୍ତିକରଣ ଉପରେ ଆଧାରିତ ଏକ ସୁନ୍ଦର ନାଟକ ପରିବେଷଣ କରିଥିଲେ । ଅତିରିକ୍ତ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଦୁଲାଲ ସେନାପତିଙ୍କ ପକ୍ଷରୁ ସମସ୍ତଙ୍କୁ ଧନ୍ୟବାଦ ମାଧମରେ କାର୍ଯ୍ୟକ୍ରମକୁ ଶେଷ କରଯାଇଥିଲା ।

କହରପଡା ସ୍କୁଲରେ ମୋ ସ୍କୁଲ ଉତ୍ସବ

ଝାରସୁଗୁଡା,(ସବ୍ୟୁ): କିର୍ମିରା ବ୍ଲକ ଅର୍ଡା ପଞ୍ଚାୟତ ସାରସମାଲ କହର ପଡା ସରକାରୀ ପ୍ରାଥମିକ ସ୍କୁଲରେ ସ୍କୁଲସ୍ତରୀୟ ମୋ ସ୍କୁଲ ଉତ୍ସବ ପାଳିତ ହୋଇଯାଇଛି । ଉତ୍ସବରେ ସ୍କୁଲର ଆଲୁମିନି ସଭ୍ୟସଭ୍ୟା ଯୋଗ ଦେଇଥିଲେ । ଏହି ଅବସରରେ ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ଉତ୍ସବର ଉଦ୍ଦେଶ୍ୟ, ବିଦ୍ୟାଳୟର କ୍ରମାଗତ ହୋଇଥିବା ତିନୋଟି ପର୍ଯ୍ୟାୟର ଉନ୍ନତି ମୂଳକ କାର୍ଯ୍ୟ ତଥା ଗତ ୩୧ ଜାନୁୟାରୀ ୨୦୨୪ ରେ ମିଳିଥିବା ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରଷ୍କାର ବିଷୟରେ ସମସ୍ତଙ୍କୁ ଅବଗତ କରିଥିଲେ ।ସଭ୍ୟସଭ୍ୟା ସ୍କୁଲର କାର୍ଯ୍ୟ ଓ ପୁରସ୍କାର ସହ ମାନପତ୍ର ଦେଖି ଅତ୍ୟନ୍ତ ଖୁସି ହୋଇଥିଲେ । ଏହା ସହିତ ମୋ ବିଦ୍ୟାଳୟ ଅଭିଯାନ ସଂଗଠନକୁ ଆହୁରୀ ସୁଦୃଢ କରିବା ପାଇଁ ସମସ୍ତେ ପ୍ରତିଶୃତି ଦେଇଥିଲେ । ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଦିଆଯାଇଥିବା ଧନ୍ୟବାଦ ପତ୍ର ସମସ୍ତଙ୍କୁ ବିତରଣ କରାଯାଇଥିଲା । ଏଥିରେ ଯୋଗଦାନ କରିଥିବା ତଥା ବିଦ୍ୟାଳୟକୁ ସଫଳତା ଆଣିଥିବା ଆଲୁମିନି ସଭ୍ୟସଭ୍ୟା ଚୂଡାମଣି ସାହୁ , ରାମେଶ୍ୱର ନାଏକ , ମଙ୍ଗଳ ବାଗ , ମିଶ୍ର ପିଙ୍ଗ , ବାରିକ ତଣ୍ଡିଆ , ସଦାନନ୍ଦ ବଲୁଆ , ଜୟରାମ ବେସନ , ଛବିଳ ପିଙ୍ଗ , ନବୀନ ସିଂ , ରୋମାଞ୍ଚ ଦିହିରିଆ , ରଶ୍ମିତା ତଣ୍ଡିଆ , ସୋନୁ ତଣ୍ଡିଆ , ଅଞ୍ଜଳି କୁମ୍ଭାର , ଜନନୀ ପିଙ୍ଗ , ସୁପ୍ରଭା ପିଙ୍ଗ ପ୍ରମୁଖ ସଭ୍ୟସଭ୍ୟାଙ୍କୁ ପ୍ରଧାନ ଶିକ୍ଷୟିତ୍ରୀ ଧନ୍ୟବାଦ ଅର୍ପଣ କରିଥିଲେ।

ପୋଲିସ ସ୍କୁଲରେ ମଧ୍ୟାହ୍ନ ଭୋଜନ କକ୍ଷ ଉଦ୍‌ଘାଟିତ



ଭବାନୀପାଟଣା,(ସବ୍ୟୁ): ଭବାନୀପାଟଣା, ଶକ୍ତିନଗର ସ୍ଥିତ ପୋଲିସ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଛାତ୍ର ଛାତ୍ରୀ ମାନଙ୍କ ନିମନ୍ତେ ଭୋଜନ କକ୍ଷ ଉଦଘାଟିତ ହୋଇଯାଇଛି। ଉକ୍ତ ଉଦ୍ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ରୂପେ ଜିଲ୍ଲା ଶିକ୍ଷା ଅଧିକାରୀ ସୁଶାନ୍ତ କୁମାର ଚୋପଦାର, ସମ୍ମାନିତ ଅତିଥି ରୂପେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଟେମଲାଲ ଦୁବେ, ରାଜ୍ୟପାଳ ପୁରସ୍କାର ପ୍ରାପ୍ତ ଶିକ୍ଷକ ପ୍ରଭାସ ଚନ୍ଦ୍ର ମିଶ୍ର, ସାମ୍ବାଦିକ ସଂଘ ଜିଲ୍ଲା ସଭପତି ତଥା ମହାବୀର ସାଂସ୍କୃତିକ ଅନୁଷ୍ଠାନର ସଭାପତି ଶାନ୍ତନୁ କୁମାର ବେହେରା ଉପସ୍ଥିତ ଥିବା ବେଳେ ଉକ୍ତ କାର୍ଯ୍ୟକ୍ରମରେ ଗୋଷ୍ଠୀ ଶିକ୍ଷା ଅଧିକାରୀ,ଭବାନୀପାଟଣା ଅଚାରୀ ଶବର ସଭାପତିତ୍ୱ କରିଥିଲେ। ଏହି ଅବସରରେ ବିଦ୍ୟାଳୟର ପ୍ରତିଷ୍ଠାତା ପ୍ରକୃତି ବନ୍ଧୁ ତଥା ରାଜ୍ୟପାଳ ପୁରସ୍କାର ପ୍ରାପ୍ତ ପ୍ରଧାନ ଶିକ୍ଷକ ନୀଳାମ୍ବର ନାୟକ ସଭାର ଉଦ୍ଦେଶ୍ୟ ଜ୍ଞାପନ ପୂର୍ବକ ଅତିଥିଗଣଙ୍କୁ ସମ୍ମାନିତ କରିଥିଲେ । ପୁରାତନ ଛାତ୍ର ଛାତ୍ରୀମାନଙ୍କ ସହଯୋଗରେ ମୋ ସ୍କୁଲ ଅଭିଯାନ କାର୍ଯ୍ୟକ୍ରମ ଅନ୍ତର୍ଗତ ଭୋଜନ କକ୍ଷ ନିର୍ମାଣର ସଫଳତା ନିମିତ୍ତ କୃତଜ୍ଞତା ଜ୍ଞାପନ କରିଥିଲେ । ଏହି ଅବସର ରେ ଭୋଜନ କକ୍ଷର ଚିତ୍ତାକର୍ଷକ ଚିତ୍ର ମାଧମରେ ସଜ୍ଜିତ କରିଥିବା, ବିଶିଷ୍ଟ ଚିତ୍ର ଶିଳ୍ପୀ ମୁକୁନ୍ଦ ରେଡ୍ଡୀ, ନିଷ୍ପାପର ସେବା କାର୍ଯ୍ୟ ପାଇଁ ପୁରାତନ ଅଭିଭାବକ ଗୌରଣା କାର୍ଯ୍ୟକ୍ରମର ସଫଳତାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ପୁରାତନ ଛାତ୍ର ଛାତ୍ରୀ ସଂଘର ସଭାପତି ସନ୍ତୋଷ କୁମାର ସାହୁ ଓ ସମ୍ପାଦକ ବିଶ୍ୱଜିତ ରାୟଙ୍କୁ ସମ୍ବର୍ଦ୍ଧିତ କରିବା ସହ ବଦାନ୍ୟ ପୁରାତନ ଛାତ୍ର ଛାତ୍ରୀଙ୍କୁ ପ୍ରଶଂସା ପତ୍ର ପ୍ରଦାନ କରାଯାଇଥିଲା। ନିମନ୍ତ୍ରିତ ଅତିଥି ରୂପେ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଜଗନ୍ନାଥ ଡାକୁଆ, ଏ.ବି.ଇ.ଓ ଜଗଦୀଶ ଚନ୍ଦ୍ର ମୁଣ୍ଡ, ଜୟ କୁମାର ମାଝୀ, ହୃଷିକେଶ ନାଏକ , ପୋଲିସ ଉଚ୍ଚ ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ଜୟରାମ ସାହୁ , ସି. ଆର .ସି .ସି ପ୍ରଫୁଲ୍ଲ କୁମାର ଠାକୁର ପ୍ରମୁଖ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ବିଦ୍ୟାଳୟର ଛାତ୍ର ଛାତ୍ରୀ ମାନେ ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିବା ସହ, ଶିକ୍ଷୟତ୍ରୀ ପ୍ରଣତୀ ମିଶ୍ର ମଞ୍ଚ ପରିଚାଳନା ଓ ସଂଯୋଜନା କରିଥିଲେ । ପ୍ରଧାନ ଶିକ୍ଷକ ଶ୍ରୀ ନାଏକ ଧନ୍ୟବାଦ ଅର୍ପଣ କରିଥିଲେ।

ଅଙ୍ଗନଦୀ ପୋଲ, ଦିଗଶିରା ଭୂତଳ ନାଳ ଶିଳାନ୍ୟାସ

ଏସ୍ -ରାମପୁର ,(ସବ୍ୟୁ): ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକର ଶୁଖା ଓ ବଲାଙ୍ଗିର ଜିଲ୍ଲା ଡୁକୁକା ବ୍ଲକ୍ ଅଙ୍ଗନଦୀ ପୋଲ ନିର୍ମାଣ ସହ ଦିଗସିରା ଗ୍ରାମରେ ଭୂତଳ ଜଳ ନିର୍ମାଣ ପାଇଁ ମନ୍ତ୍ରୀ ନିରଞ୍ଜନ ପୂଜାରୀ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଏହି ଅବସରରେ ଶୁଖାଠାରେ ଆୟୋଜିତ ସଭାରେ ମନ୍ତ୍ରୀ ଶ୍ରୀ ପୂଜାରୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଉକ୍ତ ପୋଲ ନିର୍ମାଣ ପରେ ସୁବର୍ଣ୍ଣପୁର ଜିଲ୍ଲାର ୭ଟି ପଞ୍ଚାୟତ ଓ ଶୁଖାର ଜନସାଧାରଣ ଉପକୃତ ହେବେ ବୋଲି କହିଥିଲେ। ସେହିପରି ବଲାଙ୍ଗିର ଜିଲ୍ଲା ଆଗଲପୁର ବ୍ଲକର ଡୁଡୁକା, ରୋମ, ଉପରଆହଆଲ, ଲୁହୁରାମୁଣ୍ଡା, ନୁନିଆଁପାଲି, ସାଲେଭଟା ୬ଟି ପଞ୍ଚାୟତ ଜନସାଧାରଣ ଉପକୃତ ହେବେ ବୋଲି ସେ କହିଥିଲେ । ଗ୍ରାମ୍ୟ ନିର୍ମାଣ ବିଭାଜନ ବିଭାଗ ସୋନପୁରର ଉପଖଣ୍ଡ ଅଧିକାରୀ ବୀରେନ୍ଦ୍ର ତ୍ରିପାଠୀ କହିଲେ ୨୫ କୋଟି ୩୩ ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣ ହେବାକୁ ଥିବା ୫୪୪.୬୮ ମିଟର ଖୋଲରେ ୧୭ଟି ପିଲର ହେବ ଏବଂ ୨୦୨୬ ମସିହା ସୁଦ୍ଧା ଏଥାର ନିର୍ମାଣ କାର୍ଯ୍ୟ ଶେଷ ହେବ ବୋଲି କହିଥିଲେ । ଉକ୍ତ ସଭାରେ ଜିଲ୍ଲା ପରିଷଦ ସଭାପତି ସୁପାର ଠେଲା, ପୂର୍ବ ଜିଲ୍ଲା ପରିଷଦ ସଭାପତି ହିମାଂଶୁ ଶେଖର ବିଶ୍ୱାଳ, ଶୁଖା ସରପଞ୍ଚ ରଶ୍ମିତା ବିଶ୍ୱାଳ, ସମିତି ସଭ୍ୟ ମଦନ ସିଂ ବରିହା, ବ୍ଲକ୍ ଉପାଧକ୍ଷ ମକରଧ୍ୱଜ ସାହୁ, ଯୁବନେତା ଆକାଶ ମିଶ୍ର, ବଲାଙ୍ଗିର ଜିଲ୍ଲା ପରିଷଦ ସଭ୍ୟ ବୀଣାପାଣି ଦାସ ପ୍ରମୁଖ ମଞ୍ଚାସୀନ ଥିଲେ। ରଂଜନ ଠେଲା ମଞ୍ଚ ପରିଚାଳନା କରୁଥିଲେ। ସେହିପରି ଡୁଙ୍ଗୁରିପାଲି ବ୍ଲକ୍ ଦିଗସିରାରେ ମନ୍ତ୍ରୀ ଶ୍ରୀ ପୂଜାରୀ ଗ୍ରାମର ପରିମଳ ବ୍ୟସ୍ଥା ସୁଧାର ପାଇଁ ଜିଲ୍ଲାର ପ୍ରଥମ ଭାବେ ଭୂତଳ ଜଳ ନାନ ନିର୍ମାଣରେ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ସରପଞ୍ଚ କୌଶଲ୍ୟା ମେହେରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ପୂର୍ବ ଜିଲ୍ଲା ପରିଷଦ ସଭାପତି ହିମାଂଶୁ ଶେଖର ବିଶ୍ୱାଳ, ବ୍ଲକ୍ ଉପାଧକ୍ଷ ମକରଧ୍ୱଜ ସାହୁ, ବିଡିଓ ବିପିନ ବିହାରୀ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଦୀନବନ୍ଧୁ ସୁନା ମଞ୍ଚ ପରିଚାଳନା କରିଥିଲେ।

(ଶ୍ରୀମଭଗବଦ୍ ଗୀତା ୪/୨୧)

—ଜ୍ଞାନଯୋଗଃ—

(ଶ୍ରୀଭଗବାନୁବାଚ)

ନିରାଶୀର୍ଯଚଚିତ୍ତାତ୍ମା ତ୍ୟକ୍ତସର୍ବପରିଗ୍ରହଃ
ଶରୀରଂ କେବଳଂ କର୍ମ କୁର୍ବନ୍ନାପ୍ନୋତି କିଲ୍ବିଷମ୍ ॥୨୧॥

ନିଷ୍କାମ, ସଂଯତଚିତ୍ତ, ସଂଯତଦେହ, ସର୍ବବିଧ ପରିଗ୍ରହ ତ୍ୟାଗ କରିଥିବା ବ୍ୟକ୍ତି (କର୍ତ୍ତୃତ୍ୱାଭିମାନ ପରିତ୍ୟାଗପୂର୍ବକ) କେବଳ ଦେହଯାତ୍ରା ନିର୍ବାହୋଯୋଗ କର୍ମ କରି ମଧ୍ୟ ସଂସାର ବନ୍ଧନ ପ୍ରାପ୍ତ ହୁଏ ନାହିଁ. (ଯୋଗରୂଢ଼ ପକ୍ଷରେ ଦେହଧାରଣ ନିମିତ୍ତ ସ୍ୱାଭାବିକ ଭିକ୍ଷାଟନାଦି କର୍ମ କଲେ ମଧ୍ୟ ବିହିତ କର୍ମର ଅକରଣ ନିମିତ୍ତ ପାପଭାଗୀ ହୁଏ ନାହିଁ) ॥୨୧॥

ସମ୍ପାଦକୀୟ

ମାଳଦ୍ୱୀପ ଏବେ ଚୀନ ମୁହାଁ

ମାଳଦ୍ୱୀପ ରାଷ୍ଟ୍ରପତି ମହମ୍ମଦ ମୁଇଜ୍ଜୁଙ୍କ ଘୋଷଣା ଅନୁସାରେ ମେ' ମାସ ୧୦ ତାରିଖ ପରେ ଦ୍ୱୀପପୁଞ୍ଜରେ ଭାରତୀୟ ସାମରିକ କର୍ମଚାରୀ ଉପସ୍ଥିତ ରହିପାରିବେ ନାହିଁ। ସେମାନେ ନା ୟୁନିଫର୍ମରେ ନା ସାଧାରଣ ନାଗରିକଙ୍କ ପୋଷାକରେ– କୌଣସି ପ୍ରକାର ପୋଷାକରେ ମାଳଦ୍ୱୀପରେ ରହିପାରିବେ ନାହିଁ । ଚୀନ୍ ମାଳଦ୍ୱୀପକୁ ମାଗଣାରେ ସାମରିକ ସହାୟତା ଯୋଗାଇ ଦେବା ନେଇ ଚୁକ୍ତି କରିଛି ଯାହା ମାଳଦ୍ୱୀପ ରାଷ୍ଟ୍ରପତି ମହମ୍ମଦ ମୁଇଜ୍ଜୁଙ୍କୁ ଉତ୍ସାହିତ କରିଛି, ଭାରତ ବିରୋଧୀ ଆଭିମୁଖ୍ୟକୁ ଦୃଢ କରିବାପାଇଁ । ମାଳଦ୍ୱୀପ ସହିତ ଭାରତର ସମ୍ପର୍କ ବେଶ୍ ପୁରୁଣା । ୧୯୬୫ ମସିହାରେ ମାଳଦ୍ୱୀପ ସ୍ୱାଧୀନ ହେବା ପରେ, ଏହା ସହ ଭାରତ କୂଟନୈତିକ ସମ୍ପର୍କ ସ୍ଥାପନ କରିଥିଲା । ବାଣିଜ୍ୟ, ପର୍ଯ୍ୟଟନ ଏବଂ ଜଳପଥ ପାଇଁ ମାଳଦ୍ୱୀପ ସହ ଯୋଡ଼ିହେବା ଭାରତ ପାଇଁ ଖୁବ୍ ଗୁରୁତ୍ୱପୂର୍ଣ୍ଣ ଏବଂ ଭାରତ ମହାସାଗର ଅଞ୍ଚଳରେ ମାଳଦ୍ୱୀପକୁ ଭାରତ ଏକ ପ୍ରମୁଖ ସାମୁଦ୍ରିକ ଭାଗିଦାରୀ ଭାବରେ ସ୍ୱୀକୃତି ଦେଇଛି । ଚିକିତ୍ସା, ଭିତ୍ତିଭୂମି, ଶକ୍ତି ଏବଂ ଅର୍ଥନୀତି କ୍ଷେତ୍ରରେ ମାଳଦ୍ୱୀପକୁ ଭାରତ ସହଯୋଗ କରିଆସିଛି । ଅନ୍ୟପକ୍ଷରେ ଦୀର୍ଘ ବର୍ଷ ଧରି ଚୀନ୍ ମଧ୍ୟ ମାଳଦ୍ୱୀପକୁ ନିଜର କରିବା ପାଇଁ ପ୍ରୟାସ କରିଆସିଛି । କାରଣ ଚୀନ ପାଇଁ ମଧ୍ୟ ଏହି ଅଞ୍ଚଳ ଦେଇ ଯାଇଥିବା ସମୁଦ୍ରପଥ ଖୁବ୍ ଗୁରୁତ୍ୱପୂର୍ଣ୍ଣ । ତେଣୁ, ଚୀନ ମାଳଦ୍ୱୀପରେ ଅଧିକରୁ ଅଧିକ ପୁଞ୍ଜି ନିବେଶ କରିଚାଲିଛି । ମାଳଦ୍ୱୀପର ରାଜନୀତିରେ ପରିବର୍ତ୍ତନ ସହିତ ଏହାର ବୈଦେଶିକ ନୀତି ପରିବର୍ତ୍ତନ ହୁଏ ଏବଂ ହେବା ମଧ୍ୟ ସ୍ୱାଭାବିକ । ଅତୀତରେ ମଧ୍ୟ ଭାରତର ସମ୍ପର୍କରେ ଅବନତି ଘଟିଛି, କିନ୍ତୁ ବର୍ତ୍ତମାନ ପରିସ୍ଥିତି ଭିନ୍ନ । କେତେକ ଘଟଣା ସ୍ପଷ୍ଟ କରିଛି ଯେ' ନୂଆ ସରକାର ସମ୍ପୂର୍ଣ୍ଣ ଭାବରେ ଭାରତକୁ ବିରୋଧ କରୁଛନ୍ତି । ମହମ୍ମଦ ମୁଇଜ୍ଜୁ କ୍ଷମତାକୁ ଆସିବା ପରେ ମାଳଦ୍ୱୀପର ଭାରତ ସହ ସମ୍ପର୍କ ଖରାପ ହେବାରେ ଲାଗିଛି ଏବଂ ଦେଶରୁ ସେନା ହଟାଇବା ନେଇ ରାଷ୍ଟ୍ରପତିଙ୍କ ଦୃଢୋକ୍ତି ବାସ୍ତବିକ ଦୁଇ–ଦେଶର ସମ୍ପର୍କକୁ ଆହୁରି ପ୍ରଭାବିତ କରିବ । ତେବେ ପ୍ରଶ୍ନ ଉଠୁଛି, ମାଳଦ୍ୱୀପରେ ୧୦୦ ଠାରୁ କମ୍ ସଂଖ୍ୟକ ଭାରତୀୟ ସୈନ୍ୟ ଥିବାବେଳେ, ମୁଇଜ୍ଜୁ ସେମାନଙ୍କୁ ଏତେ ଶୀଘ୍ର ହଟାଇବା ପାଇଁ କାହିଁକି ଜିଦ୍ ଧରିଛନ୍ତି ? କାରଣ ଖୁବ୍ ସ୍ପଷ୍ଟ–ମାଳଦ୍ୱୀପରୁ ଭାରତର ଆଧିପତ୍ୟକୁ ସମାପ୍ତ କରିବା ପାଇଁ ଚୀନ ମାଳଦ୍ୱୀପକୁ ବ୍ୟବହାର କରୁଛି ଏବଂ ମାଗଣାରେ ସାମରିକ ସହାୟତା ଦେବା ନେଇ ଚୁକ୍ତି କରିଛି । ମାଳଦ୍ୱୀପରୁ ଭାରତୀୟ ସାମରିକ କର୍ମୀ ରହିବା ସାର୍ବଭୌମତ୍ୱର ଉଲ୍ଲଂଘନ ବୋଲି ଚିତ୍ରଣ କରାଯାଉଛି । ବାସ୍ତବରେ ସେଠାରେ ଥିବା ସାମରିକ କର୍ମଚାରୀମାନଙ୍କ ମଧ୍ୟରୁ ଅଧିକାଂଶ ପରିଚାଳକ ଓ ଟେକ୍ନିସିଆନ ଅଟନ୍ତି ଯେଉଁମାନେ ଭାରତ ଦ୍ୱାରା ପ୍ରଦତ୍ତ ଗୋଟିଏ ଡର୍ନିୟର ବିମାନ ଏବଂ ଦୁଇଟି ହେଲିକପ୍ଟର ପରିଚାଳନା କରନ୍ତି । ଅନ୍ୟପକ୍ଷରେ ମାତ୍ର ୧୦୦ରୁ କମ୍ ସଂଖ୍ୟକ ସାମରିକ କର୍ମଚାରୀ ମାଳଦ୍ୱୀପରେ ଥିବାବେଳେ ମୁଇଜ୍ଜୁ ଏଥିନେଇ ଭୁଲ ତଥ୍ୟ ଦେଉଛନ୍ତି । ତେବେ ପଡୋଶୀ ଦେଶ ମଧ୍ୟରେ ଭାରତ ବିରୋଧରେ ଅସନ୍ତୋଷ ସୃଷ୍ଟି କରିବାକୁ ଚୀନ୍‌ର ଅନେକ ପ୍ରୟାସ ମଧ୍ୟରୁ ଏହା ଅନ୍ୟତମ । କିନ୍ତୁ ଚୀନ ପକ୍ଷରୁ କୁହାଯାଇଛି ଯେ' ଦୁଇ ଦେଶ ମଧ୍ୟରେ ଥିବା ସମ୍ପର୍କ କୌଣସି ତୃତୀୟ ପକ୍ଷକୁ ବିରୋଧ କରିବା ପାଇଁ ଉଦ୍ଦିଷ୍ଟ ନୁହେଁ । ତେବେ ଚୀନ ଏହାର ଅନେକ ଦିନର ଚେଷ୍ଟାରେ ସଫଳ ହେବାକୁ ଯାଉଛି । ସି ଜିନପିଙ୍ଗଙ୍କ ବେଲ୍ଟ ଆଣ୍ଡ ରୋଡ୍ ଇନିସିଏଟିଭ୍ (BRI) ଯୋଗୁଁ ୨୦୧୩ ପରେ ଚୀନ ଓ ମାଳଦ୍ୱୀପ ମଧ୍ୟରେ ସମ୍ପର୍କ ବୃଦ୍ଧି ପାଇଛି । ଅନ୍ୟପକ୍ଷରେ ମାଳଦ୍ୱୀପ ସହ ଭାରତର ସାଂସ୍କୃତିକ ଏବଂ ଐତିହାସିକ ସମ୍ପର୍କ ରହିଛି । ଉଭୟ ଦେଶର ଜନତାଙ୍କ ମଧ୍ୟରେ ଭଲପାଇବା ରହିଛି । ରାଜନୀତି ହୁଏତ କିଛି ସମୟ ପାଇଁ ଦୁଇ ଦେଶ ମଧ୍ୟରେ ଥିବା ସମ୍ପର୍କକୁ ପ୍ରଭାବିତ କରିପାରେ, କିନ୍ତୁ ଏହା ଚିରସ୍ଥାୟୀ ହେବନାହିଁ । ତଥାପି ଭାରତ ଚୀନର ବିସ୍ତାରବାଦୀ ନୀତି ଉପରେ ଧ୍ୟାନ ଦେବା ଦରକାର ଏବଂ ସେହି ଅନୁସାରେ କାର୍ଯ୍ୟକ୍ରମ ହାତକୁ ନେବା ଦରକାର ।

ରାଜନୀତିରେ ବିଚାରପତି

କୋଲକାତା ହାଇକୋର୍ଟର ବିଚାରପତି ଅଭିଜିତ ବନ୍ଦୋପାଧ୍ୟାୟ ନିଜ ପଦବୀରୁ ଇସ୍ତଫା ଦେବା ଏବଂ ପରେ ପରେ ଗୋଟିଏ ରାଜନୈତିକ ଦଳରେ ଯୋଗଦେବା ନେଇ, ଚର୍ଚ୍ଚା ଜୋର୍ ଧରିଛି । ବେଶ୍ ଦୀର୍ଘ ଦିନ ଧରି କେତେକ ଘଟଣାରେ, ସେ ବିବାଦ ଘେରରେ ଥିବାବେଳେ, ଏବେ ଇସ୍ତଫା ଦେବା ଏବଂ ରାଜନୀତି କରିବାକୁ ନିଷ୍ପତ୍ତି ନେବା, ଅନେକଙ୍କୁ ବିସ୍ମିତ କରିଛି । ବିଚାରପତି ଭାବରେ ତାଙ୍କର କାର୍ଯ୍ୟକାଳ ସମୟରେ, ସେ ଅନ୍ୟ ଜଣେ ବିଚାରପତିଙ୍କ ବିରୋଧରେ ଏକ ରାଜନୈତିକ ଦଳ ପାଇଁ କାର୍ଯ୍ୟ କରୁଥିବା ନେଇ ଅଭିଯୋଗ କରିଥିଲେ, ଯାହାକୁ ନେଇ ବିବାଦ ଦେଖା ଦେଇଥିଲା ଏବଂ ନ୍ୟାୟିକ ବ୍ୟବସ୍ଥା ଉପରେ ପ୍ରଶ୍ନ ଉଠିଥିଲା । କିନ୍ତୁ ପରବର୍ତ୍ତୀ ଅବସ୍ଥାରେ ନିଜେ ନିଜ ପଦବୀରୁ ଇସ୍ତଫା ଦେଇ ରାଜନୈତିକ ଦଳରେ ଯୋଗଦେବା ଦ୍ୱାରା ସେ ପୁଣି ବିତର୍କ ମଧ୍ୟକୁ ଟାଣି ହେଇଆସିଛନ୍ତି । ତାଙ୍କର ନିଷ୍ପତ୍ତିକୁ ନେଇ ବିତର୍କ ଆରମ୍ଭ ହେଇଛି । ରାଜନୀତିରେ ଯୋଗଦେବା ପାଇଁ ବିଚାରପତିଙ୍କ ନିଷ୍ପତ୍ତି – ଏବଂ ଏହାକୁ ଗ୍ରହଣ କରାଯାଇଥିବା ପଦ୍ଧତି ଏବଂ ପ୍ରସଙ୍ଗ – ନ୍ୟାୟିକ ଅଧିକାର ଏବଂ ନିରପେକ୍ଷତା ଉପରେ ପ୍ରଶ୍ନ ଉଠାଏ । ଇସ୍ତଫା ଦେଇ ରାଜନୀତିରେ ଯୋଗଦେବା ନିଷ୍ପତ୍ତି ତାଙ୍କ ନିଜସ୍ୱ ଏବଂ ତାହା ସେ କରିପାରିବେ, କିନ୍ତୁ ତାଙ୍କର କେତେକ ବିବାଦୀୟ ମନ୍ତବ୍ୟ ଓ କାର୍ଯ୍ୟ ତାଙ୍କୁ ବିବାଦ ଘେରକୁ ନେଇଯାଇଛି । ତେବେ ଗଙ୍ଗୋପାଧ୍ୟାୟ ପ୍ରଥମ ବିଚାରପତି ନୁହନ୍ତି ଯିଏ କି ଇସ୍ତଫା ଦେଇ ରାଜନୀତିରେ ଯୋଗଦେଲେ । ୧୯୬୭ ମସିହାରେ ଭାରତର ପୂର୍ବତନ ପ୍ରଧାନ ବିଚାରପତି କୋକା ସୁବା ରାଓ ୩ ମାସ ପୂର୍ବରୁ ନିଜ ପଦବୀରୁ ଅବସର ନେଇ ବିରୋଧୀ ପ୍ରାର୍ଥୀ ଭାବରେ ରାଷ୍ଟ୍ରପତି ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିଥିଲେ । ଲୋକସଭା ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିବାକୁ ୧୯୮୩ ମସିହାରେ ସୁପ୍ରିମକୋର୍ଟର ଜଷ୍ଟିସ ବାହୁରୁଲ ଇସଲାମ ଅବସର ସମୟର ୬ ମାସ ପୂର୍ବରୁ ଇସ୍ତଫା ଦେଇଥିଲେ । ଅବସର ପରେ, ବିଚାରପତିମାନେ ରାଜ୍ୟପାଳ ଏବଂ ରାଜ୍ୟସଭା ସଦସ୍ୟ ହୋଇଛନ୍ତି । ତେବେ ଗଙ୍ଗୋପାଧ୍ୟାୟଙ୍କ ମାମଲା, ଅନ୍ତତଃ ପକ୍ଷେ ଦୁଇଟି କାରଣ ପାଇଁ ସ୍ୱତନ୍ତ୍ର: ପ୍ରଥମ କାରଣଟି ହେଉଛି, ବିଚାରପତି ଭାବରେ ସେ ସବୁବେଳେ ବିବାଦରେ ରହି ଆସିଛନ୍ତି ଏବଂ ଦ୍ୱିତୀୟ କାରଣଟି ହେଲା, ବେଶ୍ କିଛି ସମୟ ଧରି ସେ ଓ ନିର୍ବାଚିତ ସରକାରଙ୍କ ମଧ୍ୟରେ ତୁ ତୁ ମେ ମେ ଲାଗି ରହିଥିଲା । ସେପ୍ଟେମ୍ବର ୨୦୨୨ରୁ ଚାକିରି ସ୍କାମ ମାମଲା କଥା ଦେଖାଯାଉ । ମାମଲାର ଶୁଣାଣି ବେଳେ ଜଷ୍ଟିସ ଗାଙ୍ଗୋପାଧ୍ୟାୟ ଏକ ଟିଭି ଚ୍ୟାନେଲକୁ ଦେଇଥିବା ଏକ ସାକ୍ଷାତକାରରେ ଟିଏମସି ନେତା ଅଭିଷେକ ବାନାର୍ଜୀଙ୍କ ବିରୋଧରେ ଧନ ଠୁଳ କରିଥିବା ନେଇ କରିଥିବା ଅଭିଯୋଗ କରିଥିଲେ । ଏହି ଘଟଣା ପରେ କୋଲକାତା ହାଇକୋର୍ଟର ପ୍ରଧାନ ବିଚାରପତି ଏହି ମାମଲାକୁ ଏକ ଅନ୍ୟ ବେଞ୍ଚକୁ ନ୍ୟସ୍ତ କରିବା ପାଇଁ ସୁପ୍ରିମ କୋର୍ଟ ଆଦେଶ ଦେଇଥିଲେ । ଜାନୁଆରୀ ମାସରେ, ସେ ରାଜ୍ୟ ମେଡିକାଲ କଲେଜରେ ଆଡମିଶନ ସମ୍ପର୍କିତ ଏକ ମାମଲାରେ ଏକ ବୃହତ୍ ବେଞ୍ଚକୁ ଅଗ୍ରାହ୍ୟ କରିଦେଇଥିଲେ ଏବଂ ଜଣେ ବିଚାରପତିଙ୍କ ବିରୋଧରେ ଦାୟିତ୍ୱହୀନ ମନ୍ତବ୍ୟ ଦେଇଥିଲେ । ବଡ଼ ବେଞ୍ଚଙ୍କ ନିର୍ଦ୍ଦେଶକୁ ଅବମାନନା କରିବା, ଓକିଲଙ୍କ ସହ ଏବଂ ପଶ୍ଚିମବଙ୍ଗର ଶାସକ ତୃଣମୂଳ କଂଗ୍ରେସ ସହ ସମ୍ପର୍କ ଖରାପ ହେବା ଏବଂ ହାଇକୋର୍ଟରେ ସେ ଶୁଣାଣି କରୁଥିବା ଏକ ମାମଲାରେ ଏକ ଟିଭି ଚ୍ୟାନେଲକୁ ଏକ ସାକ୍ଷାତକାର ଦେବା ପରି ଘଟଣା ତାଙ୍କୁ ବିବାଦ ଘେରକୁ ନେଇ ଆସିଥିଲା । ମମତା ବାନାର୍ଜୀ ଶାସିତ ରାଜ୍ୟରେ ଶିକ୍ଷା ସମ୍ବନ୍ଧୀୟ ପ୍ରସଙ୍ଗରେ ତାଙ୍କର ଏହି ନିଷ୍ପତ୍ତି ରାଜନୈତିକ ବିତର୍କକୁ ମଧ୍ୟ ଉତ୍ସାହିତ କରିଥିଲା । ଏ ସବୁ ସେତେବେଳେ ହୁଏତ ଠିକ ଲାଗୁଥିଲା ଏବଂ ସମସ୍ତେ ଭାବୁଥିଲେ ଯେ' ବିଚାରପତି ଭାବରେ ସେ ତାଙ୍କର ନିଷ୍ପତ୍ତି ନେଇଛନ୍ତି ଏବଂ ଏହାକୁ ନେଇ ବିତର୍କ କରିବା ଉଚିତ ହେବନାହିଁ । ପରବର୍ତ୍ତୀ ଅବସ୍ଥାରେ ଇସ୍ତଫା ଦେବା ପରେ ପରେ ସେ ଯେତେବେଳେ ରାଜନୀତିରେ ପ୍ରବେଶ କରିବା ନେଇ ନିଜର ନିଷ୍ପତ୍ତି ଘୋଷଣା କଲେ, ତାଙ୍କ ନିଷ୍ପତ୍ତି ଉପରେ ଅଙ୍ଗୁଳି ଉଠିବା ସ୍ୱାଭାବିକ ।

ସମାନତା

ଅଧ୍ୟାପକ ଗୋପବନ୍ଧୁ

ସମାନତା ହେଉଛି ମନୁଷ୍ୟର ଜନ୍ମଗତ ଅଧିକାର । ଏ ଅଧିକାର ତାକୁ ପ୍ରକୃତି ପ୍ରଦାନ କରିଛି । ଜନ୍ମ ଆଧାରରେ କାହାକୁ ଉଚ୍ଚ କିମ୍ବା ନୀଚ କୁହାଯାଇ ପାରିବ ନାହିଁ । ଯେଉଁ ପ୍ରକ୍ରିୟା ମଧ୍ୟଦେଇ ସେ ଜନ୍ମ ନିଏ, ସେଥିରେ କୌଣସି ଅସମାନତା ନାହିଁ । ତା'ର ଜନ୍ମ ପ୍ରକୃତିର ଏକ ବ୍ୟବସ୍ଥିତ ପ୍ରକ୍ରିୟା ମଧ୍ୟରେ ହୁଏ, ଯେଉଁଥିରେ ଉଚ୍ଚ–ନୀଚର ସୋପାନ ନାହିଁ । ମନୁଷ୍ୟର ଜନ୍ମ ମୁକ୍ତ, କିନ୍ତୁ ଜନ୍ମପରେ ସେ ବନ୍ଧନଯୁକ୍ତ ହୁଏ । ଜନ୍ମ ହେଲାପରେ ଅନେକ ବନ୍ଧନରେ ସେ ବାନ୍ଧି ହୋଇଯାଏ । ଏ ସମସ୍ତ ବନ୍ଧନ ପ୍ରକୃତିଦତ୍ତ ନୁହେଁ । ଏଗୁଡିକ ମନୁଷ୍ୟକୃତ । ପିଲାଟି ଭୂମିଷ୍ଠ ହେବାମାତ୍ରେ କେବଳ ମୁକ୍ତପବନ ଓ ସ୍ୱଚ୍ଛ ଆଲୋକ ସ୍ପର୍ଶକରେ ନାହିଁ, ଏହା ସହିତ ଜାତି, ଧର୍ମ, ବଂଶ, ଗୋତ୍ର, ଗୋଷ୍ଠୀ ଇତ୍ୟାଦିର ବନ୍ଧନ ମଧ୍ୟ ତାକୁ ଜାବୁଡ଼ି ଧରେ । ସେ ସାମାଜିକ ଅସମାନତା ଓ ବାଛବିଚାରର ସମ୍ମୁଖୀନ ହୁଏ । ପ୍ରକୃତି ଏକ ସ୍ୱଚ୍ଛ ଓ ମୁକ୍ତ ବ୍ୟବସ୍ଥା ଯାହା ନିୟନ୍ତ୍ରଣାଧୀନ ନୁହେଁ । ଏହା ଏପରି ଏକ ବ୍ୟବସ୍ଥା ଯେଉଁଥିରେ ଅସମାନତା ନାହିଁ । ସମସ୍ତ ଅସମାନତା ମନୁଷ୍ୟ ତିଆରି ।

ମନୁଷ୍ୟର ସ୍ୱାର୍ଥପରତାରୁ ଜନ୍ମ ନେଇଛି ଅସମାନତା । ନିଜକୁ ବଡ ଦେଖାଇବାର ମାନସିକତା, ନିଜେ ଶ୍ରେଷ୍ଠ ଓ ଅନ୍ୟମାନେ ନିକୃଷ୍ଟ, ଆମ ବିଶ୍ୱାସ ଉନ୍ନତ ଓ ଅନ୍ୟମାନଙ୍କ ବିଶ୍ୱାସ ଅନୁନ୍ନତ, ଆମେ ଯାହା କହୁ ଓ କରୁ ତାହା ଠିକ୍, ତେଣୁ ଆମେ ଉପରେ ରହିବା ଓ ଅନ୍ୟମାନେ ଆମ ତଳେ ରହିବେ ଇତ୍ୟାଦି ଅମାନବୀୟ ଭାବନାରୁ ଜାତ ହୁଏ ଅସମାନତା । ଏହିପରି ଭାବନାରୁ ଜାତ ହୁଏ ଜାତି, ଧର୍ମ, ଗୋଷ୍ଠୀ, ସମ୍ପ୍ରଦାୟ ଇତ୍ୟାଦିର ଅବଧାରଣା । ନିଜକୁ ଶ୍ରେଷ୍ଠବୋଲି ପ୍ରଦର୍ଶିତ କରିବା ପଛରେ କେତେକ ଚାଲାକ ଲୋକଙ୍କ ପାଇଁ ସାମାଜିକ ସମ୍ମାନ ଓ ଏହାକୁ ନେଇ ଆର୍ଥିକ ଲାଭ ପାଇବାର ଅଭିପ୍ରାୟ ଥାଏ । ଏହି ଲକ୍ଷ୍ୟରେ ଏମାନେ ଏକ ଅସମ ସମାଜ ଗଠନ କରନ୍ତି । ଏହାକୁ ଯୁକ୍ତିସଙ୍ଗତ କରିବା ପାଇଁ ବେଳେ ବେଳେ ଧର୍ମ ଓ ପରମ୍ପରାର ଆଶ୍ରା ନିଅନ୍ତି ।

ସେହିପରି ଆର୍ଥିକ ଅସମାନତା ମଧ୍ୟ ପ୍ରକୃତି ପ୍ରଦତ୍ତ ନୁହେଁ । ଜନ୍ମହେବା ମାତ୍ରେ ଏ ବିଶ୍ୱ ଉପରେ ସମସ୍ତଙ୍କ ସମାନ ଅଧିକାର ଥାଏ । ବିଶ୍ୱ ପ୍ରକୃତିକୁ ସମାନଭାବେ ଉପଭୋଗ କରିବା ଜଣକର ଜନ୍ମଗତ ଅଧିକାର । ସମାଜରେ ଧନୀ ଓ ଗରିବର ସୃଷ୍ଟି ପ୍ରକୃତି ପ୍ରଦତ୍ତ ନୁହେଁ । ଏହା ମଧ୍ୟ ସ୍ୱାର୍ଥପର ମନୁଷ୍ୟର କୃତ୍ରିମ ସୃଷ୍ଟି । ଧନୀ ଓ ଗରିବର ପାର୍ଥକ୍ୟ ପଛରେ ରହିଛି ଅନେକାଂଶରେ ଆର୍ଥିକ ଶୋଷଣ । ଯିଏ ଯେତେ ପ୍ରାକୃତିକ ସମ୍ପଦକୁ ନିଜ ଅକ୍ତିୟାରରେ ରଖିପାରେ କିମ୍ବା ଏହାର ମୂଲ୍ୟ ବାବଦକୁ ରାଷ୍ଟ୍ର ଜାରିକରି ଥିବା ପ୍ରତୀକ ଟଙ୍କାକୁ ଠୁଳ କରିପାରେ ସେ ସେତେ ଧନୀ । ଯାହା ପାଖରେ ଏସବୁ ନଥାଏ ସେ ହୁଏ ନିର୍ଦ୍ଧନୀ । ଧନୀ ଘରେ ଯିଏ ଜନ୍ମ ହେଲା ସେ ଜନ୍ମରୁ ଧନୀ ଓ ଗରିବ ଘରେ ଜନ୍ମ ନେଲେ ସେ ଜନ୍ମରୁ ଗରିବ । ଏ ଧନୀ ଓ ଗରିବର ଅବଧାରଣା ମଧ୍ୟ ପ୍ରକୃତି ପ୍ରଦତ୍ତ ନୁହେଁ ।

ପ୍ରାଚୀନ ମନୁଷ୍ୟ ଯେତେବେଳେ ବଣଜଙ୍ଗଲରେ ବସବାସ କରୁଥିଲା ସେ ସମୟରେ ବ୍ୟକ୍ତିଗତ ମାଲିକାନାରେ କୌଣସି ପ୍ରାକୃତିକ ସମ୍ପଦ ନଥିଲା । ଯାହାକିଛି ରଖୁଥିଲା ଲୁଚାଇ ରଖୁଥିଲା ତା'ର ନିଜସ୍ୱ ବ୍ୟବହାର ପାଇଁ । କ୍ରମେ ସେ ଗୋଷ୍ଠୀଗତ ଜୀବନ ଆରମ୍ଭ କଲା । ସେ ସମୟରେ ଗୋଷ୍ଠୀଗତ ମାଲିକାନାରେ ଗୋଟିଏ ଅଞ୍ଚଳକୁ ରଖାଯାଇ ଥିଲା । ଏହା ଥିଲା ମାନବ ସମାଜର ଆଦ୍ୟ ସାମ୍ୟବାଦ । କ୍ରମେ ଗୋଷ୍ଠୀ ବା ଦଳରୁ ତିଆରି ହେଲେ ଦଳପତି, ଦଳପତିରୁ ରାଜା–ମହାରାଜା, ତାଙ୍କ ତଳେ ଜମିଦାର–ସୁବେଦାର ପରି ଅନେକ ପଦାଧିକାରୀ ତିଆରି ହେଲେ । ଏହି ଅବସ୍ଥାରେ ପ୍ରାକୃତିକ ସମ୍ପତ୍ତି ବ୍ୟକ୍ତିଗତ ମାଲିକାନାକୁ ଆସିଲା । ଯାହା ଅଧୀନରେ ବେଶୀ ସମ୍ପଦ ରହିଲା ସେ ଧନୀ ହେଲା ଓ ଯାହା ପାଖରେ ଅଳ୍ପ କିମ୍ବା କମ୍ ସମ୍ପଦ ରହିଲା ସେ ହେଲା ଗରିବ । ରାଜ୍ୟ ବା ରାଷ୍ଟ୍ରର ବିକାଶ କାଳରେ ପ୍ରତୀକ ମୁଦ୍ରା ଆସିଲା, ତା'ପରେ ଆସିଲା କାଗଜ ଟଙ୍କା । ଯାହା ପାଖରେ ବେଶୀ ଟଙ୍କା ରହିଲା ସେ ଧନୀ ଓ ଯାହା ପାଖରେ କମ୍ ସେ ହେଲା ଗରିବ । ତେଣୁ ଧନୀ ଓ ଗରିବର ଅବଧାରଣା ପ୍ରାକୃତିକ ମଧ୍ୟ ନୁହେଁ । ଏହା ମନୁଷ୍ୟର ସୃଷ୍ଟି କୃତ୍ରିମ ବ୍ୟବସ୍ଥା ।

ପ୍ରାଚୀନ ମନୁଷ୍ୟ ନିକଟରେ ଯଦିଓ ଗୋଷ୍ଠୀଗତ ଭାବନା ଥିଲା, କିନ୍ତୁ ସେ ଜାତିଗତ ଧାରଣାର ଊର୍ଦ୍ଧ୍ୱରେ ଥିଲା । ଅନ୍ୟ ରାଷ୍ଟ୍ରମାନଙ୍କରେ ଏ ଧାରଣା ନାହିଁ କହିଲେ ଚଳେ, କେବଳ ଭାରତବର୍ଷକୁ ଛାଡି । ଭାରତବର୍ଷରେ ବର୍ଣ୍ଣବ୍ୟବସ୍ଥାର ଉଦ୍ରେକ ହେବାପରେ ଏହା ତା'ର କାୟା ବିସ୍ତାର କରିଛି । ସେହିପରି ବଂଶ, ଗୋତ୍ର, ଜାତକ, ରାଶି ଇତ୍ୟାଦି ମଧ୍ୟ ବର୍ଣ୍ଣବ୍ୟବସ୍ଥାର ପରବର୍ତ୍ତୀ ଆନୁସାଙ୍ଗୀକ ଉତ୍ପାଦନ । ତେଣୁ ଏଗୁଡ଼ିକ ପ୍ରାକୃତିକ ସୃଷ୍ଟି ନୁହେଁ । ଏଗୁଡ଼ିକ ମନୁଷ୍ୟର କୃତ୍ରିମ ଉଦ୍ଭାବନ । ସେହିପରି ଧର୍ମ ମଧ୍ୟ ମନୁଷ୍ୟ ମନର ଅନ୍ୟ ଏକ ଚତୁର ଉଦ୍‌ଭାବନ ।

ପ୍ରାଚୀନ ମନୁଷ୍ୟ ଐଶରୀକ ଶକ୍ତିରେ ବିଶ୍ୱାସ କରୁଥିଲା । କିନ୍ତୁ ଏହା ଧାର୍ମିକ ବିବିଧତାର ରୂପରେଖ ନେଇ ନଥିଲା । ଏହାକୁ ମଧ୍ୟ ପ୍ରାକୃତିକ ବୋଲି କହିହେବ ନାହିଁ । କାରଣ ଐଶରୀକ ଭାବନା ବ୍ୟକ୍ତିସାପେକ୍ଷ । କିଏ ଈଶ୍ୱର ତ କିଏ ଆଲ୍ଲା, କିଏ ଭଗବାନ ତ ପୁଣି କିଏ ଅନ୍ୟ କୌଣସି ସତ୍ତାରେ ବିଶ୍ୱାସ କରେ । ପୁଣି ବୌଦ୍ଧିକତାର ବିକାଶ ସହିତ ଏମାନଙ୍କ ମଧ୍ୟରେ କିଛି ନାସ୍ତିକମାନଙ୍କର ମଧ୍ୟ ଆର୍ବିଭାବ ହୋଇଛି । ବର୍ତ୍ତମାନର ଅବସ୍ଥାରେ ଥିବା ବିଭିନ୍ନ ଧର୍ମର ଧାରଣା ବେଧେ ତା' ନିକଟରେ ନଥିଲା । ତେଣୁ ବର୍ତ୍ତମାନର ଧାର୍ମିକ ସ୍ୱରୂପ ମଧ୍ୟ ପ୍ରାକୃତିକ ନୁହେଁ । ଏହା ମନୁଷ୍ୟର କୃତ୍ରିମ ସୃଷ୍ଟି । ମନୁଷ୍ୟର କଳ୍ପନାରୁ ସୃଷ୍ଟି ଏକ ଅବଧାରଣା ।

ଜୀବ ଜଗତରେ ମନୁଷ୍ୟ ହେଉଛି ଏପରି ସୃଷ୍ଟି ଯାହା ନିକଟରେ ବିଚାରବୁଦ୍ଧି ସମ୍ପନ୍ନତା ଗୁଣ ରହିଛି । ସମାନତାର ଭାବନା ତାର ଏହି ଗୁଣରୁ ନିଃସୃତ ହୁଏ । ତାର ବ୍ୟକ୍ତିତ୍ୱ କେବେ ସ୍ୱୀକାର କରିପାରେ ନାହିଁ ଯେ ତାର ସାମାଜିକ ସମ୍ମାନ ଅନ୍ୟମାନଙ୍କ ଠାରୁ ନ୍ୟୁନ ହେବ ବୋଲି । ଅର୍ଥନୈତିକ ଭାବେ ଦୁର୍ବଳ ହେଲେ ବି ସେ ଆର୍ଥିକ ଭାବେ ସବଳ ହେବାର ବାଟ ଖୋଜେ । ଧନୀ ଓ ଗରିବର ପ୍ରକୃତ କାରଣ ଯେ ଆର୍ଥିକ ଶୋଷଣ ଏ କଥାକୁ ସେ ଯେତେବେଳେ ବୁଝିପାରିଛି, ସେତେବେଳେ ସେ ଶୋଷଣ ରହିତ ସମାନତା ଉପରେ ପ୍ରତିଷ୍ଠିତ ସାମ୍ୟବାଦୀ ସମାଜର ପରିକଳ୍ପନା କରିଛି ଓ ଏଥିପାଇଁ ବିପ୍ଲବର ମାର୍ଗକୁ ଆପଣେଇଛି । ଆର୍ଥିକ ସମାନତା ପ୍ରାପ୍ତ ହେବା ଉଦ୍ଦେଶ୍ୟରେ ନୂତନ ସମାଜ ବ୍ୟବସ୍ଥା ପାଇଁ ପ୍ରଚେଷ୍ଟା କରିଛି । ବିଶ୍ୱରେ ଅନୁଷ୍ଠିତ କମ୍ୟୁନିଷ୍ଟ ଆନ୍ଦୋଳନ ଏହାର ଦୃଷ୍ଟାନ୍ତ ।

ସେହିପରି ସାମାଜିକ ଅସମାନତା ବିରୁଦ୍ଧରେ ମଧ୍ୟ ସେ ସ୍ୱର ଉତ୍ତୋଳନ କରି ଆସିଛି । ସେ ଜାତି ରହିତ ସମତାଭିତ୍ତିକ ସମାଜର ପରିକଳ୍ପନା ମଧ୍ୟ କରିଛି ଓ ଏହା ପ୍ରାପ୍ତ ହେବା ପାଇଁ ସଂଗ୍ରାମ ମଧ୍ୟ କରିଛି ଓ ଏବେବି ଏହା ଅବ୍ୟାହତ ରହିଛି । ଜାତିବ୍ୟବସ୍ଥା ଏକ ଅସମାନତାର ସମାହାର ମାତ୍ର । ଯାହା ଜନ୍ମରୁ କାହାକୁ ଉଚ୍ଚ ଓ କାହାକୁ ନୀଚ ହେବାର ଅବଧାରଣା ସୃଷ୍ଟି କରେ । ସେହିପରି ସମତାଭିତ୍ତିକ ଉନ୍ନତ ଧାର୍ମିକ ଚେତନା ଜାଗ୍ରତ କରିବା ପାଇଁ ମଧ୍ୟ ସେ ଚେଷ୍ଟାକରି ଆସିଛି । ଧାର୍ମିକ ମୌଳବାଦକୁ ହଟାଇ ସହନଶୀଳତା ଓ ଉଦାରବାଦ ଉପରେ ଏକ ପ୍ରଗତିଶୀଳ ବ୍ୟବସ୍ଥାର ସ୍ଥାପନ ପାଇଁ ଚେଷ୍ଟାକରି ଆସିଛି । ଏ ସମସ୍ତର ମୂଳରେ ପ୍ରେରଣାର ଉତ୍ସ ହେଉଛି ତା ମନରେ ସ୍ଥାପିତ ହୋଇ ରହିଥିବା ସମାନତାରେ ଭାବନା । କାରଣ ସମାନତା ହେଉଛି ତାର ପ୍ରକୃତିଦତ୍ତ ଜନ୍ମଗତ ଅଧିକାର ।

ଦର୍ଶନ ବିଭାଗ (ଅବସରପ୍ରାପ୍ତ)
ବାରିପଦା, ମୟୂରଭଞ୍ଜ,
ମୋ– ୭୦୦୮୯୭୬୧୮୦

ପରିବାରରେ ବୟସ୍କ ପିତାମାତାଙ୍କ ଭୂମିକା

ଡାକ୍ତର ସୁଶୀଲ କୁମାର ମିଶ୍ର

ଘରର ହସଖୁସି ଏବଂ ଆପୋଷ ସମ୍ପର୍କକୁ ମଜଭୁତ କରିବାରେ ପିତାମାତାଙ୍କ ଆଶୀର୍ବାଦ ସହଯୋଗ ଏବଂ ସ୍ନେହମମତା ଯଥେଷ୍ଟ ଲୋଡ଼ା । କିନ୍ତୁ ଯେତେବେଳେ ପିଲାଙ୍କ ସାଂସାରିକ ଜୀବନରେ ବୃଦ୍ଧ ପିତାମାତା ସହଯୋଗ ପୂର୍ଣ୍ଣ ମନୋଭାବ ପୋଷଣ କରିଥାନ୍ତି ସେତେବେଳେ ସେମାନଙ୍କୁ ଶୋଚନୀୟ ଅବସ୍ଥା ଭୋଗିବାକୁ ପଡ଼େ । ପିଲାମାନେ ପିତାମାତାଙ୍କ ମନୋଭାବକୁ ଠିକ୍ ଭାବରେ ନ ବୁଝି ପାରିବାରିକ ଜୀବନରେ ସେମାନଙ୍କ ହସ୍ତକ୍ଷେପକୁ ଅନେକେ ବରଦାସ୍ତ କରିପାରନ୍ତି ନାହିଁ । ମାତ୍ର ଏହା ଠିକ୍ ନୁହେଁ । ଦାମ୍ପତ୍ୟ ଜୀବନରେ ଯେ ପିତାମାତାଙ୍କର କିଛି ଭୂମିକା ରହିଛି, ଏହାକୁ ଅସ୍ୱୀକାର କରାଯାଇ ପାରିବ ନାହିଁ ।

ଆଜିକାଲି ଅଧିକାଂଶ ପତିପତ୍ନୀଙ୍କ ଚିନ୍ତାଧାରା ବଦଳି ଗଲାଣି । ବିବାହ ପରେ ସେମାନେ ଅଲଗା ଘର କରି ରହିବା ପାଇଁ ପସନ୍ଦ କରୁଛନ୍ତି । ସ୍ୱାଧୀନତା ଏବଂ ଆତ୍ମନିର୍ଭରଶୀଳତା ଉଭୟକୁ ସେମାନେ ନିଜର ଅହଂ ବୋଲି ଭାବୁଛନ୍ତି । ସେମାନେ ସବୁ କିଛି ନିଜେ କରିବା ପାଇଁ ଚାହୁଁଛନ୍ତି । କିନ୍ତୁ ଏକାକୀ ପରିବାରରେ ମଧ୍ୟ ବୃଦ୍ଧ ପିତାମାତାଙ୍କର ଆବଶ୍ୟକତା ରହିଛି । ସେମାନଙ୍କର ସାହାଯ୍ୟ ସହାନୁଭୂତି ଲୋଡ଼ା । ସେମାନେ ମଧ୍ୟ ପରିବାର ପାଇଁ କିଛି କାର୍ଯ୍ୟ କରି ପାରିବେ । ନିଜେ ସବୁ ଦାୟିତ୍ୱ ମୁଣ୍ଡକୁ ନେଇ ଅସୁବିଧାରେ ପଡ଼ିବା ପରିବର୍ତ୍ତେ ପିତାମାତାଙ୍କ ଦ୍ୱାରା ଯାହାସମ୍ଭବ ସେହି କାର୍ଯ୍ୟ ସେମାନଙ୍କୁ ଦେଲେ ଠିକ୍ ବୋଲି କହିବାକୁ ହେବ । କେତେକ ବୃଦ୍ଧ ପିତାମାତା ମଧ୍ୟ ଭାବନ୍ତି ପିଲାବଡ଼ ହୋଇ ବାହା ହୋଇଗଲେ ସେମାନଙ୍କର ଦାୟିତ୍ୱ ଶେଷ । ଏଣିକି ପିଲା ନିଜ ସଂସାର କଥା ନିଜେ ବୁଝୁ । ତେବେ ଏପରି ଭାବିବା ମଧ୍ୟ ଠିକ୍ ନୁହେଁ । ପିଲାଙ୍କୁ ଦାୟିତ୍ୱ ସମ୍ପର୍କରେ । ସଚେତନ କରିବା ଭୁଲ ନୁହେଁ । ଉଚିତ ପରାମର୍ଶ ସାଙ୍ଗକୁ ବିଭିନ୍ନ କାର୍ଯ୍ୟରେ ସହଯୋଗ କରିବାର ଆବଶ୍ୟକତା ମଧ୍ୟ ରହିଛି ।

ପତି–ପତ୍ନୀ ଏକାକୀ ସବୁ କାର୍ଯ୍ୟ କରିବା ପାଇଁ ସକ୍ଷମ ଥିଲେ ସୁଦ୍ଧା ନିଜ ବୃଦ୍ଧ ପିତାମାତାଙ୍କ ଭାବନାତ୍ମକ ସହଯୋଗ, ସେମାନଙ୍କର ସ୍ନେହ ଏବଂ ଆଶୀର୍ବାଦର ଆବଶ୍ୟକତା ରହିଛି । ଯଦି ପତି–ପତ୍ନୀ ଦୁହେଁ ଚାକିରି କରୁଛନ୍ତି ତେବେ ନିଜର ଛୋଟ ଶିଶୁମାନଙ୍କର ସୁରକ୍ଷା ଏବଂ ଦେଖାଶୁଣାର ଦାୟିତ୍ୱ ନେଇ ଚିନ୍ତିତ ନ ହୋଇ ପିତାମାତାଙ୍କ ସାହାଯ୍ୟ ନିଅନ୍ତୁ । ଅତୁଆ ପରିସ୍ଥିତି ଏବଂ ବେମାରୀ ସମୟରେ ଆପଣଙ୍କ ସମୟ ଏବଂ ଅନୁଭବ ସେମାନଙ୍କ ପାଇଁ କୌଣସି ପ୍ରକାର ବରଦାନ ସଦୃଶ ହେବ ।

ଚିନ୍ତା ଏବଂ ସଂଘର୍ଷପୂର୍ଣ୍ଣ ପରିସ୍ଥିତିରେ ଆପଣଙ୍କ ଭାବନାତ୍ମକ ସହଯୋଗ ଏବଂ ଅନୁଭବ ସେମାନଙ୍କୁ ସମ୍ବଳ ପ୍ରଦାନ କରିବା ପରି ଲାଗିବ । ପିଲାମାନଙ୍କୁ ସ୍କୁଲକୁ ନେବା ଆଣିବା କାର୍ଯ୍ୟ ପ୍ରାୟତଃ ସେମାନଙ୍କ ଜେଜେବାପା କରିଥାନ୍ତି । ତେଣୁ ତାଙ୍କୁ ସେଥିରୁ ନିବୃତ୍ତ କରନ୍ତୁ ନାହିଁ । ନାତିନାତୁଣୀ ମଧ୍ୟ ଜେଜେ ଓ ଜେଜେମାଙ୍କ ସହିତ ଖୁସି ମଜା କରିଥାନ୍ତି । ପିଲାମାନଙ୍କ ମନରେ ଆଧ୍ୟାତ୍ମିକ ଭାବନା ଏବଂ ନୈତିକ ଗୁଣ ତଥା ଶିକ୍ଷା ଆପଣଙ୍କ ବୃଦ୍ଧ ପିତାମାତାଙ୍କ ଠାରୁ ଆଉ କେହି ଭଲ କରି ପାରିବେ ନାହିଁ । ଆଜିକାଲି ପ୍ରାୟତଃ ପିଲାମାନେ ଟିଭି, କମ୍ପ୍ୟୁଟର, ପ୍ଲେଷ୍ଟେସନ ଆଦିରେ ବସି ନିଃସଙ୍ଗତା ଦୂର କରୁଛନ୍ତି । ତେବେ ଏହା ପରିବର୍ତ୍ତେ ସେମାନଙ୍କୁ ଆପଣଙ୍କ ପିତାମାତା ଅର୍ଥାତ୍ ସେମାନଙ୍କ ଜେଜେ, ଜେଜେମା, ଭଲ ମାର୍ଗଦର୍ଶନ ଦେଇ ପାରିବେ । ପିଲାମାନେ ଜିଜ୍ଞାସୁ ଅଟନ୍ତି । ସେମାନଙ୍କ ଏହି ଇଚ୍ଛାକୁ ଆପଣଙ୍କ ବୃଦ୍ଧ ପିତାମାତା ଭଲ ଭାବରେ ପୂରଣ କରି ପାରିବେ । ବ୍ୟକ୍ତିଗତ ସମସ୍ୟାର ସମାଧାନ ଦିଗରେ ମଧ୍ୟ ସେମାନଙ୍କର ପରାମର୍ଶ ନିଆଯାଇପାରେ । ଆର୍ଥିକ ସହାୟତା ନିଶ୍ଚିତ ଭାବରେ ଜଟିଳ ଏବଂ ନିଜସ୍ୱ ମାମଲା । ପିତାମାତା ଆପଣଙ୍କ ପାଖରେ ରହିଲେ ସେମାନଙ୍କର ଏହି ସମସ୍ୟା ରହିବ ନାହିଁ ଏବଂ ସେମାନେ ନିଜକୁ ସୁରକ୍ଷିତ ମନେ କରିବେ ।

ହୋମିଓପାଥିକ ଚିକିତ୍ସକ,
ପାଲାମଣ୍ଡପ, କଟକ

ଦୀପ ପ୍ରଜ୍ୱଳନ

ପ୍ରେମାନନ୍ଦ ପାଣିଗ୍ରାହୀ

ଦୀପ ଜ୍ୟୋତି ପରଂବ୍ରହ୍ମ ସ୍ୱରୂପ । ତେଣୁ ହିନ୍ଦୁ ପରମ୍ପରାରେ ବିଭିନ୍ନ ସାମାଜିକ ଓ ଆଧ୍ୟାତ୍ମିକ କାର୍ଯ୍ୟକ୍ରମରେ ପ୍ରଥମେ ଦୀପ ପ୍ରଜ୍ୱଳନ କରାଯାଇ କାର୍ଯ୍ୟ ଶୁଭାରମ୍ଭ କରାଯାଇଥାଏ । ସକାଳେ ଓ ସନ୍ଧ୍ୟାରେ କୁଳଦେବତାଙ୍କ ନିକଟରେ ଦୀପ ଜାଳି ଶୁଭ ମନାସିବା ସନାତନ ଧର୍ମର ସାଧାରଣ ପରମ୍ପରା । ଦୀପ ସାଧାରଣତଃ ମାଟି ବା ପିତ୍ତଳରେ ପ୍ରସ୍ତୁତ ହୋଇଥାଏ । ଘରେ ବା ଉତ୍ସବମାନଙ୍କରେ ସାମୟିକ ବ୍ୟବହାର ପାଇଁ ମାଟି ଦୀପ ଓ ଏକାଧିକ ଥର ବ୍ୟବହାର ପାଇଁ ପିତ୍ତଳ ଦୀପ ବ୍ୟବହାର କରାଯାଏ । ମାଟିହେଉ କି ପିତ୍ତଳ ଏହି ଦୀପ ସୃଷ୍ଟି,ସ୍ଥିତି ଓ ବୈଭବର ପ୍ରତୀକ ଅଟେ । ଦୀପ ଜ୍ଞାନ ଓ ଆଲୋକର ବାର୍ତ୍ତା ବହନ କରେ । ଦୀପ ଜଳାଇବା ଅର୍ଥ ଅଗ୍ନିଦେବଙ୍କୁ ଆମନ୍ତ୍ରଣ କରିବା । ଦୀପ ଜଳାଇଲେ ଆଲୋକ ବା ଜ୍ୟୋତି ବିଚ୍ଛୁରିତ ହୁଏ । ଏହି ଜ୍ୟୋତି ଜ୍ଞାନର ପ୍ରତୀକ । ଜ୍ୟୋତି ହିଁ ଅଗ୍ନିର ଅନ୍ୟ ରୂପ । ଅଜ୍ଞାନ ଅନ୍ଧକାରରୁ ଆଲୋକ ଆଡକୁ ଏହା ନେଇଯାଏ । ମାନବର ଜୀବନଯାତ୍ରା ସହ ଅଗ୍ନିର ଉପାଦେୟତା ଓ ଆବଶ୍ୟକତା ଓତଃପ୍ରୋତ ଭାବେ ଜଡିତ । ବେଦ କହେ ପ୍ରଥମେ ଜଳ ତା' ପରେ ତରଙ୍ଗ ସୃଷ୍ଟି ହେଲା । ତା'ପରେ ଅଗ୍ନି ଓ ଜଳର କ୍ରୀଡାରୁ ଜୀବଜଗତର ସୃଷ୍ଟି । ଜୀବଜଗତ ବଞ୍ଚିବାରେ ଅଗ୍ନି ଓ ଜଳ ଉଭୟ ଯେପରି ସାହାଯ୍ୟ କରନ୍ତି ସେମିତି ବିନାଶର କାରଣ ମଧ୍ୟ ହୋଇଥାନ୍ତି । ଉପନିଷଦ କହେ ଆମ ହୃଦୟ ଅଜ୍ଞାନ ଅନ୍ଧକାରର ଗନ୍ତାଘର । ତେଣୁ ଦୀପ ଅନ୍ଧକାରରୁ ଆଲୋକର ପ୍ରତୀକ ଅଟେ, ନିରାଶାରୁ ଆଶାର ଦ୍ୟୋତକ ଅଟେ ।

ଏହି ସୃଷ୍ଟି ପାଞ୍ଚୋଟି ମହାଭୂତ ଉପରେ ପ୍ରତିଷ୍ଠିତ । ସେମାନେ ହେଲେ ଜଳ, ସ୍ଥଳ, ଆକାଶ, ବାୟୁ ଓ ଅଗ୍ନି । ତେଣୁ ପଞ୍ଚ ମହାଭୂତ ମଧ୍ୟରୁ ମାଟି ହେଉଛି ଗୋଟିଏ । ମାଟି ନିର୍ମିତ ଦୀପଟି ମନୁଷ୍ୟ ଶରୀରର ପ୍ରତୀକ ଅଟେ । ମନୁଷ୍ୟର ରକ୍ତ, ମାଂସ ଶରୀରକୁ ମାଟି ପିଣ୍ଡ ବୋଲି କୁହାଯାଇଛି । ଦୀପରେ ତେଲ ବା ଘିଅ ଦେଲେ ତାହା ଜଳେ । ମନୁଷ୍ୟର ଏହି ମାଟି ସଦୃଶ ଦେହରେ ତାର ଜୀବନୀ ଶକ୍ତି ହିଁ ତୈଳ ସଦୃଶ । ଦୀପ ଜଳାଇବା ଦ୍ୱାରା ମନୁଷ୍ୟ ତେଜସ୍ୱୀ ଓ ଉଚ୍ଚାକାଂକ୍ଷୀ ହୁଏ । ତେଣୁ ଦୀପକୁ ଐଶ୍ୱର୍ଯ୍ୟ ଓ ସମୃଦ୍ଧିର ପ୍ରତୀକ ବୋଲି ଗ୍ରହଣ କରାଯାଇଥାଏ । ଏହି ଦୀପ ଆମକୁ ଅସତ୍ୟ, ଅହିଂସା ଓ ଅନୀତି ଠାରୁ ଦୂରେଇ ସତ୍‌ପଥରେ ଚାଲିବାର ପଥ ଦେଖାଇଥାଏ । ଅସତ୍ୟରୁ ସତ୍ୟ, ଅନ୍ଧକାରରୁ ଆଲୋକ, ମୃତ୍ୟୁର ଅମୃତତ୍ୱକୁ ଦୀପ ନେଇଥାଏ । ଜ୍ୟୋତିଷ ଶାସ୍ତ୍ର ଅନୁସାରେ ଦୀପ ସକରାତ୍ମକ ଚିନ୍ତାଧାରାର ପ୍ରତୀକ ।

ଦୀପ ପୁଣି ବିଭିନ୍ନ ପ୍ରକାରର ଯଥା : ଏକମୁଖୀ, ତ୍ରୟମୁଖୀ, ଷଡ଼ମୁଖୀ, ସପ୍ତମୁଖୀ, ଏକଶତ ଆଠମୁଖୀ ଓ ସହସ୍ରମୁଖୀ । ପ୍ରତି ସଞ୍ଜରେ କୁଳବଧୂମାନେ ତୁଳସୀ ଚଉଁରାମୂଳେ ଏକମୁଖୀ ଦୀପ ଜାଳି ପରିବାରର ମଙ୍ଗଳକାମନା କରିଥାନ୍ତି । ତ୍ରିନାଥ ପୂଜା ସମୟରେ ତ୍ରୟମୁଖୀ ଦୀପ, ଦେବାଦେବୀ ମନ୍ଦିରରେ ଆରତୀ ସମୟରେ ପଞ୍ଚମୁଖୀ ଦୀପ, କାର୍ତ୍ତିକେୟଙ୍କ ପୂଜା ବିଧିରେ ଷଡମୁଖୀ ଦୀପ, ବିବାହ କର୍ମରେ ସପ୍ତମୁଖୀ ଦୀପ, ଆଶ୍ୱିନ ମାସ ଦୁର୍ଗାପୂଜା ଓ ମଙ୍ଗଳା ଓଷାରେ ଏକଶତ ଆଠମୁଖୀ ଦୀପ, ରୁଦ୍ରାଭିଷେକ ସମୟରେ ଏକଶତ ଏକୋଇଶିମୁଖୀ ଦୀପ ପ୍ରଜ୍ୱଳନ କରାଯାଇଥାଏ । ପୁଣ୍ୟ ମାସ କାର୍ତ୍ତିକରେ ଆକାଶ ଦୀପ ଜଳାଯିବାର ପରମ୍ପରା ରହିଛି ।

ଅଦୃଶ୍ୟ ସତ୍ତାରେ ଅବସ୍ଥାନ କରୁଥିବା ପିତୃଲୋକ ତଥା ପ୍ରେତ ପୁରୁଷଙ୍କ ଅନ୍ଧକାରାଛନ୍ନ ଦୁର୍ଗମ ପଥକୁ ଆଲୋକିତ କରିବା ପାଇଁ ଓଡିଶାର ଘରେ ଘରେ ତୁଳସୀ ଚଉଁରା ନିକଟରେ ଆକାଶ ଦୀପ ଜଳାଯାଏ । ପ୍ରାଚୀନ ଉତ୍କଳର ସାଧବମାନେ କାର୍ତ୍ତିକ ପୂର୍ଣ୍ଣିମା ପ୍ରତ୍ୟୁଷରେ ବାଣିଜ୍ୟ ଯାତ୍ରା କରିବା ସମୟରେ କୁଳବଧୂମାନେ ଦୀପ ଜାଳି ସେମାନଙ୍କୁ ବିଦାୟ ଦେଉଥିଲେ । ଯୁଦ୍ଧକୁ ଯିବା ପୂର୍ବରୁ ଓ ବିଜୟୀ ହୋଇ ରାଜ୍ୟକୁ ପ୍ରତ୍ୟାବର୍ତ୍ତନ କରିବା ସମୟରେ ମହାରାଣୀ ଦୀପ ଜାଳି ରାଜାଙ୍କୁ ବନ୍ଦାପନା କରୁଥିଲେ ।

ମହାପ୍ରଭୁ ଜଗନ୍ନାଥ ମାର୍ଗଶିର ମାସ କୃଷ୍ଣ ପକ୍ଷ ଚତୁର୍ଦ୍ଦଶୀ ,ଅମାବାସ୍ୟା ଓ ଶୁକ୍ଳ ପ୍ରତିପଦା ତିଥୀରେ ତିନି ଦିନ ଧରି ପିତୃଗଣଙ୍କୁ ଶ୍ରାଦ୍ଧ ପ୍ରଦାନ ପୂର୍ବକ ଦୀପଦାନ କରିଥାନ୍ତି । ପରିବାରର ମାଙ୍ଗଳିକ କାର୍ଯ୍ୟରେ ଯେଉଁ ଦୀପ ପ୍ରଜ୍ୱଳନ କରି କାର୍ଯ୍ୟ ସମ୍ପାଦନା କରାଯାଏ, ତାକୁ କୁଳଦୀପ କୁହାଯାଏ । ବର ଓ କନ୍ୟା ଯେତେବେଳେ ପ୍ରଥମେ ଗୃହ ପ୍ରବେଶ କରନ୍ତି ଦୀପ ଜାଳି ବନ୍ଦାଇବାର ପରମ୍ପରା ରହିଛି । ଏହି ଦୀପ ବନ୍ଦାଇବା ଦ୍ୱାରା ନବ ଦମ୍ପତ୍ତିଙ୍କର ସୁଖ ଦାମ୍ପତ୍ୟ ଜୀବନ କାମନା କରାଯାଏ । ସୁହାଗ ରାତିରେ ଦୀପ ଜାଳି ନବ ଦମ୍ପତି ଏକ ସ୍ୱାମୀ ଓ ଏକ ସ୍ତ୍ରୀ ବ୍ରତ ପାଳନ କରିବା ପାଇଁ ଶପଥ ନେଇଥାନ୍ତି । ଅଖଣ୍ଡ ରାମାୟଣ ପାଠ ସମୟରେ ଗୋଟିଏ ଦିନ, ନବରାତ୍ରିରେ ନଅ ଦିନ, କେତେକ ମନ୍ଦିରରେ ଅଖଣ୍ଡ ଦୀପ ଜଳାଯାଇଥାଏ । ମହିମା ଧର୍ମଧାରାରେ ଅଖଣ୍ଡ ଧୁନି ଜଳାଇବା ପରମ୍ପରା ରହିଛି ।

ଅଖଣ୍ଡ ଦୀପ ଥରେ ଜଳାଇବା ପରେ ମନସ୍କାମନା ପୂରଣ ନହେବା ପର୍ଯ୍ୟନ୍ତ ଦୀପକୁ ଜଳାଯାଇଥାଏ । ଫାଲଗୁନ କୃଷ୍ଣ ଚତୁର୍ଦ୍ଦଶୀ ଶିବରାତ୍ରି ରୂପେ ସମଗ୍ର ଭାରତ ବର୍ଷରେ ପାଳିତ ହୁଏ । ଏହି ଦିନ ରାତି ଉଜାଗର ରହି ଭୋଳାନାଥଙ୍କୁ ଉପାସନା କରାଯାଏ । ତେଣୁ ଏହା ଜାଗର ଭାବରେ କଥିତ । ଶ୍ରଦ୍ଧାଳୁମାନେ ଉପବାସ ଓ ଉଜାଗର ରହି ଭଗବାନ ଶିବଙ୍କ ଉଦ୍ଦେଶ୍ୟରେ ଜାଗର ଦୀପ ଜଳାଇଥାନ୍ତି । ମଧ୍ୟରାତ୍ରିରେ ସେବକଙ୍କ ଦ୍ୱାରା ମନ୍ଦିର ଚୂଡାରେ ବିଧି ପୂର୍ବକ ମହାଦୀପ ସ୍ଥାପନ କରାଯାଏ । ବ୍ରତଧାରୀମାନେ ଏହି ମହାଦୀପକୁ ଉତ୍କଣ୍ଠାର ସହ ଅପେକ୍ଷା କରିଥାନ୍ତି । ମହାଦୀପ ଦର୍ଶନ ପରେ ସ୍ନାନ କରି ଶିବ ଦର୍ଶନ ପରେ ଖାଦ୍ୟ ଗ୍ରହଣ କରନ୍ତି । ଜାଗରରେ ମହାଦୀପ ଦର୍ଶନ ବହୁ ଶୁଭ ଫଳ ଦେଇଥାଏ ।

ଭୁଷଳ,ଭୁବନ,ଢେଙ୍କାନାଳ
ମୋ–୯୧୭୮୭୧୩୪୪୫

ତୃତୀୟ ପୃଷ୍ଠାର ଅବଶିଷ୍ଟାଂଶ

ଶିବମୟ...

ସ୍ୱତନ୍ତ୍ର ନୀତିକାନ୍ତି ସମାପନ ହୋଇଛି । ପ୍ରସିଦ୍ଧ ଗୁପ୍ତେଶ୍ୱର ପୀଠରେ ଭକ୍ତିମୟ ପରିବେଶ ଦେଖିବାକୁ ମିଳିଛି । ଗୁପ୍ତେଶ୍ୱରଙ୍କ ପୂଜାର୍ଚ୍ଚନା ସହ ରାଜ୍ୟ ତଥା ରାଜ୍ୟ ବାହାରୁ ଆସୁଥିବା ହଜାର ହଜାର ଭକ୍ତ ଦର୍ଶନ କରିଛନ୍ତି । ଶିବରାତ୍ରି ଉପଲକ୍ଷେ ବାବା ଗୁପ୍ତେଶ୍ୱରଙ୍କର ବିଭିନ୍ନ ନୀତି ଭୋରରୁ ସମ୍ପନ୍ନ ହୋଇଥିଲା । ପରେ ସାହଣମେଳା ଦର୍ଶନ ଆସି ଭକ୍ତମାନେ ପୂଜାର୍ଚ୍ଚନାରେ ଲାଗିଛନ୍ତି । ଧୂପ, ଦୀପ, ନଡିଆ, କଦଳୀ ଧରି ବାବାଙ୍କ ନିକଟରେ ଭୋଗଲାଗି କରିବା ସହ ମାନସିକ କରିଛନ୍ତି । ହରହର ମହାଦେବ ମନ୍ତ୍ରରେ ଗୁପ୍ତେଶ୍ୱର ପୀଠ କମ୍ପମାନ ହୋଇଛି । ଠାକୁରଙ୍କ ମହାସ୍ନାନ ପରେ ପାଟବେଶ, ଅଭିଷେକ, ଆଳତୀ ଓ ବାଳଭୋଗ ଲାଗି ସମ୍ପନ୍ନ ହେଲା ପରେ ଭକ୍ତଙ୍କ ଦର୍ଶନ ଆରମ୍ଭ ହୋଇଛି । ରାତି ୧୨ଟାରେ ହରିହର ଭେଟ ଓ ସାଢେ ୧୨ରେ ମହାଦୀପ ଉଠିଛି । ବଲାଙ୍ଗୀର ପ୍ରସିଦ୍ଧ ଶୈବପୀଠ ହରିଶଙ୍କର ଠାରେ ଭକ୍ତଙ୍କର ବ୍ୟାପକ ଜନସମାଗମ ହୋଇଛି । ହଜାର ହଜାର ଶ୍ରଦ୍ଧାଳୁ ରାଜ୍ୟ ତଥା ରାଜ୍ୟ ବାହାରୁ ଆସି ଦର୍ଶନ କରିଛନ୍ତି ।

ଲଟକିଲା...

ଯାଇଥିଲେ । ଦଳର ରାଷ୍ଟ୍ରୀୟ ସଭାପତି ଓ ଅମିତ ଶାହାଙ୍କ ଉପସ୍ଥିତିରେ ବୈଠକ ହୋଇଥିଲା । ଗତକାଲି ବିଜେଡିର ଭିକେ ପାଣ୍ଡିଆନ ଓ ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଦିଲ୍ଲୀ ମଧ୍ୟ ଯାଇଥିଲେ । ବିଜେଡିର ଏହି ଦୁଇ ନେତା ସକାଳୁ ଫେରିଆସିଥିଲା ବେଳେ ସନ୍ଧ୍ୟାରେ ବିଜେପି ସଭାପତି ମନମୋହନ ସାମଲ ଫେରିଛନ୍ତି । ଶ୍ରୀ ସାମଲ ଫେରିଲା ପରେ ମେଣ୍ଟ ନେଇ କୌଣସି ଆଲୋଚନା ହୋଇନାହିଁ ବୋଲି କହିଛନ୍ତି । ବିଜେପି ରାଜ୍ୟରେ ଏକାକୀ ଲଢିବ ବୋଲି ପୁଣି ଦୋହରାଇଛନ୍ତି । କିନ୍ତୁ ତାଙ୍କ ଭାବଭଙ୍ଗୀକୁ ଅନୁଶୀଳନ କଲେ ଜଣାପଡୁଛି ଯେ, ଘଟଣାଟି ଭିନ୍ନ । ଅନେକ କଥା ଘଟିଛି, ହୁଏତ ଦଳୀୟ ଚାପରେ ତାହା ସେମାନେ ଗଣମାଧମ ନିକଟରେ କହିବାକୁ ଚାହୁଁନାହାନ୍ତି । ଅପରପକ୍ଷରେ ଅନ୍ୟ ଏକ ସୂଚନା ଅନୁଯାୟୀ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ୧୨ ତାରିଖରେ ଓଡ଼ିଶା ଆସିପାରନ୍ତି । ଏହି ଦିନ ମେଣ୍ଟ ନେଇ ଘୋଷଣା ହୋଇପାରେ ବୋଲି ଆଲୋଚନା ହେଉଛି ।

ରାଜ୍ୟସଭାକୁ...

ମଧ ଅନେକ ଲୋକଙ୍କ ପାଇଁ ପ୍ରେରଣାଦାୟୀ । ରାଷ୍ଟ୍ରପତି ୧୨ଜଣ ସଦସ୍ୟଙ୍କୁ ରାଜ୍ୟସଭା ପାଇଁ ମନୋନୀତ କରିପାରିବେ । ସୁଧା ମୂର୍ତ୍ତି ହେଉଛନ୍ତି ଇନ୍ଫୋସିସ୍‌ର ପ୍ରତିଷ୍ଠାତା ନାରାୟଣ ମୂର୍ତ୍ତିଙ୍କ ପତ୍ନୀ । ବ୍ରିଟେନ ରାଷ୍ଟ୍ରପତି ରିଷି ସୁନକଙ୍କ ଶାଶୁ । ତାଙ୍କୁ ମଧ ପଦ୍ମଭୂଷଣ ପୁରସ୍କାର ଦିଆଯାଇଛି । ଶ୍ରୀମତୀ ମୂର୍ତ୍ତି ଟେଲ୍‌କୋରେ ଏକ ଇଞ୍ଜିନିୟର ହିସାବରେ ତାଙ୍କ କାର୍ଯ୍ୟ ଆରମ୍ଭ କରିଥିଲେ । ଏବେ ସେ ଇନ୍ଫୋସିସ୍ ଫାଉଣ୍ଡେସନର ଅଧକ୍ଷା ଅଛନ୍ତି । ଇଂରାଜୀ ଓ କନ୍ନଡ ଭାଷାରେ ସେ ପୁସ୍ତକ ରଚନା କରିଛନ୍ତି ।

ପଞ୍ଚମ ପୃଷ୍ଠାର ଅବଶିଷ୍ଟାଂଶ

ଆଇଟି...

କହିଛନ୍ତି ଯେ, ଟ୍ରିବ୍ୟୁନାଲ ନିଜ ଧାରାରେ ଚାଲୁନାହିଁ । ଆମେ ଖୁବ୍‌ଶୀଘ୍ର ଦିଲ୍ଲୀ ହାଇକୋର୍ଟରେ ଆବେଦନ କରିବୁ । ଟ୍ରିବ୍ୟୁନାଲର ନିର୍ଦ୍ଦେଶ ଆମକୁ ବ୍ୟଥିତ କରିଛି । ପୂର୍ବରୁ ସେମାନେ ଜାତୀୟ ଦଳକୁ ୨୦% ପେନାଲ୍ଟିରୁ ରିହାତି ଦେଇଛନ୍ତି । ସାଧାରଣ ନିର୍ବାଚନ ପୂର୍ବରୁ ଯଦି ଆକାଉଣ୍ଟ ଜବତ ହୁଏ, ଦଳ କିଭଳି ନିର୍ବାଚନ ଲଢିବ ବୋଲି ସେ ପ୍ରଶ୍ନ କରିଛନ୍ତି ।

ଫେବୃଆରୀ ୧୬ରେ କଂଗ୍ରେସ ପକ୍ଷରୁ କୁହାଯାଇଥିଲା ଯେ ଆୟକର ବିଭାଗ ୧୧୫ କୋଟି ଟଙ୍କା ଟିକସ ଦାବି କରି ତାଙ୍କ ଆକାଉଣ୍ଟକୁ ଅଚଳ କରିଛି । ଆୟକର ବିଭାଗ ପକ୍ଷରୁ ଟିକସ ଓ ପେନାଲ୍ଟିକୁ ମିଶାଇ ୨୧୦ କୋଟି ଟଙ୍କା ଦାବି କରାଯାଇଛି । କଂଗ୍ରେସ ନେତା ଅଜୟ ମାକନ କହିଥିଲେ ଯେ ୬୫ କୋଟି ଟଙ୍କା ଉଠାଣ ପାଇଁ ଅନୁମତି ମିଳୁଛି । ଏ ସମ୍ପର୍କରେ ଦଳ ପକ୍ଷର ଆୟକର ଟ୍ରିବ୍ୟୁନାଲରେ ଆବେଦନ କରାଯାଇଥିଲା ।

ପୂର୍ବ...

ଉନ୍ନୟନ କାର୍ଯ୍ୟକୁ ନେଇ ପଡ଼ୋଶୀ ଧୂଆଁଳ ଓ କୋତରୀ ଗ୍ରାମ ମଧ୍ୟରେ ବିବାଦ ଲାଗି ରହିଛି । ଧୂଆଁଳ ଗ୍ରାମବାସୀ ମନ୍ଦିର ପରିଚାଳନା ସହ ସମସ୍ତ ପୂଜା ନୀତିକାନ୍ତି ପ୍ରାରମ୍ଭରୁ କରିଆସୁଛନ୍ତି । ତେବେ ମନ୍ଦିର ସ୍ଥଳଟି କୋତରୀ ଗ୍ରାମ ମୌଜାରେ ଅବସ୍ଥାପିତ ଥିବା ଯୋଗୁଁ ଗତ କିଛି ବର୍ଷ ହେଲା ଉକ୍ତ ମନ୍ଦିରଟି ବିଜେ କୋତରୀ ଭାବେ ସାର୍ବଜନୀନ କରିବା ପାଇଁ ଦାବୀ କରିଥିଲେ । ଫଳରେ ଏହାକୁ କେନ୍ଦ୍ର କରି ବିବାଦ ସୃଷ୍ଟି ହୋଇଥିଲା । ଏପରିସ୍ଥଳେ ପବିତ୍ର ଜାଗର ଯାତ୍ରା ଉପଲକ୍ଷେ କୋତରୀ ଗ୍ରାମବାସୀଙ୍କ ତରଫରୁ ମନ୍ଦିର ପରିସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ପାଇଁ ବାଲୁଗାଁ ପୁଲିସ୍‌ର ସ୍ୱୀକୃତି ମାଗିଥିଲେ । କିନ୍ତୁ ଉପ-ଜିଲ୍ଲାପାଳଙ୍କ ଅନୁମତି ପତ୍ର ନଥିବାରୁ ବାଲୁଗାଁ ପୁଲିସ୍ ଏହାକୁ ପ୍ରତ୍ୟାଖାନ କରିଥିଲେ । ଏଥିରେ ଅସନ୍ତୁଷ୍ଟ ହୋଇ କୋତରୀ ଗ୍ରାମର କିଛି ବ୍ୟକ୍ତି ଶୁକ୍ରବାର ପୂର୍ବାହ୍ନରେ ମନ୍ଦିର ପରିସରରେ ପହଞ୍ଚି ବିଶୃଙ୍ଖଳା ସୃଷ୍ଟି କରିବା ପାଇଁ ଉଦ୍ୟତ ହେବା ବେଳେ ଦୁଇ ଗ୍ରାମ ମଧ୍ୟରେ ମୁହାଁମୁହିଁ ପରିସ୍ଥିତ ସୃଷ୍ଟି ହୋଇ ସଂଘର୍ଷର ରୂପ ନେଇଥିଲା । ପରସ୍ପରକୁ ଠେଙ୍ଗାରେ ଆକ୍ରମଣ କରିବା ଫଳରେ ଘଟଣାସ୍ଥଳ ରଣାଙ୍ଗନରେ ପରିଣତ ହୋଇଥିଲା । ଫଳରେ ଉଭୟ ଗ୍ରାମର ୫ଜଣ ଲେଖାଏଁ ଆହତ ହୋଇଥିଲେ । ଚିକିତ୍ସା ପାଇଁ ବାଲୁଗାଁ ଡ଼ାକ୍ତରଖାନାରେ ଭର୍ତ୍ତି ହୋଇଥିବା ବେଳେ ସେମାନଙ୍କ ମଧ୍ୟରୁ କୋତରୀ ଗ୍ରାମର ଗତି କୃଷ୍ଣ ବିଶ୍ୱାଳ ଏବଂ ପଞ୍ଚାନନ ମଲ୍ଲିକଙ୍କୁ ବ୍ରହ୍ମପୁର ସ୍ଥାନାନ୍ତର କରାଯାଇଛି । ଅନ୍ୟ ଆହତମାନେ ହେଲେ କୋତରୀ ଗ୍ରାମର ଲକ୍ଷ୍ମୀଧର ପ୍ରଧାନ, ଫକିର ସେନାପତି, ପଞ୍ଚାନନ ଦଳେଇ ଏବଂ ଧୂଆଁଳ ଗ୍ରାମର ହରମୋହନ ରଣା, ବିଦେଶୀ ରଣା, ବିନାୟକ ରଣା, ଲକ୍ଷ୍ମୀଧର ଜେନା ଏବଂ କୈଳାସ ସେଠୀ । ଖବର ପାଇ ବାଲୁଗାଁ ଏସ୍‌ଡ଼ିପିଓ ଶୁଭ୍ରାଂଶୁ ଶେଖର ମିଶ୍ର ଏବଂ ଆଇଆଇସି ଜୟପ୍ରକାଶ ପରିଡ଼ା ସଦଳବଳେ ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତ ଉପରେ କଡ଼ା ନଜର ରଖିଛନ୍ତି । ଶାନ୍ତିଶୃଙ୍ଖଳା ପାଇଁ ୨ସେକ୍ସନ ପୁଲିସ୍ ଫୋର୍ସ ମୁତୟନ କରାଯାଇଛି । ତେବେ ରିପୋର୍ଟ ଲେଖାଯିବା ବେଳକୁ ଉଭୟ ଗୋଷ୍ଠୀ ପକ୍ଷରୁ ଥାନାରେ କୌଣସି ଅଭିଯୋଗ ହୋଇନଥିବା ଆଇଆଇସି ଜୟପ୍ରକାଶ ପରିଡ଼ା ସୂଚନା ଦେଇଛନ୍ତି ।

ନୂଆଦିଲ୍ଲୀରେ ରାଷ୍ଟ୍ରୀୟ ମାନବିକ ଅଧିକାର ସମ୍ମିଳନୀ

ଭୁବନେଶ୍ୱର/ବାଲେଶ୍ୱର, (ସବ୍ୟୁ) :କେନ୍ଦ୍ର ସରକାରଙ୍କ ଦ୍ୱାରା ସ୍ୱୀକୃତି ପ୍ରାପ୍ତ ସ୍ୱଚ୍ଛାସେବୀ ଅନୁଷ୍ଠାନ ସିଟିଜେନ୍ସ ହ୍ୟୁମାନ୍ ରାଇଟସ୍ କ୍ଲିନିକ୍ ଏବଂ ଆମ୍ବେଦକର ଇଣ୍ଟରନେସନାଲ ସେଣ୍ଟର ଭୁବନେଶ୍ୱରର ମିଳିତ ଆନୁକୂଲ୍ୟରେ ନବମ ରାଷ୍ଟ୍ରୀୟ ମାନବିକ ଅଧିକାର ସମ୍ମିଳନୀ ନୂଆ ଦିଲ୍ଲୀସ୍ଥିତ ଗାନ୍ଧୀ ପିସ୍ ଫାଉଣ୍ଡେସନର ସଭାକକ୍ଷରେ ଅନୁଷ୍ଠିତ ହୋଇଯାଇଛି । ବିଶ୍ୱ ସାମାଜିକ ନ୍ୟାୟ ଦିବସ ପରିପ୍ରେକ୍ଷୀରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ବିଖ୍ୟାତ ପରିବେଶବିତ୍ ତଥା ଆମ ରାଷ୍ଟ୍ର ଏବଂ ବିଭିନ୍ନ ରାଷ୍ଟ୍ରରେ ମାନବଅଧିକାର ପାଇଁ କାମ କରୁଥିବା ଶିକ୍ଷାବିତ୍ ପ୍ରଫେସର ପ୍ରିୟରଂଜନ ତ୍ରିବେଦୀ ଉଦ୍ଘାଟନ କରି ମାନବିକ ଅଧିକାର ରକ୍ଷାକରିବା ସରକାରଙ୍କ ଦାୟିତ୍ୱ ବୋଲି ମତବ୍ୟକ୍ତ କରିବା ସହ ସରକାରଙ୍କୁ ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସହଯୋଗ କରିବା ଉଚିତ ବୋଲି ମତବ୍ୟକ୍ତ କରିଥିଲେ । ଏହି ସମ୍ମିଳନୀରେ ମୁଖ୍ୟ ଅତିଥିଭାବେ ଗୋଆର ପୂର୍ବତନ ପୁଲିସ ନିର୍ଦ୍ଦେଶକ ତଥା ବର୍ତ୍ତମାନ ରାଷ୍ଟ୍ରୀୟ ମାନବ ଅଧିକାର ସୁରକ୍ଷା ଆୟୋଗର ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସର ବିଶେଷ ମନିଟର ମୁକ୍ତେଶ ଚନ୍ଦ୍ର ଓ ନୂଆଦିଲ୍ଲୀସ୍ଥିତ କ୍ଷୁଦ୍ର ଶିଳ୍ପ ଉନ୍ନୟନ ବ୍ୟାଙ୍କର ମୁଖ୍ୟ ପ୍ରବନ୍ଧକ ଡକ୍ଟର ଶୁଭ୍ରାଂଶୁ ଶେଖର ଆଚାର୍ଯ୍ୟ, ଜବାହରଲାଲ୍ ନେହେରୁ ବିଶ୍ୱବିଦ୍ୟାଳୟର ପ୍ରାକ୍ତନ ପ୍ରଫେସର ଡକ୍ଟର ଡିକେ ଗିରି,ଦିଲ୍ଲୀ ଦୂରଦର୍ଶନର ବରିଷ୍ଠ ସମ୍ପାଦକ ଡକ୍ଟର ଓପି ଯାଦବ, ଦିଲ୍ଲୀ ବିଶ୍ୱବିଦ୍ୟାଳୟର ଆସୋସିଏଟ ପ୍ରଫେସର ଡକ୍ଟର ନିବେଦିତା ଗିରି ପ୍ରମୁଖ ଭାଗନେଇ ମାନବଅଧିକାର ପାଇଁ କାମ କରୁଥିବା ଅନୁଷ୍ଠାନ ଗୁଡ଼ିକ ସଦାସର୍ବଦା ସତର୍କ ରହି କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ । ଏହି ସମ୍ମିଳନୀରେ ଡକ୍ଟର ସୌମ୍ୟା ଶର୍ମିଷ୍ଠା ମଲ୍ଲିକଙ୍କ ସମ୍ପାଦନାରେ ପ୍ରକାଶିତ ଦି ବ୍ଲେଜିଂ ବିକନ୍ : ଦି ଲାଇଫ୍ ଷ୍ଟୋରୀ ଅଫ୍ ଏପିଜେ ଅବଦୁଲ କାଲାମ ପୁସ୍ତକ ସମେତ ପ୍ରଖ୍ୟାତ ଔପନ୍ୟାସିକା ତଥା କଥାଶିଳ୍ପୀ ରଶ୍ମି ରାଉଳଙ୍କ ରଚିତ ଇହାଁ ଥା ଏକ ଗାଓଁ ଏବଂ ଯୋଗିନୀର ଆତ୍ମଲିପି ସଂକଳନକୁ ଲୋକାର୍ପଣ କରି ବହି ବିଷୟରେ ବକ୍ତାମାନେ ନିଜ ନିଜର ବକ୍ତବ୍ୟ ରଖିଥିଲେ । ଏହି କାର୍ଯ୍ୟକ୍ରମକୁ ଓଡ଼ିଶାର ପୂର୍ବତନ ଅତିରିକ୍ତ ପୁଲିସ ମହାନିର୍ଦ୍ଦେଶକ ଗୋପବନ୍ଧୁ ମଲ୍ଲିକ, ଲେଖିକା ରଶ୍ମି ରାଉଳ, ଡକ୍ଟର କମଳିନୀ ପାଣିଗ୍ରାହୀ, ସମାଜସେବୀ କାଳୀ ଚରଣ ସିଂ, ମେନକା କାରୁଆ ଓ ସୁଲଗ୍ନା ସୁରଚିତା ପରିଚାଳନା କରିଥିଲେ । ସମ୍ମିଳନୀ ଶେଷରେ ସମାଜସେବୀ ଟିଟନ୍ କୁମାର ସାହୁ, ରାଜକୁମାର ମୀନା, ଚଳଚିତ୍ର ପ୍ରଯୋଜକ ସଚିକାନ୍ତ ମହାନ୍ତି, ଶିକ୍ଷାବିତ ଶରତ କୁମାର ବିଶ୍ୱାଳ, ଭଗବାନ ମିଶ୍ର, ଶିଳ୍ପପତି ହେମନ୍ତ କୁମାର ସାହୁ ପ୍ରମୁଖଙ୍କୁ ମୁଖ୍ୟଅତିଥି ମାନପତ୍ର, ଅଙ୍ଗବସ୍ତ୍ର, ସ୍ମୃତି ଫଳକ ଦେଇ ସମ୍ମାନୀତ କରିଥିଲେ ।

ଶିରିପୁର-ବାସିନ୍ଦିପୁର ତାରକେଶ୍ୱର ବିଶ୍ୱଶାନ୍ତି ମହାଯଜ୍ଞ

ଖଇରା, (ସବ୍ୟୁ) : ବାଲେଶ୍ୱର ଜିଲ୍ଲା ଖଇରା ବ୍ଲକ ଅଧୀନ ଶିରିପୁର-ବାସିନ୍ଦିପୁର ଠାରେ ଗତ ୨ତାରିଖରୁ ଆରମ୍ଭ ହୋଇଥିବା ତାରକେଶ୍ୱର ବିଶ୍ୱଶାନ୍ତି ମହାଯଜ୍ଞ ଓ ପ୍ରତିଭା ସମ୍ମାନ ସମାରୋହ ଉଦ୍‌ଯାପିତ ହୋଇ ଯାଇଛି । ଶନିବାର ଜଳାଭିଷେକ,ରବିବାର ଦେବୀ ଯଜ୍ଞ ଓ ନୃତ୍ୟ ପ୍ରତିଯୋଗିତା,ସୋମବାର ଗଣପତି ଯଜ୍ଞ ଓ ପ୍ରତିଭା ସମ୍ମାନ,ମଙ୍ଗଳବାର ସୂର୍ଯ୍ୟ ଯଜ୍ଞ ଓ ପ୍ରତିଭା ସମ୍ମାନ ଏବଂ ବୁଧବାର ଦିନ ବିଷ୍ଣୁ ଯଜ୍ଞ ସହିତ ସଂଧ୍ୟାରେ ମହାଆଡମ୍ବରରେ ପ୍ରତିଭା ସମ୍ମାନ ସମାରୋହ ଅନୁଷ୍ଠିତ ହୋଇ ଯାଇଛି । ପଣ୍ଡିତ ମଦନମୋହନ ପଣ୍ଡା,ରବିନାରାୟଣ ଶତପଥି,ଦାମୋଦର ପଣ୍ଡା,ଚକ୍ରଧର ଶତପଥି ଙ୍କ ଦ୍ୱାରା ତାରକେଶ୍ୱରଙ୍କ ପୂଜାର୍ଚ୍ଚନା ସହିତ ପୂର୍ଣ୍ଣାହୂତି ପ୍ରଦାନ କରାଯାଇଥିଲା । ଏହି ଅବସରରେ ବିଭିନ୍ନ ବିଷୟରେ ପାରଦର୍ଶିତା ଲାଭ କରିଥିବା ଶତାଧିକ ପ୍ରତିଭାଧାରୀ ବ୍ୟକ୍ତିମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ପ୍ରତ୍ୟେକ ସଂଧ୍ୟାରେ ଓଲିଉଡ କଳକାରମାନେ ଯୋଗ ଦେଇ ଦର୍ଶକଙ୍କୁ ଭରପୂର ମନୋରଞ୍ଜନ ପ୍ରଦାନ କରିଥିଲେ । ଯଜ୍ଞର କମିଟି ସଭାପତି ଶଶିକାନ୍ତ ବେହେରା,ସମ୍ପାଦକ ମୁକ୍ତିକାନ୍ତ ପାଢୀ,ସଭ୍ୟ ଦାମୋଦର ସାହୁ,ପାଣ୍ଡବ ବେହେରା,ରାଜେନ୍ଦ୍ର ବେହେରା,ରତିକାନ୍ତ ବେହେରା,ଦୀପ୍ତିକାନ୍ତ ପାଢୀ,ତୃପ୍ତିକାନ୍ତ ପାଢୀ,ଗୁଲୁ ସାମଲ,ମହେନ୍ଦ୍ର ବେହେରା,କୈଳାସ ବେହେରା,ବାପିନ ସାମଲ,ଚକ୍ରଧର ବେହେରା,ବୈଦ୍ୟନାଥ ସାମଲ,ରାଧାକାନ୍ତ ସାମଲ ପ୍ରମୁଖ ସହଯୋଗ କରିଥିଲେ ।

ଆନ୍ତର୍ଜାତିକ ମହିଳା ଦିବସ ପାଳିତ

ବାଲେଶ୍ୱର,(ସବ୍ୟୁ) :ବୁଧବାର ପୂର୍ବାହ୍ନରେ ସ୍ଥାନୀୟ ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷରେ ଜିଲ୍ଲାସ୍ତରୀୟ ଆନ୍ତର୍ଜାତିକ ମହିଳା ଦିବସ ପାଳିତ ହୋଇଯାଇଛି । ଜିଲ୍ଲା ସମାଜମଙ୍ଗଳ କାର୍ଯ୍ୟାଳୟ ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲାପରିଷଦ ଅଧକ୍ଷ ନାରାୟଣ ପ୍ରଧାନ ଅଧକ୍ଷତା କରି କହିଥିଲେ ଯେ ଆମ ଜୀବନ ପାଇଁ ଆମେ ସବୁବେଳେ ଜଣେ ମହିଳା ଅର୍ଥାତ୍ ଆମ ମାଙ୍କ ପାଖରେ ଋଣୀ । ମହିଳାମାନେ ଜନସଂଖ୍ୟାର ୫୦ପ୍ରତିଶତ ହୋଇଥିବା ବେଳେ ସେମାନଙ୍କ ଉନ୍ନତି ବିନା ଦେଶରେ ପ୍ରଗତି ସମ୍ଭବ ନୁହେଁ ବୋଲି କହିଥିଲେ । ସମ୍ମାନୀତ ଅତିଥିଭାବେ ଅତିରିକ୍ତ ଜିଲ୍ଲାପାଳ ସୁଧାକର ନାୟକ ଯୋଗଦେଇ ମହିଳାମାନଙ୍କ ଶିକ୍ଷା, ସ୍ୱାସ୍ଥ୍ୟ, ଭବିଷ୍ୟତ ଗଠନ ଦିଗରେ ରାଜ୍ୟ ସରକାର ଅଗ୍ରାଧିକାର ଭିତ୍ତିରେ ବିଭିନ୍ନ ଯୋଜନା ପ୍ରଣୟନ କରୁଥିବା କହିବା ସହ ବହୁ ସ୍ୱୟଂସହାୟିକା ଗୋଷ୍ଠୀ ସୃଷ୍ଟି କରାଯାଇ ସେମାନେ କିପରି ସ୍ୱାବଲମ୍ବୀ ହୋଇପାରିବେ ଏବଂ ସଚେତନତା ମାଧ୍ୟମରେ ଜନମାନସକୁ ସେବା ଯୋଗାଇ ପାରିବେ ସେ ଦିଗରେ ଦୃଷ୍ଟିଦେବାକୁ ଆହ୍ୱାନ ଦେଇଥିଲେ । ମୁଖ୍ୟ ବକ୍ତାଭାବେ ଫକୀରମୋହନ ଜୁନିୟର କଲେଜର ପୂର୍ବତନ ଅଧକ୍ଷା ଡଃ ଶାନ୍ତନା ହାଲଦାର ଯୋଗଦେଇ ମା ଓ ଭଉଣୀମାନଙ୍କ ପାଖରେ ଯେଉଁ ପ୍ରତିଭା,ଦକ୍ଷତା ଓ ସାହସିକତା ରହିଛି ତାହାକୁ ଆଗକୁ ଆଣିବା ଏବଂ ସବୁ କ୍ଷେତ୍ରରେ ସେମାନଙ୍କୁ ପ୍ରୋତ୍ସାହନ ଦେବା ଆମ ସମସ୍ତଙ୍କର ଦାୟିତ୍ୱ ବୋଲି କହିଥିଲେ । ସମ୍ମାନୀତ ଅତିଥିଭାବେ ଜିଲ୍ଲା ଶିକ୍ଷାଧିକାରୀ ପ୍ରତିଭା ମଂଜରି ଦାସ କହିଥିଲେ ଯେ ମହିଳାମାନେ ପୁରୁଷମାନଙ୍କ ଠାରୁ ଅଧିକ ଦାୟିତ୍ୱବାନ ଓ କର୍ତ୍ତବ୍ୟ ପରାୟଣ ହୋଇଥିବା ବେଳେ ମହିଳାମାନେ ନିଜ ଅଧିକାର ପାଇଁ ଆଗକୁ ଆଗେଇ ଆସିବାକୁ ଆହ୍ୱାନ ଦେଇଥିଲେ । ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଐଶ୍ୱର୍ଯ୍ୟା ସାମନ୍ତ ବିଭିନ୍ନ କ୍ଷେତ୍ରରେ ମହିଳାମାନଙ୍କର ବହୁ ଅବଦାନ ରହିଛି ଯେଉଁସବୁ କ୍ଷେତ୍ରରେ ମହିଳାମାନେ ଅନ୍ୟମାନଙ୍କ ପାଇଁ ଉଦାହରଣ ହୋଇ ପାରିଛନ୍ତି ସେସବୁ ଉପରେ ସଚେତନତା ସୃଷ୍ଟି କରିବାକୁ ଗୁରୁତ୍ୱାରୋପ କରିଥିଲେ । କାର୍ଯ୍ୟକ୍ରମରେ ଜିଲ୍ଲା ସମାଜମଙ୍ଗଳ ଅଧିକାରିଣୀ ଶିଖାରାଣୀ ପୋଦାର ପ୍ରାରମ୍ଭିକ ଅଭିଭାଷଣ ଓ କାର୍ଯ୍ୟକ୍ରମ ଆୟୋଜନ ସମ୍ପର୍କରେ ବକ୍ତବ୍ୟ ରଖିବା ସହିତ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ଅଙ୍ଗନୱାଡ଼ି କର୍ମୀ ଏବଂ ସ୍ୱୟଂ ସହାୟିକା ଗୋଷ୍ଠୀର ସଭ୍ୟାମାନଙ୍କୁ ପୁରସ୍କୃତ କରାଯାଇଥିଲା ।

ବିଭିନ୍ନ ରାସ୍ତାର ଶିଳାନ୍ୟାସ

ବାସୁଦେବପୁର,(ସବ୍ୟୁ):ରାଜ୍ୟ ସକରାରଙ୍କ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ବାସୁଦେବପୁର ବ୍ଲକର ବିଭିନ୍ନ ପଂଚାୟତରେ ରାସ୍ତା ନିର୍ମାଣ କରିବା ପାଇଁ ବିଧାୟକ ବିଷ୍ଣୁବ୍ରତ ରାଉତରାୟ ଶୀଳାନ୍ୟାସ କରିଛନ୍ତି । ବାସୁଦେବପୁର ବ୍ଲକର ବାଲିମୁଣ୍ଡା ପଂଚାୟତର ଧାମରା ରାସ୍ତାରୁ ସାନହାବେଳିସାହି ମୁଖ୍ୟମନ୍ତ୍ରୀ ସଡକ ଯୋଜନାରେ ୭କୋଟି ୨୯ଲକ୍ଷ ୩୯ ହଜାର,ଗୋପବନ୍ଧୁନଗର ପଂଚାୟତର ଧାମରା ରାସ୍ତାରୁ ବଡମାହାରା ରାସ୍ତା ନିର୍ମାଣ ପାଇଁ ୧କୋଟି ୫୮ଲକ୍ଷ ୪୧ହଜାର,ଚାନ୍ଦିପୋଖରୀରୁ ବଙ୍ଗଳୀପଡା ୟୁଜିଏମଇ ସ୍କୁଲ ପର୍ଯ୍ୟନ୍ତ ୯କୋଟି ୩୬ ଲକ୍ଷ ୭୮ହଜାର,ଗଦଳାରୁ ବଳପୁର ୩କୋଟି ୬୫ଲକ୍ଷ ୭୨ହଜାର,ଜୀବନପୁର ପଳିତା ସାହିରେ ପୋଲ ନିର୍ମାଣ ପାଇଁ ୪କୋଟି ୨୮ଲକ୍ଷ ୭୨ହଜାର,ନଳବାଙ୍କରୁ ଲୁଣାବନ୍ଧ ରାସ୍ତା ୪କୋଟି ୬୨ଲକ୍ଷ ୬୭ ହଜାର,ଚଢାମଣୀ ଆଡିଆ ରାସ୍ତା ୫କୋଟି ୧୭ଲକ୍ଷ ୬୮ହଜାର ପ୍ରକଳ୍ପର ବିଧାୟକ ଶ୍ରୀରାଉତରାୟ ମାରାଥାନ ଶୀଳାନ୍ୟାସ କରିଛନ୍ତି । ଏହି କାର୍ଯ୍ୟକ୍ରମରେ ବ୍ଲକ ଅଧକ୍ଷ ନଗେନ୍ଦ୍ର ପ୍ରସାଦ ବିଶ୍ୱାଳ,ଉପାଧକ୍ଷା ମାଧୁରୀ ବାରିକ,ଗ୍ରାମ୍ୟ ଉନ୍ନୟନ ବିଭାଗ-୨ସହକାରୀ ଯନ୍ତ୍ରୀ ସତ୍ୟରଞ୍ଜନ ନାୟକ ଯୋଗଦେଇଥିଲେ।

ଜିଲ୍ଲା ଶିଳ୍ପ କେନ୍ଦ୍ର ଦ୍ୱାରା ଶିଳ୍ପୋଦ୍ୟୋଗୀ ଦିବସ

ଭଦ୍ରକ, (ସବ୍ୟୁ):ପ୍ରବାଦ ପୁରୁଷ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀଙ୍କ ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ ଅବସରରେ ଜିଲ୍ଲା ଶିଳ୍ପ କେନ୍ଦ୍ର ଭଦ୍ରକ ଆନୁକୂଲ୍ୟରେ ଭଦ୍ରକ ବାଇପାସ୍‌ରୋଡ୍ ନିକଟସ୍ଥ ସଙ୍ଗମ କନ୍‌ଭେନ୍‌ସନ୍ ମଣ୍ଡପରେ ଶିଳ୍ପୋଦ୍ୟୋଗୀ ଦିବସ ସମାରୋହରେ ଅନୁଷ୍ଠିତ ହୋଇଥିଲା । ଏଥିରେ ଜିଲ୍ଲାପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ସରୋଜ କୁମାର ଦତ୍ତ, ଅଗ୍ରଣୀ ବ୍ୟାଙ୍କ ପ୍ରବନ୍ଧକ ଏନ୍ ନାଗେଶ୍ୱର ରାଓ, ସିଡ଼ିଭିଓ ଡାକ୍ତର ହୃଷୀକେଶ ବେହେରା, ଜିଲ୍ଲା କୃଷି ଅଧିକାରୀ ଶ୍ରୀଧର ଦାସ, ଶିଳ୍ପସଂଘ ଓସ୍‌ମେର ସମ୍ପାଦକ ସୁଶାନ୍ତ କୁମାର ନାୟକ ଓ ଜିଲ୍ଲା ଶିଳ୍ପ କେନ୍ଦ୍ରର ସାଧାରଣ ପରିଚାଳକ ସୂର୍ଯ୍ୟକାନ୍ତ ବେହେରା ମଞ୍ଚାସୀନ ହୋଇ କେନ୍ଦ୍ର ଓ ରାଜ୍ୟ ସରକାରଙ୍କର ଉଦ୍ୟୋଗବିଭାଗ ନିମିତ୍ତ ପ୍ରଣୀତ ବିଭିନ୍ନ ଯୋଜନା ସମ୍ପର୍କରେ ଆଲୋଚନା କରିଥିଲେ । ପି.ଏମ୍.ଏଫ୍.ଏମ୍.ଇ ଓ ଓଡ଼ିଶା ଖାଦ୍ୟ ପ୍ରକ୍ରିୟାକରଣ ନୀତି ୨୦୨୨ ସମ୍ପର୍କରେ ଶିଳ୍ପ ବିକାଶ ଅଧିକାରୀ ଶଶୀଶେଖର ବେହେରା , ପି.ଏମ୍.ଇ.ଜି.ପି. ବାବଦରେ ସହକାରୀ ଶିଳ୍ପ ଅଧିକାରୀ ବିଶ୍ୱଜିତ୍ ସାମଲ, ଓଡ଼ିଶା ପ୍ରୋକ୍ୟୁଓରମେଣ୍ଟ ପ୍ରେଟେକ୍‌ସନ୍ ପଲିସି ୨୦୨୩, ସି.ଏମ.ସ୍ରିମ୍ (ସିଏମ୍-ସିଇମ୍), ପି.ଏମ୍.ବିଶ୍ୱକର୍ମା ଯୋଜନା ସମ୍ପର୍କରେ ସାଧାରଣ ପରିଚାଳକ ସୂର୍ଯ୍ୟକାନ୍ତ ବେହେରା ଓ ଶିଳ୍ପନୀତି ୨୦୨୨, ଓଡ଼ିଶା ଅଣୁକ୍ଷୁଦ୍ର ମଧ୍ୟମ ଉଦ୍ୟୋଗ ବିକାଶ ନୀତି ୨୦୨୨ ସମ୍ପର୍କରେ ଶିଳ୍ପ ପର୍ଯ୍ୟବେକ୍ଷକ ରଶ୍ମିରଞ୍ଜନ ସାହୁ ଆଲୋଚନା କରିଥିଲେ । ପରିଶେଷରେ ଉଦ୍ୟୋଗୀମାନେ ନିଜର ଶିଳ୍ପ ପ୍ରତିଷ୍ଠା ଅଭିଜ୍ଞତା ଓ ଅନୁଭୂତି ସମ୍ପର୍କରେ ଆଲୋକପାତ କରିଥିଲେ । ଶତାଧିକ ଉଦ୍ୟୋଗୀଙ୍କ ଉପସ୍ଥିତିରେ ଉକ୍ତ ସମାରୋହକୁ ଶିଳ୍ପ ବିକାଶ ଅଧିକାରୀ ଶ୍ରୀ ବେହେରା ପରିଚାଳନା କରିଥିଲେ ।

ଅଶୋକ ଓବିସି ମୋର୍ଚ୍ଚା ରାଜ୍ୟ ସଂଯୋଜକ

ଅସୁରାଳି,(ସବ୍ୟୁ):ଭଦ୍ରକ ଜିଲ୍ଲା ଧାମନଗର ବିଧାନସଭା କ୍ଷେତ୍ରର ବରିଷ୍ଠ ନେତା ଅଶୋକ କୁମାର ପୁହାଣ ରାଜ୍ୟ ବିଜେପି ଓବିସି ମୋର୍ଚାର ନୂତନ ସଂଯୋଜକ ଭାବେ ମନୋନୀତ ହୋଇଛନ୍ତି। ବିଜେପି ଓବିସି ମୋର୍ଚାର ରାଜ୍ୟ ସଭାପତି ସୁରଥ ବିଶ୍ୱାଳ ଏହି ନୂତନ ନିଯୁକ୍ତି ପ୍ରଦାନ କରିବା ସହ ଅଶୋକ ଦଳୀୟ ସଂଗଠନକୁ ସୁଦୃଢ କରିବା ଦିଗରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବେ ବୋଲି ପ୍ରେସ ବିଜ୍ଞପ୍ତିରେ ଜଣାଇଛନ୍ତି। ଧାମନଗର ବ୍ଲକ ଅନ୍ତର୍ଗତ ପଧାନି ପଂଚାୟତର ବର୍ତ୍ତମାନ ସରପଂଚ ଥିବା ଅଶୋକ ବିଜେପିର ଜଣେ ପ୍ରମୁଖ ନେତା ଭାବେ ଜିଲ୍ଲାରେ ପରିଚିତ ଏବଂ ସେ ଇତି ପୂର୍ବରୁ ଜିଲ୍ଲା ସାଧାରଣ ସମ୍ପାଦକ,ନିର୍ବାଚନମଣ୍ଡଳୀ ସଂଯୋଜକ ଭଳି ଦାୟିତ୍ୱ ନିର୍ବାହ କରିଥିଲେ। ନୂଆ ଦାୟିତ୍ୱ ପାଇଁ ଅଶୋକ ରାଜ୍ୟ ସଭାପତି ମନମୋହନ ସାମଲ,ଧାମନଗର ବିଧାୟକ ସୂର୍ଯ୍ୟବଂଶୀ ସୂରଜ ସ୍ଥିତପ୍ରଜ୍ଞ,ଓବିସି ମୋର୍ଚ୍ଚା ରାଜ୍ୟ ସଭାପତି ସୁରଥ ବିଶ୍ୱାଳଙ୍କୁ କୃତଜ୍ଞତା ଜଣାଇଛନ୍ତି। ଅଶୋକଙ୍କୁ ଧାମନଗର ଅଂଚଳର ଦଳୀୟ ନେତୃବୃନ୍ଦ ଶୁଭେଚ୍ଛା ଜଣାଇଛନ୍ତି।

ନବୀନ କାର୍ଡ ବିତରଣ କାର୍ଯ୍ୟକ୍ରମ

ପାଟଣା, (ସବ୍ୟୁ) : କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ହିତାଧିକାରୀ ଙ୍କୁ ବିଏସକେୱାଇ ନବୀନ କାର୍ଡ ବିତରଣ କରାଯାଇଛି । ଏହି କାର୍ଯ୍ୟକ୍ରମ କୁ ମିତ୍ରଭାନୁ ମହାନ୍ତ ସଂଯୋଜନା କରିଥିଲେ। ଏହି କାର୍ଯ୍ୟକ୍ରମ ରେ ପାଟଣା ବ୍ଲକ ଅଧକ୍ଷା ସୁକାନ୍ତି ନାଏକ,ବ୍ଲକ ଗୋଷ୍ଠି ଉନ୍ନୟନ ଅଧିକାରୀ ଶିବଶଙ୍କର ମୁର୍ମୁ,ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଚିତ୍ତରଞ୍ଜନ ନାୟକ,ଜିପିଓ . ରଶ୍ମିରେଖା ମହାନ୍ତି,ଏପିଇଓ ଦୀପକ କୁମାର ବେହେରା, ବ୍ଲକ ଯୋଗାଣ ନିରୀକ୍ଷିକ ଅଧିକାରୀ ସୁନିତା ମାରଣ୍ଡି,ଏରେଣ୍ଡେଇ ପଞ୍ଚାୟତର ସରପଞ୍ଚ ପାର୍ବତୀ ଦେହୁରୀ,ରାଜନଗର ସମିତି ସଭ୍ୟ ଅବନୀ ନାଏକ ,ବଡ଼ପାଟଣା ସମିତି ସଭ୍ୟ ମୋହନ ସୁନ୍ଦର ମହାନ୍ତଙ୍କ ଉପସ୍ଥିତିରେ ୨୦ଟି ପଞ୍ଚାୟତ ର ୬୭୬ଜଣ ହିତାଧିକାରୀଙ୍କୁ ବିଏସକେୱାଇନବୀନ କାର୍ଡ ବିତରଣ କରାଯାଇଛି।

ଟାଟା ଷ୍ଟିଲ୍ କଳିଙ୍ଗନଗରକୁ ସିଆଇଆଇ ଏସ୍‌ଏଚ୍‌ଇ ଉତ୍କର୍ଷ ପୁରସ୍କାର

କଳିଙ୍ଗନଗର (ସବ୍ୟୁ) : ଟାଟା ଷ୍ଟିଲ୍ କଳିଙ୍ଗନଗର (ଟିଏସ୍‌କେ)କୁ ଲାର୍ଜ ସ୍କେଲ୍ ମାନ୍ୟୁଫାକଚ଼ରିଂ ସେକ୍ଟର' ବର୍ଗରେ ସମ୍ମାନଜନକ କନଫେଡେରେସନ୍ ଅଫ୍ ଇଣ୍ଡିଆନ୍ ଇଣ୍ଡଷ୍ଟ୍ରି (ସିଆଇଆଇ) ଏସ୍.ଏଚ୍.ଇ (ନିରାପତା, ସ୍ୱାସ୍ଥ୍ୟ ଓ ପରିବେଶ) ଉତ୍କର୍ଷ ପୁରସ୍କାର ୨୦୨୨-୨୦୨୩ରେ ପ୍ରଥମ ରନର ଅପ୍' ଭାବେ ପୁରସ୍କୃତ କରାଯାଇଛି। ଭୁବନେଶ୍ୱରରେ ଆୟୋଜିତ ସିଆଇଆଇ ଓଡ଼ିଶା ବାର୍ଷିକସମ୍ମିଳନୀରେ ଏହି ସମ୍ମାନ ପ୍ରଦାନ କରାଯାଇଛି।ଟିଏସ୍‌କେର ନିରାପତା ବିଭାଗର ମୁଖ୍ୟ ରବି ମିଶ୍ର, ଟିଏସ୍‌କେର ଇସ୍ପାତ ମାନବ ସମ୍ବଳ ବ୍ୟବସାୟ ସହଯୋଗୀ ବିଭାଗର ମୁଖ୍ୟ ଯଶବନ୍ତକୁମାର ପାଣ୍ଡେ, ଟିଏସ୍‌କେର ଲଜିଷ୍ଟିକ୍ ଅପରେସନ୍ ବିଭାଗର ମୁଖ୍ୟ ଶୁଭ୍ରାଂଶୁ ଶେଖର ରାଉତ ଟାଟା ଷ୍ଟିଲ୍ କଳିଙ୍ଗନଗର ତରଫରୁ ଏହି ପୁରସ୍କାର ଗ୍ରହଣ କରିଥିଲେ।ଟିଏସ୍‌କେ ଏହାର କର୍ମଚାରୀଙ୍କ ନିରାପତା ଏବଂ କଲ୍ୟାଣ ସୁନିଶ୍ଚିତ କରିବା ପାଇଁ ବିଶ୍ୱସ୍ତରୀୟ ସର୍ବୋତମ ଅଭ୍ୟାସ ଏବଂ ଅଭିନବ ପଦ୍ଧତିକାର୍ଯ୍ୟକାରୀ କରିବାକୁ ପ୍ରତିଶ୍ରୁତିବଦ୍ଧ ରହିଛି। ଦୃଢ଼ ସୁରକ୍ଷା ମାନକ, କର୍ମଚାରୀ ପ୍ରଶିକ୍ଷଣ ପଦକ୍ଷେପ ଏବଂ ବ୍ୟାପକ ପରିବେଶ ପରିଚାଳନାପ୍ରଣାଳୀ ପ୍ରତି କଂପାନିର ନିରନ୍ତର ଅନୁପାଳନ ଏହି ମାନ୍ୟତା ହାସଲ କରିବାରେ ସହାୟକ ହୋଇଛି।ସିଆଇଆଇ ଏସ୍‌ଏଚ୍‌ଇ ଉତ୍କର୍ଷ ପୁରସ୍କାର ୨୦୨୨-୨୩ ବର୍ଷରେ ନିରାପତା, ସ୍ୱାସ୍ଥ୍ୟ ଏବଂ ପରିବେଶ କ୍ଷେତ୍ରରେ ଉଲ୍ଲେଖନୀୟ ପ୍ରୟାସପ୍ରଦର୍ଶନ କରୁଥିବା ଅନୁଷ୍ଠାନଗୁଡ଼ିକୁ ସମ୍ମାନିତ ଏବଂ ସମ୍ମାନିତ କରିଥାଏ। ଏହି ପୁରସ୍କାର ସୁରକ୍ଷା, ସ୍ୱାସ୍ଥ୍ୟ ଏବଂ ପରିବେଶରେ ଅଗ୍ରଣୀ ଭିତିଭୂମିଅଭ୍ୟାସରେ ଟିଏସ୍‌କେ ପରି ଅନୁଷ୍ଠାନର ନେତୃତ୍ୱ, ଦୂରଦୃଷ୍ଟି ଏବଂ ଅକ୍ଳାନ୍ତ ପ୍ରୟାସର ପ୍ରମାଣ ଭାବରେ କାର୍ଯ୍ୟ କରେ।ଟାଟା ଷ୍ଟିଲ୍ କଳିଙ୍ଗନଗର ଏହାର କାର୍ଯ୍ୟରେ ନିରାପତା, କଲ୍ୟାଣ ଏବଂ ପରିବେଶ ଉତରଦାୟିତ୍ୱ ଉପରେ ଗୁରୁତ୍ୱ ଦେଉଥିବା ବିକାଶ ପାଇଁ ପ୍ରତିଶ୍ରୁତିବଦ୍ଧତାକୁ ଦୋହରାଇଛନ୍ତି ।

ବିଶ୍ୱ ମହିଳା ଦିବସରେ ମୁକ୍ତିଲାଭ କଲା ନୂଆ ଚଳଚ୍ଚିତ୍ର ତ୍ରିକନ୍ୟା

ଭୁବନେଶ୍ୱର (ସବ୍ୟୁ) : ଗ୍ୟାଙ୍ଗସ ଅଫ ପୁରୀ ଏବଂ ବାସ୍ତବଧର୍ମୀ ଚଳଚ୍ଚିତ୍ର ପ୍ରତୀକ୍ଷା ବେଶ ଦର୍ଶକୀୟ ଆଦୃତି ସାଉଁଟିବା ପରେ ଅମୀୟ ପଟ୍ଟନାୟକ ପ୍ରଡକସନ୍ସ ଓ ଟେକ୍ନୋ ଆର୍ଟ୍ସ ବ୍ୟାନର ରେ ନିର୍ଦ୍ଦେଶକ ଅନୁପମ ପଟ୍ଟନାୟକ ନିର୍ମାଣ କରିଥିବା ଆଉ ଏକ ନୂଆ ଓଡ଼ିଆ ଚଳଚ୍ଚିତ୍ର ତ୍ରିକନ୍ୟା ବିଶ୍ୱ ମହିଳା ଦିବସ ଉପଲକ୍ଷେ ମୁକ୍ତିଲାଭ କରିଛି । ଭୁବନେଶ୍ୱର ସ୍ଥିତ ସ୍ୱାତି ସିନେପ୍ଲେକ୍ସ ରେ ଏହାର ପ୍ରିମିଅର ଶୋ' ହୋଇଯାଇଛି ।

ଏହି ଅବସରରେ ଉପଦେଷ୍ଟା ସୀମା ପଟ୍ଟନାୟକ, ପ୍ରଯୋଜକ ତଥା ନିର୍ଦ୍ଦେଶକ ଅନୁପମ ପଟ୍ଟନାୟକ, ସହ ପ୍ରଯୋଜିକା ତଥା ଅଭିନେତ୍ରୀ ବର୍ଷା ପଟ୍ଟନାୟକ, ଲେଖକ ମାନସ ପଢ଼ିଆରୀ, ଗୀତିକାର ସ୍ମିତ ପଟ୍ଟନାୟକ, ଅଭିନେତା ସୁକାନ୍ତ ରଥ, ପାର୍ଥ ସାରଥୀ, ନିଶାନ୍ତ ମାଜିଥିଆ, ଅମନ, ଅଭିନେତ୍ରୀ ଶ୍ରଦ୍ଧା ପାଣିଗ୍ରାହୀ, ନିଭି ଙ୍କ ସମେତ ପ୍ରଯୋଜକ ଅକ୍ଷୟ ପରିଡ଼ା, ଗଦାଧର ପୁଜାରୀ, ପ୍ରଣବ ଦାସ, ସୋନି, ଅବତାର ସିଂହ, ଅତୀଶ କୁମାର ରାଉତ, ସଚ୍ଚିକାନ୍ତ ଜେନା, ଶ୍ରୀଧର ମାର୍ଥା, କୁମାର ହର୍ଷ ବର୍ଦ୍ଧନ ପ୍ରମୁଖ ଉପସ୍ଥିତ ଥିଲେ ।

ନିର୍ଦ୍ଦେଶକ ଅନୁପମ ପଟ୍ଟନାୟକ ଗୋଟିଏ ପରେ ଗୋଟିଏ ଭିନ୍ନ ଭିନ୍ନ କାହାଣୀକୁ ନେଇ ଓଡ଼ିଆ ଦର୍ଶକଙ୍କ ରୁଚି କୁ ଆଖିରେ ରଖି ସିନେମା ନିର୍ମାଣ କରିଚାଲିଛନ୍ତି । ତ୍ରିକନ୍ୟାର କାହାଣୀ ସମ୍ପୂର୍ଣ୍ଣ ନିଆରା । ଭିନ୍ନ ଭିନ୍ନ ପରିସ୍ଥିତି ଆଉ ପରିବେଶରୁ ଆସିଥିବା ତିନି ଜଣ ମହିଳା କିପରି ବିଭିନ୍ନ ପ୍ରକାରର କଠିନ ସମସ୍ୟାର ସମାଧାନ କରୁଛନ୍ତି ତାହାକୁ ନେଇ ତ୍ରିକନ୍ୟା ଚଳଚ୍ଚିତ୍ର ର କାହାଣୀ ଗତିଶୀଳ ହୋଇଛି । ଅଭିନୟ ରେ ବର୍ଷା ପଟ୍ଟନାୟକ, ମନୋଜ ମିଶ୍ର, ସୁକାନ୍ତ ରଥ, ପାର୍ଥ ସାରଥୀ, ଅମନ, ଶ୍ରଦ୍ଧା ପାଣିଗ୍ରାହୀ, ନିଶାନ୍ତ ମାଜିଥିଆ, ନିଭି ଓ ସିଜନ ମହାପାତ୍ର, ଶକ୍ତି ବରାଳ ଓ ତୃପ୍ତି ସିହ୍ନା ପ୍ରମୁଖ ଅଛନ୍ତି ।

Notice for Loss of Document

Notice is hereby given on behalf of my client LIC HFL Ipicol House Bhubaneswar for advancing loan to Smt. Cremlin Mohanty on her property at Ranasinghpur, Khata No. 233/1449, Plot No. 170/ 1558 over Ac 0.083 dec. But she has lost the original link deed bearing No 11131904152 dt. 29.5.19 executed in favour of Dhirendra Ku. Bhata while coming from Ranasinghpur to Jayadev Vihar. Therefore notice is hereby given to general public that if anybody has got the right, title interest over the Property on the missing documents or on the above property, they have to claim before LIC HFL within 15 days from the date of publication and after that the documents will lose its legal force & LIC HFL will not be responsible for any claim what-so-ever on the property after 15 days .

Address for Communication
Branch Ipicol House, BBSR
N.C. Pattnaik, Advocate
Mobile : 9853311189

OFFICE OF THE REMUNA NAC, BALASORE
No. 565 Date : 06.03.2024
C-3265
E-Procurement Notice
BID Identification No. RN_09_2023-24

Bid Documents consisting of Work, Estimated Cost, Cost of Tender Paper, EMD, Time of completion, Class of contractors and the set of terms and conditions of contract and other necessary documents can be seen in Govt. website i.e. https://tendersodisha.gov.in/nicgep/app.

01. Name of the Work	:	Civil works as mentined in DTCN
02. No. of works	:	05 nos.
03. Estimated Cost	:	As per Work List
04. Period of Completion	:	As per DTCN
05. Date and Time of Bidding	:	07.03.2024 to 14.03.2024
06. Last date and time for receipt	:	14.03.2024 up to 5.00 pm
07. Bids received online shall be opened on	:	15.03.2024 from 11.00 am onwards
08. Name and address of the Officer Inviting Bid	:	Executive Officer, Remuna NAC

Further details can be seen from the e-procurement portal i.e. https://tendersodisha.gov.in/nicgep/app.

OIPR : 13204/11/0012/2324 Sd/- Executive Officer

ଜିଲ୍ଲା ପ୍ରତିନିଧିଙ୍କ ନାମ ଓ ଟେଲିଫୋନ୍ ନମ୍ବର

ଅନୁଗୁଳ -ଦ୍ୱାରିକା ପ୍ରସାଦ ନନ୍ଦ-୯୪୩୭୭୩୧୦୪୦, ବଲାଙ୍ଗିର-ସତ୍ୟ ସୁନ୍ଦର ଭଞ୍ଜ-୯୪୩୭୧୫୦୬୩୨, ବାଲେଶ୍ୱର-ରଞ୍ଜନ ବାଗ୍-୯୪୩୭୨୬୪୩୩୬, ବରଗଡ଼-ରବିନାରାୟଣ ପଣ୍ଡା-୯୪୩୭୧୫୮୩୯୮, କଟକ-ପ୍ରଫୁଲ୍ଲ ମହାନ୍ତି-୯୪୩୯୦୬୨୯୭୮, ଦେବଗଡ଼-ପ୍ରଣବ କିଶୋର ଗୁରୁ-୯୪୩୭୨୦୯୫୯୪, ଗଜପତି-ଗରୁଡ଼ଧ୍ୱଜ ଚୌଧୁରୀ-୯୪୩୭୧୩୫୩୦୭, ଗଞ୍ଜାମ- ଉଦୟନାଥ ପାଣିଗ୍ରାହୀ-୯୮୬୧୦୩୭୧୦୪, ଜଗତ୍‌ସିଂହପୁର-ସୁବ୍ରତ କୁମାର ନାୟକ-୯୯୩୭୬୨୦୦୯୮, ଯାଜପୁର-ହାରାଧନ ବାନାର୍ଜୀ-୯୪୩୯୨୫୪୧୫୮, ଝାରସୁଗୁଡ଼ା-ଜୀବନ ମହାନ୍ତି-୯୪୩୭୦୫୭୩୮୮, କଳାହାଣ୍ଡି-ଶାନ୍ତନୁ ବେହେରା-୯୪୩୭୧୫୪୩୮୩, କେନ୍ଦ୍ରାପଡ଼ା-ରବୀନ୍ଦ୍ର କୁମାର ଦାସ-୯୪୩୭୧୮୩୩୭୪, ଖୋର୍ଦ୍ଧା-ଲଳିତ ମୋହନ ମହାପାତ୍ର-୯୮୫୩୦୭୧୩୧୩, କୋରାପୁଟ-କେ.ଶ୍ରୀନିବାସ ରାଓ-୯୪୩୯୫୬୭୭୨୨, ମାଲକାନଗିରି-କେଶବ ନାଏକ-୯୪୩୭୭୭୯୪୪୭, ମୟୂରଭଞ୍ଜ-ସୌମ୍ୟ ରଞ୍ଜନ ପଟ୍ଟନାୟକ-୯୪୩୯୮୮୯୧୨୯, ନବରଙ୍ଗପୁର-କେ. ସାକିଲ ଦୋରା-୯୪୩୮୩୧୪୦୪୩, ନୟାଗଡ଼-ନିଶିକାନ୍ତ ରଥ-୯୪୩୭୨୮୭୧୯୯, ନୂଆପଡ଼ା-ସୁରେନ୍ଦ୍ର ତିୱାରୀ-୯୯୩୭୩୨୪୦୫୫, ଫୁଲବାଣୀ-ସନ୍ତୋଷ ମିଶ୍ର-୯୪୩୯୩୫୭୬୮୦, ସୁନ୍ଦରଗଡ଼-ଦେବବ୍ରତ ପଟ୍ଟନାୟକ-୯୪୩୭୦୮୨୭୭୭, ରାୟଗଡ଼ା- ରବୀନ୍ଦ୍ର ପାଟଖଣ୍ଡାଳ- ୯୪୩୭୭୯୦୯୪୯, ପୁରୀ - ବିଶ୍ୱଜିତ୍ ପଟ୍ଟନାୟକ-୯୪୩୭୨୮୦୭୪୪, ବୌଦ୍ଧ-ରଘୁନାଥ ଷଡଙ୍ଗୀ-୯୪୩୭୨୯୮୯୭୪, ଭଦ୍ରକ-ପ୍ରିୟଦର୍ଶନ ବୋଇତି-୯୪୩୭୨୬୫୫୦୧ ।

ମହିଳାମାନେ ହେଉଛନ୍ତି ନୂଆ ଓଡ଼ିଶାର ପରିଚୟ

ମହିଳା ସଶକ୍ତ ହେଲେ ଦେଶ ଆଗେଇବ : ୫-ଟି ଅଧ୍ୟକ୍ଷ

ଭୁବନେଶ୍ୱର,(ସବ୍ୟୁ) : ମହିଳା ସଶକ୍ତ ହେଲେ ଦେଶ ଆଗେଇବ । ଅଧା ମହିଳା ସଶକ୍ତ ହେଲେ ଦେଶ ହେବ ସଶକ୍ତ । ଆନ୍ତର୍ଜାତୀୟ ମହିଳା ଦିବସ ଅବସରରେ ରାଜ୍ୟ ବିଜେଡି କାର୍ଯ୍ୟାଳୟରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେଇ ଏହା କହିଛନ୍ତି ୫-ଟି ଅଧ୍ୟକ୍ଷ ଭି.କାର୍ତ୍ତିକ ପାଣ୍ଡିଆନ । ମହିଳାମାନେ ଆଜି ବିଭିନ୍ନ କ୍ଷେତ୍ରରେ ସ୍ୱାବଲମ୍ବୀ ହୋଇପାରିଛନ୍ତି। ମହିଳାଙ୍କ ଉନ୍ନତି ପାଇଁ କାମ କରୁଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ । ମା'ମାନଙ୍କୁ କ୍ଷମତା ଦେଲେ ସେମାନେ ଭଲ ଭାବେ ତୁଲାଇବେ ବୋଲି ବୁଝିଛନ୍ତି ମୁଖ୍ୟମନ୍ତ୍ରୀ । ଜନସଂଖ୍ୟାର ୫୦ପ୍ରତିଶତ ହେଉଛନ୍ତି ମହିଳା । ୫୦ ପ୍ରତିଶତ ମହିଳା ସଶକ୍ତ ହେଲେ ରାଜ୍ୟ ଓ ଦେଶକୁ ଆହୁରି ଆଗକୁ ନେବେ ବୋଲି କହିଛନ୍ତି ୫-ଅଧ୍ୟକ୍ଷ । ୨୦୨୦ର ଓଡ଼ିଶା ଓ ଆଜିର ଓଡ଼ିଶାରେ ବହୁ ଫରକ । ମହିଳାମାନେ ହେଉଛନ୍ତି ନୂଆ ଓଡ଼ିଶାର ପରିଚୟ । ଲୋକସଭା ନିର୍ବାଚନରେ ଏଥର ବି ଅଧିକ ମହିଳାଙ୍କୁ ଟିକେଟ ମିଳିବ । ବିଜୁ ବାବୁଙ୍କ ସ୍ୱପ୍ନ ପୂରଣ କରିଛନ୍ତି ମୁଖ୍ୟମନ୍ତ୍ରୀ । ରାଜ୍ୟରେ ୩୩ ପ୍ରତିଶତରୁ ପଞ୍ଚାୟତରେ ୫୦ ପ୍ରତିଶତ ସଂରକ୍ଷଣ ସହ ଜିଲ୍ଲା ପରିଷଦରେ ୭୦ ପ୍ରତିଶତ ସଂରକ୍ଷଣ ଦେଇଛନ୍ତି । ସେହିପରି ଏସଏଚଜି ଜରିଆରେ ୭୦ଲକ୍ଷ ମହିଳାଙ୍କୁ ସଶକ୍ତ କରିଛନ୍ତି ମୁଖ୍ୟମନ୍ତ୍ରୀ । । ଓଡ଼ିଶା ଯାହା କରୁଛି ତାକୁ ଅନ୍ୟ ରାଜ୍ୟମାନେ ଗ୍ରହଣ କରୁଛନ୍ତି ବୋଲି କହିଛନ୍ତି କାର୍ତ୍ତିକ ପାଣ୍ଡିଆନ ।

ପାମ୍ ତେଲରେ ରହିଛି ବହୁ ଉପକାରୀ ଗୁଣ

ଭୁବନେଶ୍ୱର (ସବ୍ୟୁ) : ଏହା ହେଉଛି ପାମ୍ ତେଲ, ସାବୁନ, ସାମ୍ପୁ, ମେକ୍ଅପ ଓ ଲୋଶନ ଭଳି ପ୍ରାୟ ୭୦% ପର୍ସନାଲ କେୟାର ସାମଗ୍ରୀର ଏକ ମୌଳିକ ଉପାଦାନ। ଏହି ତେଲ ସବୁସ୍ଥାନରେ ରହିଛି- ମାର୍ଗାରାଇନ, ଆଇସକ୍ରିମ, ଚକୋଲେଟ୍, ଡିଟରଜେଂଟ୍, ଇନ୍‌ଷ୍ଟାଂଟ୍ ନୁଡଲ, ବାୟୋଡିଜେଲ, କସ୍‌ମେଟିକ୍ସ ଓ କୁକିଙ୍ଗ ଅଏଲ୍ ଇତ୍ୟାଦିରେ। ୧୩୦ କୋଟି ଲୋକ ବାସ କରୁଥିବା ଭାରତରେ ପାମ ତେଲକୁ କେବଳ ରୋଷେଇ ପାଇଁ ବ୍ୟବହାର କରାଯାଉନାହିଁ ବରଂ ଏହା ଅନେକ ପ୍ରକାରର ଖାଦ୍ୟ ଓ ସାମଗ୍ରୀରେ ବ୍ୟବହୃତ ହେଉଛି। ଭାରତ ପାମ୍ ତେଲର ବିଶ୍ୱର ସବୁଠାରୁ ବଡ କ୍ରେତା ଅଟେ, ଯାହା ବିଶ୍ୱର ମୋଟ ଯୋଗାଣର ୨୦% ଅଧିକ କ୍ରୟ କରୁଛି। ମାଲେସିୟାନ ପାମ୍ ଅଏଲ୍ କାଉନ୍ସିଲ ତରଫରୁ ଜାରି ରହିଥିବା ପ୍ରୟାସଗୁଡିକ ସହ ସାର୍ଟିଫିକେଶନ ଦାୟିତ୍ୱପୂର୍ଣ୍ଣ ଉତ୍ପାଦନ ପ୍ରତି ଏକ ପ୍ରତିବଦ୍ଧତାକୁ ପ୍ରଦର୍ଶିତ କରୁଛି। ଗୁଜବଗୁଡିକୁ ଦୂର କରିବା ଓ ପାମ୍ ଅଏଲ୍‌ର ଲାଭଗୁଡିକୁ ଚିହ୍ନଟ କରିବା ସୂଚିତ ଆଲୋଚନାକୁ ତ୍ୱରାନ୍ୱିତ କରିବା ସହ ଆର୍ଥିକ ସମୃଦ୍ଧତାକୁ ସମର୍ଥନ କରୁଛି।

ଆଇଆଇଟି ଇନ୍ଦୋରର ନବସୃଜନ, ପ୍ରଯୁକ୍ତିବିଦ୍ୟା ଶିକ୍ଷା କେନ୍ଦ୍ର ଉଦଘାଟିତ

ଭୁବନେଶ୍ୱର (ସବ୍ୟୁ): ଉଦ୍ଭାବନ ଏବଂ ପ୍ରଯୁକ୍ତିବିଦ୍ୟାକୁ ଅଧିକ ପ୍ରୋତ୍ସାହିତ କରିବା ଲକ୍ଷ୍ୟରେ ଶୁକ୍ରବାର କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ନୂଆଦିଲ୍ଲୀରୁ ଭିଡିଓ କନଫରେନ୍ସିଂ ଜରିଆରେ ଆସ୍ଥା ଓ ଜ୍ଞାନର ନଗରୀ ଉଜ୍ଜୈନରେ ଆଇଆଇଟି ଇନ୍ଦୋରର ଇନୋଭେସନ, ଟେକ୍ନୋଲୋଜି ଏବଂ ଉଦ୍ୟମିତା ଅନୁଭୂତିମୂଳକ ଶିକ୍ଷା କେନ୍ଦ୍ରକୁ ଉଦଘାଟନ କରିଛନ୍ତି । ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀ ଡ. ମୋହନ ଯାଦବଙ୍କ ଉପସ୍ଥିତିରେ ଏହି ଶିକ୍ଷା କେନ୍ଦ୍ର ଉଦଘାଟିତ ହୋଇଯାଇଛି । ଶ୍ରୀ ପ୍ରଧାନ କହିଛନ୍ତି ଯେ ଉଜ୍ଜୈନ ଆଷ୍ଟ୍ରୋନୋମୀ ଜ୍ଞାନ ଓ ଭାରତୀୟ ଜ୍ଞାନ ପରମ୍ପରାର ଏକ ମହାନ କେନ୍ଦ୍ର ଅଟେ । ଆଧୁନିକ ଆଷ୍ଟ୍ରୋନୋମୀର ଏକ ପ୍ରମୁଖ ଆବଶ୍ୟକତାକୁ ପୂରଣ କରିବା ପାଇଁ ଆଇଆଇଟି ଇନ୍ଦୋର ଉଜ୍ଜୈନରେ ଏକ ଲାବ୍ରୋଟୋରୀ

କମ୍ପ୍ଲେକ୍ସ ସ୍ଥାପନ କରିଛି । ବିଜ୍ଞାନକୁ ମୂଳଭାଗରୁ ପୁନସ୍ଥାପିତ କରିବା ଦିଗରେ ବିଶ୍ୱକୁ ଏହା ଭାରତର ଅବଦାନ ରହିବ । ଆଜିର ପଦକ୍ଷେପ ମଧ୍ୟପ୍ରଦେଶରେ ବୈଷୟିକ ଶିକ୍ଷାକୁ ବଡ ଗତି ଦେବ । ଏକବିଂଶ ଶତାବ୍ଦୀରେ ମଧ୍ୟପ୍ରଦେଶକୁ ବିଶ୍ୱର ଅଗ୍ରଣୀ ଜ୍ଞାନର ପେଣ୍ଠସ୍ଥଳୀ ଭାବେ ପ୍ରତିଷ୍ଠା କରିବାକୁ ପଡ଼ିବ । ଭୋପାଳ, ଇନ୍ଦୋର, ଉଜ୍ଜୈନ କରିଡର ଏହାର ନେତୃତ୍ୱ ନେବ । ଆଇଆଇଟି ଇନ୍ଦୋର ନେତୃତ୍ୱରେ ଆମକୁ ଉଜ୍ଜୈନ ଏବଂ ଇନ୍ଦୋର କରିଡରରେ ଭାରତୀୟ ଜ୍ଞାନ ପରମ୍ପରା ଉପରେ ଆଧାରିତ ଏକ ନୂତନ ଭାରତ ମଡେଲ ତିଆରି କରିବାକୁ ପଡିବ । ଉଦ୍ଭାବନ ଆମ ଡିଏନଏରେ ଅଛି । କ୍ରିଟିକାଲ ଥିଙ୍କିଂର ବିକାଶ ପାଇଁ ଆମକୁ ମାତୃଭାଷାରେ ଉଦ୍ଭାବନକୁ ପ୍ରୋତ୍ସାହିତ କରିବାକୁ ପଡ଼ିବ । ଭାରତ ଏବଂ ମଧ୍ୟପ୍ରଦେଶ ମୂଳ ସହ ଯୋଡି ହୋଇ ଭବିଷ୍ୟତ ଜ୍ଞାନର ଏକ କେନ୍ଦ୍ରରେ ପରିଣତ ହେବ ବୋଲି ଶ୍ରୀ ପ୍ରଧାନ ଆଶାବ୍ୟକ୍ତ କରିଛନ୍ତ ।

ସବୁଠାରୁ ସୁଲଭ ୫ଜି ସ୍ମାର୍ଟଫୋନ ଉନ୍ମୋଚନ ପାଇଁ ପୋକୋ ଇଣ୍ଡିଆ ଓ ଏୟାରଟେଲ ମଧ୍ୟରେ ସହଭାଗିତା

ଭୁବନେଶ୍ୱର (ସବ୍ୟୁ) : ଅଗ୍ରଣୀ ଉପଭୋକ୍ତା ଟେକ୍ନୋଲୋଜି ବ୍ରାଣ୍ଡ ପୋକୋ ଇଣ୍ଡିଆ ବଜାରରେ ଏହାର ସବୁଠାରୁ ସୁଲଭ ୫ଜି ସ୍ମାର୍ଟଫୋନ୍- ପୋକୋ ଏମ୍୬ ୫ଜି ଉନ୍ମୋଚନ କରିବା ପାଇଁ ଭାରତୀ ଏୟାରଟେଲ୍ ସହ ପୁଣିଥରେ ସହଭାଗିତା କରିଛି। ଏୟାରଟେଲ୍ ପ୍ରିପେଡ୍ କନେକ୍ସନ ସହ ପେୟାର ହୋଇଥିବା ପୋକୋ ଏମ୍୬ ୫ଜିକୁ ୧୦ ତାରିଖ ୨୦୨୪ରୁ ୮୭୯୯ ଟଙ୍କାର ଆକର୍ଷଣୀୟ ମୂଲ୍ୟରେ ପ୍ରଦାନ କରାଯିବ। ଏହି ପଦକ୍ଷେପ ଏୟାରଟେଲ ଓ ଫ୍ଲିପ୍‌କାର୍ଟ ସହ ସହଭାଗିତାରେ ସ୍ମାର୍ଟଫୋନ୍ ବଜାରରେ ବ୍ୟାଘାତ ସୃଷ୍ଟି କରିବା ଲାଗି ପୋକୋର ମିଶନର ଏକ ଅଂଶ ଅଟେ, ଯାହା ଭାରତର ପ୍ରତ୍ୟେକ କୋଣଅନୁକୋଣକୁ ୫ଜି ଆଣିବା ସହ ଡିଜିଟାଲ ବିପ୍ଳବର ଅଂଶ ଭାବେ ଯୁବପିଢ଼ିଙ୍କୁ ସଶକ୍ତ କରୁଛି।

ଡ୍ରିମ୍‌ସ ସ୍କୁଲ ଅଫ ନର୍ସିଂରେ ସ୍ୱାଗତ ଉତ୍ସବ

ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ନର୍ସଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ

କଟକ, (ସ୍ୱପ୍ର): ଡ୍ରିମ୍‌ସ ସ୍କୁଲ ଅଫ ନର୍ସିଂ ପକ୍ଷରୁ ନବାଗତ ଛାତ୍ରଛାତ୍ରୀଙ୍କ ସ୍ୱାଗତ ଉତ୍ସବ ଜୟଶ୍ରୀ ଅଡିଟୋରିୟମରେ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମକୁ ଆଭାଷୀ ମାଧ୍ୟମରେ ଉଦ୍‌ଘାଟନ କରିବା ଅବସରରେ ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ ଛାତ୍ରଛାତ୍ରୀଙ୍କୁ ଅଭିନନ୍ଦନ ଜଣାଇବା ସହ ପିତାମାତା, ଗୁରୁଜନଙ୍କ ପ୍ରତି ଶ୍ରଦ୍ଧା ଓ ଭକ୍ତିଭାବ ରହିଲେ ଜୀବନରେ ସଫଳତା ଅବଶ୍ୟମ୍ଭାବୀ ବୋଲି କହିଥିଲେ। ମୁଖ୍ୟଅତିଥି ଆଞ୍ଚଳିକ ମେରୁଦଣ୍ଡ ଆଘାତ ଚିକିତ୍ସା କେନ୍ଦ୍ରର ପୂର୍ବତନ ନିର୍ଦ୍ଦେଶକ ତଥା ବିଶିଷ୍ଟ ଅସ୍ଥିଶଲ୍ୟ ବିଶେଷଜ୍ଞ ପ୍ରଫେସର ଡା. ନାରାୟଣ ଚନ୍ଦ୍ର ମହାକୁଡ ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ନର୍ସମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିବା ଉଲ୍ଲେଖ କରି ଏଭଳି ଏକ ମହନୀୟ ବୃତ୍ତିକୁ ଆପଣାଇଥିବା ପ୍ରତ୍ୟେକ ଛାତ୍ରଛାତ୍ରୀ ମାନବୀୟ ମୂଲ୍ୟବୋଧ ଓ ଉତ୍ସର୍ଗୀକୃତ ସେବା ମନୋଭାବ ପୋଷଣ କରି ଜୀବନର ଲକ୍ଷ୍ୟ ପଥରେ ଅଗ୍ରସର ହେବାକୁ ପରାମର୍ଶ ଦେଇଥିଲେ । ବିଶିଷ୍ଟ ଅତିଥି ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡ. ପ୍ରକାଶ କୁମାର ହୋତା ଶୃଙ୍ଖଳା ଓ ସଦାଚାରକୁ ସର୍ବାଧିକ ପ୍ରାଧାନ୍ୟ ଦେଇ ଛାତ୍ରଛାତ୍ରୀ ନିଜର ଦକ୍ଷତା ଓ ଦୃଷ୍ଟିକୋଣକୁ ପ୍ରସାରିତ

କରିବାର ଆବଶ୍ୟକତା ରହିଛି ବୋଲି କହିଥିଲେ । ସମ୍ମାନିତ ଅତିଥି ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ନିର୍ଦ୍ଦେଶିକା ଚିନ୍ମୟୀ ରଥ ଛାତ୍ରଛାତ୍ରୀ ସେମାନଙ୍କ ଜ୍ଞାନଗରିମା ଆଧାରରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି ଉପରେ ଗୁରୁତ୍ୱାରୋପ କରିଥିଲେ । ଅନ୍ୟତମ ସମ୍ମାନିତ ଅତିଥି ପ୍ରଫେସର ଡ. ଶକ୍ତି ପ୍ରସାଦ ଦାସ, ରେଜିଷ୍ଟ୍ରାର ଡ. ଭକ୍ତ ଚରଣ ପ୍ରଧାନ, ପ୍ରଫେସର ଡ. ସୁଶାନ୍ତ କୁମାର ଦାସ, ନିର୍ଦ୍ଦେଶକ ଲୋକନାଥ ବେହେରା, ଲୋକସଂପର୍କ ଅଧିକାରୀ ନିରାକାର ସାହୁ ଯେକୌଣସି ପ୍ରତିକୂଳ ପରିସ୍ଥିତିକୁ ସାମ୍ନାକରି ଲକ୍ଷ୍ୟ ପଥରେ ଆଗେଇବାକୁ ନବାଗତ ବିଦ୍ୟାର୍ଥୀଙ୍କୁ ଦିଗଦର୍ଶନ ଦେଇଥିଲେ। ପ୍ରାରମ୍ଭରେ ଶିକ୍ଷାନୁଷ୍ଠାନର ଡିନ ପ୍ରଫେସର୍ ଡ. ଗୋପୀ ଡି. ଓ ଉପାଧ୍ୟକ୍ଷା ଏନ୍ ପ୍ରେମଲତା ଦେବୀ ପ୍ରାରମ୍ଭିକ ସୂଚନା ଏବଂ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ଏହି ଅବସରରେ ନବାଗତ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ଜେଟି ଅରଜିତ୍ (ବିଏସସି ନର୍ସିଂ) ମିଷ୍ଟର ଫେସର୍ସ ଓ ପ୍ରାଚୀ ପଙ୍କଜିନୀ ସାହୁ (ଜିଏନ୍‌ଏମ୍) ମିସ୍ ଫେସର୍ସ ଏବଂ ଅର୍ଜୁନ ମହାପାତ୍ର (ଜିଏନ୍‌ଏମ୍) ମି. ପପୁଲାର ଓ ସ୍ମିତିପ୍ରଜ୍ଞା ମହାନ୍ତି (ବିଏସସି ନର୍ସିଂ) ମିସ୍ ପପୁଲାର ଭାବରେ ସମ୍ମାନିତ ହୋଇଥିଲେ । ସହକାରୀ ପ୍ରାଧ୍ୟାପିକା ରିମି ସରକାର ଧନ୍ୟବାଦ ଅର୍ପଣ କରିଥିଲେ । ଶେଷରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

ମହାନଦୀରୁ ମିଳିଲା ୬୦ରୁ ଉର୍ଦ୍ଧ୍ୱ ନାଗ ସାପ ମୂର୍ତ୍ତୀ,୨ ଟି ବୃଷଭ

ବାଙ୍କୀ, (ସବ୍ୟୁ) : ପବିତ୍ର ମହା ଶିବରାତ୍ରୀ ଅବସର ରେ ଦର୍ଶନ ଦେଲେ ନାଗ ମୂର୍ତ୍ତୀ।ମହାନଦୀରେ ମାଛ ମାରିବାକୁ ଯାଇଥିବା ମତ୍ସ୍ୟଜୀବୀମାନେ ଡଙ୍ଗା ରେ ଯାଉଥିବା ବେଳେ ଜାଲରେ ଲାଗିଥିଲା ଗୋଟିଏ ନାଗ ମୂର୍ତ୍ତୀ। ପରେ ଗୋଟି ଗୋଟି କରି ପାଣିରୁ ବାହାର କଲେ ୬୦ଗୋଟି ଛୋଟ ବଡ଼ ନାଗ ମୂର୍ତ୍ତୀ। ଶୁକ୍ରବାର ପୂର୍ବାହ୍ନ ସାଢ଼େ ଆଠଟା ବେଳେ ବାଙ୍କୀ ଥାନା ଅନ୍ତର୍ଗତ ସୁବର୍ଣ୍ଣପୁର ଜାତମୁଣ୍ଡିଆ ହାଇଲେବଲ ବ୍ରିଜ ତଳୁ ପାଣିରୁ ପାଇଥିଲେ ନାଗ ମୂର୍ତ୍ତୀ। ପରେ ଦୁଇ ଗୋଟି ବୃଷଭ ମୂର୍ତ୍ତୀ ପାଇଥିଲେ।ସମସ୍ତ ମୂର୍ତ୍ତୀ କୁସୁବର୍ଣ୍ଣପୁର ଗ୍ରାମର ଶିବ ମନ୍ଦିର ରେ ରଖାଯାଇଛି। ମହିଳା ମାନେ ନାଗ ମୂର୍ତ୍ତୀ ଗୁଡ଼ିକୁ ପୂଜାର୍ଚ୍ଚନା କରିଛନ୍ତିଛ ନିକଟସ୍ଥସୁବର୍ଣ୍ଣପୁର ଫାଣ୍ଡି ଅଧିକାରୀ ଙ୍କୁ ହସ୍ତାନ୍ତର କରାଯିବ ବୋଲି ମତ୍ସ୍ୟଜୀବୀ ମାନେ କହିଛନ୍ତି। ଏହି ମୂର୍ତ୍ତୀ ସବୁ କେହି ମହାନଦୀ ରେବିସର୍ଜନ କରିଥାଇ ପାରନ୍ତି ବୋଲି ଅନୁମାନ କରାଯାଉଛି।ଏହି ମୂର୍ତ୍ତୀ ସବୁ ଦେଖିବା ପାଇଁ ଭିଡ ଲାଗି ରହିଥିଲା।

କେଏସବି ଲିମିଟେଡ ୨୦୨୩ ବର୍ଷ ପାଇଁ ଟ.୨୨୪୭ କୋଟିର ବିକ୍ରୟ ରାଜସ୍ୱ ପଞ୍ଜିକରଣ କରିଛି

ଭୁବନେଶ୍ୱର (ସବ୍ୟୁ): ମହାରାଷ୍ଟ୍ରରେ ପିଏମ କୁସୁମ ଯୋଜନା ଅଧିନରେ ସୋଲାର ପମ୍ପିଂ ସିଷ୍ଟମ ପାଇଁ ଏମଏସଇଡିସିଏଲରୁ ଏଲଓଇ ପାଇଛି ଓ ସଫଳତାର ସହ ପିଏମ କୁସୁମ ଯୋଜନା ଅଧିନରେ ହରିୟାନାରେ ପ୍ରଥମେ ୪୩ଟି ସୋଲାର୍ ସିଷ୍ଟମ୍ ସ୍ଥାପନ କରିଛି। ବ୍ୟବସାୟ ଉପରେ ଆଲୋକପାତ କରି କେଏସବି ଲିମିଟେଡର ବିକ୍ରୟ ଓ ମାର୍କେଟିଂ ଉପାଧ୍ୟକ୍ଷ ପ୍ରଶାନ୍ତ କୁମାର କହିଛନ୍ତି ଯେ ଏହି ବର୍ଷ ଆମେ ୨୩.୩% ବର୍ଷ ପରେ ବର୍ଷ ଅଭିବୃଦ୍ଧି ସହିତ ଏକ ଉଲ୍ଲେଖନୀୟ ବିକାଶ କରିଛୁ। ଶକ୍ତି, ସୌର, ଭାଲଭ, ସାଧାରଣ ଶିଳ୍ପ, ଜଳ ଓ ବର୍ଜ୍ୟ ଜଳ ଏବଂ ବିଲଡିଂ ସେବା ସମେତ ସମସ୍ତ ବିଭାଗରୁ ଆମେ ଅଭିବୃଦ୍ଧି ହୋଇଥିବା ଲକ୍ଷ୍ୟ କରିଛୁ ଓ ଆମର ଏହି ସଫଳତାଚାଳିତ ଆଭିମୁଖ୍ୟ ସହିତ ଆମର ସବୁ ବିଭାଗ ଗୁଡ଼ିକରେ ଗଭୀର ପ୍ରବେଶ କରିବାକୁ ପ୍ରସ୍ତୁତ। ଆସନ୍ତା ବର୍ଷ ରପ୍ତାନି ବ୍ୟବସାୟରେ ଆମର ଏହି ଧାରା ଜାରି ରହିବ। ଆମେ ବଶ୍ୱସ୍ତରୀୟ ଉପସ୍ଥିତି ବଜାୟ ରଖିଛୁ।

ଆଶା କିରଣ ଗ୍ରୁପ ଦ୍ୱାରା ଆନ୍ତର୍ଜାତିକ ମହିଳା ଦିବସ

ଭୁବନେଶ୍ୱର (ସବ୍ୟୁ): ପଲାଶପୁର ସ୍ଥିତ ଆଶା କିରଣ ଗ୍ରୁପ ଅଫ୍ ଇନ୍‌ଷ୍ଟିଚ୍ୟୁସନ୍ସ ଆନୁକୂଲ୍ୟରେ ଆନ୍ତର୍ଜାତୀୟ ମହିଳା ଦିବସ ପାଳିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ଭୁବନେଶ୍ୱର ସ୍ଥିତ ଟ୍ରାଇଡେଣ୍ଟ ଏକାଡେମୀର ଇଂରାଜୀ ବିଭାଗ ବରିଷ୍ଠ ଅଧ୍ୟାପିକା ପ୍ରଫେସର ନମିତା ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗଦେଇ ଦେଶ ଓ ଜାତିର ଉନ୍ନତିରେ ମହିଳାମାନଙ୍କର ଭୂମିକା ଏବଂ ପ୍ରଗତିଶୀଳ ରାଷ୍ଟ୍ରରେ ମହିଳା ସଶକ୍ତି କରଣ ଉପରେ ଆଲୋକପାତ କରିବା ସହିତ ସାମାଜିକ, ରାଜନୈତିକ ଓ ଅର୍ଥନୈତିକ ଦିଗରେ ଅଗ୍ରସର ହୋଇ ଏକ ପ୍ରମୁଖ ଭୂମିକା ଗ୍ରହଣ କରିବାକୁ ମୁଖ୍ୟତଃ ଛାତ୍ରୀମାନଙ୍କୁ ପ୍ରେରଣା ପ୍ରଦାନ କରିଥିଲେ । ଉକ୍ତ ସଭାରେ ଇଣ୍ଡିଆନ ଇନଷ୍ଟିଚ୍ୟୁଟ ଅଫ ମ୍ୟାନେଜମେଣ୍ଟ ଆଣ୍ଡ ସାଇନ୍ସର ଅଧ୍ୟକ୍ଷା ପୂର୍ଣ୍ଣିମା ପଟ୍ଟନାୟକ, ଅଧ୍ୟାପକ ଦ୍ୱାରକା ନାଥ ମହାପାତ୍ର, ଅଧ୍ୟାପକ ରଞ୍ଜନ କୁମାର ବେହେରା ଏବଂ ଭୁବନେଶ୍ୱର ସ୍କୁଲ ଅଫ ମ୍ୟାନେଜମେଣ୍ଟ ଆଣ୍ଡ ଟେକ୍ନୋଲୋଜିର ଅଧ୍ୟକ୍ଷା ଦୀପ୍ତିରେଖା ନାୟକପ୍ରମୁଖ ଯୋଗଦେଇ ମତବ୍ୟକ୍ତ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ଇଣ୍ଡିଆନ ଇନଷ୍ଟିଚ୍ୟୁଟ ଅଫ ମ୍ୟାନେଜମେଣ୍ଟ ଆଣ୍ଡ ସାଇନ୍ସର ଉପାଧ୍ୟକ୍ଷ ଜୀବନ ଜ୍ୟୋତି ଷଡଙ୍ଗୀ, ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀ ଓ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ । ଅଧ୍ୟାପକ ମନଜିତ କୁମାର ସାମନ୍ତରାୟ ଧନ୍ୟବାଦ ଅର୍ପଣ କରିଥିଲେ ।

୪୨ ମୌଜା ଡାକଘର ସମସ୍ୟାର ସମାଧାନ ଦାବୀ

କଟକ, (ସବ୍ୟୁ) : କଟକ ସଦର ୪୨ ମୌଜାସ୍ଥ ସର୍ବ ପୁରାତନ ବେଣ୍ଟକାର ଉପ ଡାକଘରେ ଥିବା ମୁଖ୍ୟ କାଉଣ୍ଟର ପରିସୀମା ଅତୀବ ସଂକୀର୍ଣ୍ଣ । ପ୍ରଶାସନିକ ନିର୍ଦ୍ଦେଶ କ୍ରମେ ୨୦୧୭ ମସିହାରୁ ଝାରକଟା ଶାଖା ଡାକଘରକୁ ବେଣ୍ଟକାର ଉପ ଡାକଘରକୁ ଉଠାଇ ନିଆଯାଇଛି । ସେବେଠାରୁ ଝାରକଟା ଗ୍ରାମ ପଞ୍ଚାୟତ ଅଧୀନରେ ଥିବା ଝାରକଟା,ମଣିବାଡ,ପଟଣା, ନହରପଦା,ଅଇନି,ଗୋବିନ୍ଦପୁର ଓ ଶିଶୁଆ ଗ୍ରାମର ଉପଭୋକ୍ତା ମାନେ ବେଣ୍ଟକାର ଉପଡାକ ଘର ଆସୁଛନ୍ତି । ଉପଭୋକ୍ତା ମାନେ ବର୍ଷ ବର୍ଷ ଧରି ଖରା ବର୍ଷା ଖାଉଛନ୍ତି । ଡାକଘରକୁ ଲାଗି ପର୍ଯ୍ୟାପ୍ତ ସରକାରୀ ଜାଗା ଅଛି । ଉପଭୋକ୍ତାଙ୍କ ପାଇଁ ଏକ ସେଡ୍ ନିର୍ମାଣ କରିବା ଦାବୀକୁ ବିଭାଗୀୟ ଅଧିକାରୀ ଆଦୌ କର୍ଣ୍ଣପାତ କରୁନାହାନ୍ତି ।

ନର୍ସଙ୍କୁ ନିଶା ଦେଇ ବଳାତ୍କାର ପରେ ବ୍ଲାକମେଲିଂ, ଅଭିଯୁକ୍ତ ଗିରଫ

ଭୁବନେଶ୍ୱର, (ସବ୍ୟୁ) : ଘରୋଇ ହସ୍ପିଟାଲର ଜଣେ ଷ୍ଟାଫ୍‌ନର୍ସଙ୍କୁ ନିଶା ଦେଇ ବଳାତ୍କାର କରିବା ପରେ ଅନ୍ତରଙ୍ଗ ମୁହୂର୍ତ୍ତର ଫଟୋ ଉଠାଇ ତାଙ୍କୁ ବ୍ଲାକ୍‌ମେଲିଂ କରିଥିବା ଅଭିଯୋଗ ହୋଇଛି । ଅଭିଯୋଗରେ ନର୍ସ ଦର୍ଶାଇଛନ୍ତି ଯେ, ଅଭିଯୁକ୍ତ ବ୍ଲାକମେଲିଂ କରି ତାଙ୍କଠାରୁ ୩ ଲକ୍ଷ ଟଙ୍କା ନେବାପରେ ସେ କାମ କରୁଥିବା ଘରୋଇ ହସ୍ପିଟାଲ ଯାଇ ମାରପିଟ କରିବା ସହ ଗଣ୍ଡଗୋଳ କରୁଛନ୍ତି । ଅଭିଯୋଗ ଆଧାରରେ ମହିଳା ଥାନା ପୋଲିସ ଅଭିଯୁକ୍ତକୁ ଗିରଫ କରିଛି ।

ଅଭିଯୁକ୍ତ ହିମାଂଶୁ ଶେଖର ବେହେରା ଓରଫ ଚିକୁ (୨୭) ଓ ନର୍ସ ଉଭୟ ପିଲାଦିନର ବନ୍ଧୁ । ୨୦୧୯ ମସିହାରେ ନର୍ସ ବାପାଙ୍କର ମୃତ୍ୟୁ ହେବାପରେ ଚିକୁ ତାଙ୍କୁ ପ୍ରେମ ନିବେଦନ କରିଥିଲା । ସେ ସମୟରେ ବାନ୍ଧବୀ ନର୍ସ ତାଙ୍କ ପ୍ରସ୍ତାବକୁ ପ୍ରତ୍ୟାଖ୍ୟାନ କରିଥିଲେ । ପରେ ଚିକୁ ଚାଲାକରେ ତାଙ୍କ ଫୋନ ନମ୍ବର ଆଣିବା ସହ କଲ କରି ତାଙ୍କ ସହ କଥା ହୋଇଥିଲା । ଅଭିଯୋଗକାରିଣୀ କାମ କରୁଥିବା ଘରୋଇ ହସ୍ପିଟାଲ ହଷ୍ଟେଲରେ ରୁହନ୍ତି । ଚିକୁ ତାଙ୍କୁ ସାକ୍ଷାତ କରିବା ଲାଗି ବାରମ୍ବାର ଅନୁରୋଧ କରିବା ପରେ ସେ ତାଙ୍କୁ ବରମୁଣ୍ଡାଠାରେ ଥିବା ଗ୍ରୀନ୍ସ ହାଉସ ନିକଟରେ ଦେଖା କରିଥିଲେ । ସେଠାରେ ଉଭୟ ଦେଖାହେବାର କିଛିଦିନ ପରେ ଅଭିଯୁକ୍ତ ଚିକୁ ତାଙ୍କୁ କଳିଙ୍ଗ ବିହାର ନିଜ ଘରକୁ ପୁଣି ଡାକିଥିଲା । ନର୍ସ ଚିକୁର ଅନୁରୋଧ ରକ୍ଷାକରି ଗତବର୍ଷ ଏପ୍ରିଲ ୨୨ ତାରିଖରେ କଳିଙ୍ଗ ବିହାର ଯାଇଥିଲେ । ସେଠାରେ ନର୍ସ ଖାଇସାରିବା ପରେ ତାଙ୍କୁ ସାଙ୍ଗ ଚିକୁ କୋଲ୍‌ଡ୍ରିଙ୍କ୍ସରେ ନିଶା ମିଶାଇ ପିଇବାକୁ ଦେଇଥିଲା । ନର୍ସ ଜାଣି ନପାରି ତାହାକୁ ପିଇବା ପରେ ଅଚେତ ହୋଇଯାଇଥିଲେ । ଏହି ସୁଯୋଗରେ ଚିକୁ ତାଙ୍କୁ ବଳାତ୍କାର କରିବା ସହ ମୋବାଇଲରେ ଆପତ୍ତିଜନକ ଫଟୋ ଉଠାଇଥିଲା । ପରେ ଫଟୋ ଭାଇରାଲ କରିବା ଧମକ ଦେଇ ନର୍ସଙ୍କଠାରୁ ୩ଲକ୍ଷ ଟଙ୍କା ଚିକୁ ଠକିନେବା ପରେ ଚଳିତବର୍ଷ ଗତମାସ ୨୨ ତାରିଖରେ ନର୍ସଙ୍କୁ ଫୋନ କରି ସାକ୍ଷାତ କରିବା ଲାଗି ଅନୁରୋଧ କରିଥିଲା । ଅଭିଯୋଗକାରିଣୀ ନର୍ସ ତାଙ୍କୁ ମନା କରିବାରୁ ଘରୋଇ ହସ୍ପିଟାଲକୁ ଯାଇ ଚିକୁ ତାଙ୍କୁ ମାଡ଼ ମାରିବା ସହ ନାନାଦି ଧମକଚମକ ଦେଇଥିଲା । ଉପାୟଶୂନ୍ୟ ହୋଇ ପୀଡ଼ିତା ନର୍ସ ଭୁବନେଶ୍ୱର ମହିଳା ଥାନାରେ ଅଭିଯୋଗ କରିବା ପରେ ପୋଲିସ ମାମଲା ରୁଜୁ କରି ତଦନ୍ତ ଆଗକୁ ବଢ଼ାଇବା ସହ ଅଭିଯୁକ୍ତ ଚିକୁକୁ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଛି । ଚିକୁ ନିଜ ଘର କନ୍ଧମାଳ ଜିଲ୍ଲା ଟିକାବାଲି ହୋଇଥିବାବେଳେ ସେ ପରିବାର ଲୋକଙ୍କ ସହ କଳିଙ୍ଗବିହାର ଘରେ ରୁହେ । କୋର୍ଟ ଚାଲାଣ ପରେ ଜାମିନ ନାମଞ୍ଜୁର ହୋଇଯିବାରୁ ଚିକୁକୁ ଜେଲ ହାଜତ ପଠାଇ ଦିଆଯାଇଛି ।

ଇ ସ୍ମାର୍ଟ କ୍ଲିନିକ୍ ପ୍ରୋଜେକ୍ଟ ଉଦ୍‌ଘାଟିତ

ଭୁବନେଶ୍ୱର (ସବ୍ୟୁ): ଲର୍ଡ଼ସ ମାର୍କ ଇଣ୍ଡଷ୍ଟ୍ରିଜ ଲିମିଟେଡ୍, ଉନ୍ନତ ଭାରତ ଅଭିଜାନ ମିଳିତ ସହଯୋଗରେ ଏଫଆଇଟିଟି (ଫାଉଣ୍ଡେସନ ଅଫ ଇନନୋଭେସନ ଆଣ୍ଡ ଟେକ୍ନୋଲଜି ଟ୍ରାନ୍ସଫର) ତଥା ଆଇଆଇଟି ଦିଲ୍ଲୀର ଉପକ୍ରମଣର ଅଧିନରେ ଏକ ଜାତୀୟ କାର୍ଯ୍ୟକ୍ରମ ଭାବରେ ଏହି ଇ ସ୍ମାର୍ଟ କ୍ଲିନିକ୍ ପ୍ରକଳ୍ପର ଭିତ୍ତି ପ୍ରସ୍ତର କାର୍ଯ୍ୟକାରୀ କରାଯାଉଛି । ଯାହାର ଲକ୍ଷ୍ୟ ଗ୍ରାମୀଣ ଭାରତରେ ସ୍ୱାସ୍ଥ୍ୟ ସେବା ଯୋଗାଇବାରେ ଏକ ବୈପ୍ଳବିକତା । ଏହି ପ୍ରକଳ୍ପ ଭାରତର ମାନ୍ୟବର ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଏମ୍ସ ରାଜକୋଟ ଠାରେ ଉଦ୍‌ଘାଟନ ହୋଇଯାଇଛି । ଏହି ବିଶେଷ ପଦକ୍ଷେପର ଶୁଭାରମ୍ଭ ଆଇଆଇଟି ଦିଲ୍ଲୀଠାରେ ଲର୍ଡ଼ସ ମାର୍କ ଇଣ୍ଡଷ୍ଟ୍ରିଜ ତଥା ଉନ୍ନତ ଭାରତ ଅଭିଯାନର ମିଳିତ ସହଯୋଗରେ ଫେବୃୟାରୀ ୨୨, ୨୦୨୪ରେ ମିଳିତ ବୁଝାମଣାପତ୍ର (ଏମଓୟୁ)ରୁ ଆରମ୍ଭ ହୋଇଥିଲା । ଏହି ଅବସରରେ ମାନବ ତେଲି, କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ, ଲର୍ଡ଼ସ ମାର୍କ ଇଣ୍ଡଷ୍ଟ୍ରିଜ ଲିଃ ମତବ୍ୟକ୍ତ କରି କହିଥିଲେ, ଏଭଳି ଏକ ମିଳିତ ସହଯୋଗର ଅଙ୍କୁରୋଦଗମରେ ଉନ୍ନତ ଭାରତ ଅଭିଯାନର ଏହି ଇ ସ୍ମାର୍ଟ କ୍ଲିନିକ୍ ପ୍ରକଳ୍ପ ଯାହା ମଧ୍ୟରେ ରହିଛି ସ୍ୱାସ୍ଥ୍ୟସେବାର ନବୀକରଣ ତଥା ସୁଗମତା, ଗ୍ରାମୀଣ ଭାରତରେ ଅବସ୍ଥାପିତ ବ୍ୟକ୍ତି ବିଶେଷ ମାନଙ୍କୁ ତୃଣମୂଳ ସ୍ତରରେ ରୋଗ ନିରୂପଣରେ ସହାୟତା ତଥା ଦକ୍ଷ ଡ଼ାକ୍ତରୀ ପରାମର୍ଶର ଅଭୂତପୂର୍ବ ସୁଯୋଗ । ଆମର ବିଶ୍ୱାସ ଏଭଳି ଏକ ଦୂର ଦୃଷ୍ଟି ସମ୍ପର୍ଣ୍ଣ ନ୍ୟାୟସଙ୍ଗ ସ୍ୱାସ୍ଥ୍ୟସେବାର ଗୁରୁତ୍ୱପୂର୍ଣ୍ଣ ଦିଗ ଗୁଡ଼ିକୁ ଆମେ ସବୁ ନାଗରିକଙ୍କ ପାଖରେ ପହଞ୍ଚାଇବାରେ ସକ୍ଷମ ହୋଇପାରିବୁ ।

ବିଓବି କଟକ କ୍ଷେତ୍ର ପକ୍ଷରୁ ନାରୀ ଶକ୍ତି ସମ୍ମାନ କାର୍ଯ୍ୟକ୍ରମ

ଭୁବନେଶ୍ୱର (ସବ୍ୟୁ): ବ୍ୟାଙ୍କ ଅଫ୍ ବରୋଦା, କଟକ କ୍ଷେତ୍ରୀୟ କାର୍ଯ୍ୟାଳୟ ଦ୍ୱାରା ଆନ୍ତର୍ଜାତୀୟ ମହିଳା ଦିବସ ୨୦୨୪ ଅବସରରେ ରେଭେନ୍ସା ବିଶ୍ୱ ବିଦ୍ୟାଳୟ, କଟକର ମିଳିତ ତତ୍ତ୍ୱାବଧାନରେ ନାରୀର

ଆତ୍ମଶକ୍ତିରୁ ସମାଜକୁ ଶକ୍ତି ମିଳିଥାଏ ବିଷୟ ଉପରେ ରାଜଭାଷା ସଂଗୋଷ୍ଠୀ ଏବଂ ନାରୀ ଶକ୍ତି ସମ୍ମାନ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା । ଏହି ଅବସରରେ ମଞ୍ଚାସୀନ ଅତିଥିମାନଙ୍କୁ ପୁସ୍ତକ ଏବଂ ପୁଷ୍ପଗୁଚ୍ଛ ଦ୍ୱାରା ସ୍ୱାଗତ କରାଯାଇଥିଲା । ବ୍ୟାଙ୍କର କଟକ କ୍ଷେତ୍ରର କ୍ଷେତ୍ରୀୟ ମୁଖ୍ୟ ରଞ୍ଜିତ କୁମାର ମହିଳା ଦିବସ ଅବସରରେ ବ୍ୟାଙ୍କ ଅଫ୍ ବରୋଦା ଦ୍ୱାରା ନିଆଯାଇଥିବା ବିଭିନ୍ନ ପଦକ୍ଷେପ ଉପରେ ସମସ୍ତଙ୍କୁ ଅବଗତ କରାଇଥିଲେ । ଏହି ଅବସରରେ ଆୟୋଜିତ ରାଜଭାଷା ସଂଗୋଷ୍ଠୀରେ ବିଶ୍ୱ ବିଦ୍ୟାଳୟର ଛାତ୍ର, ଛାତ୍ରୀ ଏବଂ ବ୍ୟାଙ୍କର ଅଧିକାରୀମାନେ ନିଜ ନିଜର ବିଚାରଧାରା ରଖିଥିଲେ । ବିଶ୍ୱ ହିନ୍ଦୀ ଦିବସ ୨୦୨୪ ଅବସରରେ ରେଭେନ୍ସା ବିଶ୍ୱ ବିଦ୍ୟାଳୟର ଛାତ୍ର, ଛାତ୍ରୀଙ୍କ ପାଇଁ ଆୟୋଜିତ ହିନ୍ଦୀ ବ୍ୟାଖ୍ୟାନ ପ୍ରତିଯୋଗିତାର ବିଜେତାମାନଙ୍କୁ ମଧ୍ୟ ପୁରସ୍କୃତ କରାଯାଇଥିଲା। କ୍ଷେତ୍ରୀୟ ମୁଖ୍ୟ ରଞ୍ଜିତ କୁମାର କଟକ ରେଭେନ୍ସା ବିଶ୍ୱ ବିଦ୍ୟାଳୟର ହିନ୍ଦୀ ବିଭାଗର ବିଭାଗୀୟ ମୁଖ୍ୟ ପ୍ରଫେସର ଡଃ ଅଞ୍ଜୁମନ ଆରାଙ୍କୁ ଉନ୍ନରୀୟ ଏବଂ ସ୍ମୃତିଫଳକ ଦେଇ ସମ୍ମାନୀତ କରିଥିଲେ । ଅଞ୍ଜୁମନ ଆରା ଆନ୍ତର୍ଜାତୀୟ ମହିଳା ଦିବସ ପାଇଁ ବ୍ୟାଙ୍କ ଅଫ୍ ବରୋଦାର ପଦକ୍ଷେପକୁ ପ୍ରଶଂସା କରିବା ସହ ସଂଗୋଷ୍ଠୀ ବିଷୟ ସମ୍ପର୍କୀତ ନିଜ ସାରଗର୍ଭକ ମତାମତ ରଖିଥିଲେ । ରେଭେନ୍ସା ବିଶ୍ୱ ବିଦ୍ୟାଳୟର ଡଃ ଅଭିଷେକ ଶର୍ମା କାର୍ଯ୍ୟକ୍ରମ ପରିଚାଳନା କରିବା ସହ ରାଜଭାଷାର ବରିଷ୍ଠ ପ୍ରବନ୍ଧକ ମନିଷା ଯାଦବ ଧନ୍ୟବାଦ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ବ୍ୟାଙ୍କ ଅଫ୍ ବରୋଦାର ଅଧିକାରୀଗଣ, ରେଭେନ୍ସା ବିଶ୍ୱ ବିଦ୍ୟାଳୟର ହିନ୍ଦୀ ବିଭାଗର ଅଧ୍ୟକ୍ଷ ଏବଂ ଛାତ୍ର, ଛାତ୍ରୀମାନେ ଉପସ୍ଥିତ ଥିଲେ ।

ସିକ୍ୟୁରଆଇସର ସାଇବର ସୁରକ୍ଷା ସାର୍ଟିଫିକେଶନ ପ୍ରୋଗ୍ରାମର ଦଶମ ବ୍ୟାଚ ୧୪ରୁ

ଭୁବନେଶ୍ୱର (ସବ୍ୟୁ): ଅନ୍ତର୍ଜାତୀୟ ସୂଚନା ସିଷ୍ଟମ ସୁରକ୍ଷା ସାର୍ଟିଫିକେଶନ କନସୋର୍ଟିୟମର ଅନୁସନ୍ଧାନରୁ ଜଣାପଡିଛି ଯେ ବିଶ୍ୱବ୍ୟାପୀ ପ୍ରାୟ ୩ ନିୟୁତ ସାଇବର ସୁରକ୍ଷା ବିଶେଷଜ୍ଞଙ୍କର ଅଭାବ ରହିଛି। ସାଇବର ସିକ୍ୟୁରିଟି ଡିଫେଣ୍ଡରଙ୍କ ଲିଗରେ ଯୋଗଦେଇ ବେଙ୍ଗାଲୁରୁର ଏକ ପ୍ରତିଷ୍ଠିତ ସାଇବର ସିକ୍ୟୁରିଟି ଫାର୍ମ, ସିକ୍ୟୁରଆଇସ ସାଇବର ସିକ୍ୟୁରିଟି ସାର୍ଟିଫିକେଶନ ପ୍ରୋଗ୍ରାମ ପାଇଁ ଏହାର ଦଶମ ବ୍ୟାଚ ଆରମ୍ଭ କରିବାକୁ ଘୋଷଣା କରି ବେଶ୍ ଗର୍ବିତ ଅନୁଭବ କରୁଛି। ୩ ମାସର ଅନଲାଇନ ପାଠ୍ୟକ୍ରମ ୧୪ ମାର୍ଚ୍ଚ ୨୦୨୪ ରେ ଆରମ୍ଭ ହେବ । ଅଂଶଗ୍ରହଣକାରୀମାନଙ୍କୁ ଅତ୍ୟାଧୁନିକ କୌଶଳ ଏବଂ ଜ୍ଞାନ ପ୍ରଦାନ ପାଇଁ, ପାଠ୍ୟକ୍ରମରେ ଲାଇଭ ଅଧିବେଶନଗୁଡିକ ସାର୍ଟିଫାଏଡ ସାଇବର ସିକ୍ୟୁରିଟି ପ୍ରଫେସନାଲମାନଙ୍କ ଦ୍ୱାରା ବିଶ୍ୱବ୍ୟାପୀ ରିଅଲ ୱାର୍ଲ୍ଡ ପ୍ରୋଜେକ୍ଟରେ ସକ୍ରିୟ ଭାବରେ ଜଡିତ ହେବା ଅନଲାଇନରେ ୨୪କ୍ଷ୭ ଲ୍ୟାବରେ ଶିକ୍ଷାର୍ଥୀମାନେ ଇନଫରମେଶନ ସିକ୍ୟୁରିଟି, ନେଟୱାର୍କ ସିକ୍ୟୁରିଟି, ଇନଫ୍ରାଷ୍ଟ୍ରକଚର ସିକ୍ୟୁରିଟି, ଆପ୍ଲିକେଶନ ସିକ୍ୟୁରିଟି, ଗଭର୍ଣ୍ଣାସ, ରିସ୍କ ଆଣ୍ଡ କମ୍ପ୍ଲାଏନ୍ସ, ସିକ୍ୟୁରିଟି ଅପରେଶନ ଏବଂ ଇନସିଡେଂଟ ମ୍ୟାନେଜମେଣ୍ଟ ଭଳି ପ୍ରମୁଖ କ୍ଷେତ୍ରରେ ଉପଲବ୍ଧ ଆବଶ୍ୟକ ଷ୍ଟଡି ମ୍ୟାଟେରିଆଲ ଦ୍ୱାରା ଅନ୍ତର୍ଭୁକ୍ତ ଉପକୃତ ହେବେ ।ଆଜିର ଡିଜିଟାଲ ଅର୍ଥବ୍ୟବସ୍ଥାରେ ବିଶ୍ୱସ୍ତରରେ ୧୧.୫ ଟ୍ରିଲିୟନ ଆମେରିକୀୟ ଡଲାର ମୂଲ୍ୟର ସାଇବର ଅପରାଧ ଦୁର୍ଭାଗ୍ୟଜନକ ଭାବେ ସଙ୍କଟ ସୃଷ୍ଟି କରୁଛି। ସାଇବର ସିକ୍ୟୁରିଟି ପ୍ରଫେସନାଲମାନେ ଏହି ସଙ୍କଟକୁ ରୋକିବା ପାଇଁ ଡିଜିଟାଲ କ୍ଷେତ୍ରର ଗାର୍ଡିଆନ ଭାବରେ ଛିଡା ହୋଇପାରିବେ।

ନାଇଟ୍ ସିଫ୍ଟରେ ମହିଳାଙ୍କୁ କାମ କରିବା ପାଇଁ ସୁଯୋଗ ଦେଇଛି ଆମାଜନ ଇଣ୍ଡିଆ

ଭୁବନେଶ୍ୱର (ସବ୍ୟୁ) : ଆମାଜନ ଇଣ୍ଡିଆ ପକ୍ଷରୁ ଏହାର ହରିଆନାରେ ଥିବା ଅନ୍ୟତମ ବୃହତ୍ ସର୍ଟ ସେଣ୍ଟରରେ ୱମେନ୍ ଇନ୍ ନାଇଟ୍ ସିଫ୍ଟସ (ୱିନ୍‌ସ)ର ଘୋଷଣା କରାଯାଇଛି। ଆମାଜନର ବିଦ୍ୟମାନ ପଦକ୍ଷେପଗୁଡିକ ବ୍ୟତୀତ ୱିନ୍‌ସ ବା ଡବ୍ଲ୍ୟୁଆଇଏନ୍‌ଏସ୍‌କୁ ମହିଳାଙ୍କ ପାଇଁ ଏକ ସୁରକ୍ଷିତ ଓ ସହଯୋଗୀ କାର୍ଯ୍ୟ ପରିବେଶ ପ୍ରଦାନ କରିବା ପାଇଁ ଡିଜାଇନ କରାଯାଇଛି । ଏହା ବିଭିନ୍ନ ସିଫ୍ଟରେ ଉଭୟ ପୁରୁଷ ଓ ମହିଳାଙ୍କ ପାଇଁ ସମାନ ସୁଯୋଗ ସୁନିଶ୍ଚିତ କରିବା ଏବଂ ସମସ୍ତଙ୍କ ପାଇଁ ଅନ୍ତର୍ଭୁକ୍ତୀ କରଣ ହାସଲ କରିବା ଲାଗି ପ୍ରସ୍ତୁତ କରାଯାଇଛି। ୱିନ୍‌ସ ପଦକ୍ଷେପକୁ ସକ୍ଷମ କରିବା ପାଇଁ ସୁରକ୍ଷା, ନିରାପତା ଓ ସୁସ୍ଥତାକୁ କେନ୍ଦ୍ରରେ ରଖାଯାଇଛି। ସେହିପରି ଆମାଜନ ଇଣ୍ଡିଆ ସମସ୍ତଙ୍କ ପାଇଁ ସମାନ କାର୍ଯ୍ୟକ୍ଷେତ୍ରକୁ ପ୍ରୋତ୍ସାହିତ କରିବା ପାଇଁ ରାଜ୍ୟ ସରକାରଙ୍କ ସହ ମିଶି ସକ୍ରିୟ ଭାବେ କାର୍ଯ୍ୟ କରୁଛି। କର୍ତ୍ତୃପକ୍ଷଙ୍କ ସହ ସମର୍ପିତ ପ୍ରୟାସ ଓ ସହଭାଗିତା ମାଧ୍ୟମରେ କମ୍ପାନୀ ସଫଳତା ସହ ତାମିଲନାଡୁ, ରାଜସ୍ଥାନ, ଗୁଜରାଟ, ମହାରାଷ୍ଟ୍ର, କର୍ଣ୍ଣାଟକ, ଉତରପ୍ରଦେଶ, ତେଲେଙ୍ଗାନା, ପଞ୍ଜାବ ଓ ଏବେ ହରିଆନାର ନିର୍ଦ୍ଦିଷ୍ଟ ସହରଗୁଡିକରେ ମହିଳାଙ୍କ ପାଇଁ ନାଇଟ୍ ସିଫ୍ଟ ପରିଚାଳନାକୁ ସଫଳତାର ସହ

ସକ୍ଷମ କରିଛି। ଏସମ୍ପର୍କରେ ଆମାଜନ ଇଣ୍ଡିଆ, ଇଣ୍ଡିଆ ଅପରେଶନ୍ସ, ଏଚ୍ଆର୍ ବିଭାଗର ନିର୍ଦ୍ଦେଶକ ଲିଜୁ ଥୋମାସ କହିଛନ୍ତି, 'ୱିନ୍‌ର ଶୁଭାରମ୍ଭ ଆମର କର୍ମଚାରୀ ଓ ସହଯୋଗୀଙ୍କ ପାଇଁ ଲିଙ୍ଗଗତ ସମାନତାକୁ ପ୍ରୋତ୍ସାହିତ କରିବା ଏବଂ ଏକ ସୁରକ୍ଷିତ କାର୍ଯ୍ୟ ପରିବେଶ ବିକଶିତ କରିବା ପ୍ରତି ଆମର ପ୍ରତିବଦ୍ଧତାକୁ ଦୋହରାଉଛି । ଆମେ ନାଇଟ ସିଫ୍ଟରେ କାମ କରୁଥିବା କର୍ମଚାରୀଙ୍କ ପାଇଁ ପରିବହନ ସୁବିଧା ଓ ବର୍ଦ୍ଧିତ ସୁରକ୍ଷା ବ୍ୟବସ୍ଥା ଭଳି ବ୍ୟାପକ ପଦକ୍ଷେପ ପ୍ରଦାନ କରି ଆମର ସହଯୋଗୀଙ୍କ ସୁରକ୍ଷା ଓ ସୁସ୍ଥତାକୁ ପ୍ରାଥମିକତା ଦେଇଥାଉ।' ଆମାଜନ ନିଜର ସହଯୋଗୀଙ୍କ ସୁସ୍ଥତା ଓ ସୁରକ୍ଷା ବୃଦ୍ଧି କରିବା ଲକ୍ଷ୍ୟରେ ଅନେକ ପଦକ୍ଷେପ କାର୍ଯ୍ୟକାରୀ କରିଛି। ଏହି ପଦକ୍ଷେପଗୁଡିକ ମଧ୍ୟରେ ଉନ୍ନତ ଫ୍ୟାସିଲିଟି ଲାଇଟିଙ୍ଗ, ଏସ୍‌କର୍ଟେଡ୍ ପିକ୍‌ଅପ ଓ ଡ୍ରପ୍ ସେବାର ବ୍ୟବସ୍ଥା, ଲିଙ୍ଗଗତ ସମ୍ବେଦନଶୀଳତା ପ୍ରଶିକ୍ଷଣ ପରିଚାଳନା କରିବା, ସୁପରଭାଇଜରୀ ଓ ସପୋର୍ଟ ଭୂମିକାରେ ମହିଳା କର୍ମଚାରୀଙ୍କୁ ନିଯୁକ୍ତ କରିବା ଏବଂ ନାଇଟ୍ ସିଫ୍ଟରେ କାର୍ଯ୍ୟ କରିବା ସହ ଜଡିତ ସ୍ୱତନ୍ତ୍ର ଆହ୍ୱାନଗୁଡିକର ମୁକାବିଲା ପାଇଁ ସୁରକ୍ଷା ବିଶେଷଜ୍ଞଙ୍କ ସହ ଅଧିବେଶନ ପରିଚାଳନା କରିବା ଆଦି ସାମିଲ ରହିଛି ।

ନିର୍ବାଚନୀ ବଣ୍ଡ: ସୋମବାର ଏସ୍‌ବିଆଇ ଆବେଦନ ଶୁଣାଣି

ନୂଆଦିଲ୍ଲୀ : ସର୍ବୋଚ୍ଚ ଅଦାଲତ ନିର୍ବାଚନୀ ବଣ୍ଡକୁ ଅସାମ୍ବିଧାନିକ କହିବା ସହ ଏସ୍‌ବିଆଇକୁ ଏହା ସହ ଜଡ଼ିତ ସମସ୍ତ ତଥ୍ୟକୁ ମାର୍ଚ୍ଚ ୬ ସୁଦ୍ଧା ନିର୍ବାଚନ କମିଶନଙ୍କୁ ଦେବାକୁ କହିଥିଲେ । ନିର୍ବାଚନୀ ବଣ୍ଡ ସମ୍ପର୍କରେ ବିସ୍ତୃତ ତଥ୍ୟ ସାର୍ବଜନୀନ କରିବାକୁ ଏସବିଆଇ ମାଗିଥିବା ଅଧିକ ସମୟ ସଂକ୍ରାନ୍ତ ଆବେଦନ ଉପରେ ଶୁଣାଣି କରିବେ ସୁପ୍ରିମକୋର୍ଟ । ଆସନ୍ତା ମାର୍ଚ୍ଚ ୧୧ ତାରିଖରେ ସର୍ବୋଚ୍ଚ ଅଦାଲତ ଏସବିଆଇର ସମୟ ବୃଦ୍ଧି ଆବେଦନର ଶୁଣାଣି କରିବାକୁ ଦିନ ଧାର୍ଯ୍ୟ କରିଛନ୍ତି ।

ପ୍ରଧାନ ବିଚାରପତି ଜଷ୍ଟିସ ଡିୱାଇ ଚନ୍ଦ୍ରଚୂଡ଼ଙ୍କ ନେତୃତ୍ୱାଧୀନ ଖଣ୍ଡପୀଠ ଏସବିଆଇ କରିଥିବା ଆବେଦନ ଉପରେ ଚୂଡ଼ାନ୍ତ ରାୟ ଶୁଣାଇବେ । ଫେବୃଆରୀ ୧୫ରେ ସର୍ବୋଚ୍ଚ ଅଦାଲତ ନିର୍ବାଚନୀ ବଣ୍ଡକୁ ଅସାମ୍ବିଧାନିକ କହିବା ସହ ଏସବିଆଇକୁ ଏହା ସହ ଜଡ଼ିତ ସମସ୍ତ ତଥ୍ୟକୁ ମାର୍ଚ୍ଚ ୬ ସୁଦ୍ଧା ନିର୍ବାଚନ କମିଶନଙ୍କୁ ଦେବାକୁ କହିଥିଲେ । ହେଲେ ରାୟ ପ୍ରାୟ ୨ ସପ୍ତାହ ପରେ ଏସବିଆଇ ସାମ୍ନାକୁ ଆସିବା ସହ ନିର୍ବାଚନୀ ବଣ୍ଡ ସମ୍ପର୍କିତ ତଥ୍ୟ ଦେବାର ସମୟସୀମାକୁ ଜୁନ ୩୦ ଯାଏ ବୃଦ୍ଧି କରିବାକୁ ସୁପ୍ରିମକୋର୍ଟଙ୍କୁ ଅନୁରୋଧ କରିଛି । ଏସବିଆଇର ଏପରି ଆବେଦନକୁ ବିଭିନ୍ନ ମହଲରେ ବିରୋଧ କରାଯାଇଛି । ଏଥିସହ ଏଡିଆର ପକ୍ଷରୁ ଏସବିଆଇ ବିରୋଧରେ ଅଦାଲତ ଅବମାନନା ଆବେଦନ ମଧ୍ୟ ସର୍ବୋଚ୍ଚ ଅଦାଲତରେ ଦାଖଲ କରାଯାଇଛି । ଏହି ଆବେଦନର ଶୁଣାଣି ମଧ୍ୟ ସୋମବାର ହେବ ।

ଏହାପୂର୍ବରୁ ଆଉ ୨ଟି ଏନଜିଓ ମଧ୍ୟ ଏସବିଆଇ ଜାଣିଶୁଣି ସୁପ୍ରିମକୋର୍ଟ ଦେଇଥିବା ନିର୍ଦ୍ଦେଶକୁ ପାଳନ କରି ନଥିବା ଅଭିଯୋଗ କରି ପିଟିସନ ଦାଖଲ କରିଛନ୍ତି । ଏସବିଆଇ ଜୁନ ୩୦ ଯାଏ ସମୟ ମାଗିଥିବାରୁ ଏକାଧିକ ବିରୋଧୀ ଦଳ ମଧ୍ୟ ଏହାକୁ ନାପସନ୍ଦ କରିଛନ୍ତି । ଏସବିଆଇ ଲୋକସଭା ନିର୍ବାଚନକୁ ଦୃଷ୍ଟିରେ ରଖି ନିର୍ବାଚନୀ ବଣ୍ଡ ଜରିଆରେ କେଉଁମାନେ ରାଜନୀତିକ ଦଳଗୁଡ଼ିକୁ କେତେ ଟଙ୍କା ଦେଇଛନ୍ତି, ତା'ର ତଥ୍ୟ ଖୁଲାସା କରିବାକୁ ଚାହୁଁ ନଥିବାରୁ ବିରୋଧୀ ଦଳଗୁଡ଼ିକ କହିଛନ୍ତି ।

ଗତମାସ ୧୫ ତାରିଖରେ ସୁପ୍ରିମକୋର୍ଟ ଏକ ଐତିହାସିକ ରାୟରେ ନିର୍ବାଚନୀ ବଣ୍ଡକୁ ଅସାମ୍ବିଧାନିକ କହିଥିଲେ । ଏଥିସହ ମାର୍ଚ୍ଚ ୬ ସୁଦ୍ଧା ନିର୍ବାଚନୀ ବଣ୍ଡ ସହ ଜଡ଼ିତ ବିସ୍ତୃତ ତଥ୍ୟ ଇସିଙ୍କ ନିକଟରେ ଦାଖଲ କରିବାକୁ ଏସବିଆଇକୁ କହିଥିଲେ । ଏସବିଆଇ ଠାରୁ ତଥ୍ୟ ପାଇବା ପରେ ମାର୍ଚ୍ଚ ୧୩ ସୁଦ୍ଧା ଇସି ନିଜ ୱେବସାଇଟରେ ଏସବୁ ତଥ୍ୟକୁ ଅପଲୋଡ କରିବାକୁ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଥିଲେ ।

ହେଲେ ଏତେ କମ୍ ସମୟରେ ଏତେ ପରିମାଣର ତଥ୍ୟ ଦେବା ସମ୍ଭବ ନୁହେଁ ବୋଲି ଏସବିଆଇ ପକ୍ଷରୁ କୁହାଯାଇ ଜୁନ ୩୦ ଯାଏ ସମୟ ମଗା ଯାଇଥିଲା । ଏସବିଆଇ ପକ୍ଷରୁ କୁହାଯାଇଥିଲା ଯେ ୨୦୧୯ ଏପ୍ରିଲ ୧୨ରୁ ୨୦୨୪ ଫେବୃଆରୀ ୧୫ ମଧ୍ୟରେ ବିଭିନ୍ନ ରାଜନୀତିକ ଦଳକୁ ଚାନ୍ଦା ଦେବା ପାଇଁ ୨୨,୨୧୭ ନିର୍ବାଚନୀ ବଣ୍ଡ ଜାରି କରାଯାଇଛି । ଏହାର ସମସ୍ତ ତଥ୍ୟ ମୁମ୍ବାଇ ସ୍ଥିତ ମୁଖ୍ୟ ବ୍ରାଞ୍ଚରେ ଜମା କରାଯାଇଥିଲା । ସବୁ ବଣ୍ଡର ଦୁଇଟି ଲେଖାଏ କପି ରହିଛି । ତେଣୁ ବିସ୍ତୃତ ତଥ୍ୟ ପାଇଁ ୪୪,୪୩୪ ସେଟ ଫାଇଲକୁ ଏକାଠି କରିବାକୁ ପଡ଼ିବ ଯେଣୁ ଜୁନ ୩୦ ଯାଏ ଏସବୁ ତଥ୍ୟକୁ ଏକାଠି କରିବା ପାଇଁ ସମୟ ଆବଶ୍ୟକ । କେନ୍ଦ୍ର ସରକାର ୨୦୧୭ରେ ନିର୍ବାଚନ ବଣ୍ଡ ସ୍କିମ୍ ଘୋଷଣା କରିଥିଲେ । ଏହି ସ୍କିମ୍ ୨୯ ଜାନୁଆରୀ ୨୦୧୮ରେ ଆଇନଗତ ଭାବରେ କାର୍ଯ୍ୟକାରୀ ହୋଇଥିଲା । ଯଦି ଆମେ ସରଳ ଭାଷାରେ କହିବା, ତେବେ ରାଜନୀତିକ ଦଳମାନଙ୍କୁ ଅର୍ଥ ଦାନ କରିବାର ଏକ ମାଧ୍ୟମ ହେଉଛି ନିର୍ବାଚନୀ ବଣ୍ଡ । ଏହି ବଣ୍ଡକୁ ଭାରତର ଯେକୌଣସି ନାଗରିକ କିମ୍ବା କମ୍ପାନୀ ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆର ସିଲେକ୍ଟ ଶାଖାରୁ କିଣି ପାରିବେ ଏବଂ ନିଜ ପସନ୍ଦର କୌଣସି ରାଜନୀତିକ ଦଳକୁ ଦାନ କରିପାରିବେ । କିନ୍ତୁ ଏଥିରେ କୌଣସି ବ୍ୟକ୍ତି କିମ୍ବା କମ୍ପାନୀର ନାମ ପ୍ରକାଶ କରାଯିବ ନାହିଁ, ଅର୍ଥାତ ଏହା ଗୋପନ ରହିବ ।

ପାକିସ୍ତାନକୁ ଘାରିଛି ଆତଙ୍କୀ ଭୟ

ବର୍ଷକରେ ୩୦୬ ଆକ୍ରମଣ, ୭୦୦ ମୃତ

ଇସଲାମାବାଦ: ଜାତିସଂଘ ନିରାପତ୍ତା ପରିଷଦରେ କାଶ୍ମୀର ପ୍ରସଙ୍ଗରେ ବାରମ୍ବାର ଭାରତ ବିରୋଧରେ ବିଷୋଦଗାର କରୁଥିବା ପାକିସ୍ତାନ ଏବେ ଆତଙ୍କବାଦକୁ ନେଇ ନିଜ ଜାଲରେ ଫସିଛି । ପାକିସ୍ତାନ ଏବେ ଜାତିସଂଘରେ ଆତଙ୍କବାଦ ବିରୋଧରେ ସ୍ୱର ଉତ୍ତୋଳନ କରିବାକୁ ବାଧ ହୋଇଥିବାରୁ ସର୍ବଦା ଆତଙ୍କବାଦକୁ ପ୍ରୋତ୍ସାହିତ କରିଆସିଥିବା ଏହି ରାଷ୍ଟ୍ର ଆଭିମୁଖ୍ୟକୁ ନେଇ ଏବେ ସରଗରମ ଚର୍ଚ୍ଚା ଚାଲିଛି ।

ଜାତିସଂଘରେ ପାକିସ୍ତାନ ରାଷ୍ଟ୍ରଦୂତ ମୁନିର ଆକ୍ରମ ନିରାପତ୍ତା ପରିଷଦରେ କହିଛନ୍ତି ଯେ ଆଫଗାନ ଆତଙ୍କୀ ଏବେ ପାକିସ୍ତାନକୁ ଟାର୍ଗେଟ୍ କରି ଅନର୍ଥ ସୃଷ୍ଟି କରୁଛନ୍ତି । ଆଫଗାନିସ୍ତାନରେ ଶାସନ କରୁଥିବା ତାଲିବାନ ଏ କ୍ଷେତ୍ରରେ ପାକିସ୍ତାନକୁ ଯଥୋଚିତ ସହାୟତା କରୁନଥିବାରୁ ତେହରିକ-ଏ-ତାଲିବାନ ପାକିସ୍ତାନ (ଟିଟିପି) ତୁହାକୁ ତୁହା ଆକ୍ରମଣ କରିବାକୁ ସକ୍ଷମ ହେଉଛି । ତାଲିବାନ ସରକାର ପାକିସ୍ତାନର ଖେବର ପଖତୁନଖ୍ୱାରେ ତେହରିକ-ଏ-ତାଲିବାନର କାୟାବିସ୍ତାର ପାଇଁ ସହାୟତା ଯୋଗାଉଥିବାରୁ ସମଗ୍ର ଅଂଚଳ ଏବେ ଆତଙ୍କବାଦୀଙ୍କ ନିୟନ୍ତ୍ରଣକୁ ଚାଲିଯିବା ଆଶଙ୍କା ସୃଷ୍ଟି ହୋଇଛି ।

ଜାତିସଂଘରେ ପାକିସ୍ତାନ ରାଷ୍ଟ୍ରଦୂତ କହିଛନ୍ତି ଯେ ଯଦି ଟିଟିପିକୁ ନିୟନ୍ତ୍ରଣ କରା ନଯାଏ, ତେବେ ଦିନେ ଏହା ବିଶ୍ୱ ଆତଙ୍କବାଦୀ ସଂଗଠନରେ ପରିଣତ ହେବ । ୟୁଏନ୍‌ଏସ୍ସି ସ୍ୱତନ୍ତ୍ର ଅଧିବେଶନରେ ପାକିସ୍ତାନ ରାଷ୍ଟ୍ରଦୂତ କହିଛନ୍ତି, ଗତବର୍ଷ ପାକିସ୍ତାନରେ ୩୦୬ଟି ଆତଙ୍କବାଦୀ ଆକ୍ରମଣ ହୋଇଥିଲା । ଏଥିରେ ୨୩ଟି ଆତ୍ମଘାତୀ ଆକ୍ରମଣ ରହିଛି । ଆତ୍ମଘାତୀ ଆକ୍ରମଣରେ ୭୦୦ରୁ ଅଧିକ ଲୋକଙ୍କ ମୃତ୍ୟୁ ଘଟିଥିବା ବେଳେ ୧୧୨୪ ଜଣ ଆହତ ହୋଇଛନ୍ତି । କେବଳ ସେତିକି ନୁହେଁ, ଚଳିତ ବର୍ଷ ଫେବ୍ରୁଆରୀରେ ପାକିସ୍ତାନରେ ମୋଟ ୯୭ଟି ଆତଙ୍କବାଦୀ ଆକ୍ରମଣ ହୋଇଥିଲା । ଏଥିରେ ୮୭ ଜଣଙ୍କ ମୃତ୍ୟୁ ହୋଇଥିଲା ।

ଏକ ରିପୋର୍ଟରେ କୁହାଯାଇଛି ଯେ ପାକିସ୍ତାନରେ ୭୮ ପ୍ରତିଶତ ଆତଙ୍କବାଦୀ ଆକ୍ରମଣ 'ତେହରିକ-ଏ-ତାଲିବାନ ପାକିସ୍ତାନ' ଦ୍ୱାରା ହେଉଛି । ଯଦି ଏଭଳି ଆକ୍ରମଣ ଜାରି ରହେ ତେବେ ପାକିସ୍ତାନ ଆଉ ଏକ ବିଭାଜନ ଆଡ଼କୁ ମୁହାଁଇବ । ପାକିସ୍ତାନ ଏବେ ନିଜ ଆତଙ୍କବାଦୀ ସଂଗଠନର ଶିକାର ହେବାପରେ ଜାତିସଂଘରେ ଯେଉଁ ଅସହାୟତା ପ୍ରକାଶ କରିଛି ତାହା ଭାରତର ଯୁକ୍ତିକୁ ଯଥାର୍ଥ ପ୍ରମାଣିତ କରିଛି । ଭାରତ ଉପରେ ଆକ୍ରମଣ ପାଇଁ ଲଗାତାର ଷଡ଼ଯନ୍ତ୍ର କରୁଥିବା ପାକ୍ ଆତଙ୍କବାଦୀ ସଂଗଠନଗୁଡ଼ିକୁ ପାକିସ୍ତାନର ସେନା ଓ ଗୁଇନ୍ଦା ବିଭାଗ ସମସ୍ତ ସୁରକ୍ଷା ଓ ପ୍ରୋତ୍ସାହନ ଦେଇଆସୁଥିବା ବେଳେ ଏବେ ପାକିସ୍ତାନ ନିଜେ ଏହାର ଶିକାର ହୋଇଛି ।

ଏକାକୀ ନିର୍ବାଚନ ଲଢ଼ିବ ପିଡିପି

ଶ୍ରୀନଗର: ପିପୁଲ୍ସ ଡେମୋକ୍ରାଟିକ୍ ପାର୍ଟି (ପିଡିପି) ମୁଖ୍ୟ ମେହବୁବା ମୁଫତି ଘୋଷଣା କରିଛନ୍ତି ଯେ ତାଙ୍କ ଦଳ ୨୦୨୪ ଲୋକସଭା ନିର୍ବାଚନରେ ଏକାକୀ ପ୍ରତିଦ୍ୱନ୍ଦ୍ୱିତା କରିବ । ତାଙ୍କ ନିଷ୍ପତ୍ତି ଇଣ୍ଡିଆ ମେଣ୍ଟ ପାଇଁ ଏକ ବଡ ଝଟକା ସଦୃଶ୍ୟ ହୋଇଛି । ଏକ ସାମ୍ବାଦିକ ସମ୍ମିଳନୀରେ ମେହବୁବା ମୁଫତି ଇଣ୍ଡିଆ ମେଣ୍ଟରୁ ଅଲଗା ହେବା ନେଇ ଘୋଷଣା କରିଛନ୍ତି ।

ସେ କହିଛନ୍ତି ଯେ ବିଜେପିକୁ ପରାସ୍ତ କରିବାକୁ ସେ ଇଣ୍ଡିଆ ମେଣ୍ଟ ସହ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିବାକୁ ଚାହୁଁଥିଲେ । କିନ୍ତୁ ଇଣ୍ଡିଆ ମେଣ୍ଟର କାର୍ଯ୍ୟକାରିତାକୁ ନେଇ ସେ ନିରାଶ ହୋଇଛନ୍ତି ଏବଂ ମିଳିତ ମେଣ୍ଟରୁ ଦୂରେଇ ଯିବାକୁ ନିଷ୍ପତ୍ତି ନେଇଛନ୍ତି । ମେହବୁବା ମୁଫତି କହିଛନ୍ତି ଯେ ଆମର ଏକ ବଡ଼ ଉଦ୍ଦେଶ୍ୟ ଅଛି ଏବଂ ଆମ ସମସ୍ତଙ୍କୁ ଏକାଠି ସମସ୍ୟାର ସାମ୍ନା କରିବାକୁ ପଡିବ । ଏହା ସହିତ ସେ ନ୍ୟାସନାଲ କନ୍ଫରେନ୍ସ ଦଳର ସଭାପତି ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ଫାରୁକ୍ ଅବଦୁଲ୍ଲାଙ୍କ ବିଷୟରେ ଉଲ୍ଲେଖ କରିଛନ୍ତି ଏବଂ କହିଛନ୍ତି ଯେ ଫାରୁକ୍ ଅବଦୁଲାଙ୍କୁ ଟାର୍ଗେଟ କରି କହିଛନ୍ତି ଯେ ଆମେ ଏକାଠି ହେବା ପାଇଁ ବଳିଦାନ ଦେବୁ । କିନ୍ତୁ ଛୋଟ ଛୋଟ ପ୍ରସଙ୍ଗରେ ଆମର ମତଭେଦ ଥିଲା ମୁଁ ଜଣେ ଯୋଦ୍ଧା । ସେ କହିଛନ୍ତି ମୋର କର୍ମୀମାନଙ୍କ ଉପରେ ମୋର ବିଶ୍ୱାସ ଅଛି ଏହି ସମୟରେ ମେହବୁବା ମୁଫତି ଭାରତୀୟ ଜନତା ପାର୍ଟି (ବିଜେପି) ଉପରେ କଡ଼ା ଆକ୍ରମଣ କରିଥିଲା । ସେ କହିଛନ୍ତି ଯେ ଜମ୍ମୁ-କଶ୍ମୀରକୁ ଏକ ଜେଲରେ ପରିଣତ କରାଯାଇଛି । ଯାହା ବିରୁଦ୍ଧରେ ଆମକୁ ଲଢ଼ିବାକୁ ପଡିବ ।

ହଙ୍ଗେରୀ ଜାତୀୟ ଆସେମ୍ବ୍ଲିର ଉପବାଚସ୍ପତି ଇସ୍ତଭାନ ୟାକବଙ୍କ ସହ ରାଜ୍ୟସଭା ଉପାଧ୍ୟକ୍ଷ ଆର୍‌ଏସ୍ ହରିବଂଶଙ୍କ ସୌଜନ୍ୟମୂଳକ ସାକ୍ଷାତ

ନିର୍ବାଚନ ଲଢ଼ିବେ ମହମ୍ମଦ ସାମି

ନୂଆଦିଲ୍ଲୀ : ୨୦୨୪ ଲୋକସଭା ନିର୍ବାଚନରେ କ୍ରିକେଟର ମହମ୍ମଦ ସାମିଙ୍କୁ ପ୍ରାର୍ଥୀ କରିପାରେ ବିଜେପି । ବିଭିନ୍ନ ଜାତୀୟ ଗଣମାଧ୍ୟମରେ ଏହି ଖବର ପ୍ରକାଶିତ ହୋଇଛି । ସାମିଙ୍କୁ ବିଜେପି ପଶ୍ଚିମବଙ୍ଗରୁ ପ୍ରାର୍ଥୀ କରିବାକୁ ଚିନ୍ତା କରୁଥିବା କୁହାଯାଉଛି । ପଶ୍ଚିମବଙ୍ଗ ତରଫରୁ ସେ ଘରୋଇ କ୍ରିକେଟ ଖେଳୁଛନ୍ତି ।

ମିଳିଥିବା ସୂଚନା ଅନୁଯାୟୀ, ନିର୍ବାଚନ ଲିବା ପାଇଁ ବିଜେପି ପକ୍ଷରୁ ମହମ୍ମଦ ଶାମିଙ୍କୁ ପ୍ରସ୍ତାବ ଦିଆଯାଇଛି । ତେବେ ଏଯାଏ ଶାମି କିଛି ନିଷ୍ପତ୍ତି ନେଇ ନାହାନ୍ତି । ନିକଟରେ ସାମିଙ୍କ ଗୋଇଠିରେ ଅସ୍ତ୍ରୋପଚାର ହୋଇଛି । ସେଥିପାଇଁ ସେ ଲଣ୍ଡନରେ ଅଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଧ୍ୟ ଶାମିଙ୍କ ଦ୍ରୁତ ଆରୋଗ୍ୟ କାମନା କରିଥିଲେ । ଗତବର୍ଷ ଦିନିକିଆ ବିଶ୍ୱକପ୍ ଶେଷ ହେବା ପରଠୁ ମହମ୍ମଦ ସାମି ଆଉ ପଡ଼ିଆକୁ ଓହ୍ଲାଇ ନାହାନ୍ତି । ବିଶ୍ୱକପ୍ କ୍ରିକେଟ୍‌ରେ ସେ ୭ଟି ମ୍ୟାଚ୍ ଖେଳି ୨୪ଟି ୱିକେଟ୍ ନେଇଥିଲେ । ଫାଇନାଲରେ ଅଷ୍ଟ୍ରେଲିଆଠାରୁ ପରାସ୍ତ ହେବା ପରେ ଟିମ୍ ଇଣ୍ଡିଆର ଖେଳାଳିମାନଙ୍କୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଭେଟିଥିଲେ ଓ ନିରୁତ୍ସାହିତ ନହେବା ପାଇଁ କହିଥିଲେ । ସେହି ସମୟରେ ସେ ମହମ୍ମଦ ସାମିଙ୍କୁ ତାଙ୍କର ଚମତ୍କାର ପ୍ରଦର୍ଶନ ପାଇଁ ପ୍ରଶଂସା କରିଥିଲେ । ଡ୍ରେସିଂ ରୁମର ଏହି ଭିଡିଓ ସୋସିଆଲ ମିଡ଼ିଆରେ ଭାଇରାଲ ହୋଇଥିଲା । ଶାମି କେନ୍ଦ୍ର ଗୃହ ମନ୍ତ୍ରୀ ଅମିତ ଶାହଙ୍କୁ ମଧ୍ୟ ଭେଟିଥିଲେ । ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ସାମିଙ୍କ ଜନ୍ମଭୂମି ଅମରୋହାରେ ତାଙ୍କ ନାଁରେ ଏକ କ୍ରିକେଟ୍ ଷ୍ଟାଡିୟମ ନିର୍ମାଣ କରିବାକୁ ଘୋଷଣା କରିଥିଲେ ।

କୁଳଦୀପଙ୍କ ବିରଳ କୀର୍ତ୍ତିମାନ

ଧର୍ମଶାଳା ଟେଷ୍ଟର ପ୍ରଥମ ଦିନରେ ଏକକାଳୀନ ବହୁ କୀର୍ତ୍ତିମାନ ସ୍ଥାପିତ ହୋଇଛି । କୋହଲା ପାଗରେ ପାଣି ବର୍ଷିବା ପରିବର୍ତ୍ତେ ରେକର୍ଡ ବର୍ଷା ଦେଖିବାକୁ ମିଳିଛି । କୁଲଦୀପ ଯାଦବ ଦ୍ରୁତତମ ୫୦ ୱିକେଟର ବିରଳ କ୍ଲବରେ ସାମିଲ ହୋଇଛନ୍ତି । ଅଧିନାୟକ ରୋହିତ ଶର୍ମା ପ୍ରଥମ ଅଣୱିକେଟରକ୍ଷକ ଖେଳାଳି ଭାବେ ତିନିଟିଯାକ ଫର୍ମାଟ୍ (ଟେଷ୍ଟ, ଦିନିକିଆ, ଟ୍ୱେଣ୍ଟି-୨୦)ରେ ୬୦ କିମ୍ବା ତା'ଠାରୁ ଅଧିକ କ୍ୟାଚ୍ ନେବାର ମାଇଲଖୁଣ୍ଟ ଛୁଇଁଥିଲା ବେଳେ ଯଶସ୍ୱୀ ଜୟସ୍ୱାଲ (୭୧୨ ରନ୍) ଇଂଲଣ୍ଡ ବିପକ୍ଷ ଗୋଟିଏ ଶୃଙ୍ଖଳାରେ ସର୍ବାଧିକ ରନ୍ କରିବାରେ କିମ୍ବଦନ୍ତୀ ବିରାଟ କୋହଲି (୬୫୫ ରନ୍)ଙ୍କୁ ଟପିଛନ୍ତି । ସେ ମଧ ସୁନୀଲ ଗାଭାସ୍କରଙ୍କ ପରେ ପ୍ରଥମ ଭାରତୀୟ ଖେଳାଳି ଭାବେ କୌଣସି ଦ୍ୱିପାକ୍ଷିକ ଶୃଙ୍ଖଳାରେ ୭୦୦ରୁ ଅଧିକ ରନ୍ କରିବାର ଗୌରବ ହାସଲ କରିଛନ୍ତି ।

ଗୋଟିଏ ଶୃଙ୍ଖଳାରେ ସର୍ବାଧିକ ରନ୍ କରିବାରେ ଗାଭାସ୍କର (୭୭୪ ରନ୍, ୧୯୭୧ ବନାମ ୱେଷ୍ଟଇଣ୍ଡିଜ୍)ଙ୍କଠାରୁ ମାତ୍ର ୬୨ ରନ୍ ପଛରେ ରହିଛନ୍ତି ଜୟସ୍ୱାଲ । ଜୟସ୍ୱାଲ (୧୬ ପାଳି) ବି ୧,୦୦୦ ଟେଷ୍ଟ ରନ୍ କରିବାରେ ବିନୋଦ କାମ୍ବଲି (୧୪ ପାଳି)ଙ୍କ ପଛକୁ ଦ୍ୱିତୀୟ ଦ୍ରୁତତମ ଭାରତୀୟ ହୋଇଛନ୍ତି । ଆଉ ଅଶ୍ୱିନ ଓ ଜନି ବେୟାରଷ୍ଟୋ ଗୁରୁବାର ୧୦୦ ଟେଷ୍ଟ କ୍ଲବରେ ସାମିଲ ହୋଇଛନ୍ତି । ଘରୋଇ କ୍ରିକେଟ୍ ଓ ଆଇପିଏଲର ପ୍ରଭାବୀ ପ୍ରଦର୍ଶନ କରିଥିବା କର୍ଣ୍ଣାଟକର ବାମହାତୀ ବ୍ୟାଟର୍ ଦେବଦତ୍ତ ପଡ଼ିକାଲ ପଞ୍ଚମ ଭାରତୀୟ ଖେଳାଳି ଭାବେ ଅପରୂପ ପ୍ରାକୃତିକ ସୌନ୍ଦର୍ଯ୍ୟରେ ଘେରି ରହିଥିବା ସ୍ଥାନୀୟ ଏଚ୍‌ପିସିଏ ଷ୍ଟାଡିୟମରେ ଟେଷ୍ଟ ପଦାର୍ପଣ କରିଛନ୍ତି । ତାଙ୍କ ପୂର୍ବରୁ ଚଳିତ ଭାରତ-ଇଂଲଣ୍ଡ ଶୃଙ୍ଖଳାରେ ମଧ୍ୟମକ୍ରମ ବ୍ୟାଟର୍ ରଜତ ପଟିଦାର (ମଧ୍ୟପ୍ରଦେଶ), ସର୍ଫରାଜ୍ ଖାନ୍ (ମୁମ୍ବାଇ), ୱିକେଟରକ୍ଷକ ଧ୍ରୁବ ଜୁରେଲ (ଉତ୍ତରପ୍ରଦେଶ) ଓ ଦ୍ରୁତବୋଲର ଆକାଶ ଦୀପ (ବେଙ୍ଗଲ) ପଦାର୍ପଣ କରିସାରିଛନ୍ତି ।

ଗୁରୁବାର କୁଲଦୀପଙ୍କ ଯାଦୁଗରୀ କଟଟି ସ୍ପିନ୍ ବଲରେ ଇଂଲଣ୍ଡକୁ ମାତ୍ର ୨୧୮ ରନରେ ଅଲଆଉଟ୍ କରିଛି ଭାରତ । ପୁଣି ଦୁଇ ଓପନର ରୋହିତ ଶର୍ମା (୫୨*) ଓ ଯଶସ୍ୱୀ ଜୟସ୍ୱାଲ (୫୭)ଙ୍କ ପ୍ରତିଆକ୍ରମଣରେ ବଳିୟାନ ହୋଇ ଖେଳ ଶେଷ ବେଳକୁ ଗୋଟିଏ ୱିକେଟ୍ ବିନିମୟରେ ୧୩୫ ରନ୍ କରି ଦୃଢ଼ ସ୍ଥିତିରେ ରହିଛି । ଷ୍ଟମ୍ପ ବେଳକୁ ରୋହିତଙ୍କ ସହ ଶୁଭମନ୍ ଗିଲ୍ (୨୬*) ଅପରାଜିତ ରହିବା ପ୍ରତିପକ୍ଷ ଇଂଲଣ୍ଡର ଚିନ୍ତାକୁ ବହୁ ଗୁଣ ବଢ଼ାଇଛି । ହାତରେ ଆଉ ୯ ୱିକେଟ୍ ଥିଲା ବେଳେ ଭାରତ ଏବେ ମାତ୍ର ୮୩ ରନରେ ପଛୁଆ ରହିଛି ।

ମଜଭୁତ ସ୍ଥିତିରେ ଟିମ ଇଣ୍ଡିଆ

ଇଂଲଣ୍ଡ ଠାରୁ ୨୫୫ ରନରେ ଅଗ୍ରଣୀ

ଧର୍ମଶାଳା, ୮।୩ (ଏଜେନ୍ସି) : ଭାରତ ଓ ଇଂଲଣ୍ଡ ମଧ୍ୟରେ ଧର୍ମଶାଳାସ୍ଥିତ ହିମାଚଳ ପ୍ରଦେଶ କ୍ରିକେଟ୍ ଆସୋସିଏସନ୍ ଷ୍ଟାଡିୟମରେ ପଞ୍ଚମ ତଥା ଅନ୍ତିମ ଟେଷ୍ଟ ଜାରି ରହିଛି । ଭାରତ ଦ୍ୱିତୀୟ ଦିନର ଖେଳ ଶେଷ ସୁଦ୍ଧା ୮ଟି ୱିକେଟ୍ ହରାଇ ୪୭୩ ରନ୍ ସଂଗ୍ରହ କରିଛି । ଏଥି ସହିତ ଇଂଲଣ୍ଡ ତୁଳନାରେ ଘରୋଇ ଟିମ୍ ୨୫୫ ରନରେ

ରୋହିତ ଶର୍ମା ଓ ଶୁଭମନ ଗିଲଙ୍କ ଶତକ

ଅଗ୍ରଣୀ ରହିଛି । ଭାରତୀୟ ପାଳିରେ କ୍ରିକେଟ୍ ଟିମର ଅଧିନାୟକ ରୋହିତ ଶର୍ମା ଓ ଯୁବ ବ୍ୟାଟର ଶୁଭମନ ଗିଲ ଶତକ ହାସଲ କରିଥିଲେ । ଉଭୟ ବ୍ୟାଟର ଦ୍ୱିତୀୟ ୱିକେଟ୍ ପାଇଁ ୧୭୧ ରନର ଭାଗିଦାରୀ କରିପାରିଥିଲେ । ରୋହିତ ୧୩ଟି ଚେକା ଓ ୩ଟି ଛକା ବଳରେ ୧୦୩ ରନ୍ ଓ ଗିଲ୍ ୧୨ଟି ଚେକା ଓ ୫ଟି ଛକା ସହାୟତାରେ ୧୧୦ ରନ୍ କରିଥିଲେ । ସେହିପରି ଯୁବ ବ୍ୟାଟର ଦେବଦତ୍ତ ପଡିକାଲ ଓ ସରଫରାଜ ଖାନ୍ ବ୍ୟକ୍ତିଗତ ଭାବେ ଅର୍ଦ୍ଧଶତକ ହାସଲ କରି ଭାରତୀୟ ସ୍କୋରକୁ ମଜବୁତ କରିଥିଲେ । ଦେବଦତ୍ତ ୧୦ଟି ଚୌକା ଓ ଗୋଟିଏ ଛକା ସହାୟତାରେ ୬୫ ରନ୍ ଓ ସରଫରାଜ ୮ଟି ଚେକା ଓ ଗୋଟିଏ ଛକା ମାଧ୍ୟମରେ ୫୬ ରନ୍ ସଂଗ୍ରହ କରିଥିଲେ । ଅଲରାଉଣ୍ଡର ରବୀନ୍ଦ୍ର ଜାଦେଜା ଓ ଧ୍ରୁବ ଜୁରେଲ ବ୍ୟକ୍ତିଗତ ଭାବେ ୧୫-୧୫ ରନ୍ ସଂଗ୍ରହ କରିଥିବା ବେଳେ ରବିଚନ୍ଦ୍ର ଅଶ୍ୱିନ ଖାତା ନଖୋଲି ପାଭିଲିଅନ୍ ଫେରିଥିଲେ ।

କୁଲଦୀପ ଯାଦବ (୨୭ ରନ୍) ଓ ଯଶପ୍ରୀତ ବୁମରା (୧୯ ରନ୍) କରି ଅପରାଜିତ ଅଛନ୍ତି । ଇଂଲଣ୍ଡ ଟସ୍ ଜିଣି ଗୁରୁବାର ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇଥିଲା । ଅତିଥି ଦଳ ଆରମ୍ଭରୁ ଭଲ ପ୍ରଦର୍ଶନ କରିଥିଲା । କିନ୍ତୁ ମଧ୍ୟ ଓ ଶେଷ କ୍ରମର ଖେଳାଳିମାନଙ୍କ ନେରାଶ୍ୟଜନକ ପ୍ରଦର୍ଶନ କାରଣରୁ ଦଳ ପ୍ରଥମ ପାଳିରେ ୫୭.୪ ଓଭରରେ ୨୧୮ ରନ୍ କରି ଅଲ୍‌ଆଉଟ୍ ହୋଇଥିଲା । ଭାରତ ପ୍ରଥମ ଦିନରେ ଗୋଟିଏ ୱିକେଟ୍ ହରାଇ ୧୩୫ ରନ୍ ସଂଗ୍ରହ କରିଥିଲା । ଏଥିରେ ପ୍ରାରମ୍ଭିକ ବ୍ୟାଟର ଯଶସ୍ୱୀ ଜୟସ୍ୱାଲ ୫ଟି ଚୌକା ଓ ୩ଟି ଛକା ବଳରେ ୫୭ ରନ୍ ସଂଗ୍ରହ କରିଥିଲେ ।

ଭାରତକୁ ଦ୍ୱିତୀୟ ଦିବସରେ ଅଲଆଉଟ କରିବାକୁ ଆଶା କରିଥିବା ଇଂଲଣ୍ଡ ନିରାଶ ହୋଇଛି । ୯ମ ୱିକେଟ ପାଇଁ ବୁମରା ଓ କୁଲଦୀପ ଅପରାଜିତ ୪୫ ରନ

ଯୋଡ଼ିଛନ୍ତି । ଅଧିନାୟକ ରୋହିତ ଶର୍ମା ଓ ଶୁଭମନ ଗିଲ ପ୍ରଥମେ ଶତକ ହାସଲ କଲେ । ଏହାପରେ ଦୁଇ ଯୁବ ତାରକା ଦେବଦତ୍ତ ପଡିକାଲ ଓ ସର୍ଫରାଜ ଖାନ ଅର୍ଦ୍ଧ ଶତକ ମାରିଲେ । ଏମାନଙ୍କୁ ଆଉଟ କରି ଇଂଲଣ୍ଡ କମବ୍ୟାକର ସ୍ୱପ୍ନ ଦେଖିଥିଲା ।

ହେଲେ ଶେଷ ଭାଗରେ କୁଲଦୀପ ଯାଦବ ଓ ଯଶପ୍ରୀତ ବୁମରା ମଧ ଦମ୍ଭ ଦେଖାଇଛନ୍ତି । ଭାରତକୁ ଦ୍ୱିତୀୟ ଦିବସରେ ଅଲଆଉଟ କରିବାକୁ ଆଶା କରିଥିବା ଇଂଲଣ୍ଡ ନିରାଶ ହୋଇଛି । ୯ମ ୱିକେଟ ପାଇଁ ବୁମରା ଓ କୁଲଦୀପ ଅପରାଜିତ ୪୫ ରନ ଯୋଡ଼ିଛନ୍ତି । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା, ଭାରତର ଟପ୍ ବ୍ୟାଟର ପ୍ରଥମଥର ପାଇଁ ୫୦ କିମ୍ବା ତା'ରୁ ଅଧିକ ରନ କରିଛନ୍ତି । ପ୍ରଥମ ଦିନରେ ଯଶସ୍ୱୀ ଜୟସ୍ୱାଲ ଏକମାତ୍ର ବ୍ୟାଟର ଭାବେ ୫୭ ରନ କରି ଆଉଟ ହୋଇଥିଲେ । ଏହାପରେ ରୋହିତ ଶର୍ମା ୧୦୩, ଶୁଭମନ ଗିଲ ୧୧୦, ପାଡିକାଲ ୬୫ ଓ ସର୍ଫରାଜ ଖାନ ୫୬ ରନର ଇନିଂସ ଖେଳିଛନ୍ତି ।

ବ୍ୟାଟରଙ୍କ ଜଲୱା ଯୋଗୁ ଦ୍ୱିତୀୟ ଦିନ ଖେଳ ଶେଷ ସୁଦ୍ଧା ଭାରତ ୫ମ ଟେଷ୍ଟରେ ପୂରା ମଜବୁତ ସ୍ଥିତିରେ ପହଞ୍ଚି ଯାଇଛି । ଷ୍ଟମ୍ପ ଅପସାରଣ ବେଳକୁ ଭାରତ ତା'ର ପ୍ରଥମ ଇନିଂସରେ ୮ ୱିକେଟ ହରାଇ ୪୭୩ ରନ କରି ନେଇଛି । ଇଂଲଣ୍ଡର ପ୍ରଥମ ଇନିଂସ ସ୍କୋର ଠାରୁ ଦଳ ୨୫୫ ରନ ଆଗରେ ରହିଛି । ଖେଳ ଶେଷ ବେଳକୁ ବୁମରା ୧୯ ଓ କୁଲଦୀପ ୨୭ ରନ କରି ଅପରାଜିତ ରହିଛନ୍ତି । ଆସନ୍ତାକାଲି ପୁଣି ଏମାନେ ଏହି ସ୍ଥାନରୁ ବ୍ୟାଟିଂ କରିବେ । ଇଂଲଣ୍ଡ ତା'ର ପ୍ରଥମ ଇନିଂସରେ ୨୧୮ ରନ କରିଥିଲା । ପ୍ରଥମ ଦିନର ଖେଳ ଶେଷ ସୁଦ୍ଧା ଭାରତ ଗୋଟିଏ ୱିକେଟ ହରାଇ ୧୩୫ ରନ କରିଥିଲା । ଆଜି ରୋହିତ ଶର୍ମା (୫୨) ଓ ଗିଲ (୨୬) ଦଳର ପାଳିକୁ ଆଗକୁ ନେଇଥିଲେ । ବିଶେଷକରି ଗିଲ ଆଟାକିଂ ସଟ ଖେଳି ପ୍ରଥମେ ନିଜର ଅର୍ଦ୍ଧଶତକ ହାସଲ କରିଥିଲେ । ରୋହିତ ମଧ ପଛରେ ପଡ଼ି ନଥିଲେ ।

ଉଭୟ ଲଞ୍ଚ ଯାଏ ଇଂଲଣ୍ଡକୁ କୌଣସି ବିପର୍ଯ୍ୟୟ ଘଟାଇବାକୁ ଦେଇ ନଥିଲେ । ଏଥିସହ ନିଜ ନିଜର ଶତକ ମଧ ହାସଲ କରିଥିଲେ । ରୋହିତ ତାଙ୍କ ଟେଷ୍ଟ କ୍ୟାରିୟରର ୧୨ତମ ଶତକ ଓ ଗିଲ ୪ର୍ଥ ଶତକ ହାସଲ କରିବା ପରେ ଲଞ୍ଚ ବ୍ରେକ ହୋଇଥିଲା । ଭାରତ ମଧ ସେତେବେଳକୁ ଲିଡ୍ ହାସଲ କରି ନେଇଥିଲା । ପ୍ରଥମଥର ପାଇଁ ଇଂଲଣ୍ଡ ବିପକ୍ଷ ୫ ଟିକିଆ ସିରିଜରେ ପ୍ରଥମ ସେସନ୍ସରେ ୧୦୦ରୁ ଅଧିକ ରନ ହେବା ସହ କୌଣସି ୱିକେଟ ଯାଇ ନଥିଲା । ସେହିପରି ରୋହିତ ଓ ଗିଲଙ୍କ ମଧ୍ୟରେ ପ୍ରଥମଥର ପାଇଁ ଟେଷ୍ଟ କ୍ରିକେଟରେ ୧୦୦ରୁ ଅଧିକ ରନର ଭାଗିଦାରୀ ହୋଇଥିଲା ।

ମୁମ୍ବାଇ ଇଣ୍ଡିଆନ୍ସ ଜର୍ସି ଉନ୍ମୋଚିତ

ମୁମ୍ବାଇ, ୮।୩ (ଏଜେନ୍ସି) : ଆଗାମୀ ଆଇପିଏଲ୍ ପୂର୍ବରୁ ୫ ଥର ବିଜେତା ମୁମ୍ବାଇ ଇଣ୍ଡିଆନ୍ସ ଗୁରୁବାର ନୂଆ ଜର୍ସି ଉନ୍ମୋଚନ କରିଛି । ପ୍ରଖ୍ୟାତ ଡିଜାଇନର ମନୀଷା ଜୟସିଂହ ଏହାକୁ ପ୍ରସ୍ତୁତ କରିଛନ୍ତି । ଜର୍ସି ପୂର୍ବଭଳି ନୀଳ ରଙ୍ଗର ହୋଇଥିବା ବେଳେ ସୁନେଲି ରଙ୍ଗର ଷ୍ଟ୍ରାଇଭ୍ ରହିଛି । ଜର୍ସିରେ ଏମ୍ ଅକ୍ଷରର ଲୋଗୋ ରହିଛି । ''ଆମ ଖେଳାଳି ନୀଳ ଓ ସୁନେଲି ଜର୍ସି ପିନ୍ଧି 'ମୁମ୍ବାଇ ମେରି ଜାନ୍' ସ୍ଲୋଗାନ ସହ ପ୍ରଶଂସକ ଏମ୍‌ଆଇ ପଲ୍ଟନର ଆଶା ଆକାଂକ୍ଷା ପୂରଣ କରିବା ଚେଷ୍ଟା କରିବେ'' ବୋଲି ମୁମ୍ବାଇ ଇଣ୍ଡିଆନ୍ସ ଦ୍ୱାରା ଜାରି ବିଜ୍ଞପ୍ତିରେ କୁହାଯାଇଛି । ମୁମ୍ବାଇ ଇଣ୍ଡିଆନ୍ସ ନିଜର ପ୍ରଥମ ମ୍ୟାଚ୍ ମାର୍ଚ୍ଚ ୨୪ରେ ଅହମଦାବାଦରେ ଗୁଜରାଟ ଜାଏଣ୍ଟସ୍ ସହ ଖେଳି ଅଭିଯାନ ଆରମ୍ଭ କରିବ ।

SALE SALE SALE

Flex Printing Machine (10 feet)
As on Where Basis.
Company Name:
"MONOTECH"
Systems PVT.LTD.
For Contact : 8917518606

ଜାତୀୟ ମିନିଗଲ୍ଫ

ପୁରୁଷ ଓ ମହିଳା ବର୍ଗରେ ଓଡ଼ିଶାକୁ ସ୍ୱର୍ଣ୍ଣ

ଭୁବନେଶ୍ୱର, ୮।୩ (ସବ୍ୟୁ) : ନାଗପୁରଠାରେ ଅନୁଷ୍ଠିତ ନବମ ଜାତୀୟ ମିନିଗଲ୍ଫ ପ୍ରତିଯୋଗିତାରେ ଓଡ଼ିଶା ଉଭୟ ପୁରୁଷ ଓ ମହିଳା ବର୍ଗରେ ସ୍ୱର୍ଣ୍ଣ ପଦକ ହାସଲ କରିଛି । ଏଥିସହ ସାମଗ୍ରିକ ଭାବେ ମହିଳା ଦଳ ଦ୍ୱିତୀୟ ସ୍ଥାନ ହାସଲ କରିଥିଲା ବେଳେ ପୁରୁଷ ଦଳ ଚତୁର୍ଥ ସ୍ଥାନ ହାସଲ କରିଛି । ଫଳରେ ପ୍ରତିଯୋଗିତାର ୮ଟି ଶ୍ରେଷ୍ଠ ଦଳ ମଧ୍ୟରେ ରହି ଓଡିଶା ମହିଳା ଓ ପୁରୁଷ ଦଳ ଉତ୍ତରାଖଣ୍ଡରେ ହେବାକୁ ଥିବା ୩୮ତମ ଜାତୀୟ ଖେଳ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବ । ୨୪ଜଣିଆ ଓଡ଼ିଶା ଦଳ ୧୨ସ୍ୱର୍ଣ୍ଣ, ୨ ରୌପ୍ୟ ଓ ୮ଟି କାଂସ୍ୟ ପଦକ ହାସଲ କରିଛି । ଦଳଗତ ପ୍ରତିଯୋଗିତାରେ ପୁରୁଷ ଦଳର ରିତ୍ୱିକ ଆନନ୍ଦ ମିଶ୍ର, ଯାଶରାୟ ପଟ୍ଟନାୟକ, ବୀନିତ ଦାସ, ସୌଭାଗ୍ୟ ଶରଣ, ଅଭିନବ ମହାନ୍ତି ଓ ରୋମିତ



ରୋଶନ ପ୍ରଧାନ ଏବଂ ମହିଳା ଦଳର ଅମ୍ରିତା ଦାସ, ଆଦ୍ୟାଶା ମିଶ୍ର, ପ୍ରିୟଦର୍ଶିନୀ ପ୍ରଧାନ, ସୌମ୍ୟାଶ୍ରୀ ରଥ, ଆସ୍ଥା ପଟ୍ଟନାୟକ ଓ ସୌନ୍ଦର୍ଯ୍ୟା ସ୍ୱାଇଁ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି । ସେହିପରି ମହିଳା ବ୍ୟକ୍ତିଗତ ପ୍ରତିଯୋଗିତାରେ ସ୍ମୃତିରେଖା ସ୍ୱାଇଁ ଓ ପୁରୁଷ ବର୍ଗରେ ରୋମିତ ରୋଶନ ପ୍ରଧାନ ରାଶନ ପ୍ରଧାନ କାଂସ୍ୟ ପଦକ ହାସଲ କରିଥିଲା ବେଳେ ମିକ୍ସଡ ଡବଲ୍ସରେ ବିକାଶ ଚନ୍ଦ୍ର ପଟ୍ଟନାୟକ ଓ ଅଭିପ୍ସା ପଣ୍ଡା ରୌପ୍ୟ ଜିତିଛନ୍ତି । ଷ୍ଟ୍ରୋକ ଇଭେଣ୍ଟରେ ମହିଳା ଦଳର ପାୟଲ ପଟ୍ଟନାୟକ, ନୂପୁର ପଟ୍ଟନାୟକ, ଅଭିପ୍ସା ପଣ୍ଡା, ଆନିକା ପଟ୍ଟନାୟକ, ଲତା ସମର୍ଥା ଓ ପ୍ରିୟଦର୍ଶନୀ ପ୍ରଧାନ କାଂସ୍ୟ ପଦକ ହାସଲ କରିଛନ୍ତି । ଦଳର ଏହି ସଫଳତାରେ ଓଡ଼ିଶା ମିନିଗଲ୍ଫ ଆସୋସିଏସନର ସଭାପତି ସତ୍ୟବ୍ରତ ମାନକେତନ, ଉପସଭାପତି ପ୍ରସେନଜିତ ପତି, ସାଧାରଣ ସମ୍ପାଦକ ବିକାଶ ଚନ୍ଦ୍ର ପଟ୍ଟନାୟକ ଓ ଯୁଗ୍ମ ସମ୍ପାଦକ ପ୍ରଦ୍ୟୁମ୍ନ ବେହେରା ଶୁଭେଚ୍ଛା ଜଣାଇଛନ୍ତି । ମିନିଗଲ୍ଫ ଫେଡେରେସନ ଅଫ ଇଣ୍ଡିଆ ପକ୍ଷରୁ ଆସନ୍ତା ମେ ମାସରେ ମଧ୍ୟପ୍ରଦେଶରେ ହେବାକୁ ଥିବା ଜୁନିୟର ଓ ସବଜୁନିୟର ପ୍ରତିଯୋଗିତାରେ ଓଡ଼ିଶା ଅଂଶଗ୍ରହଣ କରିବ ବୋଲି ସମ୍ପାଦକ ଶ୍ରୀ ପଟ୍ଟନାୟକ ସୂଚନା ଦେଇଛନ୍ତି ।

ରାଜ୍ୟସ୍ତରୀୟ ଡିଫାକପ ଫୁଟବଲ ଭଦ୍ରକ ସେମିରେ

ଧର୍ମଶାଳା, ୮।୩ (ସବ୍ୟୁ) : ଧର୍ମଶାଳା ଫୁଟବଲ ଆସୋସିଏସନ ଓ ରଞ୍ଜିତ ସ୍ୱାଇଁ ମେମୋରିଆଲ ଟ୍ରଷ୍ଟ ପକ୍ଷରୁ ଚାଲିଥିବା ୨୬ତମ ରାଜ୍ୟସ୍ତରୀୟ ଡିଫା କପ ଫୁଟବଲ ଟୁର୍ଣ୍ଣାମେଣ୍ଟରେ ଆଜି ଏଫସି କଳିଙ୍ଗନଗରକୁ ୨/୧ ଗୋଲରେ ପରାସ୍ତ କରି ଭଦ୍ରକ ସେମିଫାଇନାଲରେ ପ୍ରବେଶ କରିଛି । ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ଦିବସ ମ୍ୟାଚର ପ୍ରଥମାର୍ଦ୍ଧରେ ୟୁନାଇଟେଡ କ୍ଲବ ଭଦ୍ରକର ବାମଦେବ ଟୁଡୁ ପ୍ରଥମାର୍ଦ୍ଧରେ ଗୋଟିଏ ଗୋଲ ସ୍କୋର କରିଥିଲେ । ମ୍ୟାଚର ଦ୍ୱିତୀୟାର୍ଦ୍ଧରେ ଭଦ୍ରକର ପପୁ ବେସ୍ରା ଗୋଟିଏ ଗୋଲ ଦେଇଥିବା ବେଳେ କଳିଙ୍ଗନଗରର ବିନ ସଏ ଗୋଟିଏ ଗୋଲ ଦେଇଥିଲେ । ୟୁନାଇଟେଡ କ୍ଲବ ଭଦ୍ରକର ବାମଦେବ ଟୁଡୁଙ୍କୁ ମ୍ୟାନଅଫ ଦି ମ୍ୟାଚ ଓ ପପୁ ବେସ୍ରାଙ୍କୁ ବେଷ୍ଟ ସ୍କୋରର ଭାବେ ପୁରସ୍କୃତ କରାଯାଇଥିଲା । ଆଜିର ମ୍ୟାଚରେ ଅତିଥି ଭାବେ ଇତିଶ୍ରୀ ବେହେରା ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ । ଆଜିର ଖେଳକୁ ପ୍ରବୋଧ କୁମାର ପାତ୍ର ପରିଚାଳନା କରିଥିବା ବେଳେ ସେକ ସଲିମ ଅହମ୍ମଦ ଓ ଚିତରଞ୍ଜନ ଜେନା ଲାଇନରେ ସହାୟତା କରିଥିଲେ । ଆସନ୍ତାକାଲିର ମ୍ୟାଚ ଆୟୋଜକ ଡିଫା ଧର୍ମଶାଳା ଓ ନେତାଜୀ କ୍ଲବ ରାଜକନିକା ମଧ୍ୟରେ ଅନୁଷ୍ଠିତ ହେବ ବୋଲି ଆୟୋଜକ ଡିଫାର ସଭାପତି ପ୍ରମୋଦ କୁମାର ଦାସ ସୂଚନା ଦେଇଛନ୍ତି ।

ଆଇପିଏଲ୍ ପରେ କାର୍ତ୍ତିକଙ୍କ ଅବସର

ନୂଆଦିଲ୍ଲୀ, ୮।୩ (ଏଜେନ୍ସି) : ଭାରତୀୟ ୱିକେଟରକ୍ଷକ ବ୍ୟାଟର୍ ଦୀନେଶ କାର୍ତ୍ତିକ ୨୦୨୪ ଆଇପିଏଲ୍ ପରେ ଅବସର ନେବାର ଯୋଜନା କରିଛନ୍ତି । ମାର୍ଚ୍ଚ ୨୨ରେ ଏହି ଧନୀ ଲିଗ୍ ଆରମ୍ଭ ହେଉଥିଲା ବେଳେ ଏହା ଶେଷ ପରେ ହିଁ ସେ ଅନ୍ତର୍ଜାତୀୟ କ୍ରିକେଟରୁ ଅବସର ଘୋଷଣା କରିବେ । ୩୮ ବର୍ଷୀୟ କାର୍ତ୍ତିକ ସଂପ୍ରତି ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ଦଳରେ ରହିଛନ୍ତି । ୨୦୦୮ରୁ ଏପର୍ଯ୍ୟନ୍ତ ସେ ୧୬ ସଂସ୍କରଣ ଖେଳିଥିଲା ବେଳେ ଏହା ମଧ୍ୟରେ କେବଳ ୨ଟି ମ୍ୟାଚରେ ଖେଳିପାରି ନାହାନ୍ତି । ସବୁଠୁ ଅଭିଜ୍ଞ ୱିକେଟରକ୍ଷକ ବ୍ୟାଟର୍ କାର୍ତ୍ତିକ ଆଇପିଏଲରେ ୬ଟି ଫ୍ରାଞ୍ଚାଇଜକୁ ପ୍ରତିନିଧିତ୍ୱ କରିଛନ୍ତି ।

ଆଇପିଏଲ୍ ପ୍ରଦର୍ଶନ ବଳରେ ସେ ୨୦୨୨ ଟ୍ୱେଣ୍ଟି-୨୦ ବିଶ୍ୱକପ୍ ଭାରତୀୟ ଦଳରେ ସ୍ଥାନ ପାଇଥିଲେ । ୨୦୦୪ରେ ଅଷ୍ଟ୍ରେଲିଆ ବିପକ୍ଷରେ ଟେଷ୍ଟ ପଦାର୍ପଣ କରିଥିବା କାର୍ତ୍ତିକ ମୋଟ ୨୬ ମ୍ୟାଚ୍ ଖେଳି ୧୦୨୫ ରନ୍ କରିବା ସହ ୫୭ କ୍ୟାଚ୍ ଓ ୬ ଷ୍ଟମ୍ପିଂ କରିଛନ୍ତି । ସେ ଶେଷ ଟେଷ୍ଟ ୨୦୧୮ରେ ଖେଳିଥିଲେ । ଦିନିକିଆରେ ସେ ୯୪ ମ୍ୟାଚ୍ ଖେଳି ୧୭୫୨ ରନ୍ କରିଥିବା ବେଳେ ୬୪ କ୍ୟାଚ୍ ଓ ୭ ଷ୍ଟମ୍ପିଂ କରିଛନ୍ତି । ୨୦୦୬ରେ ବାଂଲାଦେଶ ବିପକ୍ଷରେ ଟ୍ୱେଣ୍ଟି-୨୦ ପଦାର୍ପଣ କରିଥିବା କାର୍ତ୍ତିକ ୨୦୨୨ରେ ଶେଷ ମ୍ୟାଚ୍ ଖେଳିଥିଲେ । ସେ ଏହି ଫର୍ମାଟରେ ୬୦ ଟେଷ୍ଟ ଖେଳି ୬୮୬ ରନ୍ ଏବଂ ୩୦ କ୍ୟାଚ୍ ନେବାସହ ୮ ଷ୍ଟମ୍ପିଂ କରିଛନ୍ତି ।

ଚର୍ଚ୍ଚାରେ ଦେବେନ୍ଦ୍ରଙ୍କ ଦ୍ୱିତୀୟ ପାଳି

ନୂଆଦିଲ୍ଲୀ, ୮।୩ (ଏଜେନ୍ସି) : କିମ୍ବଦନ୍ତୀ ପାରାଆଥଲେଟ୍ ଦେବେନ୍ଦ୍ର ଝାଝରିଆ ରାଜନୈତିକ ଜୀବନ ଆରମ୍ଭ କରିବାକୁ ଯାଉଛନ୍ତି । ଆଗାମୀ ସାଧାରଣ ନିର୍ବାଚନରେ ସେ ବିଜେପି ଟିକେଟରେ ରାଜସ୍ଥାନର ଚୁରୁ ଲୋକସଭା ଆସନରୁ ଲିଢେ । ବିଜେପି ପ୍ରଥମ ପର୍ଯ୍ୟାୟରେ ଘୋଷଣା କରିଥିବା ୧୯୫ଜଣ ପ୍ରାର୍ଥୀ ତାଲିକାରେ ପଦ୍ମଭୂଷଣ, ଦୁଇ ଥର ପାରାଲିମ୍ପିକ୍ସ ସ୍ୱର୍ଣ୍ଣ ପଦକ ଏବଂ ଥରେ ରୌପ୍ୟ ପଦକ ବିଜେତା ୪୨ ବର୍ଷୀୟ ଝାଝରିଆ ସ୍ଥାନ ପାଇବା ତାଙ୍କ ପ୍ରଶଂସକଙ୍କୁ ଉତ୍ସାହିତ କରିଛି । ସେ ମଧ ବେଶ୍ ଖୁସି ଅଛନ୍ତି ।



ବିଜେପି ମୋତେ ଟିକେଟ୍ ଦେବ ବୋଲି କେବେବି ସ୍ୱପ୍ନରେ ଭାବି ନଥିଲି । ଏହି ନିଷ୍ପତ୍ତି ପାରାଆଥଲେଟ୍ ଓ ଆଥଲେଟିକ୍ସ ପାଇଁ ଶୁଭସଙ୍କେତ ବୋଲି ଝାଝରିଆ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି । ଖାଲି ସେତିକି ନୁହେଁ ସେ ମଧ ଭାରତୀୟ ପାରାଲିମ୍ପିକ୍ସ ପରିଷଦ (ପିସିଆଇ)ର ସଭାପତି ପଦ ପାଇଁ ନିର୍ବାଚନ ଲଢ଼ିବାକୁ ଯାଉଥିବା ସଙ୍କେତ ଦେଇଛନ୍ତି । ଏଥିରେ ବିଜୟୀ ହେଲେ ଦୀପା ମଲ୍ଲିକଙ୍କ ସ୍ଥାନ ନେବେ ସେ ।

ସୂଚନାଯୋଗ୍ୟ ଯେ ୨୦୧୩ ବିଶ୍ୱ ପାରାଚାମ୍ପିଅନସିପର ପୁରୁଷ ଜାଭଲିନରେ ସ୍ୱର୍ଣ୍ଣ ଜିତିବା ସହ ୨୦୧୫ରେ ରେପ ପଦକ ପାଇଥିଲେ । ସେହିଭଳି ୨୦୦୪ ଏଥେନ୍ସ ଅଲିମ୍ପିକ୍ସ, ୨୦୧୬ ରିଓ ଅଲିମ୍ପିକ୍ସରେ ସ୍ୱର୍ଣ୍ଣ ପଦକ ଜିତିଥିଲେ । ୨୦୦୪ରେ ଅର୍ଜୁନ ପୁରସ୍କାର, ୨୦୧୨ରେ ପ୍ରଥମ ପାରା ଖେଳାଳି ଭାବେ ପଦ୍ମଶ୍ରୀ ପୁରସ୍କାର, ୨୦୧୭ରେ ଦେଶର ସର୍ବୋଚ୍ଚ ଖେଳ ପୁରସ୍କାର ମେଜର ଧ୍ୟାନଚାନ୍ଦ ଖେଳରତ୍ନ ପୁରସ୍କାର ଏବଂ ୨୦୨୨ରେ ପଦ୍ମଭୂଷଣ ପୁରସ୍କାର ପାଇଥିଲେ । ମାତ୍ର ୮ବର୍ଷ ବୟସରେ ଗୋଟିଏ ହାତ ହରାଇଥିବା ଝାଝରିଆ ଅକ୍ଷମରୁ ସକ୍ଷମ ହେବାର ପ୍ରେରଣାଦାୟୀ କାହାଣୀ ଭୋଟରଙ୍କୁ ଆକର୍ଷିତ କରିବ ବୋଲି ରାଜନୈତିକ ପଣ୍ଡିତମାନେ ଭବିଷ୍ୟବାଣୀ କରିଛନ୍ତି ।

ସୂଚନା

ସମୟ
BHIM
BHARAT INTERFACE FOR MONEY
SCAN & PAY
ASHIRBAD PRAKASHAN PVT.LTD.

ଦୈନିକ ଖବରକାଗଜ ସମୟରେ କ୍ଲାସିଫାଏଡ୍ / ଶ୍ରଦ୍ଧାଞ୍ଜଳି ବିଜ୍ଞାପନ ଦେବାକୁ ଚାହୁଁଥିବା ଇଚ୍ଛୁକ ବ୍ୟକ୍ତି ଉପରୋକ୍ତ କ୍ୟୁଆର୍ କୋଡ୍ ସ୍କାନ କରି ଦେୟ ପୈଠ କରିପାରିବେ । ଫୋନ୍ ପେ, ପେଟିଏମ୍, ଗୁଗୁଲ ପେ, ଭାରତ ପେ ଇତ୍ୟାଦିରେ ଦେୟ ପୈଠ କରି ଦେୟ ରସିଦ୍‌କୁ ବିଜ୍ଞାପନ ସହ ୭୯୭୮୫୩୩୧୭୪ / ଇମେଲ:classifiedsamaya@gmail.com ରେ ପଠାଇ ପାରିବେ । ଅଧିକ ସୂଚନା ପାଇଁ ୭୯୭୮୫୩୩୧୭୪ରେ ଯୋଗାଯୋଗ କରନ୍ତୁ ।

Printed & Published by Patitapaban Mohapatra for Ashirbad Prakashan Pvt. Ltd. at its Press at Plot- 44 & 54, Sec.-A, Zone-D, M.I.Estate, Po.:Rasulgarh, Bhubaneswar -10. PBX-0674-7117711, News/Fax-2585740,2586665,
TEL: 2585602, 0674-7117713, Advertisement : 0674-7117734 / 37, Circulation: 0674- 2583867, 7117718,

ନବଉତ୍କଳ ମହିଳା ସମିତି ପକ୍ଷରୁ ଗଣବିବାହ

ବ୍ୟାସନଗର,(ଜିପ୍ର): ଅନ୍ତର୍ଜାତୀୟ ମହିଳା ଦିବସ ପରିପ୍ରେକ୍ଷୀରେ ସାରା ବିଶ୍ୱ ମହିଳା ଦିବସ ପାଳନ କରୁଥିବା ବେଳେ ଯାଜପୁର ଜିଲାର ଅଗ୍ରଣୀ ମହିଳା ସଂଗଠନ ନବଉତ୍କଳ ମହିଳା ସମିତି ପ୍ରତ୍ୟେକ ବର୍ଷ ପରି ଏବର୍ଷ ମଧ ଏକତ୍ରିତ କରି ଗଣ ବିବାହ କରୁଛୁ । ଏହି ଗଣ ବିବାହରେ ଛତ୍ରକଣାର ବର ମାଧବ ପାତ୍ର କନ୍ୟା ରାବଣାର ସବିତା ପାତ୍ର, ବରଡ଼ିର ବର ଅମର ଦାସ କନ୍ୟା କୋଣାର୍କର ରେବତୀ ଦାସ, ଖଣ୍ଡିତରର ବର ଜଗବନ୍ଧୁ ମଲ୍ଲିକ ବେଣୁପୁର କନ୍ୟା ରୀତି ରେ ବିବାହ କରାଇଥିଲେ । ଏହି ଗଣ ବିବାହ କାର୍ଯ୍ୟକ୍ରମରେ ନବଉତ୍କଳ ମହିଳା ସମିତିର ଉପଦେଷ୍ଟା ଶାନ୍ତିଲତା ମାଝୀ, ସଭାନେତ୍ରୀ ଅମୂଲୀ ପହି, ସମ୍ପାଦିକା ଜୟନ୍ତୀ ଜେନାଙ୍କ ସମେତ ଯେମାମଣି କଅଁର, ରେଣୁବାଳା

୭ଯୋଡ଼ା ବର-କନ୍ୟାଙ୍କୁ ନେଇ ଗଣ ବିବାହ କରାଇଛି । ବ୍ୟାସନଗରସ୍ଥିତ ପାଦୁକା ଆଶ୍ରମ ଠାରେ ନବଉତ୍କଳ ମହିଳା ସମିତିର ସମ୍ପାଦିକା ଜୟନ୍ତୀ ଜେନା କହିଲେ କି ରାଜ୍ୟରେ ମହିଳା ମାନଙ୍କ ପ୍ରଗତି, ସ୍ୱାବଲମ୍ବୀ, ମହିଳା ସଶକ୍ତୀକରଣ,ମହିଳା ମାନଙ୍କ ଅଧିକାର,ମହିଳା ମାନଙ୍କୁ ସୁରକ୍ଷା ଦେବାରେ ସରକାର ବିଫଳ ହୋଇଥିବା ବେଳେ ଆମ ସମିତି ବୈଦିକ ରୀତିରେ ପୁଅ ଝିଅ ବିବାହ କରି ନପାରୁଥିବା ଗରିବ ଲୋକ ମାନଙ୍କ ପୁଅ ଝିଅଙ୍କୁ ମେନକା ମଲ୍ଲିକ, ଖଣ୍ଡାହତାର ବର କେଶବ ମଲ୍ଲିକ ମୁଣ୍ଡମାଳ ରଶ୍ମି ମଲ୍ଲିକ, ତେଲିବାହାଳୀର ବର ଅନାମ ସାହୁ କନ୍ୟା ଶାନ୍ତି ପ୍ରଧାନ ନିହାଲପ୍ରସାଦ,ସୋଲପଟା ବର ଦୀପକ ଯେନା, କନ୍ୟା ଟିକି ମଲ୍ଲିକ ବନ୍ଧାଳ, ହୁଡ଼ିସାହିର ବର ରାଜୁ ଓଝା କନ୍ୟା ଗୀତ ମଣ୍ଡଳଙ୍କ ସହିତ ବୈଦିକ ରୀତିରେ ବିବାହ ସମ୍ପର୍ଣ୍ଣ ହୋଇଯାଇଛି । ବିବାହ କାର୍ଯ୍ୟକ୍ରମରେ ବରଯାତ୍ରୀ, ବାଜା ଯୋଡିମହୁରିସହିତ ବ୍ରାହ୍ମଣ ହରେକୃଷ୍ଣ କର ଓ ବାରିକ ଲକ୍ଷ୍ମୀଧର ବାରିକ ବୈଦିକ ପ୍ରଧାନ, ମମତା ବର୍ଦ୍ଧନ, ଦୀପ୍ତି ପଣ୍ଡା, ସୁଜାତା ବାରିକ, କବିତା ପାତ୍ର, ପୁଷ୍ପଲତା ମଲ୍ଲିକ, ରୀନା ସ୍ୱାଇଁ, ଜାନକୀ ସିଂ, କଞ୍ଜାଳି ମଲ୍ଲିକ, ସ୍ୱପ୍ନା ରାଣୀ ସିଂ,ମାନସୀ ମଲ୍ଲିକ, ଗୀତାରାଣୀ ନାୟକ,ବିନୀଲତା ଶତପଥୀ, ପ୍ରଭାତୀ ପରିଡା, ସୁଜାତା ପରିଡା, ସୁନିତା ଦାସ, ନେତ୍ରମଣୀ ମାରାଣ୍ଡି, ଅପର୍ଣ୍ଣା ବାରି, ମମତା ମଲ୍ଲିକ, ଲତା ଯେନା, ସଞ୍ଜୁଲତା ଦାସ ଲକ୍ଷ୍ମୀପ୍ରିୟା ଯେନା, ସଞ୍ଜୁଲତା ଯେନା, ସରସ୍ୱତୀ ମଲ୍ଲିକ ପ୍ରମୁଖ ଅଂଶ ଗ୍ରହଣ କରିଥିଲେ ।

ଅଙ୍ଗନୱାଡି କେନ୍ଦ୍ରକୁ ଗଛ ବିପଦ

ଡେରାବିଶ,(ସବ୍ୟୁ):ଡେରାବିଶ ବ୍ଲକ ଚାନ୍ଦୋଳ ପଂଚାୟତ ଅନ୍ତର୍ଗତ ନରଣପଡା ଅଙ୍ଗୱାଡିକେନ୍ଦ୍ରକୁ ଲାଗି ଏକ ବଡ ଚାକୁଣ୍ଡାଗଛ ବିପଦ ସୃଷ୍ଟି କରୁଥିବାରୁ ଅଂଚଳବାସୀଙ୍କ ମଧ୍ୟରେ ତିବ୍ର ଅସନ୍ତୋଷ ଦେଖାଦେଇଛି । ଏହି ଅଙ୍ଗନୱାଡିକେନ୍ଦ୍ରରେ ୩୦ ଉର୍ଦ୍ଧ୍ୱ କୁନିକୁନି ଛାତ୍ରଛାତ୍ରୀ ଅଧ୍ୟୟନ କରିଥାନ୍ତି । ମାତ୍ର ଗୃହକୁ ଲାଗିରହିଥିବା ଏହି ଚାକୁଣ୍ଡାଗଛ ଯୋଗୁ ଗୃହର ବିଭିନ୍ନ ସ୍ଥାନ ଫାଟିଯାଇଥିବା ବେଳେ ଅନେକ ସମୟରେ ଗଛରୁ ଶୁଖିଲା ଡାଳ ଭାଙ୍ଗି ଛାତ୍ରଛାତ୍ରୀଙ୍କ ନିକଟରେ ପଡିଥିବାର ନଜିର ରହିଛି । ଭବିଷ୍ୟତରେ ଏହି ଗଛ ଘରକୁ ବିପଦ ସୃଷ୍ଟି କରୁଥିବାରୁ ଏହାକୁ କାଟିବା ପାଇଁ ଗ୍ରାମବାସୀମାନେ ବହୁବାର ସ୍ଥାନୀୟ ରାଜସ୍ୱ ନିରୀକ୍ଷକଙ୍କୁ ଜଣାଇଥିଲେ ମଧ କିଛି ସୁଫଳ ମିଳିନାହିଁ । ଫଳରେ ଅଙ୍ଗନୱାଡିକେନ୍ଦ୍ରକୁ ନିଜପିଲାମାନଙ୍କୁ ପଠାଇବା ପାଇଁ ଅଭିଭାବକମାନେ ସୁରକ୍ଷିତ ମଣୁନାହାଁନ୍ତି । ଫଳରେ ସରକାରଙ୍କ ଶିଶୁବିକାଶ ଯୋଜନା ବାଧାପ୍ରାପ୍ତ ହେଉଥିବା ବେଳେ ଏଥିପ୍ରତି ଉଚ୍ଚକର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଗ୍ରାମବାସୀଙ୍କ ପକ୍ଷରୁ ପ୍ରଭାତ କୁମାର ଦାଶ, ଡମ୍ବରୁଧର ବେହେରା, ଜିତେନ୍ଦ୍ର ବେହେରା ପ୍ରମୁଖ ଦାବୀ କରିଛନ୍ତି

ଭାଇ ଆଗରୁ ଭାଇକୁ ଟାଣିନେଲା କୁମ୍ଭୀର

ପରିବା ଫସଲରେ ପାଣି ଦେବାକୁ ନାଳରୁ ଆଣୁଥିଲେ ପାଣି

ରାଜନଗର ,(ସବ୍ୟୁ) :ରାଜନଗର ବ୍ଲକ ଚାନ୍ଦିବାଉଁଶମୂଳ ଗ୍ରାମପଞ୍ଚାୟତ ଦକ୍ଷିଣଭେଡା ଗାଁ ରେ ଆଜି ଏକ ଅଭାବନୀୟ ଘଟଣା ଘଟିଛି । ଖରାଦିନିଆ ପନି ପରିବା ଫସଲ ରେ ପାଣି ଦେବାକୁ ଯାଇଥିବା ଦୁଇ ଭାଇ ବ୍ରାହ୍ମଣୀ ନଦୀକୁ ସଂଯୋଗ କରୁଥିବା ଦକ୍ଷିଣ ଭେଡା ଦେଉଳାମୁହଁ କେନାଲ ରୁ ପାଣି ଆଣି ଫସଲରେ ଦେଉଥିଲେ । ନାଳରୁ ପାଣି ଆଣିବା ପାଇଁ ଗରା ବୁଡାଇବା କ୍ଷଣି ପୂର୍ବରୁ ଜଗି ରହିଥିବା ମଣିଷ ଖିଆ କୁମ୍ଭୀର ହଟାତ ଝାମ୍ପ ମାରି ସାନ ଭାଇକୁ କେନାଲ ମଧ୍ୟକୁ ଟାଣି ନେଇଥିଲା । ଭାଇ କୁମ୍ଭୀର ନେଇଗଲା ବୋଲି ଚିତ୍କାର ଶୁଣି ବଡ ଭାଇ ନାଳ ନିକଟକୁ ଯିବା ଭିତରେ କୁମ୍ଭୀର ନାଳ ମଝିକୁ ଟାଣି ନେଇ ସାରିଥିଲା । କୁମ୍ଭୀରକୁ ଟେକା ଫୋପାଡିବା ସହ ଡିଙ୍ଗି ଦ୍ୱାରା ଗୋଡାଇବା ବେଳକୁ କୁମ୍ଭୀର ନିମାଇଁଙ୍କୁ ନାଳ ଭିତରେ କେଉଁଠି ଲୁଚାଇ ଦେଇଥିଲା ।

ରାଜନଗର ବ୍ଲକ ଚାନ୍ଦିବାଉଁଶମୂଳ ପଂଚାୟତ ଦକ୍ଷିଣଭେଡା ଗାଁର ନିମାଇଁ ମଲିକ (୩୭ବର୍ଷ) ଓ ତାଙ୍କ ବଡ ଭାଇ ନିର୍ମଳ ଘର ଠାରୁ ୨୦୦ ମିଟର ଦୂରରେ ଖରା ଦିନିଆ ପରିବା ଚାଷ କରିଥିଲେ । ଲଙ୍କା ଠାରୁ ଆରମ୍ଭ କରି ପୋଇ , ଭେଣ୍ଡି , କଖାରୁ , ମକା , ବାଇଗଣ ଆଦି ପରିବା ଚାଷ କରିଛନ୍ତି । ବ୍ରାହ୍ମଣୀ ନଦୀ ଓ ନଦୀରୁ ବାହାରିଥିବା କେନାଲ ମଝିରେ ଥିବା ଜମିରେ ଦୁଇ ଭାଇ ପରିବା ଚାଷ କରିଛନ୍ତି । ଆଜି ଗୋଟିଏ ପଟରେ ବଡ ଭାଇ ନିର୍ମଳ ପାଣି ଦେଉଥିବା ବେଳେ ଅନ୍ୟ ପଟରେ ସାନ ଭାଇ ନିମାଇଁ ଫସଲରେ ପାଣି ଦେଉଥିଲେ । ନିମାଇଁ ଗୋଟିଏ ଗରା ପାଣି ଆଣି ବାଇଗଣ ଗଛରେ ଦେଇସାରିବା ପରେ ଆଉ ଥରେ ପାଣି ପାଇଁ ଯାଇଥିଲେ । ପାଣି ଆଣିବା ପାଇଁ କେନାଲ ଭିତରେ ଗରା ବୁଡାଇବା କ୍ଷଣି ଛକି ରହିଥିବା ମଣିଷ ଖିଆ କୁମ୍ଭୀର ହଟାତ ନିମାଇଁଙ୍କ ଉପରକୁ ଝାମ୍ପ ମାରିଥିଲା । କୁମ୍ଭୀର ଝାମ୍ପ ମାରିବା ପରେ ଭାଇ କୁମ୍ଭୀର ନେଇଗଲା ବୋଲି ଦୁଇଥର ଡାକ ଛାଡିଥିଲେ ପାଣି ଦେଉଥିବା ବଡ ଭାଇ ନିର୍ମଳ ଓ ସମ୍ପର୍କୀୟ ଭାଉଜ ପୁଷ୍ପ ମଳିକ ସେଠାରେ ପହଞ୍ଚିବା ବେଳକୁ କୁମ୍ଭୀର ନିମାଇଁଙ୍କୁ ନାଳ ମଝିକୁ ନେଇ ସାରିଥିଲା । । ଡିଙ୍ଗି ଯୋଗେ କୁମ୍ଭୀର କବଳରୁ ନିମାଇଁଙ୍କୁ ଉଦ୍ଧାର ପାଇଁ ଚେଷ୍ଟା କରିଥିଲେ କୁମ୍ଭୀର ନିମାଇଁଙ୍କୁ ପାଣି ଭିତରେ କେଉଁଠି ଲୁଚାଇ ଦେଇ କୁମ୍ଭୀର ନାଳରୁ ବାହାରି ନଦୀ ମଧ୍ୟକୁ ଚାଲିଯାଇଥିଲା । ସ୍ଥାନୀୟ ଲୋକଙ୍କ ସହିତ ବନ ବିଭାଗ ଟିମ ପହଞ୍ଚି ବୋଟ ମାଧ୍ୟମରେ ଖୋଜାଖୋଜି ପରେ ଦିନ ପ୍ରାୟ ୨ ଟା ବେଳେ ନିମାଇଁଙ୍କ ମୃତ ଦେହ ନାଳ ଭିତରୁ ମିଳିଥିଲା । ନିମାଇଁଙ୍କ ଦୁଇ ହାତରେ କୁମ୍ଭୀର କାମୁଡି ଥିବା କ୍ଷତ ଚିହ୍ନ ରହିଛି । ରାଜନଗର ଅଞ୍ଚଳରେ କୁମ୍ଭୀର ଆତଙ୍କ ଉଦବେଗଜନକ ସ୍ଥିତି ସୃଷ୍ଟି କରିଛି । ଏହି ପଞ୍ଚାୟତରେ ଗତ ଦୁଇ ବର୍ଷ ମଧ୍ୟରେ କୁମ୍ଭୀର ଆଁ ରେ ତିନି ଜଣଙ୍କ ପ୍ରାଣ ଯାଇଛି ।ମୃତ ନିମାଇଁ ଙ୍କର ତିନି ଝିଅ ଓ ଗୋଟିଏ ୫ବର୍ଷ ପୁଅ ଅଛନ୍ତି । ବନବିଭାଗ ପକ୍ଷରୁ ବ୍ୟାପକ ଭାବରେ ସଚେତନତାର ଆବଶ୍ୟକତା ରହିଛି ବୋଲି ବିଭିନ୍ନ ମହଲରେ ଚର୍ଚ୍ଚା ହେଉଛି । ସରକାରୀ ସହାୟତା ପାଇଁ ସ୍ଥାନୀୟ ସରପଞ୍ଚ ଚିତ୍ତରଞ୍ଜନ ପଣ୍ଡା ସରକାରଙ୍କ ନିକଟରେ ଦାବି କରିଛନ୍ତି ।

ସାଲେପୁର ମହାବିଦ୍ୟାଳୟରେ ନୂଆ 'ଓ' ଛାତ୍ରବୃତ୍ତି

ସାଲେପୁର,(ସବ୍ୟୁ):ସାଲେପୁର ସ୍ୱୟଂଶାସିତ ମହାବିଦ୍ୟାଳୟ ଖେଳ ପଡିଆ ଠାରେ ନୂଆ 'ଓ' ଛାତ୍ରବୃତ୍ତି ପ୍ରମାଣପତ୍ର ବିତରଣ ଉତ୍ସବ ଅଧକ୍ଷା ଡକ୍ଟର ସଂଗୀତା ମିଶ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ ଅତିଥି ରୂପେ ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା ନୂଆ 'ଓ' ଛାତ୍ରବୃତ୍ତିର ଆଭିମୁଖ୍ୟ ସମ୍ପର୍କରେ ଛାତ୍ରଛାତ୍ରୀମାନଙ୍କୁ ଅବଗତ କରାଇଥିଲେ । ସମ୍ମାନିତ ଅତିଥିଭାବରେ ପରିଚାଳନା ସମିତିର ସଭାପତି ମନୋରଞ୍ଜନ ଦାଶ କୌଣସି ଛାତ୍ରଛାତ୍ରୀ ଅର୍ଥାଭାବରୁ ଶିକ୍ଷାରୁ ବଞ୍ଚିତ ହେବେନାହିଁ ବୋଲି ମତବ୍ୟକ୍ତ କରିଥିଲେ । ଡକ୍ଟର ସଂଗୀତା ମିଶ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ପରୀକ୍ଷା ନିୟନ୍ତ୍ରକ ପ୍ରଶାନ୍ତ କୁମାର ଜେନା କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ । ପ୍ରଶାସନିକ ଅଧିକାରୀ ଡକ୍ଟର ପ୍ରଦ୍ୟୁମ୍ନ ଚୌଧୁରୀ ଅତିଥିମାନଙ୍କର ପରିଚୟ ପ୍ରଦାନ କରିଥିଲେ । ଏହି ଅବସରରେ ପରିଚାଳନା ସମିତିର ସଦସ୍ୟ ନବକିଶୋର କର, ଅବତନ ଷଡ଼ଙ୍ଗୀ, ରମାବଲ୍ଲଭ ଷଡ଼ଙ୍ଗୀ, ଜୟଦେବ ଶତପଥୀ, ସମିନ୍ ଅକ୍ତର, ପ୍ରମୁଖ ଯୋଗଦେଇଥିଲେଛ ସାଂସଦଙ୍କ ପ୍ରତିନିଧି ସୟଦ୍ ଗୁଲରେଜ୍ ଅଲ୍ଲୀ, ସମିତି ସଭ୍ୟା ଶ୍ରୀମତୀ ଗୌତମୀ ମଲ୍ଲିକ ପ୍ରମୁଖ ମଞ୍ଚରେ ଉପସ୍ଥିତ ରହି

ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ । ଜୟନ୍ତୀବାଳା ପରିଜା, ଡକ୍ଟର ସୁଶାନ୍ତ କୁମାର ପାଢ଼ୀ, ଡକ୍ଟର ବୈଜୟନ୍ତୀ ନାୟକ, ଡକ୍ଟର ସାରଦା ପ୍ରସାଦ ମହାନ୍ତି, ଡକ୍ଟର ମନୀଷା ତ୍ରିପାଠୀ, କଳିକା ଆଚାର୍ଯ୍ୟ, ଡକ୍ଟର ତୁଷାର କୁମାର ମହାନ୍ତି, ଜୀବନଜ୍ୟୋତି ପଟ୍ଟନାୟକ, କ୍ରୀଡ଼ା ଶିକ୍ଷକ ବସନ୍ତ କୁମାର ଲେଙ୍କା, ଜୟବନ୍ଧନ ଜେନା, ଯଯାତି ଲେଙ୍କା, ସଂଜୟ କୁମାର ନାୟକ ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ଏଥିରେ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ -ଅଧ୍ୟାପିକା, କର୍ମଚାରୀବୃନ୍ଦ ଓ ଛାତ୍ରଛାତ୍ରୀଗଣ ବହୁସଂଖ୍ୟାରେ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରିଥିଲେ । ଏହି କାର୍ଯ୍ୟକ୍ରମର ଅନ୍ତରାଳରେ ରହି ସମସ୍ତ କାର୍ଯ୍ୟକ୍ରମକୁ ସଫଳ କରାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ ସତ୍ୟନାରାୟଣ ପଟ୍ଟନାୟକ । ଶେଷରେ ଡକ୍ଟର ସ୍ୱାତୀ ପଣ୍ଡା ଅର୍ପଣ କରିଥିଲେ ।

ତଲୁରୀରୁ ଚୋରି ବାଇକ ବଡଚଣାରୁ ଉଦ୍ଧାର

ପାଣିକୋଇଲି,(ସବ୍ୟୁ):ପାଣିକୋଇଲି ଥାନା ଅନ୍ତର୍ଗତ ଜହ୍ନା ପଂଚାୟତର ତଲୁରୀ ଗ୍ରାମରୁ ଚୋରି ବାଇକକୁ ପୁଲିସ ସହାୟତାରେ ବଡଚଣାରୁ ଉଦ୍ଧାର କରାଯାଇଛି । ମାତ୍ର ଚୋର ଖସିଯିବାକୁ ସକ୍ଷମ ହୋଇଛି । ପ୍ରକାଶଯେ ପାଣିକୋଇଲି ଥାନା ଅନ୍ତର୍ଗତ ଧନେଶ୍ୱର ନିକଟସ୍ଥ ତଲୁରୀ ମୌଜା ରୟାଲ ଗାର୍ଡେନ କଲୋନୀରୁ ଗତ ୨୭ ତାରିଖ ରାତ୍ରୀରେ ଏକ ବାଇକ ଚୋରି ହେବା ନେଇ ଅଭିଯୋଗ ହୋଇଥିଲା । ତଲୁରୀ ରୟାଲ ଗାର୍ଡେନ କଲୋନୀର ଜିଆଫତ ଅଲ୍ଲୀଙ୍କ ପୁଅ କୁଲିଫିକର ଅଲ୍ଲୀ ତାଙ୍କ ହିରୋ ପ୍ୟାସିଅନ ବାଇକ (ଓଆର ୦୨ଏଏକ୍ସ ୬୭୯୮) ଚୋରି ହେବା ନେଇ ଅଭିଯୋଗ କରିଥିଲେ । ଏନେଇ ଏକ ମାମଲା ୧୧୧/୨୪ ରୁଜ୍ଜୁ କରାଯାଇ ତଦନ୍ତ ଜାରି ରହିଥିଲା । ହେଲେ ଉକ୍ତ ବାଇକଟି ବଡଚଣା ନିକଟରେ ଥିବା ଖବର ପାଇ ଥାନାଧିକାରୀ ଲିଜାରାଣୀ ବିଶ୍ୱାଳଙ୍କ ନିର୍ଦ୍ଦେଶରେ ତଦନ୍ତାଧିକାରୀ ଏଏସଆଇ ସୁଜିତ କୁମାର ମଲ୍ଲିକ ବଡଚଣା ଯାଇ ଉକ୍ତ ବାଇକଟିକୁ ଉଦ୍ଧାର କରିଥିଲେ । ବଡଚଣାରେ ରାସ୍ତା କଡରେ ହୋଣ୍ଡା ସାଇନ ବାଇକ ରଖି ବସିଥିବା ଏକ ବ୍ୟକ୍ତିଙ୍କ ନିକଟରେ ଚୋରି ବାଇକଟି ରଖି ତାର ବାଇକକୁ ନେଇ ଫେରାର ହୋଇଯାଇଥିବା ସୂଚନା ମିଳିଛି ।

ଚନ୍ଦନେଶ୍ୱର ଓ ରାମେଶ୍ୱର ପୀଠରେ ଜାଗର ଯାତ୍ରା

କୁଆଖିଆ ,(ସବ୍ୟୁ):ରସୁଲପୁର ବ୍ଲକ ଅନ୍ତର୍ଗତ ଡିହକୁରାଂଶ ସ୍ଥିତ ପ୍ରଭୁ ଶ୍ରୀ ଶ୍ରୀ ଚନ୍ଦନେଶ୍ୱର ପୀଠରେ ଆଜି ଜାଗର ପର୍ବ ଆଧ୍ୟାତ୍ମିକ ଭାବ ଭଙ୍ଗିରେ ପାଳିତ ହୋଇଛି । ପ୍ରାତଃ ୫ ଘ. ରେ ମଙ୍ଗଳ ଆଳତୀ ୮ ଘଣ୍ଟା. ରେ ସୁନା ବେଶ ୧୧ ଘ. ରେ ରୋପ୍ୟ ବେଶ ୨ ଘଣ୍ଟା. ରେ ରୁଦ୍ରାଣୀ ବେଶ ୫ ଘଣ୍ଟା. ରେ ଠାକୁରଙ୍କ ଯୋଗୀ ବେଶ, ରାତ୍ର ୧୨.୩୦ ଘ. ରେ ହରିହର ମିଳନ ଓ ଶିବ ତାଣ୍ଡବ ପାଠ ରାତ୍ର ୧.୩୦ ଘଣ୍ଟା. ରେ ମହାଦୀପ ଉତ୍ଥାନ ଦେଖିବାକୁ ଭକ୍ତମାନଙ୍କ ମଧ୍ୟରେ ଉତ୍ସୁକତା ଦେଖା ଦେଇଥିଲା । ଚନ୍ଦନେଶ୍ୱର ମନ୍ଦିର ପରିଚାଳନା କମିଟିର କୈଳାସ ଚନ୍ଦ୍ର ରାଉତ, ପ୍ରହଲାଦ ପଣ୍ଡା, ପ୍ରଭାକର ସାହୁ, ଦୈତାରୀ ଜେନା, ପ୍ରଫୁଲ ପଣ୍ଡା, ଅଜୟ ମଲିକ, ବିନୋଦ ବିହାରି ରାଉତ ଓ କମିଟିର ସମସ୍ତ ସଭ୍ୟ ସକାଳୁ ରାତ୍ର ପର୍ଯ୍ୟନ୍ତ ଉପସ୍ଥିତ ରହି ଠାକୁରଙ୍କ ପୂଜାର୍ଚ୍ଚନା ରେ ସହ ଯୋଗ କରିଥିଲେ । ସେହି ପରି ପ୍ରଥମା ଖଣ୍ଡ ରାମେଶ୍ୱର ପୀଠରେ କୁଆଖିଆ ହରପାର୍ବତୀ ମନ୍ଦିରରେ, ମୁଗପାଳ-ଖଇରାବାଦ ସ୍ୱପ୍ନେଶ୍ୱର, ମୁଗପାଳ ମଣୀପୀଠ, ହରିପୁର ଆଖଣ୍ଡଳମଣୀ ଓ ଚଣ୍ଡିପୁର ଶୈବ ପୀଠରେ ଆଜି ସକାଳୁ ଭକ୍ତଙ୍କ ଗହଳୀ ଓ ପୂଜାର୍ଚ୍ଚନା ଲାଗି ରହିଥିଲ

ସରସ୍ୱତୀ ଶିଶୁ ମନ୍ଦିର ନାଳିବରର ବାର୍ଷିକ ଉତ୍ସବ

ଜଗତସିଂହପୁର ,(ସବ୍ୟୁ):ସରସ୍ୱତୀ ଶିଶୁ ମନ୍ଦିର,ନାଳିବର ପକ୍ଷରୁ ୨୫ତମ ବାର୍ଷୀକ ଉତ୍ସବ ବିଦ୍ୟାଳୟ ପରିସରରେ ମହାସମାରୋହରେ ପାଳିତ ହୋଇଯାଇଛି ।ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ବ୍ରଜନାଥ ମିଶ୍ରଙ୍କ ଅଧକ୍ଷତାରେ ଆୟୋଜିତ ଏହି ଉତ୍ସବରେ ସଅଁରା ଗ୍ରାମ ପଞ୍ଚାୟତର ସରପଞ୍ଚ ବିକ୍ରମ କିଶୋର ସ୍ୱାଇଁ ,ମୁଖ୍ୟ ବକ୍ତା ଭାବରେ ବିଶିଷ୍ଟ ସାହିତ୍ୟିକ ତଥା ସମାଜସେବୀ ଅଲେଖ ଚରଣ ବେହେରା,ସମ୍ମାନନୀୟ ଅତିଥୀ ଭାବରେ ସାଁପୁର ଏସବିଆଁର ଶାଖା ପରିଚାଳିକା ଚାନ୍ଦିନୀ ସାହୁ,ବିଦ୍ୟାଳୟ ପରିଚାଳନା ସମିତିର ସଂପାଦକ ପ୍ରହ୍ଲାଦ ଚରଣ ନାୟକ ପ୍ରମୁଖ ଯୋଗ ଦେଇ ଛାତ୍ରଛାତ୍ରୀମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ ।ଏହି ଅବସରରେ ବାର୍ଷୀକ କ୍ରୀଡା ପୁରସ୍କାର ବାଲବର୍ଗ ଚମ୍ପିଆନ ଅଂଶୁମାନ ସାହୁ,ଦୀପଶିଖା ଦାସ ହୋଇଥିବା ବେଳେ ଶିଶୁ ବର୍ଗରେ ରୋମିତ ରାଉତ,ଦେବଶ୍ରୀ ସ୍ୱାଇଁଙ୍କୁ ଅତିଥୀମାନେ ପୁରସ୍କୃତ କରିଥିଲେ ।ସେହିପରି ଶିକ୍ଷା କ୍ଷେତ୍ରରେ ଗତ ବର୍ଷ ଅଷ୍ଟମ ଶ୍ରେଣୀରେ ସର୍ବୋଚ୍ଚ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଥିବା ପୁର୍ଣ୍ଣୀମା ପ୍ରିୟଦର୍ଶୀନୀ ଦାସଙ୍କୁ ସୁଧାକର ମହାନ୍ତି ମେମୋରିଆଲ ମେଧା ଆୱାର୍ଡ ସହିତ ୧୫୦୦ ଟଙ୍କାର ବ୍ୟାଙ୍କ ଚେକ ପ୍ରଦାନ କରାଯାଇଥିଲା ।ଏହି ମେଧାବୃତ୍ତି ପ୍ରଦାନ ସମୟରେ ବିଶିଷ୍ଟ ସମାଜସେବୀ ସୁଧାକର ମହାନ୍ତିଙ୍କର ଦୁଇ ପୁଅ ମନୋଜ ମହାନ୍ତି ଓ ବନୋଜ ମହାନ୍ତି ଉପସ୍ଥିତ ରହିଥିଲେ ।ସେହିପରି ଗତବର୍ଷ ସପ୍ତମ ଶ୍ରେଣୀ ମାତୃଭାଷାରେ ସର୍ବୋଚ୍ଚ ନମ୍ବର ପ୍ରୟାଶୁଂ ସେଠୀଙ୍କୁ ସୁରମା ମେମୋରିଆଲ ମେଧା ଆୱାର୍ଡ ସହିତ ୫୦୦ ଟଙ୍କା ପ୍ରଦାନ କରାଯାଇଥିଲା ।ବିଦ୍ୟାଳୟ ପରିଚାଳନା ସମିତିର ସଭାପତି ବନମାଳୀ ମହାରଣା ଧନ୍ୟବାଦ ଅର୍ପଣ କରିଥିଲେ ।ଏହି ଉତ୍ସବ ବିଦ୍ୟାଳୟର ସମସ୍ତ ଗୁରୁଜୀ,ଗୁରୁମା,ସେବକ,ସେବିକାମାନଙ୍କ ସହଯୋଗରେ ସାଫଲ୍ୟ ମଣ୍ଡିତ ହୋଇଥିଲା ।

ଫକିରାବାଦ ଉର୍ଦ୍ଧ୍ୱ ସ୍କୁଲର ବାର୍ଷିକ ଉତ୍ସବ

କେନ୍ଦ୍ରାପଡ଼ା (ସବ୍ୟୁ): କେନ୍ଦ୍ରାପଡା ପୌରାଂଚଳ ଅ'ର୍ଗତ ଫକିରାବାଦ ଉର୍ଦ୍ଧୁ ଉଚ୍ଚ ପ୍ରାଥମିକ ସ୍କୁଲର ବାର୍ଷିକ ଉତ୍ସବ ଓ ପୁରସ୍କାର ବିତରଣ କାର୍ଯ୍ୟକ୍ରମ ପ୍ରଧାନ ଶିକ୍ଷକ ସେକ ମନସୁର ଅଲ୍ଲୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ବ୍ଲକ ଶିକ୍ଷା ଅଧିକାରୀ କୈଳାସ ଚନ୍ଦ୍ର ଦଳେଇ, କାଉନସିଲର ଫରଜନା ବେଗମଙ୍କ ସମେତ ସମାଜସେବୀ ହିବକୁବୁର ରହେମାନ, ବିଭୁ ପ୍ରସାଦ ନାୟକ, ଭ୍ରମର ରାଉତ, ବଳଦେବ ପ୍ରସାଦ ଜେନା, ୟାସମିନ ସୁଲତାନା, ମିର୍ ସମ୍ମୁ ତବରେଜ, ଗାଙ୍ଗେୟ କୁମାର ବିଶ୍ୱାଳ, ରଶ୍ମିର ରଂଜନ ରାଉତରାୟ ପ୍ରମୁଖ ଯୋଗ ଦେଇଥିବା ବେଳେ ରାଜେନ୍ଦ୍ର ପ୍ରସାଦ ରାଉତ ଅତିଥି ପରିଚୟ ଓ ସଭା ପରିଚାଳନା କରିଥିଲେ । ଏହି କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ବିଭିନ୍ନ ପ୍ରତିଯୋଗିତା ଓ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇ ଥିଲା । ଏଥିରେ ଅଂଶ ଗ୍ରହଣ କରି ଉତୀର୍ଣ୍ଣ ହୋଇଥିବା ଛାତ୍ରଛାତ୍ରୀ ମାନଙ୍କୁ ଅତିଥି ପୁରସ୍କୃତ କରିଥିଲେ ।

ପଞ୍ଚାୟତିରାଜ, ଲୋକସେବା ଦିବସ

ରାଜକନିକା ,(ସବ୍ୟୁ): ରାଜକନିକା ବ୍ଲକ ପଞ୍ଚାୟତ ସମିତି ସଭାଗୃହରେ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକ ଜୟନ୍ତୀ ଓ ଲୋକସେବା ଦିବସ ପାଳିତ ହୋଇଯାଇଛି । ମଣ୍ଡଳ ଉନ୍ନୟନ ଅଧିକାରୀ ପୃଥ୍ୱୀରାଜ ପରିଡ଼ା ଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ ରେ ଅତିଥି ଭାବେ ପଞ୍ଚାୟତ ସମିତି ଅଧକ୍ଷା ମିନତୀ ରାଉତ, ଉପାଧକ୍ଷ ତନ୍ମୟ ରଞ୍ଜନ ଦାସ, ସାଂସଦଙ୍କ ପ୍ରତିନିଧି ପବିତ୍ର ରାଉତ, ବିଧାୟକ ଙ୍କ ପ୍ରତିନିଧି ବିକାଶ ଚନ୍ଦ୍ର ଦାସ, ଜିଲ୍ଲା ପରିଷଦ ସଭ୍ୟା ଅମିତା ସାହୁ ପ୍ରମୁଖ ଯୋଗଦେଇ ମହାନ ଜନନାୟକ ବିଜୁ ବାବୁ ଙ୍କ ଯୁଗାନ୍ତକାରୀ ପଦକ୍ଷେପ, ତାଙ୍କ ଜୀବନୀ ଓ ଲୋକସେବା ସମ୍ପର୍କ ରେ ବର୍ଣ୍ଣନା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସରପଞ୍ଚ ସ୍ୱର୍ଣ୍ଣଲତା ବେହୁରା ଓ ସୀତାରାଣୀ ଦାସ, ସାମ୍ବାଦିକ ଶିବରାମ ଦାସ, ଜିଆରଏସ ସୁବାସ ଚନ୍ଦ୍ର ସାହୁ, ମତ୍ସ୍ୟ ସମ୍ପ୍ରସାରଣ ଅଧିକାରୀ ବାବାଜୀ ଚରଣ ବେହେରା ଆଦି ଏହି କାର୍ଯ୍ୟକ୍ରମ ରେ ଉଦବୋଧନ ଦେଇଥିବାବେଳେ ବ୍ଲକ ସାମାଜିକ ସମୀକ୍ଷକ ସୁବ୍ରତ କୁମାର ସାମଲ ଧନ୍ୟବାଦ ଅର୍ପଣ କରିଥିଲେ । ମିଶନ ଶକ୍ତି ବ୍ଲକ ସଂଯୋଜକ ସୁଶାନ୍ତ କୁମାର ମଲ୍ଲିକ, ବ୍ଲକ ପ୍ରକଳ୍ପ ସଂଯୋଜକ ମୃତ୍ୟୁଞ୍ଜୟ ବୁଦ୍ଧପଦ ଦାସ, ପିଇଓ ରଞ୍ଜିତ ପରିଡ଼ା, ସୁରେନ୍ଦ୍ର ଦାସ ନରହରି କିସ୍କୋ ଓ ଶଶୀକାନ୍ତ ରଣା ଆଦି କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ପଞ୍ଚାୟତ ର ସମସ୍ତ ଜନ ପ୍ରତିନିଧି, ଏମବିକେ ଓ ସିଆରପି ସିଏମ ମାନେ ଉପସ୍ଥିତ ଥିଲେ ।

ମହାବିନାୟକ,ରାମେଶ୍ୱର ଓ ଶିଦ୍ଧେଶ୍ୱର ପୀଠରେ ମହାଶିବରାତ୍ରି

ଚଣ୍ଡିଖୋଲ,(ସବ୍ୟୁ): ରାଜ୍ୟର ପ୍ରସିଦ୍ଧ ଶୈବପୀଠ ଯାଜପୁର ଜିଲ୍ଲାର ମହାବିନାୟକ ଓ ମଧୁପୁର ଇଷ୍ଟେଟ ଚଡେଇଧରା ବେଢା ପର୍ବତ ଶୀଖରର ଆଧାତ୍ମିକ ସ୍ଥଳ ଶିଦ୍ଧେଶ୍ୱର କ୍ଷେତ୍ର ଏବଂ ଜେନାପୁର ଥାନା ଅନ୍ତର୍ଗତ ଗୋଡିପାଟିଆର ରାମେଶ୍ୱର ପୀଠରେ ମହାଶିବରାତ୍ରି ଯାଗରଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ତିନି ପୀଠରେ ଲକ୍ଷାଧିକ ଶ୍ରଦ୍ଧାଳୁ ଉପସ୍ଥିତ ରହି ଯାଗର ଜାଳିଥିଲେ। ମହାବିନାୟକ ପୀଠରେ ୫୦ ହଜାରରୁ ଉର୍ଦ୍ଧ୍ୱ ଶ୍ରଦ୍ଧାଳୁଙ୍କ ଭିଡ ପରିଲକ୍ଷିତ ହୋଇଥିଲା । ଏଠାରେ ବ୍ୟାପକ ଅସ୍ଥାୟୀ ଦୋକାନ ବଜାର ଖୋଲିବା ସହ ପ୍ରଶାସନ ପକ୍ଷରୁ ସମସ୍ତ ଶୃଙ୍ଖଳିତ ବ୍ୟବସ୍ଥା ଗ୍ରହଣ କରାଯାଇଛି । ବଡଚଣା ଥାନା ଅଧିକାରୀ ଶରତଚନ୍ଦ୍ର ପାତ୍ରଙ୍କ ନେତୃତ୍ୱରେ ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ବ୍ୟାପକ ପୋଲିସ ସମଗ୍ର ଅଞ୍ଚଳକୁ ଜଗିରହିଥିଲେ । ଏଠାରେ ପ୍ରତ୍ୟକ୍ଷରୁ ମହାଦେବଙ୍କ ଷୋଡଶ ଉପଚାର ପୂଜା ଓ ମହାସ୍ନାନ ସମ୍ପୂର୍ଣ୍ଣ କରାଯାଇ ସାହାଣ ମେଲା ଦର୍ଶନ ଆରମ୍ଭ ହୋଇଥିଲା !ଦିନ ତମାମ ଶ୍ରଦ୍ଧାଳୁମାନେ ମହାଦେବଙ୍କୁ ଦର୍ଶନ ଓ ପୂଜାର୍ଚ୍ଚନା କରିବାପରେ ସନ୍ଧ୍ୟାରୁ ଯାଗର ଜାଳିଥିଲେ!ସେହିପରି ଶ୍ରୀଗୁରୁ ଆଶ୍ରମ ଶିଦ୍ଧେଶ୍ୱର ପୀଠରେ ବାବା ଜ୍ଞାନାନନ୍ଦ ସରସ୍ୱତୀ ମହାରାଜଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ମହାଦେବ ଶିଦ୍ଧେଶ୍ୱରଙ୍କ ମହାସ୍ନାନ ଓ ସମସ୍ତ ନିତି ସମ୍ପୂର୍ଣ୍ଣ ହେବାପରେ ଭୋର ୫ଟା ଠାରୁ ଶ୍ରଦ୍ଧାଳୁଙ୍କ ସମୂହ ଦର୍ଶନ ଆରମ୍ଭ ହୋଇଥିଲା । ଏଠାରେ ରାତି ୧୧ଟା ବେଳେ ମହାଦୀପ ଉଠିଥିଲା । ସେହିପରି ଗୋଡିପାଟିଆ ରାମେଶ୍ୱର ପୀଠରେ ମହାଦେବଙ୍କ ଷୋଡଶ ଉପଚାର ପୂଜା କରାଯାଇ ହୋମଦି ଆଧାତ୍ମିକ ନିତିପରେ ମହାଦୀପ ଉଠିଥିଲା । ଏଠାରେ ଯାଜର ଜାଳିବା ପାଇଁ ଶ୍ରଦ୍ଧାଳୁ ମାନଙ୍କ ଭିଡଦେଖି ଜେନାପୁର ଥାନା ଅଧିକାରୀ ଶୁଭେନ୍ଦୁକୁମାର ସାହୁଙ୍କ ନେତୃତ୍ୱରେ ପୋଲିସ ବାହିନୀ ତୁତୟନ ହୋଇଥିଲେ ।

ସତ୍‌ସଙ୍ଗ ମହୋତ୍ସବ ଓ ଧର୍ମସଭାରେ ଯୋଗଦାନ

ମାହାଙ୍ଗା (ସବ୍ୟୁ): ନେମାଳ ଚିତ୍ରୋତ୍ପଳା ସତ୍‌ସଂଗ ବିହାରରେ ପରମପ୍ରେମମୟ ଶ୍ରୀ ଶ୍ରୀ ଠାକୁର ଅନୁକୂଳ ଚନ୍ଦ୍ରଙ୍କ ୧୩୬ତମ ଆର୍ବିଭାବ ଓ ୨୨ତମ ଶ୍ରୀମନ୍ଦିର ପ୍ରତିଷ୍ଠା ମହୋତ୍ସବ ପାଳନ ଅବସରରେ ଆୟୋଜିତ ଧର୍ମସଭା ପ୍ରାକ୍ତନ ଆୟକର ବିଭାଗ ମୁଖ୍ୟ ସହପ୍ରିତୀ ରତିକ୍ ନୃସିଂହ ପ୍ରସାଦ ତ୍ରିପାଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଅଛି । କାର୍ଯ୍ୟକ୍ରମରେ ପୂର୍ବତନ ମନ୍ତ୍ରୀ ତଥା ମାହାଙ୍ଗାର ବିଧାୟକ ପ୍ରତାପ ଜେନା ସାମଗ୍ରିକ ବିକାଶନ୍ମୋଖୀ ଯୋଜନାରେ ଜନସାଧାରଣଙ୍କ ଅଂଶଗ୍ରହଣ ଓ ଶ୍ରୀ ଶ୍ରୀ ଠାକୁରଙ୍କ ବିଷୟରେ ସଚେତନତା ସୃଷ୍ଟି କରାଇଥିଲେ । ଶ୍ରୀ ଶ୍ରୀ ଠାକୁର ଅନୁକୂଳ ଚନ୍ଦ୍ରଙ୍କ ଭାବାଦର୍ଶ ଯାହାକି ସମାଜ, ରାଷ୍ଟ୍ର, ସରକାର ଓ ରାଜନୀତି ଉପରେ ପର୍ଯ୍ୟବେଶିତ ।ଅଧ୍ୟାପକ ଡ. ବିବେକାନନ୍ଦ ସିଂ ଭାଗ ନେଇ ବିଶ୍ୱରେ ବର୍ତ୍ତମାନର ସମସ୍ୟା, ସମାଧାନର ସୂତ୍ର କାଢିବାକୁ ଶ୍ରୀ ଶ୍ରୀ ଠାକୁରଙ୍କ ଦର୍ଶନ ଉପରେ ଗୁରୁତ୍ୱ ଦେବାକୁ ଆହ୍ୱାନ ଦେଇଥିଲେ । ଓଡିଶାର ସତ୍‌ସଂଗ ଆନ୍ଦୋଳନର ପ୍ରବକ୍ତା ଓ ଭାରତ ବର୍ଷରେ ପ୍ରଥମ ଗ୍ରାମାଞ୍ଚଳରେ ସର୍ବବୃହତ୍ତ ସତ୍‌ସଙ୍ଗ ବିହାରର ପ୍ରତିଷ୍ଠାରେ ଡାକ୍ତର ବିନାୟକ ମହାପାତ୍ରଙ୍କ ଭୂମିକା ବିଷୟରେ ଉଲ୍ଲେଖ କରିବା ସହିତ ନିଜର ଅସୁବିଧା ସମୟରେ କିପରି ସହାୟକ ହୋଇଥିଲେ ଡ. ସିଂ ତାହା ବର୍ଣ୍ଣନା କରିଥିଲେ । ଏହିଉତ୍ସବରେ ପ୍ରଫେସର କେଦାରନାଥ ମହାନ୍ତିବିଶିଷ୍ଟ ସାମାଜିକ କର୍ମୀ ଓ ସହପ୍ରିତୀ ରତିକ୍ ସଞ୍ଜୀବ୍ ନାୟକ ଯୋଗଦେଇ ସାଂପ୍ରତିକ ସ୍ଥିତିକୁ ଅନୁଶୀଳନ କରି ଶ୍ରୀ ଶ୍ରୀ ଠାକୁରଙ୍କ ଆଦର୍ଶରେ ଅନୁପ୍ରାଣୀତ ହେବାକୁ ଗୁରୁତ୍ୱ ଦେଇଥିଲେ । ଏହି ଧର୍ମସଭାରେ ବହୁ ବିଶିଷ୍ଟ ବ୍ୟକ୍ତି ଓ ଭକ୍ତମାନେ ମତ ରଖିଥିଲେ । ଶେଷରେ ବିଶିଷ୍ଟ ସମାଜସେବୀ ଓ ସହପ୍ରିତୀ ରତିକ୍ ଧନୁର୍ଦ୍ଧର ସାହୁ ଧନ୍ୟବାଦ୍ ଅର୍ପଣ କରିଥିଲେ । ସତ୍‌ସଙ୍ଗ କର୍ମୀ ଦୟାନିଧି ସାହୁଙ୍କ ଧ୍ୱନୀ ସହିତ ଧର୍ମସଭା ସାଙ୍ଗ ହୋଇଥିଲା ।

ଜନ ଆରୋଗ୍ୟ ସମିତି ପକ୍ଷରୁ ବାର୍ଷିକ ବୈଠକ

ନେମାଳ (ଆ.ପ୍ର)- ନେମାଳ ଥାନା ଅନ୍ତର୍ଗତ ସାନ୍ତପୁର ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରର ଜନ ଆରୋଗ୍ୟ ସମିତି ପକ୍ଷରୁ ବାର୍ଷିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପରିଷଦ ସଭ୍ୟ ଇଂ ବିଳାସ ଭୋଇଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ସମିତିର ବାର୍ଷିକ ଆୟ ବ୍ୟୟର ସମୀକ୍ଷା କରାଯିବା ସହିତ ଆଗାମୀ ଦିନରେ ସମିତି ମାଧ୍ୟମରେ ସ୍ୱାସ୍ଥ୍ୟ କେନ୍ଦ୍ରର ଉତ୍ତୋରତର ଉନ୍ନତି ହେବା ସହିତ କେନ୍ଦ୍ର ପରିସରରେ ପାନୀୟ ଜଳର ସୁବିଧା, ବିଦ୍ୟୁତକରଣ, ଆବଶ୍ୟକ ଘର ନଥିବା,ଡାକ୍ତରଖାନା ଚତୁପାର୍ଶ୍ୱରେ ବାଉଣ୍ଡାରୀ ନିର୍ମାଣ , ଏକ ଆମ୍ବୁଲାନ୍ସ ଯୋଗାଇ ଦେବା ପାଇଁ ଆଲୋଚନା କରାଯାଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ନିଶ୍ଚିନ୍ତକୋଇଲି ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ଅମିତ କୁମାର ଜେନା, ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ପ୍ରିୟରଞ୍ଜନ ପତି, ଆୟୁଷ ଡାକ୍ତର ମୃତ୍ୟୁନଜୟ ମହାପାତ୍ର,ଫାର୍ମାସିଷ୍ଟ ପିତାମ୍ବର ଆଚାର୍ଯ୍ୟ, ତପନ କୁମାର ଜେନା,ରତିକାନ୍ତ ଭୂୟାଁ ପ୍ରମୁଖ ଅଂଶଗ୍ରହଣ କରିବା ସହିତ ସରକାରଙ୍କ ପକ୍ଷରୁ ପୁର୍ବରୁ ରୋଗୀ କଲ୍ୟାଣ ସମିତିକୁ ଆସୁଥିବାସ୍ୱଳ୍ପ ଟଙ୍କାରେ ସମସ୍ତ କାର୍ଯ୍ୟ ସଠିକ ଭାବରେ କରାଯାଇପାରୁ ନଥିବାରୁ ଅଧିକ ଅର୍ଥ ଯୋଗାଇ ଦେବା ପାଇଁ ଦାବି କରିଥିଲେ ।

ମହିଳା ଦିବସରେ ନିରାଶ୍ରୟଙ୍କୁ ଆର୍ଥିକ ସହାୟତା

ଚଣ୍ଡିଖୋଲ,(ସବ୍ୟୁ):ଯାଜପୁର ଜିଲ୍ଲାର ଉଦୀୟମାନ ଅଗ୍ରଣୀ ମହିଳା ସଂଗଠନ ପକ୍ଷରୁ ବିଶ୍ୱ ମହିଳା ଦିବସ ପାଳିତ ହୋଇଯାଇଛ । ଇତ୍ୟବସରରେ ଅସହାୟ ମହିଳା ମାନଙ୍କୁ ଅର୍ଥରାଶି ସହ ଘରୋଇ ଉପକରଣ ବଣ୍ଟନ ସହ ଭିନ୍ନକ୍ଷମ ମାଆଙ୍କୁ ଆଶାବାଡି, ରୋଗାକ୍ରାନ୍ତ ଶିଶୁ ମାନଙ୍କୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା । ଏଥିସହ ବିଭିନ୍ନ ଦିଗରେ ଭଲକାମ କରୁଥିବା ମାଆ ମାନଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ମାନିତ କରାଯାଇଥିଲା । ଉପ ସଭାପତି କନକଲତା ସାମଲଙ୍କ ଅଧକ୍ଷତାରେ ଆୟୋଜିତ ସଭାରେ ଅତିଥି ଭାବରେ କାଦମ୍ବିନୀ ମିଶ୍ର , ରଶ୍ମିତା ସେଠୀ ,ବିନୋଦିନୀ ଦାସ , ଗାୟତ୍ରୀ ରାଉତ , ରଜନୀଗନ୍ଧା ନାୟକ ପ୍ରମୁଖ ଯୋଗ ଦେଇଥିଲେ । ସଂପାଦିକା ଅରୁଣି ନନ୍ଦ ବାର୍ଷିକ ବିବରଣୀ ପଠନ କରିଥିବା ବେଳେ ସହ ସଂପାଦିକା ସରୋଜିନୀ ପଣ୍ଡା ଅତିଥି ପରିଚୟ ,ମାନସୀ ଦାଶ ସ୍ୱାଗତ ଭାଷଣ , ପାର୍ବତୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । ସ୍ୱେଚ୍ଛାସେବୀ ମଧୁସ୍ମିତା ଜେନା ଖୁସି ନାୟକ , ଶର୍ମିଷ୍ଠା ଜେନା , କ୍ରୀଷ୍ଣା ଭୂଇଁୟା ପରିଚାଳନା କରିଥିଲେ । ଏହି କାର୍ଯ୍ୟକ୍ରମରେ ବରିଷ୍ଠ ଉପଦେଷ୍ଟା ବିଜୟ ପାଲ ଯାଦବ ,ଉଦୀୟମାନର ସଂପାଦକ ଅନିଲ କୁମାର ଦାସ ପ୍ରମୁଖ ଉପସ୍ଥିତଥିଲେ ।

କର୍କଟ ପୀଡିତଙ୍କ ଉଦ୍ଦେଶ୍ୟରେ ସମାଜ ମଙ୍ଗଳ ହୁଣ୍ଡି ଦାନ କାର୍ଯ୍ୟକ୍ରମ

ଯାଜପୁର,(ସବ୍ୟୁ):ଯାଜପୁର ଜିଲ୍ଲାର ଅଗ୍ରଣୀ ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ ଅନ୍ୱେଷଣ ଥିଏଟର ଗ୍ରୁପ୍ ଆଜି ପବିତ୍ର ମହାଶିବରାତ୍ରି ଅବସରରେ ଅସହାୟ କର୍କଟ ପିଡ଼ିତ ପିଡ଼ିତାଙ୍କ ଉଦ୍ଦେଶ୍ୟରେ ସମାଜ ମଙ୍ଗଳ ହୁଣ୍ଡି ଦାନ କାର୍ଯ୍ୟକ୍ରମ ଅରେଇ ଗ୍ରାମ ପଞ୍ଚାୟତର ବରୁଣେଶ୍ୱର ପୀଠରେ ଅନୁଷ୍ଠିତ ହୋଇଯାଇଛି। ଆଜି ସକାଳୁ ଅନ୍ୱେଷଣ ପରିବାରର ସମସ୍ତ ସଦସ୍ୟ ଓ ସଦସ୍ୟାମାନେ ଏକତ୍ରିତ ହୋଇ ବାବା ବରୁଣେଶ୍ୱରଙ୍କ ଦର୍ଶନ କରି ପ୍ରଭୁଙ୍କ ଠାରୁ ଆଶୀର୍ବାଦ ଲାଭକରି ମନ୍ଦିର ସମ୍ମୁଖରେ ସମାଜ ମଙ୍ଗଳ ହୁଣ୍ଡି ଧରି ଆସିଥିବା ଭକ୍ତମାନଙ୍କୁ ଅସହାୟ କର୍କଟ ପିଡ଼ିତାଙ୍କ ଉଦ୍ଦେଶ୍ୟରେ ସାହାଯ୍ୟର ହାତ ବଢ଼ାଇବା ପାଇଁ ବିନମ୍ର ନିବେଦନ କରିଥିଲେ। ଭକ୍ତମାନେ ତାଙ୍କର ଯଥା ଶକ୍ତି ମୁତାବକ ଏହି ସମାଜ ମଙ୍ଗଳ ହୁଣ୍ଡିରେ ଦାନ କରିଥିଲେ। ପ୍ରକାଶ ଥାଉକି ଗତ ୧୭ ତାରିଖରେ ଅନ୍ୱେଷଣର ବାର୍ଷିକ ଉତ୍ସବରେ ଅତିଥିମାନଙ୍କ ଦ୍ୱାରା ଅସହାୟ କର୍କଟ ପିଡ଼ିତ ପିଡ଼ିତାଙ୍କ ଉଦ୍ଦେଶ୍ୟରେ ସମାଜ ମଙ୍ଗଳ ହୁଣ୍ଡି ପ୍ରତିଷ୍ଠା କରାଯାଇଥିଲା। ଏହି ହୁଣ୍ଡିଟି ପୂର୍ଣ୍ଣ ହୋଇଗଲେ ଜଣେ ଅସହାୟ କର୍କଟ ପିଡ଼ିତ ପିଡ଼ିତାଙ୍କ ଉଦ୍ଦେଶରେ ସମର୍ପିତ କରାଯିବ। ଏହି ମହତ୍ କାର୍ଯ୍ୟକ୍ରମରେ ଅନୁଷ୍ଠାନର ସଭାପତି ବୃନ୍ଦାବନ ମିଶ୍ର, ଉପସଭାପତି ଉପେନ୍ଦ୍ର କୁମାର ଜେନା, ବରିଷ୍ଠ ସଦସ୍ୟ ଶିଶିର କୁମାର ମହାପାତ୍ର, ତାରାକାନ୍ତ ମଲ୍ଲିକ, ଅଶ୍ୱିନୀ କୁମାର ପରିଡ଼ା, ନିର୍ଦ୍ଦେଶକ ଟୁଟୁ ଭାଇ, ଅନୀଲ କୁମାର ଯେନା, ସାଙ୍ଗଠନିକ ସମ୍ପାଦକ ଧନଞ୍ଜୟ ନାୟକ, ବରିଷ୍ଠ ସଦସ୍ୟ ରଞ୍ଜିତା ସେଠୀ, ଶକୁନ୍ତଳା ବେହେରା, ମନିଷା ରାଉତ, ତପସ୍ୱିନୀ ମଲ୍ଲିକ ସାଇସ୍ମିତା ବେହେରା, ସମ୍ପାଦକ ଅଭିମନ୍ୟୁ ମିଶ୍ର ଯୋଗଦାନ କରି କାର୍ଯ୍ୟକ୍ରମକୁ ସଫଳ କରିଥିଲେ।

ପୌରାଞ୍ଚଳରେ ବିଭିନ୍ନ ପ୍ରକଳ୍ପ ଉଦ୍‌ଘାଟିତ

କେନ୍ଦ୍ରାପଡ଼ା,(ସବ୍ୟୁ):କେନ୍ଦ୍ରାପଡା ପୌରାଂଚଳ ର ବିଭିନ୍ନ ୱାର୍ଡରେ ନୂତନ ପ୍ରକଳ୍ପ ଗୁଡିକ ଉଦ୍ଘାଟିତ ହୋଇ ଯାଇଛି । ୫୩ ଲକ୍ଷ ଟଙ୍କା ବ୍ୟୟରେ ପୁରୁଣା ବସଷ୍ଟାଣ୍ଡ ରେ ନୂତନ ଭାବେ ନିର୍ମାଣ ହୋଇଥିବା ମାର୍କେଟ କମ୍ପ୍ଲେକ୍ସ କୁ କେନ୍ଦ୍ରାପଡା ବିଧାୟକ ଶଶି ଭୂଷଣ ବେହେରା, ପୌରଧକ୍ଷା ସରିତା ସାହୁ ଉଦ୍ଘାଟନ କରିଥିଲେ । ପରେ ୫ନଂ ୱାର୍ଡର ଗୋପ ଛକରେ ୨.୫ ଲକ୍ଷ ଟଙ୍କା ବ୍ୟୟରେ ଏକ ଥଣ୍ଡା ପାନୀୟ ଜଳ ଭଣ୍ଡାର, ଏସଡିପି ପାଣ୍ଠିରୁ (୨୦୧୯-୨୦) ୧୭ନଂ ୱାର୍ଡ ସ୍ଥିତ କାକଟ ମଙ୍ଗଳା ଠାରେ ଏକ ସାଂସ୍କୃତିକ ମଣ୍ଡପ ଓ ୩ଲକ୍ଷ ଟଙ୍କା ବ୍ୟୟରେ ବିଧାୟକଙ୍କ ଉନ୍ନୟନ ପାଣ୍ଠିରୁ ଏକ ଥଣ୍ଡା ପାନୀୟଜ ଜଳ ଭଣ୍ଡାର ଉଦ୍ଘାଟନ କରିଥିଲେ । ଏଥି ସହିତ ପୁରୁଣା ବସଷ୍ଟାଣ୍ଡ ଠାରେ ଥିବା

ୟୁନିୟନ କ୍ଲବର ନୂତନ ଗୃହ ନିର୍ମାଣ ପାଇଁ ଶୁଭ ଦିଆଯାଇ ଥିଲା । ଆୟୋଜିତ ଏହି କାର୍ଯ୍ୟକ୍ରମ ରେ କାର୍ଯ୍ୟ ନିର୍ବାହୀ ଅଧିକାରୀ ଆଶୁତୋଷ ଗୌରବ କର, ଏମଇ ଦିଲିପ କୁମାର ସେଠୀ, କାଉନସିଲର ଉମେଶ ଚନ୍ଦ୍ର ନାୟକ, ଅଭୟ ଦାସ, ଅସୀମା ନାୟକ, ପ୍ରଦିପ୍ତ ଜେନା, ରମେଶ ଚନ୍ଦ୍ର ଦାସ, ପ୍ରକାଶ ଚନ୍ଦ୍ର ପରିଡା, ପୂର୍ବତନ ନଗରପାଳ ମହମ୍ମଦ ଆକବର ଅଲ୍ଲୀ, ଧିରେନ୍ଦ୍ର କୁମାର ସାହୁ, ସାମ୍ବାଦିକ ଆଶିଷ ସେନାପତି ଙ୍କ ସମେତ ସ୍ଥାନୀୟ ଅଂଚଳର ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ ।